R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୯୯
ତିଥି : ପୂର୍ଣ୍ଣିମା
୧୩ ଜାନୁଆରୀ ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 99
13 Jan 2025, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ଓଡ଼ିଶାରୁ ପ୍ରୟାଗରାଜ ଗଡ଼ିଲା ବସ୍

## ମହିଳାଙ୍କ ପାଇଁ ୫୦ ପ୍ରତିଶତ ରିହାତି

ଭୁବନେଶ୍ୱର,୧୨।୧ (ସବ୍ୟୁ) : ଓଡ଼ିଶାରୁ ପ୍ରୟାଗରାଜକୁ ଗଡ଼ିଲା ବସ୍ । ରାଜ୍ୟର ବିଭିନ୍ନ ସ୍ଥାନରୁ ଅଯୋଧ୍ୟାକୁ ବସ୍ ଚଳାଚଳ ଆରମ୍ଭ କରିଛି । ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ(ଭିସି) ଯୋଗେ ଉଦଘାଟନ କରିଛନ୍ତି । ଆଗକୁ ଲୋକଙ୍କ ଚାହିଦାକୁ ଦେଖି ବସ୍ ସଂଖ୍ୟା ବୃଦ୍ଧି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।




ଓଡ଼ିଶାର ୫ଟି ଜିଲ୍ଲାରୁ ବସ୍ ସେବା ଆରମ୍ଭ ହୋଇଛି । ପୁରୀ, ଭୁବନେଶ୍ୱର, ସମ୍ବଲପୁର, ବ୍ରହ୍ମପୁର ଓ ଭବାନିପାଟଣାରୁ ଏହି ବସ୍ ସେବା ହୋଇଛି । ଏହାକୁ ଲୋକେ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଉଦଘାଟନ ପାଇଁ ବ୍ରହ୍ମପୁର ଓଏସ୍ଆରଟିସି କାର୍ଯ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା । ଏହି ବସ୍‌ରେ ୪୨ ଜଣ ଯାତ୍ରୀ ବସି ଅଯୋଧ୍ୟାକୁ ଯାଇପାରିବେ । ଏଥିରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ରିହାତି ରହିଛି । ରହିବା, ଖାଇବାର ବ୍ୟବସ୍ଥା କରିବ ଓଏସ୍ଆରଟିସି ।

ଆସନ୍ତାକାଲି ଅର୍ଥାତ ୧୩ରୁ ଫେବ୍ରୁଆରୀ ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ମହାକୁମ୍ଭ ୨୦୨୫ ଆୟୋଜନ ପାଇଁ ପ୍ରୟାଗରାଜ ପ୍ରସ୍ତୁତ । ସାମୂହିକ ଧାର୍ମିକ ସମାବେଶରେ କୌଣସି ଅପ୍ରୀତିକର ଘଟଣାକୁ ଏଡ଼ାଇବା ପାଇଁ ଉତ୍ତରପ୍ରଦେଶ ପୋଲିସ ଏକ ସାତସ୍ତରୀୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ (୯ ପୃଷ୍ଠାରେ)

# କଂସ ଦରବାରରେ ମୁଖ୍ୟମନ୍ତ୍ରୀ



ବରଗଡ଼୧୨।୧(ସବ୍ୟୁ): ବରଗଡ଼ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବରେ ସାମିଲ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବରଗଡ଼ରେ ପହଞ୍ଚିବା ପରେ କଲ୍ୟାଣ ମଣ୍ଡପରୁ ହାତୀ ପିଠିରେ ବସି କଂସ ମହାରାଜଙ୍କ ଦରବାର ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀଙ୍କ ସହ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ନିହାର ମହାନନ୍ଦ, ସନତ ଗଡତିଆ, ଈରାଶିଷ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

କଂସ ଦରବାରକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଏକାଧିକ ବଡ଼ ଘୋଷଣା କରିଛନ୍ତି । ବରଗଡ଼ ଧନୁଯାତ୍ରା ଅନୁଦାନ ୧ କୋଟି ଟଙ୍କାକୁ ବୃଦ୍ଧି ନେଇ ଘୋଷଣା କରିଛନ୍ତି (୯ ପୃଷ୍ଠାରେ)

# ଏଚ୍ଏମ୍ପିଭି ମାର୍ଗଦର୍ଶିକା ଜାରି

ନୂଆଦିଲ୍ଲୀ,୧୨।୧: ଭାରତରେ ଧୀରେ ଧୀରେ କାୟା ମେଲାଉଛି ଏଚ୍ଏମ୍ପିଭି ଭୂତାଣୁ । ଆସାମରେ ପ୍ରଥମ ହ୍ୟୁମାନ ମେଟାନ୍ୟୁମୋଭାଇରସ୍ ସାମ୍ନାକୁ ଆସିଛି । ଜଣେ ୧୦ ମାସର ଶିଶୁ ଏହି ମାରାତ୍ମକ ଭୂତାଣୁରେ ଆକ୍ରାନ୍ତ ହୋଇଛନ୍ତି । ଶିଶୁକୁ ବର୍ତ୍ତମାନ ଡେବ୍ରୁଗଡ଼ର ଆସାମ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି । ଶିଶୁର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି । ସେପଟେ ଆସାମରେ ପ୍ରଥମ ରିପୋର୍ଟ ପଜିଟିଭ୍ ଆସିବା ପରେ ରାଜ୍ୟରେ ଆତଙ୍କ ଖେଳିଯାଇଛି । ଆସାମରେ ଏଚ୍ଏମ୍ପିଭି ସଂକ୍ରମିତ ଚିହ୍ନଟ ହେବା ପରେ ଦେଶରେ ଏହା ୧୬ତମ ମାମଲା ହୋଇଛି । ଗୁଜରାଟରେ ସର୍ବାଧିକ ୫ଟି ହ୍ୟୁମାନ ମେଟାନ୍ୟୁମୋ ଭାଇରସ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଶୁକ୍ରବାର ରାଜସ୍ଥାନ ଏବଂ ଗୁଜରାଟରେ ଗୋଟିଏ ଲେଖାଏଁ କେସ୍ ପିଜିଟିଭ୍ ଆସିଥିଲା । ଏହା ପୂର୍ବରୁ ଗୁରୁବାର ତିନି ଜଣଙ୍କ ରିପୋର୍ଟରେ ଏଚ୍ଏମ୍ପିଭ ପଜିଟିଭ୍ ଆସିଥିଲା । ପଡୋଶୀ ଦେଶରେ ସଂକ୍ରମଣ ମାମଲାରେ ଦ୍ରୁତଗତି ମାଡ଼ି ମାଡ଼ି ଚାଲିଛି । ଏହାକୁ ଦୃଷ୍ଟିରେ ରଖି ସିକ୍କିମ୍ ସରକାର ଏକ ମାର୍ଗଦର୍ଶିକା ଜାରି କରିଛନ୍ତି ।

# ‘ଆୟୁଷ୍ମାନ ଭାରତ’ ଯୋଜନା ପାଇଁ ଆଜି ଏମ୍ଓୟୁ

ଭୁବନେଶ୍ୱର,୧୨।୧ (ସବ୍ୟୁ) : ସୋମବାର ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ବୁଝାମଣା ପତ୍ର (ଏମ୍ଓୟୁ ପତ୍ର) ସ୍ୱାକ୍ଷରିତ ହେବ । ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଦିଲ୍ଲୀ ଗସ୍ତରେ ଯିବେ । ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଏହି ଚୁକ୍ତି ସ୍ୱାକ୍ଷର ହେବ । କେନ୍ଦ୍ରମନ୍ତ୍ରୀ ମନ୍ତ୍ରୀ ଜେପି ନଡ୍ଡା ମଧ୍ୟ ଏଥିରେ ଯୋଗଦେବେ ।

# ଗହୀର ମଥାରେ ଫୁଟିଲା ଗୁଳି

## ବନବିଭାଗ ହାତରୁ ଗିରଫ ମତ୍ସ୍ୟଜୀବୀଙ୍କୁ ଛଡାଇ ନେଲେ ଟ୍ରଲର ମାଫିଆ

ରାଜନଗର,୧୨।୧ (ସବ୍ୟୁ) : ଅଲିଭରିଡଲେ କଇଁଛଙ୍କ ଏନ୍ତୁଡିଶାଳ ଗହୀରମଥା। ସାମୁଦ୍ରିକ ଅଭୟାରଣ୍ୟ କଇଁଛ ମାନଙ୍କ ପାଇଁ ଆଉ ସୁରକ୍ଷିତ ନୁହେଁ । ଟ୍ରଲର ମାଫିଆଙ୍କ ଲୋଲୁପ ଦୃଷ୍ଟି ଓ ଆତଙ୍କରାଜ ଏବଂ ସେମାନଙ୍କ ବିରୁଦ୍ଧରେ ଠୋସ୍ ପଦକ୍ଷେପ ନେବାରେ ବନବିଭାଗ ବିଫଳ ହେଉଥିବାରୁ ସେମାନଙ୍କ ଉତ୍ପାତ ଓ ଆତଙ୍କ ବଢିବାରେ ଲାଗିଛି । କ୍ରମାଗତ ଭାବେ ବନବିଭାଗ ପାଟ୍ରୋଲିଂ ଟିମ ଉପରେ ଗଭୀର ସମୁଦ୍ରରେ ଟ୍ରଲର ମାଫିଆଙ୍କ ଆକ୍ରମଣ ବଢି ବଢି ଚାଲିଛି। ଯେଉଁଥି ପାଇଁ (୯ ପୃଷ୍ଠାରେ)





# କମାନ୍ତୁ ବେଲି ଫ୍ୟାଟ୍

**ସମସ୍ତେ ନିଜର ବଢ଼ୁଥିବା ଓଜନକୁ ନେଇ ଚିନ୍ତାରେ ରହୁଛନ୍ତି । ଏହାକୁ କମ୍ କରିବାକୁ ଅନେକ ପ୍ରକାରର ଚେଷ୍ଟା କରୁଛନ୍ତି । ତେବେ ସବୁଠାରୁ ଚିନ୍ତା ଜନକ ହେଲା ପେଟ ବଢ଼ିବା । ଯାହାକୁ କମାଇବା ସମସ୍ତେ ବିଭିନ୍ନ ପ୍ରକାରର ବ୍ୟାୟାମ କରନ୍ତି । ହେଲେ ଏହାକୁ କମାଇବାକୁ ହେଲେ ପ୍ରଥମେ ପେଟ କଣ ପାଇଁ ବଢ଼ିଥାଏ ଜାଣିବାକୁ ହେବ । ତେବେ ଆମେ ସହଜରେ ନିଜ ପେଟର ମାଂସକୁ ନିୟନ୍ତ୍ରଣରେ ରଖିପାରିବା । ପେଟରେ ଚର୍ବି ଜମିବା ଫଳରେ ଏହା ବଢ଼ିବା ଆରମ୍ଭ କରିଥାଏ । ତେବେ ଏହି ବେଲି ଫ୍ୟାଟ୍ ଅନେକ ପ୍ରକାରର ହୋଇଥାଏ । ଯାହା ବଢ଼ିବା ଫଳରେ ଅନେକ ପ୍ରକାରର ସମସ୍ୟା ମଧ୍ୟ ହୋଇଥାଏ । ଆସନ୍ତୁ ଜାଣିବା ସେହି ବେଲି ଫ୍ୟାଟ୍ ସମ୍ବନ୍ଧରେ ।**

**ଷ୍ଟ୍ରେସ୍ ବେଲି–** ଏହାର ଅର୍ଥ ମାନସିକ ଦୁଶ୍ଚିନ୍ତାରୁ ଓଜନ ବଢ଼ିବା । ଡାକ୍ତରଙ୍କ ମତରେ ଅଧିକ ଷ୍ଟ୍ରେସ୍‌ରେ ରହିଲେ ଶରୀରେ କାର୍ଟିସୋଲ ହରମୋନ ବଢ଼ିଥାଏ । ଯେଉଁ କାରଣରୁ ବ୍ୟକ୍ତିଙ୍କ ପେଟରେ ଫ୍ୟାଟ ଜମା ହେବା ଆରମ୍ଭ ହୋଇଥାଏ । ହେଲେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ । ଏହା ଶରୀରର ଗଠନ ଉପରେ ନିର୍ଭର କରିଥାଏ । ତେଣୁ ଯଦି ଆପଣ ଚିନ୍ତାର ରହିବା ଦ୍ୱାରା ଶରୀର ଓଜନ ବଢ଼ୁଛି ତେବେ ଅବସାଦରୁ ଦୂରେଇ ରୁହନ୍ତୁ । ସର୍ବଦା ଖୁସି ରହିବା ପାଇଁ ଚେଷ୍ଟା କରନ୍ତୁ ।



**ହର୍ମୋନାଲ ବେଲି–** ଶରୀରରେ ହର୍ମୋନରେ ଅସନ୍ତୁଳନ ଦେଖାଦେଲେ ଶରୀର ଓଜନ ବଢ଼ିଥାଏ । ବିଶେଷକରି ପେଟରେ ଚର୍ବି ଜମା ହୋଇଥାଏ । ତେଣୁ ଏହାକୁ କମ କରିବାକୁ ପ୍ରଥମେ ନିଜର ଜୀବନ ଶୈଳୀରେ ପରିବର୍ତ୍ତନ ଆଣନ୍ତୁ । ବାହାର ଖାଦ୍ୟ କମ ଖାଆନ୍ତୁ । ସର୍ବଦା ପୁଷ୍ଟିକର ଖାଦ୍ୟ ଖାଆନ୍ତୁ । ଏହାସହ ସଠିକ୍ ବ୍ୟାୟାମ ମଧ୍ୟ କରନ୍ତୁ ।

**ଲୋ ବେଲି–** ବେଳେବେଳେ କିଛି ବ୍ୟକ୍ତିଙ୍କର ପେଟ ସମସ୍ୟା ସବୁବେଳେ ଲାଗି ରହିଥାଏ । ଏହାର କାରଣ ଲୋ ବେଲି ଫ୍ୟାଟ୍ ହୋଇପାରେ । ତେଣୁ ଲୋ ବେଲି ଫ୍ୟାଟ୍ ଥିଲେ ଖାଦ୍ୟ ଶୈଳୀ ଉପରେ ବିଶେଷ ଧ୍ୟାନ ଦିଅନ୍ତୁ । ଖାଦ୍ୟରେ ଫାଇବରରେ ଭରପୁର ସାମଗ୍ରୀ ଖାଆନ୍ତୁ । ଅଧିକ ମାତ୍ରାରେ ପାଣି ପିଅନ୍ତୁ । ସେହିଭଳି ସର୍ବଦା ଖାଦ୍ୟରେ ପରିବା ସାମିଲ କରନ୍ତୁ ।

## ସୋସିଆଲ କୋଟ୍ସ



“ମୋତେ ଏବେ ବି ୨୦୦୦ ମସିହା କଥା ମନେଅଛି । ସେତେବେଳେ ଶକ୍ତିମାନ ନାଁରେ ପିଲାମାନେ ଖୁବ ଖୁସି ହେଉଥିଲେ । ଏହାକୁ ଦେଖିବାକୁ ସେମାନଙ୍କ ଭିତରେ ଖୁବ ଉତ୍ସାହ ଦେଖିବାକୁ ମିଳୁଥିଲା ।

**ମୁକେଶ ଖାନ୍ନା, ଅଭିନେତା**



“କହୋନା ପ୍ୟାର୍ ହେ ରିଲିଜ୍ ପରେ ମୋ ଦେହରେ ଗୁଳି ବାଜିଥିଲା ଏବଂ ମୁଁ ହସ୍‌ପିଟାଲ୍‌ରେ ଥିଲି । ଏହି ସମୟରେ ହ୍ରିତିକ୍ ଖୁବ ଅଧିକ ସମସ୍ୟାରେ ଥିଲେ । ସେ ନିଜେନିଜେ ଏଭଳି କ୍ରିଟିକାଲ ପରିସ୍ଥିତିକୁ ସାମନା କରିଥିଲେ ।

**ରାକେଶ ରୋଶନ, ଫିଲ୍ମମେକର**



“ମୋ ମା’ ଖୁବ କମ ମୋ ଫିଲ୍ମକୁ ଭଲ ପାଇଥାଆନ୍ତି । ସେ ମୋର ପ୍ରଶଂସା କେବେକେବେ ହିଁ କରିଥାଆନ୍ତି । ତେବେ ଗୁପ୍ତ ଫିଲ୍ମ ଦେଖିବାପରେ ସେ ମୋର ପ୍ରଶଂସା କରିଥିଲେ ଯାହା ମୋ ପାଇଁ ଖୁବ ଅଧିକ ଥିଲା ।

**କାଜୋଲ, ଅଭିନେତ୍ରୀ**

# ୨୧୦ କୋଟିର ବିଦ୍ୟୁତ୍ ବିଲ୍ !

ହିମାଚଳ ପ୍ରଦେଶର ଜଣେ ବ୍ୟକ୍ତିଙ୍କର ବିଦ୍ୟୁତ୍ ବିଲ୍ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏଠାରେ ଜଣେ ବ୍ୟବସାୟୀ ମହିଳାଙ୍କୁ ବିଦ୍ୟୁତ୍‌ବିଭାଗ ୨୧୦ କୋଟି ଟଙ୍କାର ବିଲ୍ ପଠାଇଛି । ମହିଳାଙ୍କର ଏକ ଇଟା ତିଆରି ଫ୍ୟାକ୍ଟ୍ରି ରହିଛି । ତେବେ ମହିଳା ଜଣଙ୍କ ୨୧୦ କୋଟି ୪୨ ଲକ୍ଷ ଟଙ୍କାର ବିଲ୍ ପାଇଛନ୍ତି ଯାହା ତାଙ୍କୁ ଆଶ୍ଚର୍ଯ୍ୟରେ ପକାଇଛି । ତେବେ ସେ ଏନେଇ ଅଭିଯୋଗ କରିଥିଲେ, ଯାହା ପରେ ତାଙ୍କର ସଠିକ୍ ବିଲ୍ ତାଙ୍କୁ ପ୍ରଦାନ କରାଯାଇଛି । ତେବେ ତାଙ୍କ ସଠିକ୍ ବିଲ୍ ମାତ୍ର ୪ ହଜାର ଟଙ୍କା ଥିବାବେଳେ ତାଙ୍କୁ ଭୁଲ ବଶତଃ ୨୧୦କୋଟିର ବିଲ୍ ଦିଆଯାଇଥିଲା । ଏହି ଖବର ସୋସିଆଲ ମିଡିଆରେ ଅପଲୋଡ ହେବା ପରେ ସାଧାରଣଲୋକ ବିଦ୍ୟୁତ୍ ବିଭାଗର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇବାରେ ଲାଗିଛନ୍ତି ।



HIMACHAL PRADESH STATE ELECTRICITY BOARD LIMITED

## ଇତିହାସ

୧୯୧୦: ନ୍ୟୁୟର୍କରେ ଆରମ୍ଭ ହେଲା ଦୁନିଆର ସର୍ବପ୍ରଥମ ରେଡିଓ ପ୍ରସାରଣ ।
୧୯୩୮: ପ୍ରସିଦ୍ଧ ଭାରତୀୟ ସନ୍ତୁର ବାଦକ ଶିବକୁମାର ଶର୍ମାଙ୍କ ଜନ୍ମ ।
୧୯୪୮: ହିନ୍ଦୁ-ମୁସଲମାନଙ୍କ ଏକତା ବଜାୟ ରଖିବା ଲାଗି ଆମରଣ ଅନଶନ ଆରମ୍ଭ କଲେ ମହାତ୍ମା ଗାନ୍ଧୀ ।
୧୯୪୯: ପ୍ରଥମ ଭାରତୀୟ ଅନ୍ତରୀକ୍ଷ ଯାତ୍ରୀ ରାକେଶ ଶର୍ମାଙ୍କ ଜନ୍ମ ।
୧୯୬୪: ସୁପ୍ରସିଦ୍ଧ ଶାୟର ଶୋକ ବହରାଇଚ୍‌ଙ୍କ ପରଲୋକ ।
୧୯୬୪: କୋଲ୍‌କାତାରେ ହିନ୍ଦୁ-ମୁସଲମାନ ସାମ୍ପ୍ରଦାୟିକ ଦଙ୍ଗାରେ ୧୦୦ ଲୋକଙ୍କ ମୃତ୍ୟୁ ଓ ୪୦୦ ଆହତ ।
୧୯୯୫: ନାଟୋର ୨୪ତମ ସଦସ୍ୟ ଦେଶ ହେଲା ବେଲାରୁସ୍ ।
୨୦୦୧: ମଧ୍ୟ ଆମେରିକାର ସାନ୍ ସାଲ୍‌ବାଡୋରରେ ଭୂକମ୍ପ ଯୋଗୁ ୧୦୦୦ ଲୋକଙ୍କ ମୃତ୍ୟୁ ଆଶଙ୍କା ।
୨୦୦୭: ମହିଳାଙ୍କ ପ୍ରତି ଭେଦଭାବ ଦୂର ଲାଗି ସଞ୍ଜୁକ୍ତରାଷ୍ଟ୍ରର ୩୭ତମ ଅଧିବେଶନ ନ୍ୟୁୟର୍କରେ ଆରମ୍ଭ ।
୨୦୦୯: ନେସନାଲ୍ କନ୍‌ଫରେନ୍ସର ଅଧ୍ୟକ୍ଷ ହେଲେ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁଖ୍ ଅବଦୁଲ୍ଲା ।
୨୦୨୦: ଓଡ଼ିଆ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ମନମୋହନ ମହାପାତ୍ରଙ୍କ ନିଧନ ।

# ଡିଇନ୍‌ଫ୍ଲୁଏନ୍ସିଂ

୨୦୨୩ରେ ଡିଇନ୍‌ଫ୍ଲୁଏନ୍ସିଂ ଟ୍ରେଣ୍ଡ୍ ଖୁବ ଚାଲିଥିଲା । ତେବେ ପୁଣିଥରେ ଏହି ଟ୍ରେଣ୍ଡ୍ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି । ଏହାର ଅର୍ଥ ବିଜ୍ଞାପନ କିମ୍ବା ଇନ୍‌ଫ୍ଲୁଏନ୍ସରଙ୍କୁ ଦେଖି ଅନ୍‌ଲାଇନ୍ ଜିନିଷ କିଣାବିକାକୁ ବିରୋଧ କରିବା । ଯେଉଁମାନେ ଏହି ଟ୍ରେଣ୍ଡ୍ ଫଲୋ କରିଥାଆନ୍ତି ସେମାନେ ଏହି ସବୁ ଅନ୍‌ଲାଇନ୍ କିଣାକୁ ପଇସାର ଦୂରୁପୋଯୋଗର ଆଖ୍ୟା ଦେଇଥାଆନ୍ତି । ତେବେ ବର୍ତ୍ତମାନ ଅନେକ ବ୍ରାଣ୍ଡ୍‌ଙ୍କୁ ନିଜ ସାମଗ୍ରୀର ବିଜ୍ଞାପନ ସୋସିଆଲ ମିଡିଆ ସାହାଯ୍ୟରେ କରାଉଥିବା ଦେଖିବାକୁ ମିଳୁଛି । ତେବେ ଏହି ସମୟରେ କେତେକ ଗ୍ରାହକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି ବୋଲି ଡିଇନ୍‌ଫ୍ଲୁଏନ୍ସିଂକୁ ଫଲୋ କରୁଥିବା ଲୋକମାନେ ମତ ଦେଇଛନ୍ତି । ତେଣୁ ଏହା ଅନ୍‌ଲାଇନ୍ ମାର୍କେଟକୁ ରିଫ୍ରେସ୍ କରିଥାଏ, ଯାହାର ଆବଶ୍ୟକତା ରହିଛି ବୋଲି ସେମାନେ ମତ ଦେଇଛନ୍ତି ।




# ବୀରବଲ୍ ଖେଚୁଡ଼ି



**ସାମଗ୍ରୀ–** ଦଲିଆ, ଚଣା ଡାଲି, ମୁଗ ଡାଲି, ବିରି ଡାଲି, ଭାତ, ରସୁଣ କଟା, ଅଦା କଟା, ବିନ୍, ଗାଜର କଟା, ଛଣା ପିଆଜ, ହଳଦୀ, ଜୁଆଣି, କସୁରି ମେଥି, ପୋଦିନ ପତ୍ର, ଲୁଣ, ତେନ୍ତୁଳି, ଗୁଡ ।

**ପ୍ରଣାଳୀ–** ପ୍ରଥମେ ସମସ୍ତ ଡାଲିକୁ ମିଶାଇ ଦିଅନ୍ତୁ । ଏହାପରେ ଧୋଇ ଏଗୁଡିକ ସିଝିବାକୁ ବସାନ୍ତୁ । ଏଥିରେ ଚାଉଳ ଓ ଦଲିଆକୁ ମିଶାନ୍ତୁ । ଏହାକୁ ସିଝିବାକୁ ଦିଅନ୍ତୁ । ଏହା ଭଲଭାବେ ସିଝିବା ପରେ ଏହାକୁ ଥଣ୍ଡା କରିବା ପାଇଁ ରଖନ୍ତୁ । ଗୋଟିଏ ଅନ୍ୟ ପ୍ୟାନ୍‌ରେ ଘିଅ ଗରମ କରନ୍ତୁ ଏଥିରେ ଜିରା ପକାନ୍ତୁ, ଏହାପରେ ଏଥିରେ ଅଦା, ରସୁଣ କଟା, ବିନ୍ ଓ ଗାଜର ପକାଇ ଭାଜନ୍ତୁ । ଏଗୁଡିକ ଭଲକରି ଭାଜି ହୋଇଯିବା ପରେ ଏହାକୁ ଖେଚୁଡିରେ ମିଶାନ୍ତୁ । ପରେ ଏଥିରେ ଲୁଣ, ପୋଦିନା ପତ୍ର, ଛଣା ପିଆଜ, ତେନ୍ତୁଳି, ଗୁଡ ଓ ଲଙ୍କା ମିଶାନ୍ତୁ । ପ୍ରସ୍ତୁତ ହୋଇଗଲା ବୀରବଲ୍ ଖେଚୁଡ଼ି ।

# ମୃତ୍ୟୁର କାରଣ ହସ



ସବୁବେଳେ ହସିବା ଆମ ସ୍ୱାସ୍ଥ୍ୟ ପାଇଁ ଖୁବ ଭଲ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସବୁବେଳେ ମତ ଦେଇଥାଆନ୍ତି । ହସିବା ଦ୍ୱାରା ଆମର ଆୟୁଷ ବଢ଼ିଥାଏ, ହେଲେ ଏଭଳି କିଛି ଉଦାହରଣ ରହିଛି ଯେଉଁଠି ହସିବା କାରଣରୁ ଜୀବନ ଯାଇଛି । ଅତ୍ୟଧୀକ ହସ କାରଣରୁ ଏଭଳି ଘଟଣା ଘଟିଥିବାର ସୂଚନା ରହିଛି । ଅଧିକ ହସ ଆମ ଶରୀରରେ ଫିଜିକାଲ ଚେଞ୍ଜର କାରଣ ସାଜିପାରେ, ଯାହା ବେଳେବେଳେ ଘାତକ ହୋଇଥାଏ । ବିଶେଷଭାବେ ଏହା ଆମର ହାର୍ଟବିଟ୍ ବଢ଼ାଇବା ସହ ଶ୍ୱାସକ୍ରିୟା ଜନିତ ସମସ୍ୟାକୁ ବଢ଼ାଇବାର ଆଶଙ୍କା ରହିଛି । ଆନ୍‌ସିଏଣ୍ଟ ଗ୍ରୀସର ପ୍ରସିଦ୍ଧ ଫିଲୋସଫର କ୍ରିସ୍‌ପିସ୍‌ଙ୍କର ମୃତ୍ୟୁ ୨୦୬ ବିସିରେ ୭୩ ବର୍ଷରେ ହୋଇଥିଲା । ତେବେ ତାଙ୍କ ମୃତ୍ୟୁର କାରଣ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । କୁହାଯାଏ ତାଙ୍କ ମୃତ୍ୟୁ ଅତ୍ୟଧୀକ ହସ କାରଣରୁ ହୋଇଥିଲା । ସେ ଏକ ଗଧକୁ ୱାଇନ୍ ପିଇବାର ଦେଖି ହସିବା ଆରମ୍ଭ କରିଥିଲେ, ଯାହା ପରେ ତାଙ୍କର ମୃତ୍ୟୁର କାରଣ ସାଜିଥିଲା । ତେବେ ତାଙ୍କ ମୃତ୍ୟୁ ନେଇ ଆଉ ଏକ କାରଣ ମଧ୍ୟ ରହିଛି ସିଏ ଅନ୍‌ଡାଇଲୁଟେଡ୍ ୱାଇନ୍ ପିଇଥିଲେ ଯାହା ତାଙ୍କର ମୃତ୍ୟୁର କାରଣ ବୋଲି କିଛି ସ୍ଥାନରେ ବର୍ଣ୍ଣନା ରହିଛି । ସେହିଭଳି ଆଉଜଣେ ବ୍ୟକ୍ତି ହେଲେ ଆଲେକ୍ସ ମିଚେଲ୍ ଯିଏ ମାତ୍ର ୫୦ ବର୍ଷରେ ଇଂଲଣ୍ଡରେ ଅଧିକ ହସିବା କାରଣରୁ ପ୍ରାଣ ହାରିଥିଲେ । ସେ ବିବିସିରେ ପ୍ରସାରିତ ଏକ କମେଡି ଶୋ’ ଦେଖୁଥିବା ସମୟରେ ଅତ୍ୟଧିକ ହସିବା ଆରମ୍ଭ କରିଥିଲେ, ଯାହା ତାଙ୍କ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା । ଏହାପରେ ତାଙ୍କର ମୃତ୍ୟୁର କାରଣ ସାଜିଥିଲା ବୋଲି ସୂଚନା ରହିଛି । ତାଙ୍କର ହାର୍ଟ ଫେଲ୍ୟୁଅର କାରଣରୁ ମୃତ୍ୟୁ ହୋଇଥିଲା ବୋଲିଜଣା ପଡିଥିଲା । ତୃତୀୟରେ ଏକ ଘଟଣା ରହିଛି ଯେଉଁଥିରେ ବ୍ୟକ୍ତିଙ୍କର ମୃତ୍ୟୁ ହସ କାରଣରୁ ହୋଇଥିଲା । ଡେନ୍‌ମାର୍କର ୭୧ ବର୍ଷୀୟ ଅଡିଓଲୋଜିଷ୍ଟ ଓଲେ ବେଣ୍ଟଜେନ୍ ଗୋଟିଏ କମେଡି ଫିଲ୍ମ ଦେଖିବା ସମୟରେ ଅତ୍ୟଧିକମାତ୍ରାରେ ହସିଥିଲେ । ଯେଉଁ କାରଣରୁ ୧୯୮୯ ମସିହାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହି ଫିଲ୍ମର କିଛି ନିର୍ଦ୍ଦିଷ୍ଟ ସିନ୍ ତାଙ୍କୁ ଖୁବ ହସାଇଥିଲା ଯାହାର ଫଳରେ ତାଙ୍କର ହାର୍ଟ ରେଟ୍ ବଢ଼ିଥିଲା ଏବଂ ତାଙ୍କର ପ୍ରାଣ ହାନି ହୋଇଥିଲା । ତେବେ ଏହି କେସ୍ ଗୁଡିକ ଖୁବ ବିରଳ । ତେବେ ଅଧିକ ହସିବା ଦ୍ୱାରା ଆମର ହାର୍ଟବିଟ୍ ବଢ଼ିବାରେ ଲାଗିଥାଏ, ଯାହା ଘାତକ ସାଜିଥାଏ । ଯେଉଁମାନଙ୍କର ହାର୍ଟ ଏହାକୁ ମ୍ୟାନେଜ୍ କରିପାରିନଥାଏ ସେମାନଙ୍କର ଏହିକାରଣରୁ ମୃତ୍ୟୁ ହୋଇଥାଏ । ଏହାଦ୍ୱାରା ଆହୁରି ନିଶ୍ୱାସନେବାରେ ଅସୁବିଧା, ବ୍ରେନ୍ ଷ୍ଟ୍ରୋକ, ହାର୍ଟ ଆଟାକ୍ ଆଦିର ଆଶଙ୍କା ମଧ୍ୟ ରହିଛି ।

# କମ୍‌ବ୍ୟାକ୍ କରିବାକୁ ରେଡ଼ି



ହିନା ଖାନ୍ ନିକଟରେ ନିଜ ରୋଗ ପାଇଁ ଚର୍ଚ୍ଚାରେ ରହୁଛନ୍ତି । ବ୍ରେଷ୍ଟ କ୍ୟାନ୍ସରରେ ପୀଡିତହୋଇ ଚିକିତ୍ସା ହେଉଛନ୍ତି ହିନା । ଏହାରି ଭିତରେ କିଛି ଛୋଟଛୋଟ ଆସାନ୍‌ମେଣ୍ଟ୍ ହାତକୁ ମଧ୍ୟ ନେଉଥିବାର ଦେଖିବାକୁ ମିଳୁଛି । ତେବେ ନିକଟରେ ଏକ ସାକ୍ଷାତକାରରେ ହିନା ନିଜ କ୍ୟାରିୟରକୁ ନେଇ କଥା ହୋଇଛନ୍ତି । ହିନାଙ୍କ ମତରେ ଇଣ୍ଡଷ୍ଟ୍ରୀରେ ଯଦି ଆପଣ ବ୍ରେକ୍ ନେଉଛନ୍ତି ତେବେ ଲୋକ ଆପଣଙ୍କୁ ଭୁଲିବାର ଚାନ୍ସ ରହିଥାଏ । ଯାହାପରେ ଆପଣଙ୍କୁ ବିଭିନ୍ନ ଚାଲେଞ୍ଜର ସମ୍ମୁଖୀନ ହେବାକୁ ପଡିବ । ହେଲେ ତାଙ୍କ ଦେହ ପାଇଁ ତାଙ୍କୁ ବ୍ରେକ୍ ନେବାର ଆବଶ୍ୟକତା ଥିଲା । ସେ ସମୟରେ ହିନା ତାଙ୍କ କ୍ୟାରିୟରକୁ ନେଇ ଜମାରୁ ବି ଚିନ୍ତିତ ନଥିଲେ, କାରଣ ତାଙ୍କ ପାଇଁ ସ୍ୱାସ୍ଥ୍ୟ ଆଗ । ତେବେ ବର୍ତ୍ତମାନ ସେ କ୍ୟାରିୟରକୁ ଗୁରୁତ୍ୱ ଦେଇପାରିବେ ବୋଲି ପ୍ରକାଶ କରିଛନ୍ତି । ବର୍ତ୍ତମାନ ସେ କମ୍‌ବ୍ୟାକ୍ କରିବାକୁ ଯୋଜନା କରୁଛନ୍ତି । ତାଙ୍କର ଆଶା ଅଛି ଆଗକୁ ତାଙ୍କୁ ଭଲ କାମ ଓ ପ୍ରୋଜେକ୍ଟ ମିଳିବ । ସେ ଭଲଭଲ ଚରିତ୍ର କରିବାକୁ ଆଗ୍ରହୀ ଅଛନ୍ତି । ତେବେ ଏଥିରେ ହିନା ନିଜ ସ୍ୱାସ୍ଥ୍ୟ ବିଷୟରେ ସେଭଳି କିଛି ଅପ୍‌ଡେଟ୍ ଦେଇନାହାନ୍ତି । ହେଲେ ସେ କମ୍‌ବ୍ୟାକ୍ କରିବାକୁ ପ୍ରସ୍ତୁତ ହେଉଥିବାରୁ ତାଙ୍କ ସ୍ୱାସ୍ଥ୍ୟ ଭଲ ଥିବା ତାଙ୍କ ଫ୍ୟାନ୍ ଆକଳନ କରିଛନ୍ତି ଏବଂ ଖୁବଶୀଘ୍ର ତାଙ୍କ ପ୍ରିୟ ହିନା ପରଦାରେ ବାହାରନ୍ତୁ ବୋଲି ମତ ଦେଇଛନ୍ତି ।

### ଜାତୀୟ ଯୁବ ଦିବସ ପାଳିତ

# ଯୁବ ସମାଜ ଆମ ଭାଷା, ସଂସ୍କୃତି ଓ ବିବେକାନନ୍ଦଙ୍କ ଦର୍ଶନ ତତ୍ତ୍ୱକୁ ପ୍ରଚାର କରିବା ଆବଶ୍ୟକ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ସ୍ୱାମୀ ବିବେକାନନ୍ଦ ଏକ ବ୍ୟକ୍ତିସତ୍ତା ନୁହେଁ ବଂର ଏକ ଚିରଞ୍ଜିବୀ ଚେତନା । ଏହି ନାମ ଏକ ଆଦର୍ଶ ଓ ଆଧ୍ୟାତ୍ମିକତା ମାଧ୍ୟମରେ ଜୀବନବୋଧକୁ ଉପଲବ୍ଧି କରିବାର ପବିତ୍ର ଓଁକାର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ଯୁବ ଦିବସ ପାଳନ ଅବସରରେ କହିଛନ୍ତି । ଆଜି ଆମେ ବିବେକାନନ୍ଦଙ୍କ ଜନ୍ମ ଦିବସକୁ ଯୁବ ଦିବସ ଭାବେ ପାଳନ କରୁଛୁ । ଆମର ଯୁବ ସମାଜ ଯେତେ ଉନ୍ନତି କରୁ, ଯେତେ ସଫଳ ହେଉ ଜଣେ ଭାରତୀୟ ଭାବରେ ପ୍ରଥମେ ଗର୍ବ ଅନୁଭବ କରିବା । ଭାରତୀୟ ଭାଷା, ସାହିତ୍ୟ, ସଂସ୍କୃତି ଓ ବିବେକାନନ୍ଦଙ୍କ ଦର୍ଶନ ତତ୍ତ୍ୱକୁ ଜାଣିବା ସହ ଏହାର ପ୍ରଚାର ପ୍ରସାର କରିବା ଆବଶ୍ୟକ ।

ଭୁବନେଶ୍ୱର ରାମକୃଷ୍ଣ ମିଶନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ବିବେକାନନ୍ଦଙ୍କ ଛବି ଆଜି ପର୍ଯ୍ୟନ୍ତ ଜଣେ ତେଜସ୍ୱୀ, ବାଗ୍ମୀ ଓ ମହାନ୍ ସଂଗ୍ରାମୀ ସନ୍ୟାସୀ ଭାବେ ଅମଳିନ ରହିଛି । ବିବେକାନନ୍ଦ ଥିଲେ ଜଣେ ଯୁବ ସନ୍ୟାସୀ ଯିଏ କି ଭାରତର ଯୁବ ସମାଜକୁ ନିଜର ଅସ୍ମିତା ଉପରେ ଗର୍ବ କରିବାକୁ ଶିଖାଇଥିଲେ । ସ୍ୱାମୀ ବିବେକାନନ୍ଦଙ୍କର ଚିକାଗୋ ଧାର୍ମିକ ସଭାରେ ଅଭିଭାଷଣ ଏକ ନୂଆ ଇତିହାସ ସୃଷ୍ଟି କରିଥିଲା । ଏହା ମାଧ୍ୟମରେ ଭାରତର ଧାର୍ମିକ ଓ ଦର୍ଶନ ତତ୍ତ୍ୱ ସମ୍ପର୍କରେ ବିଶ୍ୱ ଦୃଷ୍ଟିକୋଣରେ ପରିବର୍ତ୍ତନ ଆସିଥିଲା ଏବଂ ଆମେ ଆମ ଧାର୍ମିକ ଓ ଦର୍ଶନ ତତ୍ତ୍ୱର ମହତ୍ତ୍ୱକୁ ବୁଝିଥିଲୁ ।

୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡିଶା ଗଠନ ପାଇଁ ଆମର ଲକ୍ଷ୍ୟ ରହିଛି । ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିବ ଆମ ଯୁବ ସମାଜର । ଯୁବ ସମାଜକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଆମ ଦେଶ ତଥା ରାଜ୍ୟର ଅର୍ଥନୈତିକ ସମୃଦ୍ଧି ପାଇଁ ଉଦ୍ୟମ କରିବା ସହିତ ଆମ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଚିନ୍ତାଧାରାକୁ ବିଶ୍ୱ ସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ଆସନ୍ତୁ ଏହି ଦିବସ ଅବସରରେ ସଂକଳ୍ପ ନେବା ।



ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ କହିଥିଲେ ଯେ, ଭାରତୀୟ ଯୁବ ସମାଜ ପାଇଁ ଏକ ଅଦ୍ୱିତୀୟ ପ୍ରେରଣା ହେଉଛନ୍ତି ସ୍ୱାମୀ ବିବେକାନନ୍ଦ । ବିବେକାନନ୍ଦ ଭାରତବର୍ଷର ଆତ୍ମାକୁ ଜାଗରିତ କରିଥିଲେ । ଭାରତ ବର୍ଷକୁ ନେଇ ସ୍ୱାମୀଙ୍କ ଅଭିମାନ ଓ ସ୍ୱାଭିମାନ ଥିଲା ଅତୁଳନୀୟ । ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ କହିଥିଲେ, ସ୍ୱାମୀ ବିବେକାନନ୍ଦ ଥିଲେ ଭାରତୀୟ ଯୁବ ସମାଜର ପ୍ରତୀକ । ଚିକାଗୋରେ ସ୍ୱାମୀଜୀଙ୍କ ତିନି ମିନିଟର ବକ୍ତବ୍ୟ ତାଙ୍କୁ ବିଶ୍ୱବିଖ୍ୟାତ କରିଦେଇଥିଲା । ଭାରତର ଯୁବ ନେତୃତ୍ୱକୁ ସେ ପ୍ରତିପାଦିତ କରିଥିଲେ ଚିକାଗୋରେ ।

ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଡିଏଭି ପୋଖରୀପୁଟର ଛାତ୍ର ଜଗଦୀଶ ଆଚାର୍ଯ୍ୟ ସ୍ୱାମୀଙ୍କ ସ୍ୱଦେଶ ମନ୍ତ୍ର ସମସ୍ତଙ୍କୁ ପାଠ କରାଇଥିଲେ । କାର୍ଯ୍ୟକ୍ରମରେ ରାମକୃଷ୍ଣ ମିଶନର ସମ୍ପାଦକ ତଥା ଅଧ୍ୟକ୍ଷ ସ୍ୱାମୀ ଆତ୍ମା ପ୍ରଭାନନ୍ଦଜୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବ୍ରଜ କିଶୋର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ତୀର୍ଥଯାତ୍ରୀମାନଙ୍କ ସୁବିଧା

# ମହାକୁମ୍ଭ ମେଳା ପାଇଁ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର(ସବ୍ୟୁ): ପ୍ରୟାଗରାଜ ଠାରେ ଆୟୋଜନ ହେବାକୁ ଥିବା ଆଗାମୀ ମହାକୁମ୍ଭ ମେଳା ୨୦୨୫ରେ ଯୋଗଦେବାକୁ ଥିବା ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବିଶେଷ ଟ୍ରେନ ସୁବିଧା ବ୍ୟବସ୍ଥା କରାଯାଇଛି । ଏହି ସ୍ୱତନ୍ତ୍ର ଟ୍ରେନ୍‌ଗୁଡିକ ଓଡ଼ିଶାର ବିଭିନ୍ନ ପ୍ରମୁଖ ସହରରୁ ପବିତ୍ର ସହର ପ୍ରୟାଗରାଜକୁ ସହଜ ଗମନାଗମନ ସଂଯୋଗ ଯୋଗାଇବ । ଭୁବନେଶ୍ୱର-ତୁଣ୍ଡଲା-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ଭାୟା କଟକ, ଯଖପୁରା (ଯାଜପୁର), କେନ୍ଦୁଝରଗଡ, ନୟାଗଡ଼ (ଯୋଡ଼ା ଅଞ୍ଚଳ)-ବୋକାରୋ-ଗୟା-ପ୍ରୟାଗରାଜ । ଏହି ଟ୍ରେନ୍ ଚଳିତ ମାସ ୧, ୮, ୨୨ ତାରିଖ ଓ ଫେବ୍ରୁଆରୀ ୫, ୧୯, ୨୬ ତାରିଖ ବୁଧବାର ଦିନମାନଙ୍କରେ ଭୁବନେଶ୍ୱର ଠାରୁ ମଧ୍ୟାହ୍ନ ୧୨.୩୦ଟାରେ ଛାଡି କେନ୍ଦୁଝରଗଡ-ବୋକାରୋ-ଗୟା-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ । ତୁଣ୍ଡଲା ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସିଧାସଳଖ ସୁବିଧା ଯୋଗାଇବ । ପୁରୀ-ତୁଣ୍ଡଲା-ପୁରୀ ସ୍ୱତନ୍ତ୍ର ଟ୍ରେନ୍ ଭାୟା ଖୋର୍ଦ୍ଧା ରୋଡ୍ - ଭୁବନେଶ୍ୱର-କଟକ -ଯାଜପୁର କେନ୍ଦୁଝର ରୋଡ୍ -ଭଦ୍ରକ-ବାଲେଶ୍ୱର -ଗୟା-ପ୍ରୟାଗରାଜ ଚଳିତମାସ ୬ ଓ ୨୦ ତାରିଖ ଏବଂ ଫେବ୍ରୁଆରୀ ୧୭ ତାରିଖ ସୋମବାର ଦିନମାନଙ୍କରେ ପୁରୀ ଠାରୁ ଦିନ ୧୨.୩୦ଟାରେ ଛାଡି ଭୁବନେଶ୍ୱର-ଭଦ୍ରକ-ଗୟା-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ ।

ଟିଟିଲାଗଡ-ତୁଣ୍ଡଲା-ଟିଟିଲାଗଡ଼ ସ୍ୱତନ୍ତ୍ର ଟ୍ରେନ୍ ଭାୟା ବଲାଙ୍ଗୀର - ବରଗଡ଼ - ସମ୍ବଲପୁର - ଝାରସୁଗୁଡା - ରାଉରକେଲା (ସୁନ୍ଦରଗଡ଼ ଜିଲ୍ଲା )-ଡ଼ିଡ଼ିୟୁ-ପ୍ରୟାଗରାଜ ଚଳିତମାସ ୯, ୧୬, ୨୩ ତାରିଖ ଏବଂ ଫେବ୍ରୁଆରୀ ୬, ୨୦, ୨୭ ତାରିଖ ଦିନ ଗୁରୁବାର ଦିନମାନଙ୍କରେ ଟିଟିଲାଗଡ଼ ଠାରୁ ମଧ୍ୟାହ୍ନ ୧୨.୩୦ଟାରେ ଛାଡି ବଲାଙ୍ଗୀର, ବରଗଡ଼ ରୋଡ, ସମ୍ବଲପୁର -ଝାରସୁଗୁଡା-ରାଉରକେଲା, ଡ଼ିଡ଼ିୟୁ-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ । ବିଶାଖାପାଟନମ୍-ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ (ଡ଼ିଡ଼ିୟୁ)-ବିଶାଖାପାଟନମ୍ ସ୍ୱତନ୍ତ୍ର ଟ୍ରେନ୍ ଭାୟା ରାୟଗଡା-ଟିଟିଲାଗଡ-ରାୟପୁର-କାଟନୀ ଚଳିତ ମାସ ୯, ୧୬, ୨୩ ତାରିଖ ଓ ଫେବ୍ରୁଆରୀ ୬, ୨୦, ୨୭ ତାରିଖ ଦିନ ଗୁରୁବାରରେ ବିଶାଖାପାଟନମ୍ ଠାରୁ ସନ୍ଧ୍ୟା ୫.୩୫ଟାରେ ଛାଡି ରାୟଗଡା-ଟିଟିଲାଗଡ-ରାୟପୁର-କାଟନୀ ମାର୍ଗ ଦେଇ ଡ଼ିଡ଼ିୟୁ ଯାତ୍ରା କରିବ ।

### ଶିକ୍ଷାନୁଷ୍ଠାନର ବିକାଶ ଓ ସୁନାମ ବଢାଇବାରେ

# ପୁରାତନ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ଠାରୁ ଆରମ୍ଭ କରି ଏହାର ସର୍ବାଙ୍ଗୀନ ବିକାଶ ତଥା ସୁନାମ ବଢାଇବାରେ ପୁରାତନ ଛାତ୍ରଛାତ୍ରୀମାନଙ୍କର ଅବଦାନ ଓ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। 'ଓଲ୍‌ଡ଼ ଇଜ୍ ଗୋଲ୍ଡ଼' ଭଳି ପୁରାତନ ଛାତ୍ରଛାତ୍ରୀମାନେ କେବଳ ଶିକ୍ଷାନୁଷ୍ଠାନ ନୁହେଁ, ସମାଜର ବିକାଶ ପାଇଁ ସର୍ବଦା ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛନ୍ତି । ବର୍ତ୍ତମାନର ଡିଜିଟାଲ ଯୁଗର ପ୍ରତିଯୋଗିତାମୂଳକ ବାତାବରଣ ମଧ୍ୟରେ ଶୃଙ୍ଖଳିତ ଜୀବନ ଆଧାରିତ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ଜରୁରୀ ଆବଶ୍ୟକତା ରହିଥିବା ବେଳେ ଏ କ୍ଷେତ୍ରରେ ପୁରାତନ ଛାତ୍ରଛାତ୍ରୀମାନେ ଉତ୍ତର ପିଢ଼ିକୁ ଦିଗ୍‌ଦର୍ଶନ ଦେବାର ସମୟ ଆସିଛି ବୋଲି ମତପ୍ରକାଶ ପାଇଛି । ଚୌଦ୍ୱାର ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବାର୍ଷିକ ବନ୍ଧୁ ମିଳନ ସମାରୋହ (୨୦୨୫) ରବିବାର ମହାବିଦ୍ୟାଳୟ ପରିସରସ୍ଥ ନବନିର୍ମିତ କନଫରେନ୍ସ ହଲ୍‌ରେ ସଭାପତି ବିବେକାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମୀ ରାଉତରାୟ, ଅଧ୍ୟାପକ ସୁମନ୍ତ ସାହୁ, ବସନ୍ତ ବିଶ୍ୱାଳ, ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଚିତ୍ରାନନ୍ଦ ରାଉତରାୟ ପ୍ରମୁଖ ଜୟନ୍ତୀ ସମାରୋହ ପାଇଁ ସହଯୋଗ ଜାରି ରଖିବାକୁ ନିବେଦନ ଜଣାଇଥିଲେ। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀ ଅନା ସ୍ୱାଇଁ, ବିଭୂତି ଭୂଷଣ ସାହୁ, ଝୁଲେନ୍ଦ୍ର



ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀମାନଙ୍କ ମହାବିଦ୍ୟାଳୟ ପ୍ରତିଷ୍ଠା ଓ ଏହାର ବିକାଶ କ୍ଷେତ୍ରରେ ଦେଇଥିବା ଯୋଗଦାନ ଉପରେ ଆଲୋକପାତ କରିବା ସହ ଆଗାମୀ ଦିନରେ ହେବାକୁ ଯାଉଥିବା ସମସ୍ତ ବିକାଶମୂଳକ କାର୍ଯ୍ୟକ୍ରମ ଏବଂ ସୁବର୍ଣ୍ଣ ନାୟକ, ରବୀନ୍ଦ୍ର କୁମାର ମହାପାତ୍ର, ଅନନ୍ତ ଜେନା, କୈଳାସ ସାହାଣୀ, ହେମନ୍ତ ମହାନ୍ତି ପ୍ରମୁଖ ପାଠପଢା ଦିନର ସ୍ମୃତି ଅନୁଭୂତି ବଖାଣିବା ସହ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ। ଶେଷରେ ସମ୍ପାଦକ କେଶବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଝାରସୁଗୁଡା ବିଜେଡ଼ିର ଅନ୍ତଃ କନ୍ଦଳ

# ଲୁଚାଇବା ପାଇଁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ : ପ୍ରଦୀପ ପୁରୋହିତ

ଭୁବନେଶ୍ୱର (ସବ୍ୟୁ): ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ ଅଧ୍ୟକ୍ଷ ଅନାସ୍ଥା ନିର୍ବାଚନ ଘଟଣାରେ ବିଜେଡ଼ି ସଭାପତି ଯେଉଁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଛନ୍ତି । ତାହା ତାଙ୍କ ଦଳର ଅନ୍ତଃ କନ୍ଦଳକୁ ଲୁଚାଇବା ପାଇଁ ହୋଇଛି ବୋଲି କହିଛନ୍ତି ବରଗଡ ସାଂସଦ ପ୍ରଦୀପ ପୁରୋହିତ ।

ସେ କହିଛନ୍ତି ଯେ, ବିଜେଡ଼ିର ଏହି ୭ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଏକ ହୋଟେଲ୍‌ରେ ବ୍ରଜରାଜନଗର ଅନାସ୍ଥା ପ୍ରସ୍ତାବ ଆଲୋଚନା କରିବା ବେଳେ ଯୁକ୍ତିତର୍କ ହୋଇଥିବା କଥା ଶୁଣିବାକୁ ମିଳୁଛି । ବ୍ରଜରାଜନଗରର ପୂର୍ବତନ ବିଧାୟିକାଙ୍କ ସମର୍ଥକ ଚେୟାରମ୍ୟାନ୍‌ଙ୍କୁ ହଟାଇବା ପାଇଁ ଝାରସୁଗୁଡାର ପୂର୍ବତନ ବିଧାୟିକାଙ୍କ ସମର୍ଥକ ଏହି ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି । ଏହି ଦୁଇ ପୂର୍ବତନ ବିଧାୟକଙ୍କ ଅନ୍ତଃକନ୍ଦଳ ଲୁଚାଇବା ପାଇଁ ବିଜେଡ଼ି ପ୍ରୟାସ କରିଛି । ଅପରପକ୍ଷରେ ଝାରସୁଗୁଡାକୁ ଯେଉଁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଆସିଥିଲେ ସେହି ଟିମ୍‌ରେ ମାହାଙ୍ଗାର ପୂର୍ବତନ ବିଧାୟକ ତଥା ମାହାଙ୍ଗା ଡବଲ ମର୍ଡରର ଅଭିଯୁକ୍ତ ଅଛନ୍ତି । ଏହିଭଳି ଲୋକ ଯଦି ଝାରସୁଗୁଡାକୁ ଆସନ୍ତି ତେବେ ଝାରସୁଗୁଡାବାସୀ କେତେ ସୁରକ୍ଷିତ ରହିବେ । ଶ୍ରୀ ପୁରୋହୀତ କରିଛନ୍ତି ଯେ, ଦୀପାଳି ଦାସ ଯେଉଁ ସମୟରେ ଅଭିଯୋଗ କଲେ ତାଙ୍କ ବାପା ସ୍ୱର୍ଗତଃ ନବ ଦାସଙ୍କୁ ପୋଲିସ ଦ୍ୱାରା ହତ୍ୟା କରାଯାଇଛି, ସେ ସମୟରେ ନବୀନ ବାବୁ ଉକ୍ତ ଘଟଣାର ଅନୁଧ୍ୟାନ ପାଇଁ କେତେଟା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଥିଲେ ? ଏହାର ଉତ୍ତର ସେ ରଖିବେ କି ? ଏହି ଘଟଣାରେ ବିଜେଡ଼ି କେବଳ ରାଜନୈତିକ ଫାଇଦା ପାଇଁ ଲୋକଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରୁଛି ଯେଉଁ ପ୍ରଚେଷ୍ଟା କେବେ ବି ଫଳପ୍ରଦ ହେବ ନାହିଁ ବୋଲି ଶ୍ରୀ ପୁରୋହିତ କହିଛନ୍ତି ।

### ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଛାତ୍ରୀ ଶୁଭସ୍ମିତାଙ୍କ କୃତିତ୍ୱ

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ଲାଲବାହାଦୂର ସରକାରୀ ବିଦ୍ୟାଳୟ ଓରିକଣ୍ଟାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ଶୁଭସ୍ମିତା ମହାପାତ୍ର ସବ୍ ଜୁନିୟର ବିଭାଗରେ ଚମ୍ପିୟନ ହେବା ସହ ଏକାଡେମିକ୍ କ୍ୟାରିୟରରେ ପ୍ରଥମ ସ୍ଥାନ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି । ଶୁଭସ୍ମିତା ସାନ୍ତପୁର ଗ୍ରାମର ଯୁବ ସାମ୍ବାଦିକ ଅମିତାଭ ମହାପାତ୍ର, ମା' ସ୍ନେହଲତା ମହାପାତ୍ରଙ୍କ କନ୍ୟା ଅଟନ୍ତି । ବିଦ୍ୟାଳୟର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ନାୟକ, ଶିକ୍ଷୟିତ୍ରୀ ବୈଜୟନ୍ତୀ ପରିଡା, କ୍ରୀଡା ଶିକ୍ଷକ ସନାତନ ସାହୁ, ଶ୍ରେଣୀ ଶିକ୍ଷୟିତ୍ରୀ ପ୍ରିୟମ୍ବଦା ରାଉତ, ଶ୍ରୀଦେବୀ ପରିଡାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଛାତ୍ରୀ ଶୁଭସ୍ମିତାଙ୍କୁ ପ୍ରଶଂସା କରିବା ସହ ପୁରସ୍କୃତ କରିଛନ୍ତି । ଛାତ୍ରୀଙ୍କ ଏହି ସଫଳତା ପାଇଁ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ସାନ୍ତପୁର ପଂଚାୟତ ସରପଂଚ ଆଇନଜୀବୀ ରମାକାନ୍ତ ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଛାତ୍ରୀଙ୍କୁ ପ୍ରଶଂସା କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।





ବରଗଡ ଧନୁଯାତ୍ରାରେ ହାତୀ ଉପରେ ବସିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ





ଭୁବନେଶ୍ୱର ନୂଆ ଏୟାରପୋର୍ଟ ରାସ୍ତାରେ ପଥୋତ୍ସବ

# ପ୍ରବାସୀ ଭାରତୀୟ ଉତ୍ସବରେ କଣ୍ଟିଲୋ କଂସା ପିତଳ ପ୍ରଦର୍ଶନୀର ପ୍ରଶଂସା

ଖଣ୍ଡପଡା,(ସବ୍ୟୁ): ପ୍ରବାସୀ ଭାରତୀୟ ଉତ୍ସବରେ ଦେଶ ବିଦେଶରୁ ଅନେକ ପ୍ରତିଷ୍ଠିତ ବ୍ୟକ୍ତି ଏବଂ ବୁଦ୍ଧିଜୀବିମାନେ ଯୋଗଦେଇଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରବାସୀ ଭାରତୀୟମାନଙ୍କ ଆଗମନ ପରିପ୍ରେକ୍ଷୀରେ ଆୟୋଜିତ ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ଓରମାସ ପକ୍ଷରୁ ଏକ ସଂସ୍କୃତି ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଉକ୍ତ ପ୍ରଦର୍ଶନୀରେ ଷ୍ଟଲ୍ ଜରିଆରେ ପ୍ରଦର୍ଶୀତ କଂଟିଲୋର କଂସାବାସନ ଓ ପ୍ରଭୁ ଶ୍ରୀ ନୀଳମାଧବଙ୍କ ସଂସ୍କୃତି ସମ୍ପର୍କୀତ ପ୍ରଦର୍ଶନୀ ପ୍ରବାସୀ ଭାରତୀୟମାନଙ୍କୁ ବିଶେଷ ଆକୃଷ୍ଟ କରିଥିଲା। ତେବେ ପ୍ରଦର୍ଶନୀକୁ ପରିଦର୍ଶନରେ ଆସିଥିବା ଅତିଥିମାନେ କଂଟିଲୋ କାରିଗରମାନଙ୍କର ନିଖୁଣ ଶୈଳୀ ଏବଂ ନୂତନ ଜ୍ଞାନକୌଶଳକୁ ବେଶ ପ୍ରଶଂସା କରିଥିଲେ । ଏ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଂଟିଲୋର କଂସାବାସନ କାରୁକାର୍ଯ୍ୟକୁ ଖୁବ ପ୍ରଶଂସା କରିଥିବାରୁ କଂଟିଲୋ ଅଂଚଳର କଂସା ପିତଳ କାରୀଗରମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିବା ବେଳେ ଖଣ୍ଡପଡା ବିଧାୟକ ଦୁଷ୍ମ' କୁମାର ସ୍ୱାଇଁ କଂଟିଲୋ ଅଂଚଳର କାରୀଗରମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ସେଠାରେ ଉପସ୍ଥିତ ଥିବା ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡଃ ଭାରତ ଭୂଷଣ ରଥ ପ୍ରଭୁ ଶ୍ରୀ ନୀଳମାଧବଙ୍କ ଇତିହାସ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କୁ ସବିଶେଷ ସୂଚନା ପ୍ରଦାନ କରିଥିଲେ। ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ସହ ସମସ୍ତ ରୀତିନୀତିରେ ସାମସ୍ୟ ରଖୁଥିବା ପ୍ରଭୁ ଶ୍ରୀ ନୀଳମାଧବଙ୍କ ସଂସ୍କୃତି ସହିତ ଜଡିତ ପ୍ରାଚୀନ ପୌରାଣିକ ତତ୍ତ୍ୱ ଏବଂ ମହାନଦୀର ବୈଭବ ସମ୍ପର୍କରେ ପ୍ରଫେସର ଶ୍ରୀ ରଥ ଆଲୋକପାତ କରିଥିଲେ । କଂଟିଲୋ ଅଂଚଳର ବରିଷ୍ଠ ନାଗରିକ ଅଖିଳ କୁମାର ମହାରଣା ଓ ବିଶିଷ୍ଟ କାରିଗର ଦଣ୍ଡପାଣି ସାହୁ କଂସାପିତଳ କାରିଗରୀର ଇତିହାସ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ନୂତନ ଅତିରିକ୍ତ ଜିଲ୍ଲାପାଳ ଶରତ ମହାପାତ୍ରଙ୍କୁ ସ୍ୱାଗତ

ପୁରୀ (ସବ୍ୟୁ): ଶନିବାର ରାତିରେ ସ୍ଥାନୀୟ ଚକ୍ରତୀର୍ଥ ରୋଡ ସ୍ଥିତ ହୋଟେଲ ହଲିଡ଼େ ରିସର୍ଟ ଠାରେ ପୁରୀ ସହରର କର୍ତ୍ତବ୍ୟରତ ସାମ୍ବାଦିକଙ୍କ ପକ୍ଷରୁ ପୁରୀରୁ ଭୁବନେଶ୍ୱର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ବଦଳି ହୋଇ ଥିବା ଅତିରିକ୍ତ ଜିଲ୍ଲାପାଳ କୈଳାଶ ଚନ୍ଦ୍ର ନାୟକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏଥି ସହ ନୂତନ ଭାବେ ଜିଲ୍ଲାରେ ଯୋଗ ଦେଇଥିବା ଅତିରିକ୍ତ ଜିଲ୍ଲାପାଳ ଡଃ ଶରତ ଚନ୍ଦ୍ର ମହାପାତ୍ରଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ସ୍ୱାଗତ କରାଯାଇଛି । ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଦାୟ କାଳୀନ ଓ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଥିଲା । ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହରର ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ ମିଶ୍ର, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ମଧୁସୂଦନ ମିଶ୍ର, ହୋଟେଲ ଶିଳ୍ପପତି ରାଜ କିଶୋର ପାତ୍ରଙ୍କ ସମେତ ବହୁ ସାମ୍ବାଦିକ ଯୋଗଦାନ କରିଥିଲେ । ବଦଳି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକଙ୍କ ପ୍ରଶାସନିକ କାର୍ଯ୍ୟାଧାରା ଓ ପୁରୀ ବାସୀଙ୍କ ପାଇଁ ସେବା ସମ୍ପର୍କରେ ସାମ୍ବାଦିକମାନେ ମତବ୍ୟକ୍ତ କରି ଥିଲେଛ ସେହିପରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସାମ୍ବାଦିକମାନଙ୍କ ସହଯୋଗ ସହିତ



କୋଭିଡ ମହାମାରୀ ପରିଚାଳନା, ଶ୍ରୀମନ୍ଦିର ଏଇତିହ୍ୟ କରିଡ଼ର ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ, ସିଦ୍ଧମହାବୀର ରେଲୱେ ଓଭର ବ୍ରିଜ, ରଥ ଯାତ୍ରା, ସାଧାରଣ ନିର୍ବାଚନ ଆଦି କିପରି ସୁପରିଚାଳନା କରି ଥିଲେ ସେ ଅନୁଭୂତି ବର୍ଣ୍ଣନା କରିଥିଲେ । ଜିଲ୍ଲାରେ ଦୀର୍ଘ ପାଞ୍ଚ ବର୍ଷ ରୁ ଉର୍ଦ୍ଧ କାର୍ଯ୍ୟ କରିବା ପରେ ରାଜ୍ୟ ସରକାର ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଥିବା କୈଳାସ ଚନ୍ଦ୍ର ନାୟକଙ୍କ ବଦଳି ସ୍ୱାସ୍ଥ୍ୟ ବିଭାଗକୁ ଅତିରିକ୍ତ ସଚିବ ଭାବେ କରିଛନ୍ତି । ତାଙ୍କ ସ୍ଥାନରେ ଡଃ ମହାପାତ୍ର ଯୋଗଦାନ କରିଛନ୍ତି । ଶ୍ରୀ ନାୟକଙ୍କୁ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋ, ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ବେଳେ ଡକ୍ଟର ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଜିତ କୁମାର ମହାନ୍ତି, ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ବିଶାଳ ମହାନ୍ତି, ଦୀପକ ମହାରଣା, ପ୍ରୀତିଶ ମହାନ୍ତି, ଜୟ କୃଷ୍ଣ ଦାସ, ପ୍ରଦୀପ କୁମାର ନାୟକ, ସୁବୋଧ ସୁବୁଦ୍ଧି, ସମେତ ବହୁ ସାମ୍ବାଦିକ ଯୋଗ ଦେଇ ଥିଲେ ।

# ୧୬ ନମ୍ବର ଜାତୀୟରାଜପଥରୁ ଦେଢ଼ କ୍ୱିଣ୍ଟାଲ ଗଞ୍ଜେଇ ଜବତ : ୩ ଆସାମୀ ଫେରାର

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧିନ ୧୬ ନମ୍ବର ଜାତୀୟ ରାଜପଥ ବରୁଣେଇ ହୋଟେଲ ସମୁଖରେ ଥିବା ଓଭରବ୍ରିଜ ଉପରେ ଗଞ୍ଜେଇ ଭରା କାରକୁ ଜବତ କରିଛି ଖୋର୍ଦ୍ଧା ଅବକାରୀ ବିଭାଗ ଅବକାରୀ ବିଭାଗର ସୂଚନା ଅନୁଯାଇ ରବିବାର ଦିନ ସକାଳ ପ୍ରାୟ ୪ ଟା ସମୟରେ ତିନିଜଣ ଗଞ୍ଜେଇ ବ୍ୟବସାୟୀ ଫୁଲବାଣୀରୁ ଭୁବନେଶ୍ୱର ଅଭିମୁଖେ ଏକ ଗାଡି ଯାହାର ନମ୍ବର ମାରୁତି ସୁଜିକି ସୁଇଫ୍ଟ ଓଡି ୦୨ ସିଟି ୭୫୨୧ଯାଉଥିବା ସୂଚନା ପାଇଥିଲେ ସୂଚନା କ୍ରମେ ଖୋର୍ଦ୍ଧା ଅବକାରୀ ବିଭାଗର ଏକ ଟିମ ଗାଡ଼ିଟିକୁ ଫଲୋ କରୁଥିଲେ ତେବେ ଗାଡି ଚାଲାକ ପଛରେ ପୁଲିସ ଫଲୋ କରୁଥିବା ଭାବି ଦ୍ରୁତ ଗତିରେ ଗାଡିଟି ଚଳାଇ ଚକ୍କା ଦେବା ପାଇଁ ପ୍ରୟାଶ କରୁଥିବା ବେଳେ ଗାଡିଟି ଭାରସାମ୍ୟ ହରାଇ ଜାତୀୟରାଜପଥର ସାଇଡ ବାରରେ ଧକା ହୋଇ ଦୁର୍ଘଟଣା ଘଟି ଥିଲା ସଙ୍ଗେ ସଙ୍ଗେ ଗାଡି ଡ୍ରାଇଭର ଓ ଗାଡ଼ିରେ ଥିବା ଅନ୍ୟ ଦୁଇଜଣ ଗାଡ଼ିରୁ ବାହାରି ଦୌଡ଼ି ପଳାଇଥିବା ଅବକାରୀ ବିଭାଗ ପକ୍ଷରୁ



ସୂଚନା ମିଳିଛି ତେବେ ଅବକାରୀ ବିଭାଗ ଗାଡିକୁ ଯାଞ୍ଚ କରିବା ସମୟରେ ଗାଡି ମଧ୍ୟରୁ ପ୍ରାୟ ଦେଢ଼ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ ହୋଇଥିବା ପ୍ରକାଶ କରିଛନ୍ତି ଯାହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷରୁ ଅଧିକ ହେବବୋଲି ଜଣାପଡିଛି ତେବେ ଗାଡି ଓ ଗଞ୍ଜେଇ ଅବକାରୀ ବିଭାଗ ଜବତ କରି ୧୨୩/୨୪/୨୫ ରେ ଏକ କେଶ ରୁଜୁକରି ତଦନ୍ତ ଚଳାଇଥିବା ଅବକାରୀ ସୁପରଟଣ୍ଡ ସୁମତି ତ୍ରିପାଠୀ ସୂଚନା ପ୍ରଦାନ କରିଛନ୍ତ ।

# କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ୧୮ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ୧୮ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିବା ବେଳେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଶ୍ରୀ ସାମନ୍ତ ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କୁ ଅଭିଭାଷଣ ପ୍ରଦାନ କରି କହିଲେ, କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲରେ ପିଲାମାନଙ୍କୁ ଆନୁଷ୍ଠାନିକ ଶିକ୍ଷା ସହ ସେମାନଙ୍କ ସାମଗ୍ରିକ ବିକାଶ ଉପରେ ବିଶେଷ ଧ୍ୟାନ ଦିଆଯାଇଥାଏ । ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଶ୍ରୀ ସାମନ୍ତ ଧନ୍ୟବାଦ ଜଣାଇଥିଲେ । ସ୍ୱାଗତ ଭାଷଣ ଦେଇ ସ୍କୁଲର ଚେୟାରପର୍ସନ ଡ ମୋନା ଲିସା ବଳ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ



ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ପିତାମାତାଙ୍କୁ ସେମାନଙ୍କ ପିଲାମାନଙ୍କ ବୃଦ୍ଧିରେ ସକ୍ରିୟ ସମର୍ଥନ କରିବା ଦିଗରେ ଉତ୍ସାହିତ କରିଥିଲେ । ସ୍କୁଲ୍‌ର ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ସ୍କୁଲର ବାର୍ଷିକ ବିବରଣୀ ଉପସ୍ଥାପନ କରି ଚଳିତବର୍ଷ ଶିକ୍ଷା, କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦିତ କରିଥିବା ଛାତ୍ରଛାତ୍ରୀଙ୍କ ନାମ ଉଲ୍ଲେଖ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସ୍କୁଲକୁ ସୁନାମ ଆଣିଦେଇଥିବା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'କାରାନାଇ'ର ଇ-ସଂସ୍କରଣକୁ ଶ୍ରୀ ସାମନ୍ତ ଉନ୍ମୋଚନ କରିଥିଲେ । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ପୂର୍ବତନ ମନ୍ତ୍ରୀ ପ୍ରହ୍ଲାଦ ମଲିକଙ୍କ ଜୟନ୍ତୀ

କେନ୍ଦ୍ରାପଡା,(ସବ୍ୟୁ): ଓଡିଶାର ଜନପ୍ରିୟ ନେତା ତଥା ପୂର୍ବତନ ମନ୍ତ୍ରୀ, ରାଜ୍ୟ ଯୋଜନା ବୋର୍ଡର ସଭାପତି ସ୍ୱର୍ଗତ ପ୍ରହ୍ଲାଦ ମଲିକଙ୍କର ୯୬ତମ ଜନ୍ମ ଜୟ'ୀ ଅନୁଷ୍ଠିତ ହୋଇଯାଇଛି । ପୌରାଂଚଳ ଅନ୍ତର୍ଗତ କଜଳା ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରିଥିଲେ । ପୂର୍ବତନ ବିଧାୟିକା ତଥା ସ୍ୱର୍ଗତ ମଲିକଙ୍କର ଝିଅ ଡ଼ଃ ସିପ୍ରା ମଲିକଙ୍କ ତତ୍ତ୍ୱାବଧାନ ରେ ଆୟୋଜିତ ଏହି ଜୟନ୍ତୀଉତ୍ସବରେ ପୂର୍ବତନ ବିଧାୟକ ଚିନ୍ମୟୀ ବେହୁରା, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ପ୍ରାକ୍ତନ ଅଧ୍ୟାପକ ଗିରିଶ ପାତ୍ର, ବରିଷ୍ଠ କଂଗ୍ରେସ ନେତା ଫକିର ଚରଣ ଖଟୁଆ, ପ୍ରଫୁଲ୍ଲ ଦାସ, ଯୁବ ନେତା ରାଜେଶ ପଣ୍ଡା, ଶିକ୍ଷକ ଶୁଭ୍ରାଂଶୁ ଦାସ, ରଶ୍ମି ରନ ଚୌଧୁରୀ, ମିର୍ ଜୁମା, ମିର୍ ମୁରସିଦ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମଲିକଙ୍କ ସ୍ମୃତି ଚାରଣ ସହ କେନ୍ଦ୍ରାପଡା ପ୍ରତି ତାଙ୍କ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ ।

# ରାଜ୍ୟରେ ହେବ ଟ୍ରାଇ ସିଟି

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ଗଠନ ହେବ ଟ୍ରାଇ ସିଟି । ଏବେ ଟ୍ୱିନ୍ ସିଟି ନୁହେଁ ଟ୍ରାଇ ସିଟିର ବିକାଶ କରିବେ ସରକାର । ପୁରୀ, କଟକ ଓ ଭୁବନେଶ୍ୱରକୁ ନେଇ ଟ୍ରାଇ ସିଟି ହେବ । ଏନେଇ ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ।

ମନ୍ତ୍ରୀ କହିଛନ୍ତି, ଖୁବଶୀଘ୍ର ପୁରୀ, କଟକ ଓ ଭୁବନେଶ୍ୱରକୁ ଟ୍ରାଇ ସିଟି ମାନ୍ୟତା ଦିଆଯିବ । ସହର ବଢେଇବେ ସରକାର । ଟାଉନ ପ୍ଲାନିଂ ସ୍କିମ ଜରିଆରେ ସହରକୁ ବଢାଇବା ପାଇଁ ନିଷ୍ପତ୍ତି ହୋଇଛି । ଟିପି ସ୍କିମ ପାଇଁ ସ୍ୱତନ୍ତ୍ର ବିଭାଗ କରି ଦାୟିତ୍ୱ ଦିଆଯିବ । ଟାଇମ ପିରିୟଡ୍ ବି ଫିକ୍ସ ହେବ । ସେହିପରି ପ୍ଲାନିଂ ପାଇଁ ସ୍ୱତନ୍ତ୍ର ଅଫିସ ମଧ୍ୟ ଖୋଲାଯିବ । ସହରାଞ୍ଚଳରେ କୌଣସି ଅନପ୍ଲାନଡ୍ କାମ ହେବନି । କଟକ, ବ୍ରହ୍ମପୁର, ରାଉରକେଲାରେ ଅନେକ ଟିପି ସ୍କିମ କରିବାକୁ ଯାଉଛନ୍ତି ସରକାର । ଭୁବନେଶ୍ୱର ହେଉଛି ଏକ ପ୍ଲାନଡ଼ ସିଟି । ତେଣୁ କୌଣସି ଅନପ୍ଲାନଡ୍ କାର୍ଯ୍ୟ କରାଯିବ ନାହିଁ । ନୀତି ନିୟମ ଭିତରେ ସହରର କଳେବର ବୃଦ୍ଧି

**ପୁରୀ, କଟକ ଓ ଭୁବନେଶ୍ୱରକୁ ନେଇ ବଢ଼ିବ ସହର**

**କଟକ, ବ୍ରହ୍ମପୁର, ରାଉରକେଲାରେ ହେବ ଟିପି ସ୍କିମ**

ପାଇଁ ଯୋଜନା କରାଯାଉଛି । କେବଳ ଭୁବନେଶ୍ୱର ନୁହେଁ ରାଜ୍ୟର ସମସ୍ତ ସହରାଞ୍ଚଳରେ ଟାଉନ ପ୍ଲାନିଂ ସ୍କିମ କରାଯିବ ପାଇଁ ନିଷ୍ପତ୍ତି ହୋଇଛି । ଏଥିପାଇଁ ଅଧିକ ଟାଉନ ପ୍ଲାନିଂ କାର୍ଯ୍ୟାଳୟ ଓ ମାନବ ସମ୍ବଳ ରଖାଯିବ । ସେହିପରି ଭୁବନେଶ୍ୱର ଟ୍ରାଫିକ ସମସ୍ୟାକୁ ଗୁରୁତର ସହ ନେଇଛନ୍ତି ସରକାର । ସହରାଞ୍ଚଳ ଟ୍ରାଫିକ ସମସ୍ୟା ଦୂର ପାଇଁ ନିର୍ମାଣ ହେବ ଅଧିକ ନୂଆ ଓଭରବ୍ରିଜ । ରାଜ୍ୟ ସରକାର ଏଥିପାଇଁ ପ୍ରାରମ୍ଭିକ ଯୋଜନା ଆରମ୍ଭ କରିଛନ୍ତି। ବିଭିନ୍ନ ସ୍ଥାନରେ ରିଙ୍ଗ ରୋଡ୍ ଏବଂ ଓଭର ବ୍ରିଜ କିପରି ଓ କେମିତି ନିର୍ମାଣ କରାଯାଇପାରିବ ସେନେଇ ମୁଖ୍ୟମନ୍ତ୍ରୀ ଦୁଇ ଥର ବୈଠକ କରି ଆଲୋଚନା କରିଛନ୍ତି ।

ତୁରନ୍ତ ପ୍ଲାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ଦେଖାଯାଉଥିବା ଟ୍ରାଫିକ ଜାମକୁ ଦୂର ପାଇଁ ପବ୍ଲିକ ଟ୍ରାନ୍ସପୋର୍ଟ ସିଷ୍ଟମକୁ ଅଧିକ ବଢ଼ାଯାଉଛି । ଏଥିପାଇଁ ଡବଲ ଡେକର ବସ ସେବା ଆରମ୍ଭ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି ।

## ବଳପୂର୍ବକ ବାଲିଘାଟ ଦଖଲ ଉଦ୍ୟମ

# ଲିଜଧାରୀ ବ୍ୟବସାୟୀଙ୍କୁ ଗ୍ୟାଙ୍ଗଷ୍ଟରର ଧମକ

କଟକ,( ସବ୍ୟୁ): ବାଲିଘାଟ ଛାଡିବାକୁ ଲିଜଧାରୀଙ୍କୁ ଧମକ ଦେଇଛି ଗ୍ୟାଙ୍ଗଷ୍ଟର । ପ୍ରଥମେ ଲକ୍ଷାଧିକ ଟଙ୍କା ବଟି ନେବା ପରେ ଏବେ ପୂରା ବାଲିଘାଟ ଦଖଲ କରିବାକୁ ଧମକ ଦିଆଯାଇଛି । ଘାଟ ନଛାଡିଲେ ହତ୍ୟା କରାଯିବ । ଏଭଳି ଅଭିଯୋଗ ନେଇ ଶନିବାର ଅପରାହ୍ଣରେ ସଦର ଥାନା ଅନ୍ତର୍ଗତ କାଜିପାଟଣା ଅଞ୍ଚଳର ପ୍ରଭାସ କୁମାର ମହାନ୍ତି ଡିସିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଗ୍ୟାଙ୍ଗଷ୍ଟର ଚିକେନ

**ଏତଲା ପରେ ବି ତଦନ୍ତ ଆରମ୍ଭ ହୋଇନି**

**ଡିସିପିଙ୍କ ଦ୍ୱାରସ୍ଥ ହେଲେ ଅଭିଯୋଗକାରୀ**

ବାବୁ ଓରଫ ରାଜବିହାରୀ ଦାଶ ଏଭଳି ବାରମ୍ବାର ଧମକ ଦେଉଥିବା ସେ ଦର୍ଶାଇଛନ୍ତି ।

କାଜିପାଟଣା ଅଞ୍ଚଳର ଭବାନୀ ଶଙ୍କର ମହାନ୍ତି ଜଗତସିଂହପୁର ଜିଲ୍ଲା ବରିଡି ଥାନା ଅନ୍ତର୍ଗତ ଚାଷୀଖଣ୍ଡ ଗ୍ରାମରେ ଥିବା ବାଲିଘାଟକୁ ଲିଜସୂତ୍ରରେ ନେଇଛନ୍ତି । ଗଲା ଏକ ବର୍ଷ ହେବ ସେ ଉକ୍ତ ଘାଟକୁ ଚଳାଇ ଆସୁଛନ୍ତି । ଆରମ୍ଭରୁ ଉକ୍ତ ବାଲିଘାଟକୁ ଦଖଲ ପାଇଁ ଗ୍ୟାଙ୍ଗଷ୍ଟର ଚିକେନ ବାବୁ ଉଦ୍ୟମ କରିଆସୁଥିଲା । ମାତ୍ର ଗଲା ବର୍ଷ ଭବାନୀ ସରକାରୀ ବିଧିବ୍ୟବସ୍ଥାରେ ଉକ୍ତ ଘାଟକୁ ଲିଜସୂତ୍ରରେ ନେଇଥିଲେ । ଏହାପରଠୁ ଚିକେନ ବାବୁ ପ୍ରତିକ୍ରିୟାଶୀଳ ହୋଇପଡିଥିଲା । ଏନେଇ ପ୍ରଭାସଙ୍କ ଅଭିଯୋଗ ଅନୁସାରେ, ବିଭିନ୍ନ ସମୟରେ ଚିକେନ ବାବୁ ଅସାମାଜିକଙ୍କୁ ଲଗାଇ ଉକ୍ତ ବାଲିଘାଟ କର୍ମଚାରୀଙ୍କୁ ମାରପିଟ କରିବା, କର୍ମଚାରୀଙ୍କୁ ସେଠାକୁ ପୁର୍ନବାର ନଆସିବା ପାଇଁ ଧମକ, ଭାରୀଯାନ ଗୁଡିକୁ ଘାଟକୁ ନଛାଡିବା ଏବଂ ବାଲି ବୋଝେଇ ଗାଡି ଗୁଡିକୁ ଅଟକାଇ ବଟି ମାଗୁଥିଲା । କୌଣସି ପ୍ରକାରେ ସେଠାରୁ ବାଲି ପରିବହନ ରୋକି ଆର୍ଥିକ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଚିକେନ ବାବୁ ଏଭଳି ହରକତ କରୁଥିଲା । ସବୁ ଉଦ୍ୟମରେ ବିଫଳ ହେବା ପରେ ବାଲିଘାଟ ଅକ୍ତିଆର ପାଇଁ ସିଧାସଳଖ ହତ୍ୟା ଧମକ ଦେଇଛି । ଗତ ୮ ତାରିଖ ଅପରାହ୍ଣରେ ଚିକେନ ବାବୁ ସିଧାସଳଖ ପ୍ରଭାସଙ୍କୁ ଫୋନ କରି ଗାଳିଗୁଲଜ କରିଥିଲା । ଆଉ ଘାଟ ତୁରନ୍ତ ନଛାଡିଲେ ଦୁଇ ଭାଇଙ୍କୁ ହତ୍ୟା କରାଯିବ ବୋଲି ଧମକ ଦେଲା । ଏପରିକି ଭବାନୀକୁ ଯେଭଳି ମିଛ ମାମଲାରେ ଫଶାଇଛି ସେହିପରି ପ୍ରଭାସଙ୍କୁ ବି ଭୟ ଦେଖାଇଲା । ଏହି ଘଟଣାର କିଛି ସମୟ ପରେ ପ୍ରଭାସ କୁଆଖିଆ ବ୍ରିଜ ତେନ୍ତୁଳିନାଳୀ ରାସ୍ତା ଉପରେ କାରରେ ଯାଉଥିଲା ବେଳେ ହଠାତ ଦୁଇ ଜଣ ବ୍ୟକ୍ତି ବାଇକରେ ଆସି ତାଙ୍କୁ ଅଟକାଇଥିଲେ । କିଛି କହିବା ଆଗରୁ ବ୍ୟକ୍ତି ଦ୍ୱୟ ତାଙ୍କୁ ଗାଡିରୁ ଘୋଷାଡି ଆଣି ମାରଧର କରିଲେ । ତନ୍ମଧ୍ୟରୁ ଜଣେ ଦୁର୍ବୃତ୍ତ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଚିକେନ ବାବୁ ଭାଇଙ୍କ କଥା ମାନି ତୁରନ୍ତ ବାଲିଘାଟ ଛାଡିଦେବାକୁ ଧମକ ଦେଲା । ନଚେତ ଦୁଇ ଭାଇଙ୍କୁ ହତ୍ୟା କରାଯିବ ବୋଲି ଦୁର୍ବୃତ୍ତ ଦ୍ୱୟ ଚେତାବନୀ ଦେଇ ସେଠାରୁ ପଳାଇଲେ । ଏହାର କିଛି ସମୟ ପରେ ବାଲିଘାଟର ଜଣେ କର୍ମଚାରୀଙ୍କ ଧମକ ଦେଇ ଲକ୍ଷାଧିକ ଟଙ୍କା ବଟି ଦେବାକୁ କୁହାଗଲା । ଦିନକରେ ଏହି ତିନିଟି ଘଟଣା ଘଟିବାରୁ ପ୍ରଭାସ ପୂରା ଭୟଭୀତ ହୋଇପଡିଥିଲେ । ଏନେଇ ସେ ତୁରନ୍ତ ସଦର ଥାନାରେ ଏତଲା ଦେଇଥିଲେ ।ଇତିମଧ୍ୟରେ ଘଟଣାକୁ ତିନି ଦିନ ବିତିଥିଲା ବେଳେ ପୋଲିସ ତଦନ୍ତକୁ ତ୍ୱରାନିତ କରିନାହିଁ । ଯାହାଫଳରେ ପ୍ରଭାସ ଓ ତାଙ୍କ ପରିବାର ସଦସ୍ୟ ଭୟ ଓ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଏନେଇ ପ୍ରଭାସ ଓ ତାଙ୍କ ବାପା ପ୍ରେମାନନ୍ଦ ମହାନ୍ତି ଶନିବାର ଡିସିପିଙ୍କୁ ଭେଟିବାକୁ ଆସିଥିଲେ । ମାତ୍ର ଡିସିପିଙ୍କ ଅନୁପସ୍ଥିତିରେ ଉଭୟ ଏଡିସିପି ଅମରେନ୍ଦ୍ର ପଣ୍ଡାଙ୍କୁ ଭେଟି ଘଟଣା ସମ୍ବନ୍ଧରେ ଜଣାଇଥିଲେ । ଥୋରିଆ ସାହିରେ ରହୁଥିବା ବିରିଡି ଅଞ୍ଚଳର ମଦ ଓ ବାଲି ମାଫିଆ ଚିକେନ ବାବୁ ଓରଫ ରାଜବିହାରୀ ଦାଶ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ଉଭୟ ଅନୁରୋଧ କରିଛନ୍ତି ।

## ବାସ୍ତବ ବିଜ୍ଞାନ ଓ ତାତ୍ତ୍ୱିକ ସାହିତ୍ୟ ପୁସ୍ତକ ଲୋକାର୍ପିତ

କଟକ, (ସବ୍ୟୁ):ସାହିତ୍ୟ ସହ ବିଜ୍ଞାନର ସଂପର୍କ ପ୍ରାଚୀନ କାଳରୁ ରହିଛି । ସାହିତ୍ୟକୁ ବେଳେ ବେଳେ ବିଜ୍ଞାନ ପ୍ରଭାବିତ କରିଥିଲା ବେଳେ ବିଜ୍ଞାନକୁ ମଧ୍ୟ ସାହିତ୍ୟ ପ୍ରଭାବିତ କରିଛି । ଲୋକପ୍ରିୟ ବିଜ୍ଞାନ ହିଁ ସାହିତ୍ୟ ସର୍ବସ୍ୱ ବୋଲି ସ୍ୱର୍ଗତ ଚୌଧୁରୀ ଶରତ ଚନ୍ଦ୍ର ଦାଶଙ୍କ ପୁସ୍ତକ ବାସ୍ତବ ବିଜ୍ଞାନ ଓ ତାତ୍ତ୍ୱିକ ସାହିତ୍ୟ ପୁସ୍ତକ ଡ. ମିହିର କୁମାର ଦାସଙ୍କ ସଭାପତିତ୍ୱରେ ଶତାବ୍ଦୀ ଭବନରେ ଆୟୋଜିତ ପୁସ୍ତକ ଲୋକାର୍ପଣ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ହେମେନ୍ଦ୍ର ନାରାୟଣ ଦାସ,ମୁଖ୍ୟଅତିଥି, ବିଶିଷ୍ଟ ଶିକ୍ଷାବିତ୍ ଦୈତାରି ସାହୁ, ସମ୍ମାନିତ ଅତିଥି, ଦିବ୍ୟଲୋକ ସନ୍ଧାନେ ପତ୍ରିକାର ସଂପାଦକ ଶ୍ରୀ ସନ୍ନ୍ୟାସୀ , ସମ୍ମାନିତ ବକ୍ତା, ଉତ୍କଳ ସମ୍ମିଳନୀର ସଭାପତି ଡାକ୍ତର ରବିରଂଜନ ସାହୁ, ଡ. ସୁବାସିନୀ ଲେଙ୍କା ଓ କୈଳାସ ଶତପଥି ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିବା ପୁସ୍ତକଟି ଲୋକାର୍ପଣ କରି ପୁସ୍ତକଟିର ପ୍ରସଙ୍ଗର ଜନାଦୃତି ଘଟିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପୁସ୍ତକର ପ୍ରକାଶକ ଓ ସଂକଳକ ଚୌଧୁରୀ ଶ୍ରୀମତି ଦାସ ପୁସ୍ତକର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲାବେଳେ ଗାଳ୍ପିକ ତପନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଓ କବି ରାଜୀବ କୁମାର ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ଅଜଂନକୃଷ୍ଣ କମିଲା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବକୁ ଶ୍ରୀ ହର୍ଷ ସାହୁ, ବିଷ୍ଣୁପ୍ରିୟା ସାହୁ, ସ୍ମିତା କମିଲା, ସଂଗୀତା ଚୌଧୁରୀ, ସୋନୁ କମିଲା ଓ ଆରତୀ ପଣ୍ଡା ସଭା ପରିଚାଳନା କରିଥିଲେ ।

# ମୁକ୍ତିଲାଭ କଲା ରଙ୍ଗଶୁର, ସିନେପ୍ରେମୀ କହିଲେ ସୁପରହିଟ୍

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାରେ ୬୦ ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କଲା ଓଡ଼ିଆ ଚଳଚ୍ଚିତ୍ର ରଙ୍ଗଶୁର । ମହାରାଜା ସିନେମା ହଲ୍ ରେ ହେଇଥିଲା ପ୍ରିମିୟର । ଓଲିଉଡ଼ର ଅନେକ ଅଭିନେତା, ଅଭିନେତ୍ରୀ, ପ୍ରଯୋଜକ, ନିର୍ଦ୍ଦେଶକଙ୍କ ସମେତ ସିନେପ୍ରେମୀ ରଙ୍ଗଶୁର ଦେଖି ଏଭଳି ଏକ ପରିକଳ୍ପନାକୁ ବହୁତ ପ୍ରଶଂସା କରିଥିଲେ । ସବୁରି ମୁହଁରେ ସୁପରହିଟ୍ ବୋଲି ଶୁଣିବାକୁ ମିଳିଥିଲା । ବାଙ୍ଗାଲୋର, ହାଇଦ୍ରାବାଦ, ଦିଲ୍ଲୀ, ମୁମ୍ବାଇ, ପୁନେ, ସୁରଟ ଏବଂ ଚେନ୍ନାଇରେ ମୁକ୍ତିଲାଭ କରିଛି ଏହି ଚଳଚ୍ଚିତ୍ର । ପ୍ରକାଶ ଫିଲ୍ମ ଏବଂ ମୁନ୍ ଟିଭି ମୁଭିଜ୍ ର ମିଳିତ ପ୍ରଯୋଜନାରେ ନିର୍ମିତ ହୋଇଛି ନୂଆ ଓଡ଼ିଆ ଫିଲ୍ମ ରଙ୍ଗଶୁର । ରଙ୍ଗଶୁରର ପ୍ରଚାର ଓ ପ୍ରସାର ଏକ ନିଆରା ଢଙ୍ଗରେ ପାରମ୍ପରିକ ବାଘ ନାଚ ମାଧ୍ୟମରେ



ବିଭିନ୍ନ ସ୍ଥାନରେ ପ୍ରଚାର ଓ ପ୍ରସାର ହୋଇଥିଲା ।

ଏହି ବାଘ ନୃତ୍ୟ କେବଳ ବୀରତ୍ୱର ନାଚ ତାହା ନୁହେଁ ବରଂ ନାରୀ ସଶକ୍ତିକରଣଠୁ ନେଇ ଜଙ୍ଗଲ ବଞ୍ଚାଅ ଅଭିଯାନର ବାର୍ତ୍ତା ବହନ କରୁଛି । ରଙ୍ଗଶୁର ଚଳଚ୍ଚିତ୍ରକୁ ନିର୍ଦ୍ଦେଶନା ଦେଇଛନ୍ତି ବହୁ ଅଭିଜ୍ଞ ଟେକ୍ନିସିଆନ ପ୍ରତାପ ରାଉତ । ସଚ୍ଚିକାନ୍ତ ଜେନା, ପ୍ରଶାନ୍ତ ବେହେରା ଏହାର ପ୍ରଯୋଜନା କରିଛନ୍ତି । ସୁନୀଲ ଯାଦବ ଏବଂ ପ୍ରତାପ ରାଉତ ସହ-ପ୍ରଯୋଜନା କରିଛନ୍ତି । ଅଭିନତା ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟପ୍ରକାଶ ଦାସ, ସମରେଶ ରାଉତରାୟ, ଦୀପନ୍ୱିତ ଦାସ ମହାପାତ୍ର, ଶୁଭାଶିଷ ଶର୍ମା, ଜ୍ୟୋତି ନାୟକ, ସୂର୍ଯ୍ୟମୟୀ ମହାପାତ୍ର ଏବଂ ଶୁଭଶ୍ରୀ ଜେନା ପ୍ରମୁଖ ବହୁ ଅଭିଜ୍ଞ କଳାକାର ରଙ୍ଗଶୁର ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି ।

# ରାମକୃଷ୍ଣ କୁଟୀରରେ ବିବେକାନନ୍ଦ ଜୟନ୍ତୀ

କଟକ, (ସବ୍ୟୁ):ବଙ୍ଗାଳୀ ସାହିସ୍ଥିତ ରାମକୃଷ୍ଣ କୁଟୀରରେ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ଯୁବ ସମାଜ ଉପରେ ବିବେକାନନ୍ଦଙ୍କ ବାଣୀର ପ୍ରଭାବ ସମ୍ପର୍କରେ ଆଲୋଚନା କରାଯାଇଥିଲା । ମୁଖ୍ୟବକ୍ତା ପ୍ରଫେସର ଡଃ କୃଷ୍ଣ ଚନ୍ଦ୍ର ମହାନ୍ତି ବିବେକାନନ୍ଦଙ୍କ ଦର୍ଶନଶାସ୍ତ୍ର ଉପରେ ଆଲୋକପାତ କରିଥିଲେଛବରିଷ୍ଠ ସମ୍ବାଦିକ କୃଷ୍ଣ ପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତରେ ଯୁବ ସମାଜ ପାଇଁ ବିବେକାନନ୍ଦଙ୍କ ବାଣୀ ସମ୍ପର୍କରେ ଆଲୋଚନା କରିଥିଲେଛ ଉପସଭାପତି ଡଃ ସତ୍ୟ ରାୟଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସହ ସମ୍ପାଦକ ଭୁବନାନନ୍ଦ ମହାନ୍ତି ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ପରେ ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେଛ ଏହି ଅବସରରେ ପ୍ରବାସିନୀ ମହାନ୍ତିଙ୍କ ରଚିତ ସବୁତ ତୁମରି ଦାନ କବିତା ପୁସ୍ତକ ଉନ୍ମୋଚନ କରାଯାଇଥିଲା । 'ରୋଟାରୀ କ୍ଲବ୍ ଅଫ୍ କଟକ ରେଡିଏନ୍ସ' ପକ୍ଷରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗୀତାରେ କୃତି ଅନ୍ତେବାସୀ ବଦ୍ରିମୋହନ ରାଉତ, ବଳରାମ ସାହୁ ଓ ଆଦିତ୍ୟ ବଡଜେନାଙ୍କୁ ପୁରସ୍କୃତ କରାଯାଇଥିଲାଛ 'ଓଡିଶା ପ୍ରେସ୍ ଏଣ୍ଡ ମିଡିଆ ଟ୍ରଷ୍ଟ' ପକ୍ଷରୁ ସ୍ୱାମୀ ବିବେକାନନ୍ଦ-ଏକତା ଓ ବିଶ୍ୱଭ୍ରାତୃତ୍ୱର ପ୍ରତୀକ ଶୀର୍ଷକ ଏକ ଲେଖା ବିତରଣ କରାଯାଇଥିଲା । ତତ୍ତ୍ୱାବଧାରକ ସୁଭାଷ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ନମିତା ପଣ୍ଡା, ପ୍ରିୟରଞ୍ଜନ ମହାପାତ୍ର,ଡଃ ଓଁକାର ରାଉତ, ଦିଲୀପ ଦାସ,ଲକ୍ଷ୍ମୀନାରାୟଣ ଦାଶ,ବିଦ୍ୟୁତ କୁମାରୀ ଲାଲା,ଇନ୍ଦିରା ଶୁଭଦର୍ଶିନୀ ପ୍ରସାଦ,ଶ୍ୟାମସୁନ୍ଦର ସାହୁ,ମିଳନ ବଡୁ ଓ ଅନ୍ତେବାସୀମାନେ ଯୋଗ ଦେଇଥିଲେ ।

# ଶୋଇଥିବା ବେଳେ ଘରେ ପଶି ହାତୀ ଆକ୍ରମଣ, ବାପ-ଝିଅ ଆହତ



ଭଂଜନଗର, (ସବ୍ୟୁ): ପୁଣି ଘର ପଶି ବଣୁଆହାତୀ ଆକ୍ରମଣ କରିଛି । ଆକ୍ରମଣରେ ବାପ-ଝିଅ ଆହତ ହୋଇଛନ୍ତି । ହାତୀକୁ ଦେଖି ଘର ଭିତରୁ ଦୌଡ଼ି ପଳାଉଥିବା ବେଳେ, ହାତୀର ଗୋଡ ତଳେ ପଡି ବାପ-ଝିଅ ଆହତ ହୋଇଛନ୍ତି । ଗୁରୁତର ଅବସ୍ଥାରେ ଭଂଜନଗର ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ଏମିତି ଏକ ଘଟଣା ଘଟିଛି, ଭଂଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ ବନାଞ୍ଚଳ ଅନ୍ତର୍ଗତ ସରପଡା ଗାଁ ରେ । ଆହତ ବ୍ୟକ୍ତି ଜଣକ ତ୍ରିଲୋଚନ ମନ୍ତ୍ରୀ ଏବଂ ତାଙ୍କ ଝିଅ ଖୁସି ମନ୍ତ୍ରୀ (୮) । ଆହତ ତ୍ରିଲୋଚନ କହିବା ପ୍ରକାରେ, ରାତି ପ୍ରାୟ ୩ ଟା ସମୟର ଘରେ ସମସ୍ତେ ଶୋଇଥିବା ସମୟରେ, ତାଙ୍କ ଘର ପାଖକୁ ହାତୀ ଟି ଆସିଥିଲା । ସେହି ସମୟରେ କୁକୁର ଭୁକିବାରୁ ହାତୀଟି ଗୋଡ଼ାଇଥିଲା ଏବଂ ତ୍ରିଲୋଚନଙ୍କ ଘର ଭଙ୍ଗାରୁଜା କରିଥିଲା। ଏହା ଦେଖି , ଶୋଇଥିବା ଝିଅ ଖୁସିକୁ ଧରି ଦୌଡ଼ି ପଳାଉଥିବା ବେଳେ, ସେ ତଳେ ପଡ଼ିଯାଇଥିଲେ । ସେହି ସମୟରେ ହାତୀଟି ତାଙ୍କ ଗୋଡ଼କୁ ସାମାନ୍ୟ ଚକୁଡି ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଧାର କରି, ଭଂଜନଗର ମେଡିକାଲରେ ଆହତ ବାପ-ଝିଅଙ୍କୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ । ବନଖଣ୍ଡ ଅଧିକାରୀ ହିମାଂଶୁ ମହାନ୍ତି ସମେତ ମୁଜାଗଡ ବନପାଳ ଅଭିମନ୍ୟୁ ମଲ୍ଲିକ ବନରକ୍ଷୀ ଶୁଶାନ୍ତ ମିଶ୍ର ମେଡିକାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅନୁଧାନ କରିଛନ୍ତି । ଏହି ଘଟଣା ପରେ ସଂପୃକ୍ତ ଗାଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ ଭୟର ବାତାବରଣ ସୃଷ୍ଟି ହୋଇଛି । ଗତ ଏକ ସପ୍ତାହ ମଧ୍ୟରେ ମୁଜାଗଡ ବନାଞ୍ଚଳର ବିରିକୋଟ, ଗୁଣ୍ଡୁରିବାଡି, ନିଧିଆପଲ୍ଲୀ ଗାଁ ମାନଙ୍କରେ ଏକାଧିକ ଘର ଓ ସ୍କୁଲରେ ଭଙ୍ଗାରୁଜା କରିଛନ୍ତି ହାତୀପଲ । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଲୋକ ଏକପ୍ରକାର ଭୟଭୀତ ଅବସ୍ଥାରେ ରହିଛନ୍ତି । ତେବେ କ୍ଷତିଗ୍ରସ୍ତଙ୍କୁ ସରକାରୀ ନିୟମ ପ୍ରକାରେ କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି, ବନଖଣ୍ଡ ଅଧିକାରୀ ଶ୍ରୀ ମହାନ୍ତି।

## ଏମ୍‌କେସି ହାଇସ୍କୁଲର ବାର୍ଷିକ ଉତ୍ସବ ସାଫଲ୍ୟ’ ଅନୁଷ୍ଠିତ

# ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ୭ ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍ମୃତି ଫଳକ



ବାରିପଦା, (ସବ୍ୟୁ) : କୀର୍ତ୍ତି ରାଜି ଭରା ଗୌରବମୟ ଶତାୟୁ ଅନୁଷ୍ଠାନ ଏମ୍‌କେସି ହାଇସ୍କୁଲର ବାର୍ଷିକ ଉତ୍ସବ ସାଫଲ୍ୟ’ ୨୦୨୪-୨୫ ଶୀତୁଆ ସକାଳର ଭବ୍ୟ ପରିବେଶରେ ଓ ମହାଆଡ଼ମ୍ବରରେ ପ୍ରଧାନ ଶିକ୍ଷକ ବାସନ୍ତୀ ଟୁଡୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ୍, ମୁଖ୍ୟବକ୍ତା ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଶେଷ ଅତିଥି ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାୟତ, ସମ୍ମାନିତ ଅତିଥି ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସଭାପତି ପୂର୍ଣ୍ଣେନ୍ଦୁ ଦାସ ଯୋଗ ଦେଇଥିଲେ। ଶିକ୍ଷକ ଲକ୍ଷ୍ମୀ ନାରାୟଣ ମହାନ୍ତଙ୍କ ସଂଯୋଜନାରେ ଉତ୍ସବର କାର୍ଯକ୍ରମ ଓ ଶିକ୍ଷୟତ୍ରୀ ଗାୟତ୍ରୀ ପୃଷ୍ଟିଙ୍କ ବରେଣ୍ୟ ଅତିଥି ମାନଙ୍କ ପରିଚୟ ପ୍ରଦାନ ପରେ ପ୍ରଧାନ ଶିକ୍ଷକ ବାସନ୍ତୀ ଟୁଡୁ ବର୍ଷିକ ବିବରଣୀ ପାଠ କରିଥିଲେ। ଉପସ୍ଥିତ ଥିବା ବିଦ୍ୟାଳୟର କିଶୋର ବୟସର ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ଅବସରରେ ମଞ୍ଚାସିନ ଅତିଥିବୃନ୍ଦ ନମ୍ର, ବିନୟୀ ସ୍ୱଭାବ ହେବା ସଙ୍ଗେ ସଙ୍ଗେ ଉଚ୍ଚାରଣ ଆଚରଣରେ ସଂଯମତା ରକ୍ଷାକରି ମାମାଟି ମାତୃଭାଷାକୁ ସମ୍ମାନ ଜଣାଇ ଆଗମୀ ଦିନରେ ସମାଜରେ ସୁନାଗରିକ ହେବାର ସଂକଳ୍ପ ନେଇ ଓ ସମର୍ପଣ ଭାବ ରଖି ବିଦ୍ୟାଳୟର ଗରିମାମୟ ଇତିହାସକୁ ବଜାୟ ରଖିବା ପାଇଁ ମାର୍ଗ ଦର୍ଶନ ସହିତ ପରାମର୍ଶ ଦେଇଥିଲେ। ସଭାପତି ପୂର୍ଣ୍ଣେନ୍ଦୁ ଦାସ ବିଦ୍ୟାଳୟର ଖେଳ ପଡ଼ିଆର ଉନ୍ନତିକରଣ ଓ ଫୁଟବଲ୍ ପ୍ରତିଯୋଗିତା ଉପଯୋଗୀ ନିମନ୍ତେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏ ଦିଗରେ ଆବଶ୍ୟକୀୟ ସହଯୋଗ କରିବା ପାଇଁ ବିଧାୟକ ସୂଚନା ଦେଇଥିଲେ। ଏହି ମହାସମାରୋହରେ ପୂର୍ବ ବର୍ଷ ଭଳି ବିଦ୍ୟାଳୟର ପୁରାତନ ଛାତ୍ର ମାନଙ୍କ ଦ୍ୱାରା ପ୍ରଦତ୍ତ ପୁରସ୍କାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦାନ କରାଯାଇଥିଲା। ୨୦୨୪ ମସିହାର ମ୍ୟାଟ୍ରିକ ପରୀକ୍ଷାରେ ଝିଅ ମାନଙ୍କ ମଧ୍ୟରେ ଟପ୍ପର ଛାତ୍ରୀଙ୍କୁ ପୁରାତନ ଛାତ୍ର ଇଂ ମାନସ ଷଡ଼ଙ୍ଗୀଙ୍କ ଦ୍ୱାରା ପ୍ରଦତ୍ତ ଅନୀତା ଷଡ଼ଙ୍ଗୀ ମେମୋରିଆଲ ଭଞ୍ଜଭୂମି ପୁରସ୍କାର, ଆମେରିକାରେ କାର୍ଯ୍ୟରତ ପୁରାତନ ଛାତ୍ର ପ୍ରଫେସର ଶଶି ଶେଖର ଶତପଥୀଙ୍କ ସୁପୁତ୍ର ପ୍ରଫେସର୍ ଅଂଶୁମାନଙ୍କ ପ୍ରଦତ୍ତ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୦୨୩-୨୪ ପରୀକ୍ଷାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ୧୨ଜଣ ଛାତ୍ରଛାତ୍ରୀ ମାନଙ୍କୁ ନୀଳଚକ୍ର’ ପୁରସ୍କାର, ୭୦ ବ୍ୟାଚ୍ ର ଟପ୍ପର ରାମଚନ୍ଦ୍ର ଦେଙ୍କ ପ୍ରଦତ୍ତ ୨୦୨୩-୨୪ ର ଷଷ୍ଠ ରୁ ଦଶମ ଶ୍ରେଣୀ ପରୀକ୍ଷାର ଗଣିତରେ ସର୍ବୋଚ୍ଚ ନମ୍ବର ରଖିଥିବା ୧୦ଜଣ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଭାସ୍କର ଗୌରବ’ ପୁରସ୍କାର ଓ ପୁରାତନ ଛାତ୍ର ରୋଟା ରିଆନ୍ ତିମିର ଘୋଷଙ୍କ ଦ୍ୱାରା ପ୍ରଦତ୍ତ ଜିଲ୍ଲାସ୍ତରୀୟ ଶ୍ରେଷ୍ଠ ବିଜ୍ଞାନ ପ୍ରକଳ୍ପ ପାଇଁ ୨ଜଣ କିଶୋର ବୈଜ୍ଞାନଙ୍କୁ ବିଜ୍ଞାନ ପ୍ରତିଭା ପୁରସ୍କାର ପ୍ରଦାନ ବାବଦରେ ସର୍ବମୋଟ ୫୦ହଜାର ଟଙ୍କାର ଅର୍ଥ ରାଶି ସହିତ ପ୍ରମାଣ ପତ୍ର ଓ ସ୍ମାରକୀ ପ୍ରଦାନ କରାଯାଇଥିଲା। ସେହିପରି ବିଶିଷ୍ଟ ବଦାନ୍ୟ ଓ ବୁଦ୍ଧିଜୀବି ବ୍ୟକ୍ତି ମାନଙ୍କ ଦ୍ୱାରା ବିଦ୍ୟାଳୟକୁ ଅନୁଦାନ ଅର୍ଥ ରାଶି ପ୍ରଦାନ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ପ୍ରମୁଖ ପୁରସ୍କାର ଯଥା ବାବୁଲାଲ ଅଗ୍ରୱାଲ ସ୍ମୃତି’ ମାହେଶ୍ୱରୀ ସ୍ମୃତି’ ଅମିତାଭ ବେହେରା ସ୍ମୃତି’ ବିଷ୍ଣୁ ଚରଣ ମହାନ୍ତି ସ୍ମୃତି’ ଓ କମଳା କାନ୍ତ ସ୍ମାରକୀ’ ପୁରସ୍କାର ୭ଜଣ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଯଥାକ୍ରମେ ବାର୍ଷିକ ମେଟ୍ରିକ୍ ପାସ୍ ଆଉଟ୍‌ର ଶ୍ରେଷ୍ଠ ଅଲ୍ ରାଉଣ୍ଡର, ମେଧାବୀ ଛାତ୍ର ସ୍ୱଳ୍ପ ଆୟ ଅନ୍ତର୍ଗତ, ନବମ ଓ ଦଶମ ଶ୍ରେଣୀ ର ଶ୍ରେଷ୍ଠ ଅଲ୍ ରାଉଣ୍ଡର, ୨୦୨୩-୩୪ ବାର୍ଷିକ ପରୀକ୍ଷାରେ ଅଷ୍ଟମ ଓ ନବମ ଶ୍ରେଣୀର ଶ୍ରେଷ୍ଠ ମେଧାବୀ ସ୍ୱଳ୍ପ ଆୟ ଅନ୍ତର୍ଗତ ଓ ୨୦୨୪ ମ୍ୟାଟ୍ରିକ ପରୀକ୍ଷାରେ ସ୍କୁଲ ଟପ୍ପର ମାନଙ୍କୁ ସ୍ମାରକୀ ସହିତ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏତଦ୍‌ବ୍ୟତୀତ ବିଦ୍ୟାଳୟ ତରଫରୁ ନୃତ୍ୟ କଳାରେ ଶ୍ରେଷ୍ଠ ଛାତ୍ରୀଙ୍କୁ ମୟୂରୀ ପୁରସ୍କାର’ ଯୋଗ, କ୍ୟାରେଟେ ରେ ପାରଦର୍ଶିତା ହାସଲ କରିଥିବା ୫ଜଣଙ୍କୁ କ୍ରୀଡାଙ୍ଗନା’ ଓ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ସବ୍‌ଜୁନିଅର, ଜୁନିଅର, ସବସିନିଅର ସିନିଅର ବର୍ଗର ୮ଜଣ ଏଥଲେଟିକ୍ ଚମ୍ପିୟାନ ଛାତ୍ରଛାତ୍ରୀ ମାନଙ୍କୁ ସ୍ମାରକୀ ସହିତ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟ ଏକ ପ୍ରମୁଖ ଆକର୍ଷଣ ଅପରାହ୍ନ ରୁ ବିଳମ୍ବିତ ଶୀତୁଆ ସନ୍ଧ୍ୟାରେ ଦୀର୍ଘ ଚାରି ଘଣ୍ଟା ଧରି ପ୍ରାୟ ୭୦ଜଣ କଳା ପ୍ରେମୀ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟତ୍ରୀ ମାନଙ୍କ ଦ୍ୱାରା ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ ଆସର ସମସ୍ତଙ୍କ ମନ ମୋହିଥିଲା । ୪୪ଗୋଟି ଇଭେଣ୍ଟରେ ବେଶ୍ ଆକର୍ଷଣୀୟ ଥିଲା ପାରମ୍ପରିକ ଲୋକ ନୃତ୍ୟର ଛଉ, ଝୁମରରେ ସମସ୍ତେ ଝୁମି ଉଠିଥିଲେ ଏବଂ କ୍ଷୁଦ୍ର ନାଟକ ବାଇଡ ସମସ୍ତଙ୍କ ମନ ଜିଣିଥିଲା। ପୁରସ୍କାର ବିତରଣ ସମାରୋହ, ମଞ୍ଚ ପରିଚାଳନା, ସାଂସ୍କୃତିକ କାର୍ଯକ୍ରମ ସଂଯୋଜନାରେ ଯୁବ ଓ ବରିଷ୍ଠ ଶିକ୍ଷକ, ଶିକ୍ଷୟତ୍ରୀ କୁଞ୍ଜବାଳା ମହାନ୍ତ, ଶାନ୍ତନୁ କୁମାର ଦାସ, ବୁଧିରାମ ସିଂହ, ପୁଷ୍ପଲତା ସାହୁ, ଗାୟତ୍ରୀ ବେହେରା, ସୋନାଲି ପରିଡା, ଜଗନ୍ନାଥ ସୁତାର, ଗାୟତ୍ରୀ ବେହେରା, ଫାରା ସୁରୁ ଓ ପ୍ରବୀଣ ଚାନ୍ଦ ପ୍ରମୁଖ ସକ୍ରିୟ ଭାବେ ସାମିଲ ହୋଇଥିଲେ । ପ୍ରତିଭାବାନ ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯକ୍ରମର ଘୋଷକ ଭାବେ ସୂଚାରୁ ରୂପେ କାର୍ଯ୍ୟ ନିଭାଇ ଥିଲେ। ପୁରାତନ ଛାତ୍ର ସଂସଦର ଉପଦେଷ୍ଟା ମାନସ ଷଡ଼ଙ୍ଗୀ, ସମ୍ପାଦକ ରଞ୍ଜନ ବାନାର୍ଜୀ, ସହ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, ଶାନ୍ତନୁ ପାଢ଼ୀ, ପ୍ରଦୀପ କିଶୋର ମହାନ୍ତି, ସର୍ବୋତଶ ଦାସ ଓ ହରିଶ ଷଡ଼ଙ୍ଗୀ ପ୍ରମୁଖ ସକ୍ରିୟ ଭାବେ ସହୋଯୋଗ କରିଥିଲେ। ଏହି ଅବସରରେ ବୟୋଜ୍ୟେଷ୍ଠ ପୁରାତନ ଛାତ୍ର ଶିକ୍ଷାବିତ୍ ଡଃ ମୋହିତ କୁମାର ଷଡ଼ଙ୍ଗୀ ବିଦ୍ୟାଳୟର ଜନ୍ମ ଇତିହାସ ଉପରେ ସ୍ୱରଚିତ ତଥ୍ୟ ଭିତ୍ତିକ ପୁସ୍ତିକା ନିମନ୍ତ୍ରିତ ଅତିଥି ମାନଙ୍କୁ ପ୍ରଦାନ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ରାଜୀବ ଲୋଚନ ଜେନା ଉତ୍ସବର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରିଥିଲେ।

# ମହାକୁମ୍ଭ-୨୦୨୫ ପାଇଁ ଓଡ଼ିଶା-ଅଯୋଧ୍ୟା ସ୍ୱତନ୍ତ୍ର ବସ ସେବାର ଶୁଭାରମ୍ଭ



ବ୍ରହ୍ମପୁର, (ସବ୍ୟୁ) : ମହାକୁମ୍ଭ-୨୦୨୫ ପାଇଁ ଓଡ଼ିଶା-ଅଯୋଧ୍ୟା ସ୍ୱତନ୍ତ୍ର ବସ ସେବାର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ କରିଛନ୍ତି । ରାଜ୍ୟର ୪ ପ୍ରମୁଖ ସ୍ଥାନ ପୁରୀ, ବ୍ରହ୍ମପୁର, ଭବାନୀପାଟଣା ଓ ସମ୍ବଲପୁରରୁ ଏହି ବସ୍ ସେବା ଆରମ୍ଭ ହୋଇଛି। ବ୍ରହ୍ମପୁର ଓଏସଆରଟିସି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁରରୁ ଅଯୋଧ୍ୟା ଯାଉଥିବା ସ୍ୱତନ୍ତ୍ର ବସର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶ୍ରଦ୍ଧାଳୁମାନଙ୍କୁ ଯାତ୍ରାର ଶୁଭକାମନା ଜଣାଇଥିଲେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ଓଡ଼ିଶାର ଜନତାଙ୍କ ଆସ୍ଥା ଓ ବିଶ୍ୱାସ ପ୍ରତି ଆମ ସରକାର ସର୍ବଦା ସଚେତନ ଅଛନ୍ତି ଏବଂ ଯାତ୍ରା ସମୟରେ ସମସ୍ତ ପ୍ରକାରର ସହାୟତା ପାଇଁ ଉପଲବ୍ଧ ରହିବୁ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ଜେନା ପ୍ରକାଶ କରିଛନ୍ତି। ଆଜି ଠାରୁ ଆରମ୍ଭ ହୋଇଥିବା ଏହି ଅତ୍ୟାଧୁନିକ ସୁପେର୍ ପ୍ରିମିୟମ ଭଲବୋ ବସ୍ ସେବା ସପ୍ତାହରେ ଦୁଇ ଥର ବ୍ରହ୍ମପୁର ଠାରୁ ବନାରସ, ପ୍ରୟାଗରାଜ ଦେଇ ଅଯୋଧ୍ୟା ପର୍ଯ୍ୟନ୍ତ ଚାଲିବ । ଏହି ବସ୍‌ରେ ରାଜ୍ୟ ସରକାରଙ୍କ ତରଫରୁ ଜଣେ ଗାଇଡ୍ ଜଣେ ମ୍ୟାନେଜର ସହ ଜଳପାନ ଏବଂ ଭୋଜନର ବ୍ୟବସ୍ଥା ମଧ୍ୟ ଉପଲବ୍ଧ କରାଯାଇଛି । ମହିଳା ଯାତ୍ରୀଙ୍କ ପାଇଁ ରିହାତି ବ୍ୟବସ୍ଥା ସରକାର କରିଛନ୍ତି। ଏହା ସହ ଯାତ୍ରୀଙ୍କ ସୁବିଧା ପାଇଁ ଅନଲାଇନ୍ ଟିକଟ ବ୍ୟବସ୍ଥା ମଧ୍ୟ ସରକାରଙ୍କ ପକ୍ଷରୁ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଗଞ୍ଜାମ ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ, ଜିଲ୍ଲା ପରିବହନ ପରିଚାଳକ ଶାନ୍ତନୁ ମିଶ୍ର, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ବରିଷ୍ଠ ନେତା ସୁରେଶ ପାଢ଼ୀ, ଆସ୍କା, ବ୍ରହ୍ମପୁର ଏବଂ କନ୍ଧମାଳ ତିନୋଟି ଲୋକସଭା କ୍ଷେତ୍ର ଦାୟୀତ୍ୱରେ ଥିବା ଦଳର ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର, ଜିଲ୍ଲା ସମ୍ପାଦକ ବାଳକୃଷ୍ଣ ସାମନ୍ତରା, ରତ୍ନଗର୍ଭା ସରସ୍ୱତୀ ଦେବୀ, ଏସ୍.ରାଣୀ, ରାଜେଶ କୁମାର ସାହୁ, ଗୌରୀ ସାମନ୍ତରା, ଯୁବନେତା ସୁନିଲ ପାତ୍ର, କେ.ରବି ରାଓ, ବି.ସୋମନାଥ ପାତ୍ର, ଶିବ ସତପଥି, କମଲ ପାତ୍ର, କୃଷ୍ଣ ପଲେଇ, ଅମର ସାହୁ ପ୍ରମୁଖଙ୍କ ସମେତ ବହୁ ସହର ବାସୀ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ବେହେରା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# ସ୍କାଉଟ୍ସ ଓ ଗାଇଡ୍ସର ଜିଲ୍ଲାସ୍ତରୀୟ ରାଜ୍ୟ ପୁରସ୍କାର ପରୀକ୍ଷା କ୍ୟାମ୍ପ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବାରିପଦାସ୍ଥିତ ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଦ୍ୱାରା ରାଜ୍ୟ ପୁରସ୍କାର ପରୀକ୍ଷା କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସ୍କାଉଟ୍ସ ଗାଇଡ୍ସ ଜିଲ୍ଲା ମୁଖ୍ୟ କମିସନର ପୂର୍ଣ୍ଣଚନ୍ଦ୍ର ସେଠୀ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ କମଳାନେହେରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ରଶ୍ମିଦେବୀ ସାୟନ ଯୋଗ ଦେଇଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ସ୍କାଉଟ୍ସ ଓ ଗାଇଡ୍ସ ଜିଲ୍ଲା ସମ୍ପାଦକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଜାନୁୟାରୀ ୧୦ ରୁ ୧୨ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଚାଲିଥିବା ଏହି କ୍ୟାମ୍ପର ପରୀକ୍ଷଣ କରିବା ପାଇଁ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟଶାଖାରୁ ପରୀକ୍ଷକ ଅନୀଲ କୁମାର ମହାନ୍ତି ଓ ଫକୀର ମୋହନ ଜେନା ଯୋଗଦେଇଥିଲେ କ୍ଷ ପରୀକ୍ଷା ପରିଚାଳନା ପାଇଁ ଜିଲ୍ଲା ଡିଓସି ସ୍କାଉଟ ବିଜୟ କୁମାର ପାଣିଗ୍ରାହୀ, ଡିଓସି ଗାଇଡ ସୁଲୋଚନା ମଙ୍ଗରାଜ, ଡିଟିସି ସ୍କାଉଟ ରମେଶ ଚନ୍ଦ୍ର ବିଶୋଇ, ଗାଇଡ଼ କ୍ୟାପଟେନ ବାସନ୍ତୀ ମହାନ୍ତ, ସ୍କାଉଟ ମାଷ୍ଟର ଦୀପକ ରାମ, ଅଭିନନ୍ଦନ ମହୁରୀ, ପ୍ରଦୀପ ଚୌଧୁରୀ, ରୋଭର ଗଣେଶ ବେହେରା ଓ ସୁଜିତ ରାଉତ ପ୍ରମୁଖ ସହଯୋଗ କରିଥିଲେ । ସେଣ୍ଟ୍ରାଲ ଅଫିସିଆଲ ଭାବେ ହରିଶ୍ଚନ୍ଦ୍ର ରାଉତ, ପଙ୍କଜ ବେହେରା, ମନୋରଞ୍ଜନ ମହାନ୍ତ, ଅଭିଷେକ ବେହେରା ଓ ରମେଶଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି କ୍ୟାମ୍ପରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୪୭ଜଣ ସ୍କାଉଟ୍ସ ଓ ୧୩୮ଜଣ ଗାଇଡ୍ସ ଯୋଗ ଦେଇଥିଲେ । ଏହି ପରୀକ୍ଷାରେ ସ୍କାଉଟ୍ସ ଓ ଗାଇଡ୍ସ ମାନେ ବିଭିନ୍ନ ପ୍ରକାର ନଟିଙ୍ଗ, ଫାଷ୍ଟଏଡ଼, ଲ୍ୟାସିଂ, ଟେଣ୍ଟ, ପ୍ୟାରେଡ, ଲମୋଟୋ, ସାଇନ ଆଦି ପରୀକ୍ଷା ଦେଇଥିଲେ । ଏହାସହିତ ବିଭିନ୍ନ ପ୍ରକାର ଗେଜେଟ ତିଆରି କରିବା ସହିତ ଲାଇଫ ସେଭିଙ୍ଗ ନଟ, ଇମ୍ପରା ଭାଇଜିଙ୍ଗ ଟେଷ୍ଟ, ଷ୍ଟ୍ରେଚର, ହେଡ଼ ବ୍ୟାଣ୍ଡେଜ, ସେଣ୍ଟଜୋନ ସ୍ଲିଙ୍ଗ, କଫ ଆଣ୍ଡ କୋଲର ବ୍ୟାଣ୍ଡେଜ ଆଦି କରିଥିଲେ । ରାଜ୍ୟ ପୁରସ୍କାର ପରୀକ୍ଷାରେ କୃତି ହୋଇଥିବା ସ୍କାଉଟ୍ସ ଓ ଗାଇଡ୍ସମାନେ ରାଜ୍ୟପାଳଙ୍କ ନିକଟରୁ ସାର୍ଟିଫିକେଟ ପାଇପାରିବେ ଯାହାକି ଭବିଷ୍ୟତରେ କାର୍ଯ୍ୟରେ ଲାଗିବ । ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶୀଧର ସିଂହ ଓ ସମ୍ମାନିତ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରି ଭବିଷ୍ୟତରେ ନିଜକୁ ସୁନାଗରିକ ରୂପେ ଗଢି ତୋଳିବା ପାଇଁ କହିଥିଲେ । ତିନିଦିନ କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କମଳାନେହରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

# ଜେଲରଙ୍କ ଘରୁ ଚୋରି

ବ୍ରହ୍ମପୁର, (ସବ୍ୟୁ): ଗୋସାଇଁନୂଆଗାଁ ଚାଞ୍ଚଡାପଡିଆ ସାହି ଠାରେ ଥିବା ଜଣେ ଅବସରପ୍ରାପ୍ତ ସହକାରୀ ଜେଲରଙ୍କ ନିର୍ମାଣଧୀନ ଘରୁ ଚୋରି ହୋଇଛି । କୌଣସି ଦୁର୍ବୃତ୍ତ ସେହି ଘରୁ ପାଣି ମୋଟର, ଉହାକଟା ମେସିନ ଓ ପାଇପ ସାମଗ୍ରୀ ଚୋରି କରି ନେଇଯାଇଛି । ଏ ନେଇ ଗୋସାଇଁନୂଆଗାଁ ଥାନାରେ ଏକ ମାମଲା(ନଂ-୧୩/୨୫) ରୁଜୁ ହୋଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନାପ୍ରକାରେ, ବିଜିପୁର କାଲୁଆ ସାହିର ଅବସରପ୍ରାପ୍ତ ସରକାରୀ ଜେଲର ଚିତରଞ୍ଜନ ନାୟକ ଚାଞ୍ଚଡାପଡିଆ ସାହରେ ଏକ ବାସଗୃହ ନିର୍ମାଣ କରୁଛନ୍ତି । ୨ ଦିନ ତଳେ ସେହି ଘରେ ମିସ୍ତ୍ରୀମାନେ କାମ ସାରିବା ପରେ ତାଲା ପକାଇ ଫେରିଥିଲେ । ହେଲେ ତା’ ପରଦିନ ଗଲାବେଳେ ତାଲା ଭଙ୍ଗା ଯାଇଥିବା ସେମାନେ ଦେଖି ଚିତରଞ୍ଜନଙ୍କୁ ଖବର ଦେଇଥିଲେ ।

# ଅରଖ : ଆତ୍ମନିର୍ଭର ଭାରତର ସୂତ୍ର

**ଶ୍ରୀ ଗିରିରାଜ ସିଂହ**
**କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ, ଭାରତ ସରକାର**

‘‘ ଅନେକ ସମୟରେ, ଗୋଟିଏ ନୂଆ ପ୍ରଯୁକ୍ତି, ଏକ ଦୀର୍ଘକାଳୀନ ସମସ୍ୟା ଏବଂ ଗୋଟିଏ ଦୃଢ଼ ଚିନ୍ତାଧାରା ନବସୃଜନକୁ ଜନ୍ମଦେବା ସକାଶେ ସମ୍ମିଳିତ ହୋଇଥାଆନ୍ତି।’’- ଦାଁ କାମିନ୍

ଏହି ଗଭୀର ଆପ୍ତବାକ୍ୟଟି କୌଣସି ସମସ୍ୟାର ସମାଧାନର ଗୂଢ଼ ସୂତ୍ରକୁ ହିଁ ସୂଚାଇଥାଏ: ଯେତେବେଳେ କୌଣସି ଚାଲେ୍ଞ୍ଜର ଗୋଟିଏ ନୂଆ ଚିନ୍ତାଧାର ସହିତ ସଂଘାତ ଘଟିଥାଏ, ଏବଂ ପ୍ରଯୁକ୍ତି ସେହି ନୂତନ ସମାଧାନ ଉପାୟ ସକାଶେ ଏକ ସେତୁ ସଦୃଶ କାର୍ଯ୍ୟ କରିଥାଏ। ବୟନଶିଳ୍ପ ଭଳି ଶିଳ୍ପ କ୍ଷେତ୍ରରେ ପାରମ୍ପରିକ ପଦ୍ଧତିରେ ଏବେ ବ୍ୟାପକ ପରବର୍ତ୍ତନ ଘଟିବାରେ ଲାଗିଛି ଏବଂ ଏହା ପୋଷଣୀୟତାକୁ ଆଗକୁ ଆଗେଇ ନେବା ସହିତ ନୂଆ ନୂଆ ସୁଯୋଗମାନ ସୃଷ୍ଟି କରିବାରେ ଲାଗିଛି। ଦିନକୁ ଦିନ ବୃଦ୍ଧି ପାଉଥିବା ପରିବେଶ ସଚେତନତା ଏବଂ ସରକାର ଏ ଦିଗରେ ଗ୍ରହଣ କରୁଥିବା ସହାୟକ ନୀତି ଉତ୍ତମ ଗୁଣାତ୍ମକ ମାନଯୁକ୍ତ ତୁଳାର ଉପଯୋଗକୁ ସାମଗ୍ରିକ ଉପକରଣ ଦୃଷ୍ଟିରୁ ଅଧିକ ସୁଦୃଢ଼ କରୁଛି ଏବଂ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ବର୍ଦ୍ଧିତ ଚାହିଦା ପୂରଣ ଦିଗରେ ମଧ୍ୟ ସକ୍ଷମ ହୋଇପାରିଛି। ଏହିଭଳି ତୁଳାର ଜୈବ-ଅବକ୍ଷୟତା ଏବଂ ବିପୁଳତା ବସ୍ତ୍ର ତୁଳାକୁ ଅଟୋମେଟିଭ୍ ଶିଳ୍ପ, ସଂଗଠନିକ କମ୍ପୋଜିଟସ୍, ପଲ୍ପିଂ ଏବଂ ବୟନଶିଳ୍ପ ଆଦି କ୍ଷେତ୍ରରେ ଉପଯୋଗ ପାଇଁ ଉପଯୁକ୍ତ ସାବ୍ୟସ୍ତ ହୋଇପାରିଛି ଯାହାକି ପରିବେଶ ଅନୁକୂଳ ନବସୃଜନ ଦିଗରେ ଏକ ପରିବର୍ତ୍ତନର ମାର୍ଗ ଭାବେ ପ୍ରମାଣିତ ହେବାରେ ଲାଗିଛି।

ଅରଖ ତୁଳା ଏକ ପ୍ରାକୃତିକ ବିସ୍ମୟକର ଉପାଦାନ ଯାହାକି ଭାରତର ବୟନଶିଳ୍ପ ଦୃଶ୍ୟପଟ୍ଟରେ ଆଗାମୀ ଦିନରେ ବୈପ୍ଳବିକ ପରିବର୍ତ୍ତନ ଘଟାଇବ ଏବଂ ତାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭର ଭାରତ ପରିକଳ୍ପନାକୁ ଉଲ୍ଲେଖନୀୟ ମାତ୍ରାରେ ସହାୟକ ହେବ। ଏହାର ଉତ୍ତମ ଗୁଣାତ୍ମକ ମାନ, ପୋଷଣୀୟ ଚାଷ ଏବଂ କୃଷକମାନଙ୍କ ଜୀବନଜୀବିକାକୁ ଉନ୍ନତ କରିବାରେ ଥିବା ବିପୁଳ ସାମର୍ଥ୍ୟ ଦିନକୁ ଦିନ ଲୋକପ୍ରିୟ ହେବାରେ ଲାଗିଛି। ତେଣୁ ଅରଖ ହେଉଛି ତୁଳା ପ୍ରତି ବର୍ଦ୍ଧିତ ଚାହିଦାର ପ୍ରକୃତ ଉତ୍ତର। ଏହା ଭାରତର ସାମାଜିକ- ଆର୍ଥିକ ତଥା ପାରିବେଶିକ ଲକ୍ଷ୍ୟ ହାସଲ ଦିଗରେ ମଧ୍ୟ ଏକ ଉତ୍ତମ ସାଧନ।

ଅରଖତୁଳା କୌଣସି ସାଧାରଣ ତୁଳା ନୁହେଁ। ଏହାର ମସୃଣ, ହାଲୁକା ଫିଲାମେଣ୍ଟ ଯାହାକି ଏକ ମଞ୍ଜି କୋଷା ଭିତରେ ସୁରକ୍ଷିତ ଭାବରେ ରହିଥାଏ। ଏହା ଯେତିକି ହାଲୁକା ତୁଳା ସେଥିରେ ସେହିଭଳି ଅବିଶ୍ୱସନୀୟ ଗୁଣ ମଧ୍ୟ ଭରି ରହିଛି। ତେଣୁ ଏହା ଆଗାମୀ ଦିନରେ ବସ୍ତ୍ର କ୍ଷେତ୍ରରେ ଏକ ପୋଷଣୀୟ ସାମଗ୍ରୀ ଭାବେ ବିବେଚିତ ହେବାକୁ ଯାଉଛି। ଏହାର ହାଲୁକା ଓ ଫମ୍ପା ଗଠନ ଯୋଗୁ ଏହା ଅତି ମାତ୍ରାରେ ନମନୀୟ ଏବଂ ଏହାର ଉଷ୍ମତା ରକ୍ଷା କରିବାର କ୍ଷମତା ମଧ୍ୟ ଯଥେଷ୍ଟ ମାତ୍ରାରେ ଅଧିକ। ୧୦୦ ପ୍ରତିଶତ ପଲିଷ୍ଟର ଅଣବୁଣା ତୁଳା ତୁଳନାରେ ଏହାର ତାପଜ କ୍ଷମତା ଦୁଇଗୁଣ ଅଧିକ। ଯେତେବେଳେ ଏହା ଅନ୍ୟ ତୁଳା, ଯଥା, ପଲିଷ୍ଟର, ପଶମ, ଭିସ୍‌କୋସ୍ କିମ୍ବା ସାଧାରଣ କପା ତୁଳା ସହିତ ମିଶ୍ରଣ ଘଟାଯାଇଥାଏ ସେତେବେଳେ ଅରଖତୁଳା ସେହି ସୂତାର କୋମଳତା, ବାୟୁ ଚଳନୀୟ ମାତ୍ରା ଏବଂ ଉଷ୍ମତା ବୃଦ୍ଧି କରିଥାଏ ଯାହା ଫଳରେ ସେଥିରୁ ପ୍ରସ୍ତୁତ ଉତ୍ପାଦଟି କେବଳ ପିନ୍ଧିବାକୁ ଆନନ୍ଦଦାୟକ ମନେ ହୋଇନଥାଏ ଏହାର ଗୁଣାତ୍ମକ ମାନ ମଧ୍ୟ ସର୍ବାଧିକ (ପ୍ରିମିୟମ୍) ହୋଇଥାଏ।

ଏହାର ପ୍ରଯୁକ୍ତି ଗୁଣମାନଙ୍କ ବ୍ୟତୀତ, ଅରଖ ଚାଷ ଦେଶର କୃଷକ ସମାଜଙ୍କ ପାଇଁ ମଧ୍ୟ ଏକ ପଟ୍ଟ ପରିବର୍ତ୍ତନକାରୀ ସୁଯୋଗ ଉପସ୍ଥାପନ କରେ। ଏହି ଚିରନ୍ତନ କୃଷି ନିମନ୍ତେ ସର୍ବନିମ୍ନ ସାଧନର ଆବଶ୍ୟକତା ପଡ଼ିଥାଏ ଯାହାକି ଯେକୌଣସି କିଷମର ମୃତ୍ତିକାରେ ଉପୁଜା ଯାଇପାରିବ ଏବଂ ଜଳବାୟୁ ପରିବର୍ତ୍ତନ ସହିତ ନିଜକୁ ଖାପ ଖୁଆଇବାରେ ଏହା ଧୂରନ୍ଧର । ଥରେ ଚାଷ କରାଗଲେ ଏହା ପ୍ରାୟ ୧୦ ବର୍ଷ ପର୍ଯ୍ୟନ୍ତ ଫସଲ ପ୍ରଦାନ କରିଥାଏ ଏବଂ ପ୍ରତିବର୍ଷ ଏହାର ଉତ୍ପାଦନ ବୃଦ୍ଧି ପାଇ ଚାଲିଥାଏ। ଏକର ପିଛା ଅରଖ ଚାଷରୁ କୃଷକମାନଙ୍କୁ ହାରାହାରି ୧.୫ରୁ ୨ ଲକ୍ଷ ପର୍ଯ୍ୟନ୍ତ ଟଙ୍କାର ମୁନାଫା ମିଳିଥାଏ ଯାହାକି ପାରମ୍ପରିକ କପା ଚାଷ ତୁଳନାରେ ଲାଭ ପରିମାଣ ଢ଼େର୍ ବେଶୀ ବୋଲି କୁହାଯାଇପାରେ। ଏହା କେବଳ ଆର୍ଥିକ ସ୍ଥିରତା ସୁନିଶ୍ଚିତ କରିବାରେ ସହାୟକ ହୋଇ ନଥାଏ ଅପର ପକ୍ଷେ ଏହା ସମ୍ପଦ ସୃଷ୍ଟିକାରୁ ଅନ୍ୟାନ୍ୟ କୃଷି ଉପରେ ନିର୍ଭରଶୀଳତାକୁ ହ୍ରାସ କରିଥାଏ ଏବଂ ନିଜେ ଏକ ପୋଷଣୀୟ କୃଷି ତଥା ମୁନାଫା ପ୍ରଦାନକାରୀ ଚାଷ ଭାବରେ ପରିଚିତ ହେବାରେ ଲାଗିଛି।

ଅଣ-ବୁଣା ତୁଳା ଯେଉଁଥିରେ ରହିଛି (୩୦% ଅରଖ ତୁଳା)

ଭାରତରେ ଗୃହପାଳିତ ମେଣ୍ଢାଙ୍କ ସଂଖ୍ୟା ପ୍ରାୟ ୭.୪ କୋଟି ଯେଉଁମାନଙ୍କ ଠାରୁ ବର୍ଷକୁ ୩.୬୯ କୋଟି କିଲୋଗ୍ରାମ କାର୍ପେଟ୍ ଗ୍ରେଡ୍‌ର ପଶମ ଉତ୍ପାଦିତ ହୋଇଥାଏ। କିନ୍ତୁ ୨୦୨୩- ୨୪ ଆର୍ଥିକ ବର୍ଷରେ ଭାରତ ବିଦେଶରୁ ପ୍ରାୟ ୧,୮୦୦ କୋଟି ଟଙ୍କାର ଉତ୍ତମ ଗ୍ରେଡ୍‌ର ପଶମ ଆମଦାନୀ କରିଥିଲା। ସେହିସବୁ ପଶମ ଯଥା ମେରିନୋ ବିଶେଷକରି ପୋଷାକ ପ୍ରସ୍ତୁତ ନିମନ୍ତେ ବ୍ୟବହାର କରାଯାଇଥାଏ। ଘରୋଇ ଭାବରେ ଉତ୍ପାଦିତ ପଶମ ପ୍ରାୟତଃ ଉତ୍ତମ କିସମର ନୁହେଁ, ଯାହାକି ପରିଧାନ କଲେ ଦେହକୁ ସେତେ ଆରାମ ଲାଗି ନଥାଏ ଏବଂ ସେସବୁ ତ୍ୱଚା ଅନୁକୂଳ ନୁହେଁ। ତେବେ ପଶମିନା ପଶମ ଅତି ଉଚ୍ଚମାନର ଏବଂ ଏହାର ମାଇକ୍ରନ୍ ମାନ୍ୟତା ମଧ୍ୟ ୨୦ ତଳେ ରହିଥାଏ। ଏହି ଉଚ୍ଚ ଗୁଣାତ୍ମକ ମାନଯୁକ୍ତ ପଶମର ଉତ୍ପାଦନ କିନ୍ତୁ ସୀମିତ। ସରକାରଙ୍କ ପ୍ରୟାସ ଯଥା ପଶମିନା ପଶମ ବିକାଶ ଯୋଜନା ଏବଂ ସମନ୍ୱିତ ପଶମ ବିକାଶ କାର୍ଯ୍ୟକ୍ରମ ମାଧ୍ୟମର ଲଦାଖ, ଜାମ୍ମୁ ଓ କାଶ୍ମୀର ଏବଂ ରାଜସ୍ଥାନ ଭଳି କ୍ଷେତ୍ରରେ ମେଷ ପାଳନ, ପଶମିନା ଉତ୍ପାଦନ ଏବଂ ଏ ସଂକ୍ରାନ୍ତ ଭିତ୍ତିଭୂମିକୁ ସୁଦୃଢ଼ କରିଛି। ଏହି କ୍ଷେତ୍ର ପ୍ରାୟ ୩୫ ଲକ୍ଷ ଲୋକଙ୍କ ଜୀବନ ଜୀବିକାକୁ ସମର୍ଥନ ଯୋଗାଇ ଆସୁଛି ଏବଂ ଭାରତର ପଶମ କାର୍ପେଟ, ଫେବ୍ରିକ୍ ଏବଂ ପୋଷାକ ପତ୍ର ରପ୍ତାନୀକୁ ସୁଦୃଢ଼ କରିଛି।

ଅରଖରୁ ପ୍ରସ୍ତୁତ ପଶମ ମିଶ୍ରଣ (ବ୍ଲେଣ୍ଡ) ଏକ ପୋଷଣୀୟ ସମାଧାନ ଭାବରେ ମୁଣ୍ଡ ଟେକିବା ସହିତ ଆମଦାନୀ ନିର୍ଭରଶୀଳତାକୁ ହ୍ରାସ କରିଛି ଏବଂ ଏହା ସହିତ ଗୁଣାତ୍ମକ ମାନଯୁକ୍ତ ତୁଳା ଉତ୍ପାଦନ ବୃଦ୍ଧି କରିଛି। ନିକଟରେ ଉନ୍ନତ ଭାରତ ବୟନ ଗବେଷଣା ସଂଘ (ଏନ.ଆଇ.ଟି.ଆର.ଏ.) ଶିଳ୍ପ ସହଭାଗୀତାରେ ଯେଉଁ ଶିଳ୍ପ ସମ୍ଭାବ୍ୟତାକୁ ପ୍ରଦର୍ଶିତ କରିପାରିଛି ଯେଉଁଥିରେ ପଶମ- ଅରଖ ମଧ୍ୟରେ ୮୦: ୨୦ ନବସୃଜନ ସଫଳତା ହାସଲ କରିଛି। ଥର୍ମାଲ ଇନସୁଲେସନ୍, ହାଲୁକା ସାମଗ୍ରୀ ଓ କୋମଳତାରେ ଏହା ୧୦୦ ପଶମକୁ ମଧ୍ୟ ଟପିସାରିଛି ଏବଂ ଉଚ୍ଚ ଦାମ୍ ଓ କାର୍ଯ୍ୟାତ୍ମକ ବୟନଶିଳ୍ପକୁ ସଭିଏଁ ପ୍ରଥମ ରଚି ଭାବେ ପସନ୍ଦ କରୁଛନ୍ତି।

ଅରଖରୁ ପ୍ରସ୍ତୁତ ତୁଳାର ବିବିଧତାର ଭିନ୍ନ ଭିନ୍ନ ଉପଯୋଗ ରହିଛି। ପୋଷାକପତ୍ର ଠାରୁ ଆରମ୍ଭ କରି ଘର କରଣା ଓ ସ୍ୱାସ୍ଥ୍ୟରକ୍ଷା ଉତ୍ପାଦ ପର୍ଯ୍ୟନ୍ତ ଏହାର ସାମର୍ଥ ପାରମ୍ପରିକ ତୁଳାକୁ ବଦଳାଇ ନାନା ପ୍ରକାର ଉତ୍ପାଦ ପ୍ରସ୍ତୁତ କରିପାରିବ। ମୋର ଲଦାଖ ଗସ୍ତ ବେଳେ, ଅରଖ ତନ୍ତୁରୁ ପ୍ରସ୍ତୁତ ବିଭିନ୍ନ ଗୁଣାତ୍ମକ ଉତ୍ପାଦ ପ୍ରସ୍ତୁତିର ବାସ୍ତବ ଅନୁଭୂତି ଲାଭ କରିବାର ସୁଯୋଗ ପାଇଥିଲି। ମୁଁ ଗୋଟିଏ ତକିଆକୁ ପରୀକ୍ଷା କରି ଦେଖିଥିଲି ଯାହା ଅରଖ ତନ୍ତୁଯୁକ୍ତ ତୁଳାରେ ପ୍ରସ୍ତୁତ ଏବଂ ମୁଁ ଦେଖି ଆଶ୍ଚର୍ଯ୍ୟ ହେଲି ଯେ ତାହା ଯେତିକି ଉଷୁମ ସେତିକି ଆରାମଦାୟକ - ଏପରିକି ତାହା ବ୍ୟବହାର କରିବା ପରେ ମୋତେ ଆଉ କୌଣସି ଉତ୍ତାପକ ଉପକରଣ ବ୍ୟବହାର କରିବାକୁ ପଡ଼ି ନଥିଲା। ଏହା ସହିତ ’ନିଟ୍ରା’ ତନ୍ତୁରୁ ପ୍ରସ୍ତୁତ ଗୋଟିଏ ଟୋପି ଓ ଜ୍ୟାକେଟ୍‌କୁ ପରଖି ଦେଖିଥିଲି ଯାହାକି ସେହି ଗସ୍ତ ସମୟରେ ମୋତେ ଆବଶ୍ୟକ ଉଷ୍ମତା ଓ ଆରାମ ପ୍ରଦାନ କରିଥିଲା। ଚଳିତ ବର୍ଷ ଶୀତଋତୁରେ ସୁଦ୍ଧା ମୁଁ ବ୍ୟକ୍ତିଗତ ଭାବରେ ଅରଖ ତୁଳାରୁ ପ୍ରସ୍ତୁତ ଉତ୍ପାଦ ବ୍ୟବହାର କରୁଛି। ଏହାର କାରଣ ହେଲା ମୁଁ ଜାଣିବାକୁ ଚାହେଁ ଏହା କେତେ ଦୀର୍ଘସ୍ଥାୟୀ ଏବଂ ଉପଯୋଗକ୍ଷମ। ମୋର ଅଭିଜ୍ଞତା ଆଧାରରେ, ମୋର ଦୃଢ଼ ବିଶ୍ୱାସ ଯେ ଅରଖ ଫୁଲର ତୁଳା ଏକ ଉତ୍ସାହଜନକ ବିକଳ୍ପ ଭାବେ ମୁଣ୍ଡ ଟେକିଛି ଯାହାକି କର୍ମନିଯୁକ୍ତି ସୃଷ୍ଟି ଏବଂ ଦେଶର ବିକାଶ ଦିଗରେ ମହତ୍ୱପୂର୍ଣ୍ଣ ଅବଦାନ ହୋଇପାରିବ।

ଅରଖ ତନ୍ତୁରୁ ପ୍ରସ୍ତୁତ ଜାକେଟ୍

ଅରଖ ତନ୍ତୁରୁ ପ୍ରସ୍ତୁତ ହାଇକିଂ କ୍ୟାପ୍

ଏହି ଉପକ୍ରମର ମୂଳରେ ରହିଛି ଆତ୍ମନିର୍ଭର ଭାରତ ପ୍ରତି ଥିବା ପ୍ରତିବଦ୍ଧତା- ଅର୍ଥାତ୍, ଏକ ଆତ୍ମ-ନିର୍ଭରଶୀଳ ଭାରତ ନିର୍ମାଣ ଯାହାକି ଘରୋଇ ସମ୍ପଦ ଏବଂ ନବସୃଜନ ପ୍ରଯୁକ୍ତି ମାଧ୍ୟମରେ ହାସଲ କରାଯାଇପାରିବ। ଅରଖ ତନ୍ତୁକୁ ବୟନ ମୂଲ୍ୟ ଶୃଙ୍ଖଳ ସହି ସମନ୍ୱିତ କରାଇ, ଭାରତ ବାହାରୁ ଆମଦାନୀ କରୁଥିବା ଗୁଣାତ୍ମକ ତୁଳା ଉପରେ ନିର୍ଭରଶୀଳତା ହ୍ରାସ କରିବ ଏବଂ ପୋଷଣୀୟ ବୟନ କ୍ଷେତ୍ରରେ ଏକ ବିଶ୍ୱ ନେତୃତ୍ୱ ଭାବେ ଉପସ୍ଥାପନ କରିପାରିବ। ଏହା ଆମକୁ ଏନ.ବି.ଏସ. (ପ୍ରକୃତି- ଆଧାରିତ ସମାଧାନ) ସାଧନକୁ ପ୍ରୋତ୍ସାହନ ଓ ସମନ୍ୱୟ ରକ୍ଷାକୁ ପ୍ରଯୁକ୍ତିଯୁକ୍ତ ବୟନରେ ପରିଣତ କରିପାରିବ। ଏହା ଆର୍ଥିକ ବିକାଶ ଏବଂ ସାମାଜିକ ସଶକ୍ତୀକରଣ କ୍ଷେତ୍ରରେ ଏକ ଅଭାବନୀୟ ତରଙ୍ଗ ସୃଷ୍ଟି କରିବ।

ଅରଖ ତୁଳାର ମଧ୍ୟ ପାରିବେଶିକ ସୁଫଳ ବିଶେଷ ଉଲ୍ଲେଖନୀୟ। ଏହା ଚାଷ କରିବା ପାଇଁ କପାଚାଷ ଠାରୁ କମ୍ ଜଳ, ସାର ଏବଂ କୀଟନାଶକ ଆବଶ୍ୟକ ଯାହାକି ପରିବେଶ ଉପରେ କମ୍ ପ୍ରତିକୂଳ ଚାପ ପକାଇବ। ପାରମ୍ପରିକ କୃଷି ସହିତ ଏଭଳି ଚାପ ଜଡ଼ିତ। ଏହାତିରିକ୍ତ , ଏକ ବୃକ୍ଷ-ଆଧାରିତ, ଜୈବ-ଅବକ୍ଷୟଧର୍ମୀ ତୁଳା ଭାବରେ, ଅରଖ ଗଛ ବୈଶ୍ୱିକ ପୋଷଣୀୟତା ଏବଂ ସର୍କୁଲାରିଟି ଦିଗରେ ନିରନ୍ତର ଭାବରେ ଆଗକୁ ଅଗ୍ରସର ହେବାରେ ଲାଗିଛି। ଅରଖ ତୁଳା ସିନ୍ଥେଟିକ୍ ତନ୍ତୁ, ତୁଳାର ସମ୍ଭାବ୍ୟ ବିକଳ୍ପ ଭାବରେ ଉଭା ହୋଇଛି ଏବଂ ଭାରତ ଜୀବାଶ୍ମ- ଆଧାରିତ ସାମଗ୍ରୀ ନିର୍ଭରଶୀଳତା ହ୍ରାସ ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସାବ୍ୟସ୍ତ ହେବାକୁ ଯାଉଛି। ଏଥି ସହିତ ବୟନ ଶିଳ୍ପ କ୍ଷେତ୍ରରେ ପରିବେଶ ଅନୁକୂଳ କାର୍ଯ୍ୟାଭ୍ୟାସକୁ ମଧ୍ୟ ପ୍ରୋତ୍ସାହିତ କରୁଛି।

ଏହି କ୍ଷେତ୍ରରେ ଆମର ଉଦ୍ୟମ ହେଉଛି ନୂତନ ଯୁଗର ତନ୍ତୁ ଯଥା ଝୋଟ- ବାଉଁଶ, ଶିଶାଲ, ଫ୍ଲାକ୍ସ ଏବଂ ରାମି ଏବେ ବୟନ ଶିଳ୍ପ କ୍ଷେତ୍ରରେ ବିପ୍ଳବ ଆଣିଛି ଏବଂ ଏହି କ୍ଷେତ୍ରକୁ ଏକ ପୋଷଣୀୟ ତଥା ପରିବେଶ ଅନୁକୂଳ ବିକଳ୍ପ ପ୍ରଦାନ କରିଛି। ଭାରତ, ତା’ର ବିଶାଳ ଜୈବ ବିବିଧତାର ସହିତ, ଏହି ପରିବର୍ତ୍ତନ ଧାରାରେ ଏକ ବିଶେଷ ସ୍ଥାନରେ ରହିଛି। ଶିଶାଲ ତନ୍ତୁ ଜେରୋଫାଇଟ୍ ସହନଶୀଳତା ଯୋଗୁ ମରୁଡ଼ି ପ୍ରବଣ ଅଞ୍ଚଳରେ ଅଧିକ ମାତ୍ରାରେ ଚାଷ କରାଯାଉଛି ଏବଂ ଏଥିରୁ ଦୀର୍ଘସ୍ଥାୟୀ ତନ୍ତୁଯୁକ୍ତ ସୂତା ପ୍ରସ୍ତୁତ କରାଯାଇପାରୁଛି ଏବଂ ତାହା ବୟନଶିଳ୍ପ, ଦଉଡ଼ି ବୁଣା ଏବଂ ଅନ୍ୟାନ୍ୟ ମିଶ୍ରିତ ସାମଗ୍ରୀ ପ୍ରସ୍ତୁତିରେ ବ୍ୟବହାର କରାଯାଉଛି। ସେହିଭଳି ରେମି ମଧ୍ୟ ଏହାର ଉଚ୍ଚ ଗୁଣାତ୍ମକ ମାନଯୁକ୍ତ ଉତ୍ପାଦନ ଏବଂ ବିବିଧତା ନିମନ୍ତେ ସୁପ୍ରସିଦ୍ଧ। ଏହା ଯେତିକି ପରିବେଶ ଅନୁକୂଳଯୁକ୍ତ ସେତିକି ମାତ୍ରାରେ ମଜଭୁତ ଯାହାକି ପୋଷାକପତ୍ର ପ୍ରସ୍ତୁତିରେ ଉପଯୋଗ କରାଯାଇପାରିବ। ଅନୁରୂପ ଭାବରେ, ସବୁଠାରୁ ଉନ୍ନତ ମାନଯୁକ୍ତ ଫ୍ଲାକ୍ସକୁ ଲାଇନନ୍ ସୂତା ଯଥା ଡାମାସ୍କ, ଲେସ୍ ଏବଂ ସିଟ୍ ଆଦି ପ୍ରସ୍ତୁତ କରିବାରେ ଉପଯୋଗ କରାଯାଉଛି। ସମ୍ପ୍ରତି, ୧୦୦ ପ୍ରତିଶତ ଲାଇନନ୍ ସୂତା ନିମନ୍ତେ ଫ୍ଲାକ୍ସ ଯେତିକି ଆବଶ୍ୟକ ହେଉଛି ଫ୍ଲାକ୍ସ ସୂତା ପାଇଁ ବଜାରରେ ଚାହିଦା ମଧ୍ୟ ସେତିକି ମାତ୍ରାରେ ରହିଛି। ତେଣୁ ଏହି ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ ବୟନ ଶିଳ୍ପ କ୍ଷେତ୍ରରେ ସୁଯୋଗର ନୂଆ ନୂଆ ଦ୍ୱାରମାନ ଉନ୍ମୋଚନ କରିବା ସୁନିଶ୍ଚିତ। ମୋଟା କିସମର ତନ୍ତୁକୁ ସରୁ ରସି ଏବଂ ମୋଟା ଦଉଡ଼ା ପ୍ରସ୍ତୁତିରେ ମଧ୍ୟ ଉପଯୋଗ କରାଯାଇପାରିବ।

ଅଧିକନ୍ତୁ, ଝୋଟ- ବାଉଁଶ ତନ୍ତୁ ଉଲ୍ଲେଖନୀୟ ନବସୃଜନର ପ୍ରତୀକ ଭାବରେ ଉଭା ହୋଇଛି ଯାହାକି ବୟନ ଶିଳ୍ପ ପାଇଁ ନୂତନ ସମ୍ଭାବନାମାନ ଉତ୍ପନ୍ନ କରିଛି। ଏହା ସିନ୍ଥେଟିକ୍ ଫାଇବରର ପୋଷଣୀୟ ବିକଳ୍ପ ଭାବରେ ମୁଣ୍ଡ ଟେକିଛି ଏବଂ ଲାଇନନ ସୂତାର ଏହା ଏକ ଅଭିନବ ବିକଳ୍ପ। ପ୍ରାକୃତିକ ତନ୍ତୁ ଯାହାକି ବାଉଁଶ ଆଦିରୁ ପ୍ରସ୍ତୁତ କରାଯାଇଥାଏ ତାହା ଦେଶର ୧.୩୯ କୋଟି ହେକ୍ଟର କ୍ଷେତ୍ରରେ ଚାଷ କରାଯାଉଛି ଏବଂ ସେଥିରୁ ବାର୍ଷିକ ୧.୪ କୋଟି ଟନ୍‌ର ତନ୍ତୁ ପ୍ରସ୍ତୁତ କରାଯାଉଛି। ଏହା ଭାରତର ପୋଷଣୀୟ ତନ୍ତୁ ଉତ୍ପାଦନର ସାମର୍ଥ୍ୟକୁ ପ୍ରତିପାଦିତ କରେ। ଏହିସବୁ ତନ୍ତୁ ବୟନ ଶିଳ୍ପ କ୍ଷେତ୍ର ଯାହାକି ପୋଷାକପତ୍ର ପ୍ରସ୍ତୁତ ଠାରୁ ବୈଷୟିକ ବୟନ ସାମଗ୍ରୀ, ରସି, କମ୍ପୋଜିଟ୍ ଏବଂ ଅନ୍ୟାନ୍ୟ ଘରସଜା ସାମଗ୍ରୀ ପର୍ଯ୍ୟନ୍ତ ବ୍ୟାପ୍ତ, ସେସବୁ ପ୍ରସ୍ତୁତ କରାଯାଉଛି। ଏହି ତନ୍ତୁ ପାଇଁ କେବଳ ସର୍ବନିମ୍ନ ପୁଞ୍ଜି ଆବଶ୍ୟକ କରେନାହିଁ, ଅପରନ୍ତୁ ସବୁ ପ୍ରକାର ଜଳବାୟୁକୁ ତାହା ଗ୍ରହଣ କରିପାରେ ଏବଂ ଗ୍ରାମାଞ୍ଚଳର ଜନସାଧାରଣଙ୍କ ଜୀବନ ଜୀବିକାକୁ ମଧ୍ୟ ସହାୟକ ହୋଇପାରେ। ଏହା ଫଳରେ କୃଷକମାନଙ୍କ ଉପାର୍ଜନ ବୃଦ୍ଧି ପାଇଥାଏ ଏବଂ ଏଥିସହିତ ପୋଷଣୀୟତା ଓ ସର୍କୁଲାରିଟି ବଢ଼ିଥାଏ।

ଅରଖର ଏହି ଯାତ୍ରା ଯାହା ସାମାନ୍ୟ ଏକ ଗୁଳ୍ମରୁ ଆରମ୍ଭ ହୋଇଥିଲା ଏବେ ତାହାର ଜାତୀୟ ଗୁରୁତ୍ୱ ଅନୁଭୂତ ହୋଇଛି ଏବଂ ଏହା ଭାରତର ସୃଜନଶୀଳତା ଓ ବିବିଧତାର ପ୍ରମାଣ। ଗବେଷକମାନଙ୍କର ନିରବଚ୍ଛିନ୍ନ ପ୍ରୟାସ ଫଳରେ, କୃଷକ ଓ ଶିଳ୍ପ ହିତଧାରକମାନଙ୍କ ଶ୍ରମ ଯୋଗୁ, ଏହି ତନ୍ତୁ ଏବେ ଭାରତର ବୟନଶିଳ୍ପର ସ୍ୱରୂପର ପୁନଃ ସଂଜ୍ଞା ନିରୂପଣ କରିଛି। ଏହା ପରମ୍ପରା ସହିତ ନବସୃଜନର ସମନ୍ୱୟର ସଂକେତ, ଯେଉଁଠାରେ ପୋଷଣୀୟ ଅଭ୍ୟାସ ଅତ୍ୟାଧୁନିକ ପ୍ରଯୁକ୍ତିର ମିଶ୍ରଣ ଘଟାଇ ବିଭିନ୍ନ ପ୍ରକାର ଉତ୍ପାଦ ପ୍ରସ୍ତୁତ କରାଯାଇପାରୁଛି ଯାହା କେବଳ ବିଶ୍ୱ ଶ୍ରେଣୀୟ ନୁହେଁ ଭାରତର ଭାବନା ଓ କଳ୍ପନା ମଧ୍ୟ ଏଥିରେ ନିହିତ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନା ଆଧାରରେ, ’ନବସୃଜନ ସୂଚକାଂକରେ, ଆମେ ଆଗକୁ ଆଗେଇ ଚାଲିଛୁ। ତେଣୁ ଆମକୁ ଭାରତକୁ ନବସୃଜନର ଏକ ଆକର୍ଷଣୀୟ ଲକ୍ଷ୍ୟସ୍ଥଳରେ ପରିଣତ କରିବାକୁ ପଡ଼ିବ।’ ଭାରତ ସମ୍ପ୍ରତି ନବସୃଜନର ଏକ ବୈଶ୍ୱିକ ପେଣ୍ଠସ୍ଥଳୀରେ ପରିଣତ ହେବାକୁ ଯାଉଛି। ବୟନ ଶିଳ୍ପ ସମ୍ପ୍ରତି ଯେଉଁସବୁ ଚାଲେଞ୍ଜକୁ ଗ୍ରହଣ କରିଛି ଏବଂ ସେଥିରେ ବର୍ଦ୍ଧିତ ଜନସଂଖ୍ୟା ଓ ଜଳବାୟୁ ପରିବର୍ତ୍ତନ ଦୁଇଟି ବଡ଼ ଚାଲେଞ୍ଜ। ଏଥିରେ ଅରଖ ପୋଷଣୀୟତାର ନମୁନା ଭାବେ ଉଭା ହୋଇଛି। ଏଥିରେ ଆର୍ଥିକ ସାମର୍ଥ୍ୟ ସହିତ ପାରିବେଶିକ ଦାୟିତ୍ୱବୋଧ ନିହିତ। ଅରଖକୁ ଆପଣାଇ ଭାରତ ଏକ ସବୁଜ, ଅଧିକ ସମାବେଶୀ ଭବିଷ୍ୟତ ପାଇଁ ପଥ ପରିଷ୍କାର କରୁଛି। ଏହା ଏଭଳି ଏକ ଭାରତ ହେବ ଯେଉଁଠାରେ ଆତ୍ମନିର୍ଭର ଭାରତର ଆଦର୍ଶ ରାଷ୍ଟ୍ରର ପ୍ରଗତି ସହିତ ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ଜଡ଼ିତ ହୋଇ ରହିଛି। ଏହି କୃଷିର ସମ୍ପ୍ରସାରଣ ନିମନ୍ତେ ଆମର ପ୍ରୟାସ, ଏହାର ପ୍ରକ୍ରିୟାକରଣର ବିସ୍ତାରଣ, ଗବେଷଣା ଓ ବିକାଶର ତ୍ୱରାନ୍ୱିତକରଣ କରି ଭାରତ ବୟନ ଶିଳ୍ପ ବିପ୍ଳବରେ ନିରନ୍ତର ଭାବରେ ଏକ ପରମ୍ପରା ଓ ନୂତନ ଭାବନା ସୃଷ୍ଟି କରିଚାଲିଛି। ଏହା ପରିବେଶ ଦୃଷ୍ଟିରୁ ଏକ ବୈଶ୍ୱିକ ଆବଶ୍ୟକତା ଏବଂ ବଜାରର ଚାହିଦା।

### ତୁଳାର ପ୍ରାକୃତିକ ଗୁଣର ତୁଳନା

| ପରୀକ୍ଷା ମାନ | ଅରଖ | କପା | ପଲିଷ୍ଟର | ପଶମ |
|---|---|---|---|---|
| ତାପଜ ସାମର୍ଥ୍ୟ | ୬.୨୮ | – | ୩.୩୫ | ୧.୧୭ |
| ଆର୍ଦ୍ରତା ଆହରଣ କ୍ଷମତା(%) | ୧୧ରୁ ୧୨ | ୬.୮ରୁ ୭.୫ | ୧.୪ରୁ ୧.୫ | – |
| ସାନ୍ଦ୍ରତା | ୦.୮୯ରୁ ୦.୯୦ | | ୦.୩ରୁ ୦.୪ | ୧.୨ରୁ ୧.୩ – |

## ଟା ଦୋକାନ ଉପରକୁ ଚଢିଗଲା କାର୍: ଜଣେ ମୃତ, ୫ଗୁରୁତର

# ମୃତକଙ୍କ ଅଙ୍ଗଦାନ କଲେ ପରିବାର

ମାହାଙ୍ଗା (ସବ୍ୟୁ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଦ୍ରେଶ୍ୱର ଥାନା ଅଧିନରେ ଥିବା ଉମର ପଞ୍ଚାୟତ ଓସ୍ତପୁର ଗ୍ରାମର ନାଳିପଡିଆ ବଜାରଠାରେ ରବିବାରି ସକାଳେ ଏକ ମର୍ମନ୍ତୁତ ଦୁର୍ଘଟଣାରେ ଜଣଙ୍କର ମୃତ ହେବା ସହ ୫ଜଣ ଗୁରୁତର ଆହତ ହୋଇଛନ୍ତି । ଦୁର୍ଘଟଣାଗ୍ରସ୍ତ କାର୍‌ଟି ଏକ ଚାହାଦୋକାନ ଉପରକୁ ମାଡିଯିବା ସହ ଚା' ଦୋକାନ ସମେତ ଅନ୍ୟ ଦୁଇଟି ଦୋକାନ ବ୍ୟାପକ କ୍ଷତି ଘଟିଥିବା ଜଣାପଡିଛି । ପ୍ରକାଶ ଯେ ଆଜି ସକାଳେ ପ୍ରାୟ ୮ ଟା ସମୟରେ ଏକ ହୁଣ୍ଡାଇ କ୍ରିଟା କାର୍ ରେଜିଷ୍ଟ୍ରେନ ନମ୍ବର ଓଡି ୦୨ବିଟି ୩୧୯୬ ଦ୍ରୁତ ଗତିରେ ଆସି ନାଳିପଡିଆ ବଜାରରେ ଥିବା ମହେନ୍ଦ୍ର ପାତ୍ରଙ୍କ ଚାହା ଦୋକାନ ଉପରକୁ ମାଡି ଯାଇଥିଲା । ଫଳରେ ଚାହା ଦୋକାନରେ ଚାହା ପିଉଥିବା ପରମାନନ୍ଦ ସାହୁ (୬୫) ଗ୍ରାମ ଓସ୍ତପୁର, ସେକ୍ ସବୀର ଖାଁ (ଗୋତରା), ଶୁକଦେବ ଦାସ , କାର୍ତ୍ତିକ ଚନ୍ଦ୍ର ସାମଲ ଓ ଚିତ୍ତରଂଜନ



ଲେଙ୍କା ସ୍ଥାନୀୟ ରାମକୃଷ୍ଣପୁର ଗ୍ରାମର ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ଡାକ୍ତରଖାନା ପଠାଯାଇଥିଲା ବେଳେ ପରମାନନ୍ଦ ସାହୁ ଓ ସେକ୍ ସବୀର ଖାଁ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ପଠାଯାଇଥିଲା । ପରମାନନ୍ଦ ସାହୁ ଏକ ଘରୋଇ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା । ପରେ ମୃତକ ପରମାନନ୍ଦଙ୍କ ପରିବାର ଲୋକ ତାଙ୍କର ଅଙ୍ଗ (ଚକ୍ଷୁ) ଦାନ କରିଥିବା ଜଣାପଡିଛି । ଏବଂ ଅନ୍ୟତମ ଗୁରୁତର ବ୍ୟକ୍ତି ସବୀର ଖାଁ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧିନ ଥିବା ଜଣାପଡିଛି । ଏଠାରେ ସୂଚନା ଥାଉ କି ଗ୍ରାମାଂଚଳରେ ବେପରୁଆ ଭାବରେ ଏକ ଜନ ଗହଳି ଛକ ନିକଟରେ କାର ଚଳାଇବା ଓ ଏହି ଦୁର୍ଘଟଣାରେ ଜଣେ ବ୍ୟକ୍ତି ମୃତ ଓ ଏକାଧିକ ବ୍ୟକ୍ତି ଆହତ ହେବା ଘଟଣା ସ୍ଥାନୀୟ ଅଂଚଳରେ ଆଲୋଡନ ସୃଷ୍ଟି କରିଛି । ଖବର ପାଇ ଭଦ୍ରେଶ୍ୱର ଥାନା ଆଇ ଆଇ ସି ସଂଧ୍ୟାରାଣୀ ସିଂ ଘଟଣାସ୍ଥଳରେ ପହଞ୍ଚି ଦୁର୍ଗଟଣାଗ୍ରସ୍ତ କାର୍‌ଟିକୁ ଜବତ କରିବା ସହିତ ଘଟଣାର ତଦନ୍ତ ଚାଲୁ ରଖିଥିଲା ବେଳେ ରିପୋର୍ଟ ଲେଖା ହେଲା ପର୍ଯ୍ୟନ୍ତ ଏଥିନେଇ ଭଦ୍ରେଶ୍ୱର ଥାନାରେ ମାମଲା ରୁଜୁ ହୋଇନଥିବା ଜଣାଯାଇଛି । ମୃତକ ପରମାନନ୍ଦ ସାହୁଙ୍କର ଶବ କଟକ ବଡ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ କରାଯାଇଛି । ସ୍ଥାନୀୟ ଅଂଚଳ ଓ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ବେପରୁଆ ଗାଡି ଚାଳକଙ୍କ



ଏକମାତ୍ର ପୁତ୍ର ସନ୍ତୋଷ ସାହୁ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ପରମାନନ୍ଦ ସାହୁଙ୍କ ଦେହାନ୍ତରେ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାଧାରଣରେ ଦାବି ହୋଇଛି ।

# ୧୪ରୁ ସାଆଁଳା ଶୁଣି ମେଳା

କୋରେଇ /ପାଣିକୋଇଲି ,(ସବ୍ୟୁ) : ରବିବାର କୋରେଇ ବ୍ଲକ ଅନ୍ତର୍ଗତ ରଣପୁର ପଂଚାୟତ ସାଆଁଳା (କଂଟାବଣିଆ) ଠାରେ ପ୍ରସିଦ୍ଧ ମା ସାଆଁଳା ଶୁଣିଙ୍କ ବାର୍ଷିକ ମେଳା ଓ ମହୋତ୍ସବ ନିମନ୍ତେ ରବିବାର ମା'ଙ୍କ ମନ୍ଦିର ପ୍ରାଙ୍ଗଣରେ ଦେବେନ୍ଦ୍ର ଘଡେଇଙ୍କ ଅଦକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମୁଖ୍ୟ ଅତିଥି ଭାବେ ଆଡ଼ିସନାଲ ଏସପି ପୁଷ୍ପଲତା ବାରିକ ଯୋଗଦେଇଥିଲେ । ଚଳିତ ମେଳା ଓ ମହୋତ୍ସବକୁ ଶାନ୍ତି ଶୃଙ୍ଖଳାରେ ପାଳନ କରାଯିବ ଏବଂ ମେଳାରେ ଚୋରୀ, ରାହାଜାନୀ ଓ ଚୋରାମଦ କାରବାର ଉପରେ ଗୁରୁତ୍ୱ ଦେବା ପାଇଁ ମେଳାରେ ଅସ୍ଥାୟୀ ସିସିକ୍ୟାମେରା ଲଗାଇବା ଓ କମିଟିର କିଛି ସ୍ୱଚ୍ଛାସେବୀ ପୁଲିସ୍ ପ୍ରଶାସନକୁ ସହଯୋଗ କରିବାକୁ ଶ୍ରୀମତୀ ବାରିକ ମତବ୍ୟକ୍ତ କରିଥିଲେ । ୧୪ ତାରିଖ ଠାରୁ ଅନୁଷ୍ଠିତ ମେଳାରେ ୧୭ ତାରିଖରୁ ୧୯ ତାରିଖ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଭଜନ ସନ୍ଧ୍ୟା, ଓଡ଼ିଶି ନୃତ୍ୟ ଓ ଗୋଟିପୁଅ ନୃତ୍ୟ ପରିବେଶଣ କରାଯିବା ସହ ୨୦ ତାରିଖରେ ମଟ୍ଟୁ ଛୁରିଆ, ୨୧ ତାରିଖରେ ହ୍ୟୁମାନ ସାଗର ଓ ୨୨ ତାରଖରେ ଅସିମା ପଣ୍ଡାଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯିବା ସହ ୨୩ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପି ଶିବାନୀ ଗଣନାଟ୍ୟ ଅପେରା ପରିବେଶଣ କରାଯିବା ପାଇଁ ମେଳା କମିଟିର ସଭାପତି ରାଧେଶ୍ୟାମ କର ସୂଚନା ଦେଇଥିଲେ । ପ୍ରସ୍ତୁତି ବୈଠକରେ କୋରେଇ ଥାନା ପୁଲିସ୍ ପ୍ରଶାସନଙ୍କ ସମେତ ହରେକୃଷ୍ଣ ବାରିକ, ବେଣୁଧର ମହାପାତ୍ର, ଗୋବର୍ଦ୍ଧନ କର, ଅଲେଖ ମହାପାତ୍ର, ଖଗେଶ୍ୱର ମହାପାତ୍ର, ପ୍ରଫୁଲ୍ଲ ମହାପାତ୍ର, ଜଦୁମଣୀ ଜେନା, ଦିବାକର ମହାପତ୍ର, ମାନସ ମହାପାତ୍ର, ଦେବଦତ ଘଡ଼େଇ, ଜଟାଧାରି ମହାପାତ୍ର, ବୈରୀରଂଜନ ମହାପାତ୍ର,ଆଲୋକ ମହାପାତ୍ର, ସତ୍ୟ ପ୍ରକାଶ ଘଡ଼େଇ, କାଶିନାଥ ଘଡ଼େଇ, ସଂଜୟ ଶହା, ପ୍ରସନ ଶାହା, ରାଜେନ୍ଦ୍ର ଯେନା, ପଞ୍ଚାନନ ଜେନାଙ୍କ ସମେତ ବହୁ ଗ୍ରାମବାସୀ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ସାପକାମୁଡାରେ ବ୍ୟକ୍ତିଙ୍କ ମୃତ୍ୟୁ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ଥାନା ଅନ୍ତର୍ଗତ ଥାନୁଆଳ ଗ୍ରାମରେ ରବିବାର ଦିନ ସାପ କାମୁଡାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ଏହି ଗ୍ରାମର ସନାତ ସେଠୀ (୫୦) ବୋଲି ଜଣାପଡିଛି । ସେ ରବିବାର ପୂର୍ବାହ୍ନରେ ଶୋଚ ହେବା ଲାଗି ପାଖ ଜଙ୍ଗଲକୁ ଯାଇଥିବା ବେଳେ ସେଠାରେ ଅଚେତ ଅବସ୍ଥାରେ ପଡିଥିବା କେତେକ ବ୍ୟକ୍ତି ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ । ଖବର ପାଇ ପରିବାର ଲୋକେ ତାଙ୍କୁ ମୁମୁର୍ଷୁ ଅବସ୍ଥାରେ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଜଙ୍ଗଲରେ ସେ ଶୋଚ ପାଇଁ ଯାଇଥିବା ବେଳେ ଏକ ବିଷଧର ସର୍ପ ତାଙ୍କ ଜଙ୍ଘକୁ କାମୁଡି ଦେଇଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି । ଏନେଇ ପୁଲିସ ୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଶବକୁଜବତ କରିବ୍ୟବଚ୍ଛେଦ ଲାଗି ପଠାଇ ଘଟଣାର ତଦନ୍ତ କରୁଛି ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

## ଅହେମ୍ମଦ ବକ୍ସ ହାଇସ୍କୁଲ ୧୯୮୩ ସିନିୟର ବ୍ୟାଚ୍‌ର ବନ୍ଧୁ ମିଳନ

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ଅହେମ୍ମଦ ବକ୍ସ ହାଇସ୍କୁଲ ନିଶ୍ଚିନ୍ତକୋଇଲି ୧୯୮୩ ସିନିୟର ବ୍ୟାଚ୍ କମିଟିର ସହପାଠୀମାନେ ତୃତୀୟ ବାର୍ଷିକ ବନ୍ଧୁ ମିଳନ ଜଗତ୍‌ସିଂହପୁର ଜିଲ୍ଲା ଏରସମାର ସିଆଳୀ ସମୁଦ୍ରକୂଳଠାରେ ପାଳନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବ୍ୟାଚ୍ କମିଟିର ସଭାପତି ପ୍ରଦ୍ୟୁମ୍ନ କୁମାର ପଣ୍ଡା, ସଂପାଦକ ଅବଦୁଲ ରଜାକ୍ ଖାଁ, ଉପସଭାପତି ସୁଧାଂଶୁ ଶେଖର ସ୍ୱାଇଁଙ୍କ ସଂଯୋଜନାରେ ଉକ୍ତ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସୀତାଂଶୁ କୁମାର ଦାସ, ଦୀପକ ମହାନ୍ତି, ଜଗନ୍ନାଥ ପ୍ରସାଦ ଷଡଙ୍ଗୀ, ମହମ୍ମଦ ଆଦିଲ, ଅକ୍ଷୟ କୁମାର ବରାଳ, ଗୋବିନ୍ଦ ପ୍ରଧାନ, ନିରଞ୍ଜନ ପୃଷ୍ଟି, ରାଜେନ୍ଦ୍ର ପଣ୍ଡା, ଶୁଭେନ୍ଦୁ ମହାନ୍ତି, ସୁବାଷ ଚନ୍ଦ୍ର ରଥ ପ୍ରମୁଖ ଯୋଗଦେଇ ପରସ୍ପର ମଧ୍ୟରେ ଛାତ୍ର ଜୀବନର ସ୍ମୃତି ଅନୁଭୂତି ବିଷୟରେ ଭାବର ଆଦାନ ପ୍ରଦାନ କରିଥିଲେ । ଏହି ଅବସରରେ ସେଠାରେ ଏକ ଭୋଜିଭାତର ଆୟୋଜନ ହୋଇଥିଲା । ଶେଷରେ ଚଳିତ ବର୍ଷ ଯେଉଁ ବନ୍ଧୁମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପାରିନାହାଁନ୍ତି ସେମାନେ ଆସନ୍ତା ବର୍ଷ ଯୋଗଦେଇ ବନ୍ଧୁ ମିଳନ ଉତ୍ସବକୁ ପାଳନ କରିବା ପାଇଁ ଉପସ୍ଥିତ ଥିବା ବନ୍ଧୁମାନଙ୍କ ଭିତରେ ଆଲୋଚନା ହୋଇଥିଲା ।

## କୋଶଳ କ୍ରୀଡା ଉଦଯାପିତ

ରଘୁନାଥପୁର,(ସବ୍ୟୁ) : ରଘୁନାଥପୁର ନିକଟସ୍ଥ କୋଶଳ ଖେଳ ପଡ଼ିଆରେ ରବିବାର ଦିନ ଜଗତସିଂହପୁର ଓ କଟକ ଜିଲ୍ଲାର ସୁନାମଧନ୍ୟ ଚତୁର୍ଥ କୋଶଳ କ୍ରୀଡା ମହା ସମାରୋହରେ ଉଦଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୋଶଳ କ୍ରୀଡାର ପ୍ରତିଷ୍ଠାତା କ୍ୟାପଟେନ କମଳାକାନ୍ତ ଚୌଧୁରୀ , ସମ୍ମାନିତ ଅତିଥି ଭାବେ ଆନ୍ତର୍ଜାତିକ ମାରାଥନ ରନ ଡ଼ଃ ବିବେକ ତ୍ରିପାଠୀ, ଓଡ଼ିଶା ଫୁଟବଲ ଟିମ୍ କ୍ୟାପଟେନ ନରେନ୍ଦ୍ର ସାହୁ, ଜାତୀୟ ସ୍ତରର ହକି ଖେଳାଳୀ ରଂଜନ କୁମାର ଦାସ, ଡ଼ଃ ସୁରେନ୍ଦ୍ରନାଥ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଡେଜାଲିନ ମହାପାତ୍ର,ସୋମନାଥ ମହାରଣା, ସୁଧାଂଶୁ ଶେଖର ନାୟକ, ଦିଲ୍ଲିପ ନାୟକ, ଅଜୟ ସ୍ୱାଇଁ, ସଇଦ ଲିୟାକତ ଅଲ୍ଲୀ ଯୋଗ ଦେଇଥିଲେ। ଗତ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଏହି କ୍ରୀଡା ଉତ୍ସବରେ ବିଭିନ୍ନ ଜିଲ୍ଲାର ୪୮୦ଜଣ କ୍ରୀଡାବିତ ୨୦୦,୪୦୦,୧୦୦,୮୦୦,୧୫୦୦,୫୦୦୦ ଦୌଡ,ଲମ୍ବ ଡିଆଁ,ଉଚ୍ଚ ଡିଆଁ, ଜାଭଲିନ,ସଟପୁଟ,ଡିସକସ ଫିଙ୍ଗା,ଅଖା ଦୌଡ ଏବଂ ଶେଷରେ ରିଲେ ରେସରେ ଭାଗ ନେଇଥିଲେ। ପ୍ରତି ବିଭାଗ ପ୍ରତିଯୋଗିତାରେ,୧ମ,୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଏଥି ସହିତ ୬ଜଣ ଚମ୍ପିୟାନ ଓ ଉଭୟ ବାଳକ ବାଳିକା ବିଭାଗର ୫୦୦୦ ଦୌ'ରେ ପ୍ରଥମ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ରାଶି ଭାବେ ପ୍ରତ୍ୟେକଙ୍କୁ ୨୦୦୦ଟଙ୍କା ଅନୁଷ୍ଠାନର ସଭାପତି ପ୍ରଦାନ କରିଥିଲେ। ସ୍ତମ୍ଭକାର ପ୍ରଦିପ୍ତ କୁମାର ଆଚାର୍ଯ୍ୟ, ଖେଣ୍ଟାଳ ଶିଶୁ ମନ୍ଦିରର ଗୁରୁଜୀ ଏବଂ ସମ୍ବିତ ରାଉତରାୟ ଏହି କ୍ରୀଡା ଉତ୍ସବକୁ ପରିଚାଳନା କରିଥିଲେ।

## ପିତାମାତା ଓ ଶିକ୍ଷକ ସଂଘ ବୈଠକ

ଡେରାବିଶ, (ସବ୍ୟୁ) :ରବିବାର ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ନୂଆପଡ଼ା ସ୍ଥିତ ନୂଆପଡ଼ା ପ୍ରକଳ୍ପ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦିଲ୍ଲିପ କୁମାର ଦାଶଙ୍କ ସଭାପତିତ୍ୱରେ ପିତାମାତା ଶିକ୍ଷକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି।ଏଥିରେ ସ୍ଥାନୀୟ ସରପଞ୍ଚ ସୁରେନ୍ଦ୍ର ମଳିକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ବୈଠକରେ ଆପାର ଆଇଡ଼ି, ପରୀକ୍ଷାପେ ଚର୍ଚ୍ଚା ଏବଂ ଛାତ୍ରଛାତ୍ରୀଙ୍କର ପରୀକ୍ଷା ପ୍ରତି ଭୟ ଦୂର କରିବାରେ ଅଭିଭାବକମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା । ପରେ ବିଦ୍ୟାଳୟରେ ଅଧୟନ ରତ ୧୪୯ ଜଣ ଛାତ୍ରଛାତ୍ରୀମାନଙ୍କୁ ହାଉସ୍ ପୋଷାକ ବଂଟନ କରାଯାଇଥିଲା । ଏହି ବୈଠକରେ ୧୨୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପିତାମାତା ଯୋଗ ଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ମହେଶ୍ୱର ଷଣ୍ଢ, ଶାନ୍ତନୁ ସାହୁ, ବିଶ୍ୱମୋହନ ମିଶ୍ର, ବନଜା ସାହୁ, ସଂଘମିତ୍ରା ବେହେରାଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଯୋଗଦେଇଥିଲେ । ଶେଷରେ ଶିକ୍ଷୟିତ୍ରୀ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।। ସେହିପରି ବିଶୋକ ପ୍ରକଳ୍ପ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଲଲାଟ କେଶରୀ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପିତାମାତା ଓ ଶିକ୍ଷକ ସଂଘର ଚତୁର୍ଥ ମାସିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଓ ସମସ୍ତ ଛାତ୍ରଛାତ୍ରୀଙ୍କ ପିତାମାତା ଉପସ୍ଥିତ ରହିଥିଲେ । ବିଦ୍ୟାଳୟକୁ ନଆସି ବାହାରେ ରହୁଥିବା ପିଲାମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରି ଡ୍ରପଆଉଟ ହାର ହ୍ରାସ କରିବା, ବିଦ୍ୟାଳୟ ବିକାଶ ଯୋଜନା ସମ୍ପର୍କରେ ଆଲୋଚନା କରାଯିବା ସହିତ ବିଦ୍ୟାଳୟରେ ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଅଭିଭାବକମାନଙ୍କ ଠାରୁ ଗଠନମୂଳକ ପ୍ରସ୍ତାବ ଗ୍ରହଣ କରିବା ପରେ ବୈଠକ ସାଙ୍ଗ କରାଯାଇଥିଲା । ଶେଷରେ ସହକାରୀ ଶିକ୍ଷୟିତ୍ରୀ ରଞ୍ଜିତା ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚତୁର୍ଥ ଦିନରେ ଟ୍ରକ ମାଲିକ ସଂଘର ଧାରଣା

# ସମର୍ଥନ ଦେଲେ ୪ ବିଧାୟକ, ଆନ୍ଦୋଳନ ଜୋରଦାର




ବ୍ୟାସନଗର ,(ଜିପ୍ର): କାଳିଆପାଣି ଖଣି ଅଂଚଳରୁ କ୍ରୋମ ବୋଝେଇ କ୍ଷେତ୍ରରେ ଚାଲିଥିବା ସ୍ପେଶାଲ ବୋଝେଇ ପ୍ରତିବାଦ୍‌ରେ ୩ଟି ଟ୍ରକ ମାଲିକ ସଂଘ ପକ୍ଷରୁ ଚାଲିଥିବା ଧାରଣା ରବିବାର ଦିନ ଚତୁର୍ଥ ଦିନରେ ପହଁଚିଛି । ଆଉ ଧାରଣାକୁ ୪ ଜଣ ବିଧାୟକ ସମର୍ଥନ ଦେବା ପୂର୍ବକ ଧାରଣାରେ ସାମିଲ ହୋଇଛନ୍ତି । ଯାଜପୁର ରୋଡ଼ ଟ୍ରକ ମାଲିକ ସଂଘ ପକ୍ଷରୁ ନୁଆଗଡ଼ ଗୋଲେଇ ଛକରେ ଚାଲିଥିବା ଧାରଣାରେ କୋରେଇ ବିଧାୟକ ଆକାଶ ଦାସନାୟକ ସାମିଲ ହୋଇଥିବା ବେଳେ କବାଟବନ୍ଧ ବ୍ରାହ୍ମଣୀବ୍ରିଜ୍ ନିକଟ କନ୍ତପଡ଼ା ଠାରେ ମାଲିକ ସଂଘ ପକ୍ଷରୁ ଚାଲିଥିବା ଧାରଣାରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ପହଁଚି ମାଲିକଙ୍କ ସହ ଆଲୋଚନା କରିଥିଲେ । ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ପକ୍ଷରୁ ଚଣ୍ଡିଖୋଲ ଠାରେ ଚାଲିଥିବା ଧାରଣାରେ ବଡ଼ଚଣା ବିଧାୟକ ଅମର ନାୟକ ସାମିଲ ହୋଇ ନିଜର ସମର୍ଥନ ଜଣାଇଛନ୍ତି । ଆଜି ଢେଙ୍କାନାଳ ଜିଲା କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯାଜପୁର ରୋଡ଼ ଟ୍ରକ ମାଲିକ ସଂଘ ଧାରଣାରେ ପହଁଚିଥିଲେ । ଟ୍ରକ ମାଲିକ ମାନଙ୍କ ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ । ସୁକିନ୍ଦା କ୍ରୋମାଇଟ ଖଣିରେ ଉଚ୍ଚନ୍ୟାଳୟର ନିର୍ଦ୍ଦେଶ ଫାଷ୍ଟ କମ ଫାଷ୍ଟ ଲୋଡ଼କୁ ଖୋଲା ଖୋଲି ଉଲ୍ଲଂଘନ କରାଯାଉଥିବାରୁ ଧାରଣା ଦିଆଯାଇଛି। ୩୦ପ୍ରତିଶତ ସ୍ପେଶାଲ ଲୋଡିଂ ଯୋଗୁ ବହୁ ଟ୍ରକ ମାଲିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ଶାନ୍ତିପୂର୍ଣ ଭାବରେ ଚଣ୍ଡିଖୋଲ, ଯାଜପୁର ରୋଡ଼ ଏବଂ କବାଟବନ୍ଧ ଟ୍ରକ ମାଲିକ ସଙ୍ଘ ପକ୍ଷରୁ ଧାରଣା ଦିଆଯିବା ପୂର୍ବକ ଖଣି ଅଂଚଳରୁ ଆସୁଥିବା ଟ୍ରକକୁ ମାଲିକ ମାନେ ଅଟକାଇରଖିଛନ୍ତି। ମାଲିକ ମାନେ ନିଜର ଜୀବନ, ଜୀବିକା ପାଇଁ ଶୀତ କାକରରେ ପଡିରହି ଧାରଣା ସ୍ଥଳରେ ବସିଛନ୍ତି। ପୂର୍ବ ପରି ଫାଷ୍ଟକମ ଫାଷ୍ଟଲୋଡ଼ିଂକୁ କାର୍ଯ୍ୟକାରୀ କରିବାକୁ ଟ୍ରକ ମାଲିକ ସଂଘ ପକ୍ଷରୁ ଦାବି ରଖାଯାଇଛି ।

## ସମାଜ ଗଠନରେ ଯୁବବର୍ଗର ଭୂମିକା ଗୁରୁତ୍ୱପୂର୍ଣ୍ଣ

ମାହାଙ୍ଗା ,(ସବ୍ୟୁ) : : ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅସୁରେଶ୍ୱର (କୁଳଗାଁ ଇସାକୋ)ଠାରେ ଶରତପ୍ରେମୀ ପରିବାର ପକ୍ଷରୁ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମାହାଙ୍ଗା ନିଶ୍ଚିନ୍ତକୋଇଲି ଅଂଚଳର ବିଭିନ୍ନ ପଞ୍ଚାୟତରୁ ବହୁ ବୁଦ୍ଧିଜୀବୀ, ବୟୋଜ୍ୟେଷ୍ଠ ମୁରବୀ, ରାଜନେତା ଶିକ୍ଷକ ଅଧ୍ୟାପକ, ଯୁବାଛାତ୍ର ମହିଳାମାନଙ୍କ ଗହଣରେ ଇଂରାଜୀ ନବବର୍ଷ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ସରପଂଚ ତଥା ସମାଜସେବୀ ରୁଦ୍ରନାରାୟଣ ସିଂ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସୁଲେଖକ, ମାର୍ଗଦର୍ଶକ, ନସିମ୍ ଖାଁ ଏବଂ ସମ୍ମାନୀତ ଅତିଥି ଭାବେ ନିର୍ଭିକ ପତ୍ରିକାର ସଂପାଦକ ଅବନୀ ଚନ୍ଦ୍ର ଦାସ ଓ ମୁଖ୍ୟବକ୍ତା ଭାବେ ଶରତ କର ଓ ଅନିମା କର ଫାଉଣ୍ଡେସନର ଅଧକ୍ଷ ତଥା ପୂର୍ବତନ ଆୟକର କମିଶନର ଶୋଭନ କର ଯୋଗଦେଇ ଥିଲେ । ଫାଉଣ୍ଡେସନ କୃଷି ଉତ୍କର୍ଷ କେନ୍ଦ୍ରର ସଂଯୋଜକ ଶୁଭେନ୍ଦୁ କୁମାର ସାମଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ସ୍ୱାଇଁ, ଅବଦୁଲ କୁଦ୍ଦୁଶ, ଅକ୍ଷୟ କୁମାର ସାହୁ, ଶ୍ରୀକାନ୍ତ କୁମାର ରାଉତ, ଜୟଦେବ ନନ୍ଦ, ହୃଷିକେଶ ବେହେରା, ବଟକୃଷ୍ଣ ସ୍ୱାଇଁ, ଉତ୍ସବ ଚରଣ ମହାପାତ୍ର, ବିଜୟ କୁମାର ନନ୍ଦ, ରାମଚନ୍ଦ୍ର ବେହେରା, ବାଦଲ ମିଶ୍ର, ଦୋଳଗୋବିନ୍ଦ ସାହୁ, ସୁଧାଂଶୁ ଶେଖର ପାଣି, ଭବାନୀ ଶେଖର ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ମାହାଙ୍ଗାର ଅନ୍ୟତମ ବରପୁତ୍ର, ପୂର୍ବତନ ରାଜନେତା, ବାଗ୍ମୀ ଶରତ କୁମାର କରଙ୍କ ସ୍ମୃତି ଚାରଣ କରିବା ସହ ଆଗାମୀ ଦିନରେ ବିକଶିତ ମାହାଙ୍ଗା ଗଠନରେ ସମାଜ ସଂଗଠକ ଶୋଭନ କରଙ୍କ ପ୍ରତ୍ୟେକ୍ଷ ସଂପୃକ୍ତି ଲୋଡିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ଶରତପ୍ରେମୀ ସଦସ୍ୟ ଉପସ୍ଥିତ ରହିଥିଲେ ।

## ଓଚିନ୍ଦା ମା ହିଂଗୁଳା ଫୁଟବଲ ଟୁର୍ଣ୍ଣାମେଣ୍ଟ : ଧନପୁର ଚମ୍ପିଅନ

ପାଣିକୋଇଲି, (ସବ୍ୟୁ): କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଚିନ୍ଦା ଗ୍ରାମରେ ମା ହିଙ୍ଗୁଳା ଫୁଟବଲ ଆସୁସିଏସନ ଆନୁକୂଲ୍ୟରେ ତ୍ରିଦିବସୀୟ ୧୮ ତମ ଫୁଟବଲ ଟୁର୍ଣ୍ଣାମେଂଟ ଆଜି ଉଦ୍‌ଯାପିତ ହୋଇଛି । ଏହି ଟୁର୍ଣ୍ଣାମେଂଟରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ । ଆଜି ଫାଇନାଲ ମ୍ୟାଚ ଓଚିନ୍ଦା ବନାମ ଧନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳ ଶେଷ ପର୍ଯ୍ୟନ୍ତ କୌଣସି ଗୋଲ ନହେବାରୁ ଟ୍ରାଇବେକର ମଧ୍ୟରେ ୪.୩ ଗୋଲରେ ଧନପୁର ବିଜୟୀ ହୋଇ ଚଳିତ ବର୍ଷର ଚମ୍ପିଅନ ହୋଇଥିଲା । ଜିତେନ୍ଦ୍ର ପସାଦ ବାରିକ, ଉତମ ବାରିକ ଓ ପ୍ରଶାନ୍ତ କୁମାର ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଶ୍ରୀକାନ୍ତ ଦାସ ଭାଷ୍ୟକାର ଭାବେ ଅଜୟ ଧଳ ଯୋଗଦାନ କରିଥିଲେ । ଉଦ୍‌ଯାପନୀ ସଭାରେ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ଆର୍ଶୀବାଦ ଆଗ୍ରୋ ପଡକ୍ଟର ମ୍ୟାନେଜର ଶରତ ଚନ୍ଦ୍ର ଦାଶ, ପାଣିକୋଇଲି ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ଅବଦୁଲ ସୟଦ ଅଲ୍ଲୀ, ପାଣିକୋଇଲି ହାଇସ୍କୁଲ ପରିଚାଳନା କମିଟି ସଭାପତି ପ୍ରେମେଶ ଚନ୍ଦ୍ର ମହାକୁଡ, କୃଷ୍ଣ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ବିଜୟୀ ଓ ପରାଜିତ ଦଳକୁ ଟ୍ରଫି ଓ ନଗଦ ରାଶିଦେଇ ପୁରସ୍କୃତ କରିଥିଲେ । ଆୟୋଜକ କମିଟି ପକ୍ଷରୁ ରଜତ କୁମାର ବେହେର, କରୁଣାକର ମଲିକ, ଅମୂଲ୍ୟ ମଲିକ, ଅଭୟ ମଲିକ, ସନ୍ତୋଷ ବାରିକ ମହେନ୍ଦ୍ର ବେହେରା, ବଳରାମ ଜେନା, ସନାତନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ଟୁର୍ଣ୍ଣାମେଂଟ ସଫଳତା ପାଇଁ ସହଯୋଗ କରିଥିଲେ । ପ୍ରକାଶ ମଲ୍ଲିକ, ଆଲୋକ ବେହେରା, ଜିତେନ୍ଦ୍ର ଭାରତୀ ପ୍ରମୁଖ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ ।

## ଷଡଙ୍ଗୀ ପରିବାର ପକ୍ଷରୁ ସେବା ସହାୟତା

କୁଆଖିଆ,(ସବ୍ୟୁ) : ରସୁଲପୁର ବ୍ଲକ ତଥା ଯାଜପୁର ଜିଲ୍ଲାର ସମାଜସେବୀ ହେଲ୍ପିଙ୍ଗ ହ୍ୟାଣ୍ଡର ପ୍ରତିଷ୍ଠାତା ପ୍ରଶାନ୍ତ ଷଡଙ୍ଗୀ ଓ ଲିଜା ମହାପାତ୍ରଙ୍କ ସୁପୁତ୍ର ପୂର୍ଣ୍ଣାୟୁ ପୂର୍ବାଂଶର ନାମକରଣ ଅବସରରେ ଆଜି ଯାଜପୁର ଜିଲ୍ଲାର ବିଭିନ୍ନ ଅନାଥ ଆଶ୍ରମରେ ସେବା ସହାୟତା ଓ ରନ୍ଧା ଖାଦ୍ୟ ବଂଟନ କରାଯାଇଛି । ପାଣିକୋଇଲିର ଶେଷ ପରିଚୟ , ଯାଜପୁର ରୋଡର ଶାନ୍ତି ଆଶ୍ରମ , ଦାନଗଦିର ଅନ୍ନପୂର୍ଣ୍ଣା ଅନାଥ ଆଶ୍ରମ, ବଡଚଣାର ଆମଘର ଅନାଥ ଅଶ୍ରମ , ଯାଜପୁର ଟାଉନର ବ୍ଲାଇଣ୍ଡ ଆଶୋସିଏସନ , ସୁକିନ୍ଦାର ଆମ ଘର ଆଶ୍ରମ , ଛତିଆର ସେବକ ଆଶ୍ରମ ଠାରେ ଷଡଙ୍ଗୀ ପରିବାର ପକ୍ଷରୁ ଅସହାୟ ପରିବାରଙ୍କୁ ସେବା , ତାଙ୍କ ମୁହରେ ହସ ଓ ରନ୍ଧା ଖାଦ୍ୟ ଦିଆଯାଇଛି । ଏଥିସହ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହାଛଡା ସମାଜ ରିଲିଫ ଫଣ୍ଡକୁ ୨୧୦୦ ଟଙ୍କା ପ୍ରଦାନ କରାଯାଇଛି । ଏହି ସହାୟତା କାର୍ଯ୍ୟରେ ହେଲ୍ପିଙ୍ଗ ହ୍ୟାଣ୍ଡର ପ୍ରତିଷ୍ଠାତା ପ୍ରଶାନ୍ତ ଷଡଙ୍ଗୀ, ଉମେଶ ସାହୁ, ଚିନ୍ମୟୀ ମହାନ୍ତି , ବିଦ୍ୟାଭୁଷଣ କର, ରବିନ୍ଦ୍ର ରଣା, ସଙ୍ଗୀତା ସାହୁ, କୁମୁଦିନି ନାୟକ , ସୁଶାନ୍ତ ସେନାପତି ପ୍ରମୁଖ ଉପସ୍ଥତ ରହି ସେବା ସହାୟତା ଦେବା ସହ ନବଜାତ ସୁପୁତ୍ରର ନାମକରଣ ଉତ୍ସବରେ ସାମିଲ ହୋଇଥିଲେ ।

## କୃଷକ ନେତା ଜଗନ୍ନାଥ ମିଶ୍ରଙ୍କ ବିୟୋଗରେ ଶୋକ

ପାଣିକୋଇଲି,(ସବ୍ୟୁ) : ବହୁ କୃଷକ ଆନ୍ଦୋଳନର ଯୋଦ୍ଧା ସିପିଆଇ(ଏମ)ର ପୂର୍ବତନ ରାଜ୍ୟ ସମ୍ପାଦକ ମଣ୍ଡଳୀର ସଦସ୍ୟ ଜଗନ୍ନାଥ ମିଶ୍ରଙ୍କର ବୃକକ ଜନିତ ରୋଗରେ ପିଡ଼ିତ ଥାଇ ବ୍ରହ୍ମପୁର ଠାରେ ଚିକିତ୍ସାଧିନ ଅବସ୍ଥାରେ ରବିବାର ସକାଳ ସମୟରେ ପରଲୋକ ଘଟିଛି । ଛାତ୍ର ଜୀବନରୁ ସମାଜବାଦୀ ଆନ୍ଦୋଳନ ସହିତ ଯୋଡ଼ି ହୋଇ ସେ ସିପିଆଇ (ଏମ)ର ରାଜ୍ୟ ସମ୍ପାଦକ ମଣ୍ଡଳୀର ସଦସ୍ୟ ହୋଇଥିଲେ। ତାଙ୍କର ଅକାଳ ବିୟୋଗରେ ଓଡ଼ିଶାର କୃଷିଜିବୀ ମଣିଷ ଜଣେ ଦୃଢ ନେତୃତ୍ୱଙ୍କୁ ହରାଇଲା। ତାଙ୍କ ମୃତ୍ୟୁ ଖବର ପାଇବା ପରେ ଯାଜପୁର ଜିଲ୍ଲା ଭୁବନେଶ୍ୱରପୁର ସିପିଆଇ(ଏମ)ର ରକ୍ତ ପତାକାକୁ ଅର୍ଦ୍ଧନିମିତ କରାଯାଇ ସମ୍ମାନ ପ୍ରଦର୍ଶନ କରାଯିବା ସହିତ ଶୋକ ବାର୍ତ୍ତା ପ୍ରେରଣ କରାଯାଇଥିଲା। ଆଂଚଳିକ କମିଟିର ସମ୍ପାଦକ ସୁରେଶ କୁମାର ସାହୁ, ଗଣେଶ ଚନ୍ଦ୍ର ସାହୁ, ଅଭୟ ଓଝା, ବ୍ରହ୍ମାନନ୍ଦ ବାରିକ, ପ୍ରତ୍ୟୁଷ ସାହୁ, ଅନନ୍ତ ସାହୁ, ସୁବ୍ରତ ଜେନା, ନରେନ୍ଦ୍ର ସାହୁ ସମେତ ସିପିଆଇ(ଏମ) ଜିଲ୍ଲା ସମ୍ପାଦକ ଡ଼ାକ୍ତର ନିର୍ମଳ ରଥ ଓ ଜିଲ୍ଲା କମିଟି ସଦସ୍ୟ ସୁରେଶ ସାହୁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ସାହିତ୍ୟ ଦର୍ପଣର ରଜତ ଜୟନ୍ତୀ ଉତ୍ସବ

ଧର୍ମଶାଳା, (ସବ୍ୟୁ) : ସାହିତ୍ୟ ମାନବ ବାଦର କଥା କହେ। ବିଶ୍ୱ ଚେତନାର କଥା କହୁଥିବା ସାହିତ୍ୟ ହିଁ କାଳଜୟୀଓ ହୋଇଥାଏ ବୋଲି ସାହିତ୍ୟ ଦର୍ପଣ ପତ୍ରିକା ରଜତ ଜୟନ୍ତୀ ଉତ୍ସବ ଅବସରରେ ବିଶିଷ୍ଟ ବକ୍ତା ମାନେ ମତପ୍ରକାଶ କରିଛନ୍ତି। ଆଜି ଜାରକାସ୍ଥିତ ଧର୍ମଶାଳା କଲେଜ୍ ପରିସର ରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୁଲ୍ୟରେ ସାହିତ୍ୟ ଦର୍ପଣ ପତ୍ରିକାର ରଜତ ଜୟନ୍ତୀ ଉତ୍ସବ ଅଧ୍ୟାପକ ତ୍ରିଲୋଚନ ରାଉତ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଉଦ୍ଘାଟନ କରି ଜାତୀୟ ବିକାଶ ରେ ସାହିତ୍ୟିକ ମାନଙ୍କର ଯଥେଷ୍ଟ ଦାୟିତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ଯୋଗଦେଇ ସାହିତ୍ୟ ଆମକୁ ଏକତାର ସୂତ୍ରରେ ବାନ୍ଧି ରଖିବାର ଏକ ପ୍ରକୃଷ୍ଟ ମାଧ୍ୟମ। ସାହିତ୍ୟରୁ ଯେଉଁ ତୃପ୍ତି ମିଳେ ତାର ପଟାନ୍ତର ନାହିଁ ବୋଲି ଶ୍ରୀ ଶତପଥୀ କହିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଦାସ ବେନହୁର ଯୋଗଦେଇ ଭାଷା ଗୋଟିଏ ଜାତିର ପ୍ରାଣ। ଏହି ପ୍ରାଣରେ ଉନ୍ମାଦନା ଭରେ ସାହିତ୍ୟ। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ଶତପଥୀ



ଯୋଗଦେଇ ଆଜିର ସାହିତ୍ୟ ଜନଜୀବନର ବାର୍ତ୍ତା ବହନ କଲେ କାଳଜୟୀ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ସାହିତ୍ୟ ଦର୍ପଣ ପତ୍ରିକା ର ରଜତ ଜୟନ୍ତୀ ସଂଖ୍ୟା ଉନ୍ମୋଚନ କରାଯାଇଥିଲା । ବିଶିଷ୍ଟ ଔପନ୍ୟାସିକ ଭୀମ ପୃଷ୍ଟି ଙ୍କୁ ସାହିତ୍ୟ ଦର୍ପଣ ରଜତ ଜୟନ୍ତୀ ପୁରସ୍କାର। ବିଶିଷ୍ଟ କବି ଅଭୟ ନାୟକ ଙ୍କୁ ସାହିତ୍ୟ ଦର୍ପଣ ରଜତ ଜୟନ୍ତୀ କବିତା ସମ୍ମାନ, ବିଶିଷ୍ଟ ଗାଳ୍ପିକ ଅରବିନ୍ଦ ଦାସ ଙ୍କୁ ସାହିତ୍ୟ ଦର୍ପଣ ରଜତ ଜୟନ୍ତୀ ଗଳ୍ପ ସମ୍ମାନ, ଡକ୍ଟର ନଳିନୀ ବେହେରା, ଡକ୍ଟର ଚିତରଞ୍ଜନ ବେହେରା, କବି ନିରୂପମା ସ୍ୱାଇଁ, କବି ସୁଶ୍ରୀ ସଙ୍ଗୀତା କୁମାରୀ, ଗାଳ୍ପିକ ଚନ୍ଦ୍ର ମୋହନ ମହାପାତ୍ର ଙ୍କୁ ସାହିତ୍ୟ ଦର୍ପଣ ସମ୍ମାନ ପ୍ରଦାନ କରାଯାଇଥିଲା । ପତ୍ରିକାର ସମ୍ପାଦକ ବିମଳ ପତି ବିବରଣୀ ପ୍ରଦାନ କରିଥିଲେ। କବି ଭକ୍ତ ଚରଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ନରେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ପୀତାମ୍ବର ତରାଇ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ କବି ସୁଚେତା ମିଶ୍ର, କବି ରକ୍ଷକ ନାୟକ ଅତିଥି ଭାବରେ ଯୋଗଦେଇ କବିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କବି ସଂଘମିତ୍ରା ରାଏଗୁରୁ, କବି ସର୍ବାଣୀ ଦାସଙ୍କ ସଂଯୋଜନା ରେ କବି ଅମିୟ ରଞ୍ଜନ ମହାପାତ୍ର, ମୋହିତ ଚକ୍ରବର୍ତୀ, ପ୍ରଜ୍ଞା ପ୍ରବର୍ତିକା ଦାଶ, ଧନଞ୍ଜୟ ସ୍ୱାଇଁ, ପ୍ରସନ୍ନ କୁମାର ସ୍ୱାଇଁ, ଶ୍ରୀଶିକ୍ତା ଶୁଭଦର୍ଶିନି ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ମିରିନା ମହାନ୍ତି, ସୁରେଶ ନାୟକ, ଶୁରଞ୍ଜନ ପାତ୍ର, ଦିଲ୍ଲୀପ ସ୍ୱାଇଁ, ମନିଷା ବିଶ୍ୱାଳ, ପ୍ରଦ୍ଧଜା ଶରଣ, ରାଜକିଶୋର ପାଢ଼ୀ, ତୁହିନଂଶୁ ରଥ, ପ୍ରଭାତୀ ମାଝୀ ଙ୍କ ସମେତ ବହୁ ନିମନ୍ତ୍ରିତ କବି ସ୍ୱରଚିତ କବିତା ଆବୃତି କରିଥିଲେ।

## ବିବେକାନନ୍ଦ ଜୟନ୍ତୀରେ ଆରଏସଏସର ଜିଲ୍ଲା ସମ୍ମିଳନୀ

କେନ୍ଦ୍ରାପଡା,(ସବ୍ୟୁ) :ମହାନ ସନ୍ଥ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ୨ ଦିନିଆ ଜିଲ୍ଲା ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି । ଏନେଇ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସ୍ଥାନୀୟ ଗିରିଶ ପଡିଆ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଂଘ ଚାଳକ ବିରଂଚି ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ବିଭାଗ ସଂଘ ଚାଳକ ଡ଼ଃ ଗୌତମ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବି ସର୍ବେଶ୍ୱର ବେହେରା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ପଞ୍ଚ ପରିବର୍ତନ ଉପରେ ଆଲୋଚନା କରିଥିଲେ । କୁଟୁମ୍ବ ଓ ସାମାଜିକ ସମରସତା, ପାଣି, ଶ୍ମଶାନ, ପୂଜାସ୍ଥାନ ରେ ସମସ୍ତଙ୍କ ଅଧିକାର, ଜଳ, ଜମି, ଜଙ୍ଗଲ ସଂରକ୍ଷଣ ଦ୍ୱାରା ପର୍ଯ୍ୟାବରଣ ସୁରକ୍ଷା, ସ୍ୱ-ଭାଷା,ସ୍ୱ-ଭୁଷା ଓ ସ୍ୱ-ଦେଶୀ ଆଚରଣ ଦ୍ୱାରା ରାଷ୍ଟ୍ରୀୟତା ଜାଗରଣ, ନାଗରିକ ର ଅଧିକାର ସହ ସମ୍ବିଧାନ ସମ୍ମତ କର୍ତବ୍ୟ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମ ରେ ସହ ଜିଲ୍ଲା ସଂଘ ଚାଳକ ସଂଜୟ ପତ୍ରୀ, ବିନୋଦ ବିହାରୀ ନାୟକ, ସୁରେଶ ନାୟକ, ଦିପ୍ତି ରନ ଜେନା, ବାଇଧର ରାଉତ ଓ ଟିଟିକା' ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଶ୍ରମ ବିଦ୍ୟାଳୟରୁ ଛାତ୍ର ନିଖୋଜ
# ୬ ଦିନ ହେଲା ମିଳୁନି ପତ୍ତା



ବଡ଼ମ୍ବା, (ସବ୍ୟୁ) : ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମୁଳିଆବାଙ୍କ ଆଶ୍ରମ ବିଦ୍ୟାଳୟରୁ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ନିଖୋଜ ଥବା ଥାନାରେ ଅଭିଯୋଗ ହୋଇଛି। ଛାତ୍ର ଜଣଙ୍କ ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଅନ୍ତର୍ଗତ ଛୋଟାତେନ୍ତୁଳି ଗାଁର ରମେଶ ତିରିଆଙ୍କ ପୁଅ ଜେନା ତିରିଆ (୧୬)। ଛାତ୍ର ଜଣକ ବିଗତ ୬ ଦିନ ହେଲା ନିଖୋଜ ଥିବାବେଳେ ଏଯାଏଁ କୌଣସି ଖୋଜଖୋବର ମିଳିପାରିନି ବୋଲି ଜଣାପଡ଼ିଛି। ଘଟଣା ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ ବଡ଼ମ୍ବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଚାଲିଥିବାବେଳେ ସଂପୃକ୍ତ ଛାତ୍ର କେଉଁଆଡ଼େ ପଳାଇଥିବା ପ୍ରଧାନଶିକ୍ଷୟିତ୍ରୀ ଅନିମା ମହାପାତ୍ର କହିଛନ୍ତି। ଅନ୍ୟପଟେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ଦାୟୀ କରିଛନ୍ତି ଛାତ୍ରଙ୍କ ପରିବାର।ତେବେ ପୁଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ନିଖୋଜ ଛାତ୍ରଙ୍କୁ ଖୋଜାଖୋଜି କରୁଛି ବୋଲି ଥାନାଧିକାରୀ ସଞ୍ଜୟ କୁମାର ଜେନା କହିଛନ୍ତି ।

## ଭାପୁର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା
# ବର୍ଣ୍ଣାଳୀ ହୋତାଙ୍କ ଗୀତରେ ଝୁମିଲେ ଦର୍ଶକ




ଭାପୁର (ସବ୍ୟୁ) :ନୟାଗଡ ଜିଲ୍ଲା ମୋ ମାଟି ଭାପୁର ଆନୁକୁଲ୍ୟରେ ଆୟୋଜିତ ଭାପୁର ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା -୨୫ ଶନିବାର ଦ୍ୱିତୀୟ ଦିନରେ ପହଁଚିଛି ଏବଂ ଏହା ସୋମବାର ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମୁଖ୍ୟ ଅତିଥି ଭାବେ ସାରସ୍ୱତ ସାଧକ ସ୍ୱାମୀ ଆନନ୍ଦ ସରସ୍ୱତୀ ମହାରାଜା ଯୋଗ ଦେଇଥିବା ବେଳେ, ସମ୍ମାନୀତ ଅତିଥି ଭାବେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ଦାଣ୍ଡି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ନୟାଗଡ଼ ଜିଲ୍ଲା ପରିଷଦ ଉପାଧକ୍ଷା ବିଷ୍ଣୁପ୍ରିୟା ବେହେରା, ଖଣ୍ଡପଡ଼ା ବ୍ଲକ ଅଧକ୍ଷା ଉପମା ବେହେରା, ବରିଷ୍ଠ କଥାକାର ତଥା ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ମହାନ୍ତି ଓ ବରିଷ୍ଠ ଶିଶୁ କଥାକାର ଡ଼. ଜିତେନ୍ଦ୍ର ନାରାୟଣ ଦାସ (ଦାସ ବେହେନୂର୍) ପ୍ରମୁଖ ଯୋଗଦେଇ ସେମାନଙ୍କର ଅଭିଭାଷଣ ରଖିଥିଲେ। ଭାପୁର ବ୍ଲକ ଉପାଧକ୍ଷ ତଥା 'ମୋ ମାଟି ଭାପୁର' ସଭାପତି ବେଣୁଧର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ସମ୍ପାଦକ ଯୁଗଳ କିଶୋର ସାହୁ ଉପସ୍ଥିତ ରହି ଦର୍ଶକ ମାନଙ୍କୁ ଉତ୍ସାହିତ କରିଥିଲେ।ଭାପୁର ବ୍ଲକ ଅଞ୍ଚଳର ଶତାଧିକ ସ୍ୱେଚ୍ଛାସେବୀ, ବୁଦ୍ଧିଜୀବି, ଶିକ୍ଷାବିତ ସାମ୍ବାଦିକ ମାନଙ୍କ ଆପ୍ରାଣ ପ୍ରଚେଷ୍ଟାରେ ଭାପୁର ମହୋତ୍ସବ ଅନୁଷ୍ଠିତ ହେବା ସହିତ ଦ୍ୱିତୀୟ ସଂଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା । ସାଂସ୍କୃତିକ ସନ୍ଧ୍ୟାରେ ଭାପୁର ବନ୍ଦନା, ଓଡ଼ିଶୀ ନୃତ୍ୟ ,ଭଜନ ଆଦି ପରିବେଷଣ କରାଯାଇଥିଲା। ଦ୍ୱିତୀୟ ଦିନ ଅଧିକ ଶୀତରେ ମଧ ହଜାର ହଜାର ଦର୍ଶକ ରାମଦୋଳି ସହ ବିଭିନ୍ନ ଚଟପଟି ଖାଦ୍ୟର ମଜା ଉଠାଇଥିଲେ।ଉକ୍ତ ଉତ୍ସବରେ ୧୫୦ ରୁ ଉର୍ଦ୍ଧ୍ୱ ବିଭିନ୍ନ ଷ୍ଟଲ ଖୋଲାଯାଇଥିବା ବେଳେ ବିଭିନ୍ନ ଦୋଳି ଓ ଖେଳକୁ ଦର୍ଶକ ତଥା ପିଲାମାନେ ମଜା କରୁଥିବାର ଦେଖିବାକୁ ମିଳିଥିଲା ମହିଳା ସ୍ୱଂୟ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡିକର ଅଧିକ ଚାହିଦା ରହିଥିଲା।

# ମଣ୍ଡି ଖୋଲିବାରେ ବିଳମ୍ବ : ଚିନ୍ତାରେ ଚାଷୀ

ଫୁଲନଖରା, (ସବ୍ୟୁ) : ବାରଙ୍ଗ ବ୍ଲକ ୩୩ ନମ୍ବର ଜିଲାପରିଷଦ ଜୋନ ଅନ୍ତର୍ଗତ ୮ଟି ପଞ୍ଚାୟତର ଚାଷୀଙ୍କ ପାଇଁ ତିନୋଟି ସରକାରୀ ଧାନ ମଣ୍ଡି ରହିଛି। କିନ୍ତୁ ସେଗୁଡ଼ିକ ମଧ୍ୟରୁ ଏ ଯାଏଁ ଗୋଟିଏ ହେଲେ କେନ୍ଦ୍ର ଖୋଲି ନଥିବାରୁ ଧାନ ବିକ୍ରି ନେଇ ଚାଷୀମାନେ ଚିନ୍ତାରେ ରହିଛନ୍ତି । ଅପରପକ୍ଷରେ ଅଧିକାଂଶ ପିକୃତ ଚାଷୀଙ୍କ ମୋବାଇଲ ଫୋନକୁ ଧାନ ବିକ୍ରି ସମ୍ପର୍କିତ ସୂଚନା ବା ଟୋକନ ଆସିବାରେ ବିଳମ୍ବ ହେବାରୁ ତାହାକୁ ନେଇ ମଧ ଚାଷୀମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଜୋନ ଅନ୍ତର୍ଗତ ବ୍ରାହ୍ମଣଝରିଲୋ, ହରିଅନ୍ତା ଓ ଖଲର୍ଦ୍ଦାଠାରେ ମଣ୍ଡି ଥିଲାବେଳେ ଅରଡ଼ିଆପଦା (ମହୀଧରପଡ଼ା)ରେ ଏକ ଉପକେନ୍ଦ୍ର ରହିଛି । ପ୍ରତିବର୍ଷ ଏ ସମସ୍ତ କେନ୍ଦ୍ରଗୁଡ଼ିକ ଜାନୁଆରୀ ପ୍ରଥମ ସପ୍ତାହରେ କାର୍ଯକ୍ଷମ ହୋଇଥାଏ ଅଥଚ ଚଳିତ ବର୍ଷ ଏଥିରେ ବତିକ୍ରମ ଦେଖାଦେଇଛନ୍ତି । ଅନପକ୍ଷରେ ଜାନୁଆରୀ ୬ତାରିଖରେ ଏହି ମଣ୍ଡି ଖୋଲିବା ନେଇ ପୂର୍ବରୁ ଘୋଷଣା ହୋଇଥିଲେ ହେଁ ତାହା କାର୍ଯକାରୀ ହୋଇନାହିଁ । କଟନି ଛଟନି ନେଇ ସମ୍ପୃକ୍ତ ସମବାୟ ସମିତି ଉପରେ ମିଲରମାନଙ୍କ ଅଘୋଷିତ ଚାପ ଯୋଗୁଁ ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବା ଶୁଣିବାକୁ ମିଳୁଛି । ଏ ସମ୍ପର୍କରେ ଶ୍ରୀଜଗନ୍ନାଥ କୃଷକ ସେବା ସମବାୟ ସମିତି ସମ୍ପାଦକ ପ୍ରଣୟକୁମାର ଦାଶ କୁହନ୍ତି ସାମ୍ପ୍ରତିକ ଅଦିନିଆ ବର୍ଷା ଯୋଗୁଁ ଚାଷୀମାନେ ଧାନ ଅମଳରେ ଅସୁବିଧାର ସମ୍ମୁଖିନ ହୋଇଥିବାରୁ ମଣ୍ଡି ଖୋଲିବାରେ ବିଳମ୍ବ ହୋଇଛି ।ଆସନ୍ତେ ବୁଧବାର ସୁଦ୍ଧା ଧାନ କ୍ରୟ ନିମନ୍ତେ ବ୍ୟବସ୍ଥା ହୋଇଯିବ ବୋଲି ପ୍ରକାଶ କରିଥିଲେ । ସୂଚନାଯୋଗ ବାରଙ୍ଗ ବ୍ଲକ ଅଧିନ ୩୩ ନମ୍ବର ଜୋନରେ ଥିବା ତିନୋଟି ସମବାୟ ସମିତିରେ ମୋଟ ୧୮୯୦ ଜଣ ପିକୃତ ଚାଷୀ ରହିଥିଲାବେଳେ ସେମାନଙ୍କଠାରୁ ଚଳିତ ବର୍ଷ ୬୦ ହଜାର କ୍ୱିଣ୍ଟାଲଖରିଫ ଧାନ ସଂଗ୍ରହ ନେଇ ଲକ୍ଷ ରହିଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି ।

# କାର-ବାଇକ୍ ମୁହାଁମୁହିଁ :୩ ଗୁରୁତର

ବୋଲଗଡ,(ସବ୍ୟୁ) : ରବିବାର ସନ୍ଧ୍ୟାରେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ସଦର ଦେଇ ଯାଇଥିବା ଜାତୀୟ ୫୭ ନଂ ରାଜପଥରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏ ଜାତୀୟ ରାଜପଥର ନନ୍ଦପଲ୍ଲୀ ନୂଆସାହି ଛକ ଠାରେ କାର ଏବଂ ବାଇକ ମଧ୍ୟରେ ମୁହଁ ମୁହିଁ ଧକ୍କା ଫଳରେ ୩ବାଇକ ଆରୋହୀ ଗୁରୁତ୍ତର ଭାବେ ଆହାତ ହୋଇଛନ୍ତି । ବୋଲଗଡ ଥାନା ସୂତ୍ରରୁ ପ୍ରକାଶ ଯେ, ନୟାଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା କିୟା କାରରେ (ଓଡି ୩୩ ଏପି ୫୪୯୧) ଜାତୀୟ ରାଜପଥ ଉପରେ ବୋଲଗଡରୁ ନୟାଗଡ ସଜନାପଡାକୁ ଯାଉଥିବା ପଲସର ବାଇକ(ଓଡି ୨୫ ଇ ୦୦୫୯)କୁ ଧକ୍କା ଦେଇଥିଲା । ବାଇକରେ ବସିଥିବା ନୟାଗଡ ଜିଲ୍ଲା ଗୁଣଣ୍ଠୁଣି ଗ୍ରାମର ସହଦେବ ନାୟକ(୬୧), ଭୀମସେନ ଦାସ(୩୫), ଶୁଭମ୍ ଦାସ(୧୨) ଦୁର୍ଘଟଣାରେ ସମ୍ମୁଖୀନ ହୋଇ ବାଇକ ଚାଳକ ଭୀମସେନ ଦାସଙ୍କ ଡାହାଣ ପଟ ଗୋଡଟି ସମ୍ପୂର୍ଣ୍ଣ ଛିଡିଯାଇ ୩୦ମିଟର ଦୂରରେ ପଡିଥିଲା । ଘଟଣା ବିଷୟରେ ଖବର ପାଇ ବୋଲଗଡ ଥାନା ପୋଲିସ ଉଭୟ ଗାଡିକୁ ଜବତ କରି ଦୁର୍ଘଟଣାରେ ଗୁରୁତ୍ରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବୋଲଗଡ ଚିକିତ୍ସାଳୟରେ ଏବଂ ପରେ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିବା ଜଣାପଡିଛି । ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ରାସ୍ତାରୋକ କରାଯାଇ ରାସ୍ତାରେ ଥିବା ଖାଲଖମା ମରାମତି ଏବଂ ଜାତୀୟ ରାଜପଥକୁ ସୁବ୍ୟସ୍ଥିତ କରିବାପାଇଁ ଦାବୀ ଜଣାଇଥିଲେ । ସ୍ଥାନୀୟ ସ୍ୱେଚ୍ଛାସେବୀ ଏବଂ ପୋଲିସ ପ୍ରଶାସନର ହସ୍ତକ୍ଷେପ ପରେ ରାସ୍ତାରୋକ ହଟିଥିଲା ।

## ଜରିପଡା ସେବାସମବାୟ ସମିତି ଧାନମଣ୍ଡି ଶୁଭାରମ୍ଭ

ଟାଙ୍ଗୀ,(ସବ୍ୟୁ) : ଶନିବାର ଜରିପଡା ସେବାସମବାୟ ସମିତି ର ଧାନମଣ୍ଡି ଶୁଭାରମ୍ଭ କରାଯାଇଥିବା ବେଳେ ଆନୁମାନିକ ୪୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ଜଣାପଡିଛି। ଏହି ଅବସରରେ ଚାଷୀ ପୂଜାର୍ଚ୍ଚନା କରି ଧାନ ଦେବା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେଛ ଏହି କାର୍ଯ୍ୟକ୍ରମ ରେ ଚିଲିକା ବ୍ଲକ ଯୋଗାଣ ନିରିକ୍ଷକ ସନ୍ତୋଷ କୁମାର ଦାସ,ମ୍ୟାନେଜର ରାକେସ ପାଇକରାୟ,ସଭାପତି ଦାମୋଦର ଜେନା,ସଂପାଦକ ପ୍ରଦିପ୍ ଶ୍ରୀଚନ୍ଦନ,ଚଣ୍ଡିହରଦେବ ରାଇସମିଲ ର ପାର୍ଟନର ପ୍ରିୟରଂଜନ ପାତ୍ର,ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଗଂଗାଧର ପ୍ରଧାନ,ଅର୍ଜ୍ଜୁନ ବିଶ୍ୱାଳ,ଲୋତକବିନ୍ଦୁ ପ୍ରଧାନ,ଅଭିମନ୍ୟୁ ପ୍ରଧାନ,ଶିଶିରକାନ୍ତ ଦାସ,ଅମିୟ ପ୍ରସାଦ ମହାନ୍ତି,ଦିଲ୍ଲୀପ ଶ୍ରୀଚନ୍ଦନ,ଆଲୋକ ବେହେରା,ନାରାୟଣ ପ୍ରଧାନ,ଅର୍ଜ୍ଜୁନ ମହାପାତ୍ର ପ୍ରମୁଖ ଚାଷୀ ଯୋଗଦେଇଥିଲେ।

## ମହାବୀର ବରିଷ୍ଠ ନାଗରିକ ପରିଷଦର କମ୍ବଳ ବଣ୍ଟନ

ଭୁବନେଶ୍ୱର ,(ସବ୍ୟୁ) :ଶ୍ରୀ କୋରୁଆଁ ଗୋପାଳପୁର ସ୍ଥିତ ମହାବୀର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଗରିବ ଓ ଅସହାୟ ମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ପରିଷଦର ସଭାପତି ଇଂ. ପ୍ରମୋଦ କୁମାର ସ୍ୱାଇଁ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡାକ୍ତର ପୂଣ୍ୟ ତୋୟା ଦାସ, ସନ୍ନମାନିତ ଅତିଥି ଭାବେ ବିରିଡି ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ସସୀମ ସୁମନ ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ ପରିଷଦର ବରିଷ୍ଠ ସଭ୍ୟ ଦୁର୍ଗା ଚରଣ ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା।ଅତିଥି ଥିବା ଉଭୟ ଡାକ୍ତର ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ନିୟମିତ ଔଷଧ ଖାଇବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପରିଷଦର ଉପଦେଷ୍ଟା ଦୁଷ୍ମନ୍ତ କୁମାର ଦାସ, ସମ୍ପାଦକ ଧୀରେନ୍ଦ୍ର କୁମାର ସାହୁ, କୋଷାଧକ୍ଷ ଅର୍ଜ୍ଜୁନ କୁମାର ସାହୁ, ସଭ୍ୟ ସନ୍ତୋଷ ମହାନ୍ତି, ଭିକାରି ଲେଙ୍କା, ପ୍ରଶାନ୍ତ କୁମାର ସ୍ୱାଇଁ, ସଭ୍ୟା କବିତା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।ଶେଷରେ ରାଜ କିଶୋର ନାୟକ ଧନ୍ୟବାଦ ଦେଇଥିଲେ।

# କଟୁରୀରେ ଆକ୍ରମଣ : ସାଙ୍ଗ ଫେରାର

ବାରଙ୍ଗ ,(ସବ୍ୟୁ) :ରବିବାର ରାତିରେ ତିନିଜଣ ଅଟୋଚାଳକ ସାଙ୍ଗ ମିଶି ମଦ୍ୟପାନ କରୁଥିବାବେଳେ କୌଣସି କଥାକୁନେଇ ବିବାଦ ଦେଖାଦେଇଥିଲା। ମଦନିଶାରେ ନିଜ ସାଙ୍ଗକୁ କଟୁରୀରେ ଆକ୍ରମଣ କରି ଅନ୍ୟ ଜଣେ ସାଙ୍ଗ କୌଶଳ କ୍ରମେ ଖସିଯାଇଛନ୍ତି । ଖବରପାଇ ପୋଲିସ ପହଁଚି ଆହତକୁ ଚକିତ୍ସାପାଇଁ ପଠାଇବା ସହ ଏକ ଅଟୋକୁ ଜବତ କରିଛି । ପ୍ରକାଶ ଯେ,ପପୁନି ନାୟକ , ଲିପ ୁନାୟକ ଓ ଲିପୁନ ଦାସ ତିନିଜଣ ଯାକ ଭୁବନେଶ୍ୱର ଉପକଣ୍ଠରେ ଅଟୋ ଚଳାନ୍ତି । ରବିବାର ଦିନ ୩ଜଣ ସାଙ୍ଗ ମିଶି ଡମଣା ତାରଣିବସ୍ତୀରେ ଭୋଜି କରୁଥିଲେ। ସନ୍ଧ୍ୟାରେ ବାରଙ୍ଗ ବଙ୍ଗାଳିସାହି ପାଖ କାରାଖାନାକ୍ୱାଟରରେ ରହୁଥିବା ଲିପୁନ ଦାସଙ୍କୁ ଛାଡିବାକୁ ଓଡିବିଏଲ-୩୦୫୯ନଂ ଅଟୋରେ ଅନ୍ୟ୨ଜଣସାଙ୍ଗ ଆସିଥିଲେ। ଏଠାରେ ପୁଣି ୩ଜଣସାଙ୍ଗ ନିଶାସେବନ କରିଥିଲେ। ନିଶାଶକ୍ତ ଅବସ୍ଥାରେ କୌଣସିକାରଣକୁନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ଠେଲାପେଲା ହୋଇଥିଲା। ପରବର୍ତି ସମୟରେ ଏହି ଘଟଣା ଉଗ୍ରରୁପ ଧାରଣ କରିଥିଲା ।ଲିପୁନ ଫିଲ୍ମିଷ୍ଟାଇଲରେ କ୍ୱାଟର ଭିତରେ ଥିବା ଏକ କଟୁରୀକୁ ଆଣି ଲିପୁକୁ ଗୋଡାଇହାଣିଥିଲା ।ଲିପୁ ବାମହାତରେ ଆଘାତ ଲାଗିଥିବାବେଳେ ଘଟଣାସ୍ଥଳରୁ ଲିପୁନ ଫେରାର ହୋଇଯାଇଥିଲା । ଖବରପାଇ ବାରଙ୍ଗ ଥାନାପୋଲିସ ଆହତ ଲିପୁକୁ ଚିକିତ୍ସା ପାଇଁ ନେଇଥିବାବେଳେ ଅଟୋକୁ ଜବତ କରିଛି ପୋଲିସ ।

# ଦୁର୍ଗତଙ୍କୁ ଶୀତବସ୍ତ୍ର ବଣ୍ଟନ



କଣ୍ଟାପଡ଼ା, (ସବ୍ୟୁ) : ଗୋବିନ୍ଦପୁର ଥାନା ସାଇଲୋ ବଡ଼ବିଲସ୍ଥିତ ମହାପ୍ରଭୁ ଚନ୍ଦ୍ରଶେଖରଙ୍କ ପୀଠରେ ସେଭେନ ଷ୍ଟାର ଚାରିଟେବଲ ଟ୍ରଷ୍ଟ ତରଫରୁ ଦୁର୍ଗମାନଙ୍କୁ ଶୀତବସ୍ତ୍ର ବଣ୍ଟନ ହୋଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯକ୍ରମରେ ଟ୍ରଷ୍ଟ ଉପସଭାପତି ତଥା ସେଭେନ ଷ୍ଟାର ସିକ୍ୟୁରିଟି ପ୍ରା.ଲିଃ.ର ପରିଚାଳନା ନିର୍ଦ୍ଦେଶକ ଅବନୀ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବ୍ରାହ୍ମଣବାଟି ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମ ସମେତ ପୂର୍ବପାରି ଖେରସ ଗ୍ରାମର ଦିବାଙ୍ଗ, ବିଧବା, ବୃଦ୍ଧ, ବୃଦ୍ଧା ଓ ଅସହାୟ ବ୍ୟକ୍ତିଙ୍କୁ ୬ଶହ ସଂଖକ କମ୍ବଳ ବିତରଣ ହୋଇଥିଲା।

ଏତଦ ସହିତ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବବସ୍ଥା ମଧ କରାଯାଇଥିଲା। ବ୍ରାହ୍ମଣବାଟି ସରପଞ୍ଚ ସଂଜୟ ରାଉତରାୟ, ଗୁରୁ ଚିରଂଜନ ଆଚାର୍ଯ, ସୁକାନ୍ତ ବେହେରା, ନାଏବ ସରପଞ୍ଚ ମଂଜୁଲତା ବେହେରା, ୱାର୍ଡ଼ ସଭା ଅନ୍ନପୂର୍ଣ୍ଣା ଦଳେଇ, ୱାର୍ଡ଼ ସଭ୍ୟ ରବିନ୍ଦ୍ର ବେହେରା ଓ ଲକ୍ଷ୍ମୀଧର ବେହେରା ଉପସ୍ଥିତ ଥିଲେ। ମନମୋହନ ବେହେରା, ନିରୁପମା ବେହେରା, ପୁନାନନ୍ଦ ପାତ୍ର, ପ୍ରଦୀପ ରାୟ, ସନାତନ ଭୋଇ ଓ ଗୋପୀନାଥ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସୁଭାଷିନୀ ପାତ୍ର, ଚଞ୍ଚଳା ମହାପାତ୍ର, ପ୍ରସନ୍ନ ବାରିକ, ବିଭୂତିଭୂଷଣ ବାରିକ ଓ କୈଳାସ ଭୋଇ ସହଯୋଗ କରିଥିଲେ। ଆଗାମୀ ଦିନରେ ଏ ଧରଣର କାର୍ଯ୍ୟ ସହିତ ବୃକ୍ଷ ରୋପଣ, ସ୍ୱାସ୍ଥ ଶିବିର ଓ ରକ୍ତଦାନ ପରି ସାମାଜିକ କାର୍ଯ୍ୟକ୍ରମମାନ ଆୟୋଜନ ହେବ ବୋଲି ଅନୁଷ୍ଠାନ ତରଫରୁ ଘୋଷଣା ହୋଇଛି।

## କଳିଙ୍ଗ କପ୍ କ୍ରିକେଟ୍
## କ୍ୱାଟର ଫାଇନାଲରେ କଳାଙ୍ଗ ବିଜୟୀ

ବୋଲଗଡ,(ସବ୍ୟୁ) :ରବିବାର ବୋଲଗଡ଼ ବ୍ଲକ କଳାଙ୍ଗ ସ୍ଥିତ ଗୋଛାବାରୀ କ୍ରିକେଟ ପଡିଆରେ କଳିଙ୍ଗ ପ୍ରିମିୟର କ୍ରିକେଟ୍ ମ୍ୟାଚର କ୍ୱାଟର ଫାଇନାଲ ମ୍ୟାଚ କଳାଙ୍ଗ ଦଳ ଏବଂ ବେଗୁନିଆ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବେଗୁନିଆ ଟସ ଜିତି କରି ବ୍ୟାଟିଂର ନିଷ୍ପତ୍ତି ନେଇଥିଲା । ବେଗୁନିଆ ଟିମ୍ ନିର୍ଦ୍ଧାରିତ ୧୬.୨ ଓଭରରେ ସମସ୍ତ ୱିକେଟ ହରାଇ ୯୭ ରନ କରିବାକୁ ସକ୍ଷମ ହୋଇଥିଲା। ଜବାବରେ କଳାଙ୍ଗ ଦଳ ୧୬.୧ ଓଭରରେ ୯୯ରନ କରି ବିଜୟୀ ହୋଇଛନ୍ତି । ଶ୍ରେଷ୍ଠ ଖେଳାଳି ଭାବେ କଳାଙ୍ଗ ଦଳର ବିକି ୪୦ରନ କରି ୧ୱିକେଟ ନେଇଥିବାରୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନୀତ ହୋଇଥିଲେ । ଏହି ଖେଳକୁ ଅମ୍ପାୟାର ଭାବେ ସୌଭାଗ୍ୟ ରଞ୍ଜନ ନିଶଙ୍କ ଓ ସନ୍ତୋଷ କୁମାର ସ୍ୱାଇଁ ପରିଚାଳନା କରିଥିଲେ । ଖେଳରେ ସାନପଦର ଗ୍ରାମପଞ୍ଚାୟତର ସମିତିସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର ମୁଖ୍ୟ ଅତିଥି ଏବଂ ସମ୍ମାନୀତ ଅତିଥି ଭାବେ ବୋଲଗଡ ଅଞ୍ଚଳର ବିଶିଷ୍ଟ ସମାଜସେବୀ ଅଦ୍ୱୈତ୍ୱ ପଟ୍ଟନାୟକ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ ଏବଂ ପୁରସ୍କୃତ କରିଥିଲେ ।ଆସନ୍ତା କାଲି ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ୍ ଘୋଡିଆ ଏବଂ ଇଟାମାଟି ଦଳ ମଧ୍ୟରେ ଅନୁଷ୍ଠିତ ହେବବୋଲି କଳିଙ୍ଗ କପ୍ର ସମ୍ପାଦକ ଚିନ୍ମୟ ହୋତା ସୂଚନା ଦେଇଛନ୍ତି ।

## ଯୁବ ମହୋତ୍ସବ ମହକ ଦ୍ୱିତୀୟ ସନ୍ଧ୍ୟା



ଦଶପଲ୍ଲା(ସବ୍ୟୁ): ବିଗତ ବର୍ଷ ପରି ଚଳିତ ବର୍ଷ ଦଶପଲ୍ଲା ର ଯୁବ ମହୋତ୍ସବ ମହକ ର ଦ୍ୱିତୀୟ ଦିବସ ରେ ବିଶ୍ୱ ବିଜୟୀ ସ୍ୱାମୀ ବିବେକା ନନ୍ଦ ଙ୍କ ୧୬୨ ତମ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି ।ସଭାପତି ଶ୍ରୀକାନ୍ତ ସାହୁ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ଼ଃ ଅରୁଣ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତୀଥ ଭାବେ ଦଶପଲ୍ଲ ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇ ଯୁବ ପିଢ଼ି ସ୍ୱାମୀ ବିବେକା ନନ୍ଦ ଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ଏଥିରେ ଉପଦେଷ୍ଟା ରଘୁନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଚନ୍ଦନ ସାହୁ ବିବରଣୀ ପାଠ କରିଥିଲେ । ଏ ଅବସରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ଦ୍ୱାରା ମୁରୁଜ, ଝୋଟି,ଏକକ ନୃତ୍ୟ,ଓ ଦଳ ଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# କାନପୁର ଆଥଲେଟିକ ସଭାପତିଙ୍କ ଇସ୍ତଫା

ନରସିଂହପୁର: (ସବ୍ୟୁ): ସ୍ଥାନୀୟ କାନପୁର ଆଞ୍ଚଳିକ ଆଥେଲେଟିକ୍ ଆସୋସିଏସନ୍ ର ସଭାପତି ପଦରୁ ଇସ୍ତଫା ଦେଲେ ସମାଜସେବୀ ସଞ୍ଜୟ କୁମାର ପଣ୍ଡା। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଗତ ୨୯ ଡିସେମ୍ବରରୁ ସେ ଇସ୍ତଫା ପତ୍ର ସେ ଆସୋସିଏସନକୁ ପଠାଇଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅନେକ ବର୍ଷ ହେବ ସେ କାନପୁର ରେ ସର୍ବ ଭାରତୀୟ ଫୁଟୁବଲ ଟୁର୍ଣ୍ଣାମେଣ୍ଟର ଦାଇତ୍ୱ ସେ ନେଇ ଆସୁଥିଲେ।କାନପୁରରେ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଠାରୁ ନେଇ କାନପୁର ଅଞ୍ଚଳର ବିକାଶ ପାଇଁ ଆଗ୍ରହୀ ବ୍ୟକ୍ତିମାନଙ୍କ ସହିତ କାମ କରିବାର ସୁଯୋଗ ପାଇଁ ସେ ସମସ୍ତଙ୍କୁ ମୋର ଗଭୀର କୃତଜ୍ଞତା ଜଣାଇଛନ୍ତି।

## ଭେଟେରାନ କ୍ରିକେଟ ଆସୋସିଏସନ୍ ଧବଳେଶ୍ୱର କପ୍ ଉଦଘାଟିତ

ଆଠଗଡ଼(ସବ୍ୟୁ) :ଆଠଗଡ଼ ଭେଟେରାନ କ୍ରିକେଟ ଆସୋସିଏସନ୍ ପକ୍ଷରୁ ଆଠଗଡ଼ ଷ୍ଟାଡିୟମ ଠାରେ ପ୍ରଥମ ଧବଳେଶ୍ୱର କପ୍ କ୍ରିକେଟ ଉଦଘାଟିତ ହୋଇଯାଇଛି। ରବିବାର ଉଦଘାଟନୀ ମ୍ୟାଚ୍ ରେ ପରସ୍ପର କୁ ଭେଟିଥିଲେ ଆଠଗଡ଼ ମାଜେଷ୍ଟିକ କ୍ଲବ ଏବଂ ନୟାଗଡ଼ କ୍ରିକେଟ କ୍ଲବଛଟସ ଜିତି ନୟାଗଡ଼ ପ୍ରଥମେ ବୋଲିଂ କରିଥିବା ବେଳେ ମାଜେଷ୍ଟିକ କ୍ଲବ ନିର୍ଦ୍ଧାରିତ ୨୦ ଓଭର ରେ ୫ ୱିକେଟ ହରାଇ ୨୦୦ ରନ୍ କରିଥିବା ବେଳେ ଜବାବ ରେ ନୟାଗଡ଼ କ୍ରିକେଟ କ୍ଲବ ୨୦ ଓଭର ରେ ୮ ୱିକେଟ ହରାଇ ୧୮୯ ରନ୍ କରିବା ପାଇଁ ସମର୍ଥ ହୋଇଥିଲେ। ମ୍ୟାଚ୍ ରେ ମାଜେଷ୍ଟିକ କ୍ଲବ ପକ୍ଷରୁ ରାକେଶ ସାହୁ ୫୭ ବଲରୁ ୮୭ ରନ୍ ସଂଗ୍ରହ କରି ପ୍ଲେୟାର ଅଫ୍ ଦି ମ୍ୟାଚ ହୋଇ ଥିବା ବେଳେ ମନୋରଞ୍ଜନ ମହାନ୍ତି ଏବଂ ବିଶ୍ୱବିଜୟୀ ରଣା ମ୍ୟାଚ୍ ପରିଚାଳନା କରିଥିଲେ।ପ୍ରଦ୍ୟୁମ୍ନ କୁମାର ରାୟ ସାମନ୍ତ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଆସନ୍ତା ମ୍ୟାଚ୍ ସୁରପ୍ରତାପ ଢେଙ୍କାନାଳ ଏବଂ ଇଗଲ ସ୍ପୋର୍ଟିଂ ମେଣ୍ଢାଶାଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ତରଫରୁ କୁହାଯାଇଛି।

## ସଖା ସଂଘ ଫୁଟବଲ ଉଦ୍‌ଘାଟିତ
# କିଶୋର କ୍ଲବ ବିଜୟୀ



ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସଖା ସଂଘ କ୍ରୀଡା ସଂସଦ ତରଫରୁ ଆଜି ଠାରୁ ଆରମ୍ଭ ହୋଇଛି ୩୧ ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଛ ଆଜିର ଉଦଘାଟନୀ ମ୍ୟାଚରେ ଉଦଘାଟନ ଭାବେ କ୍ଷେତ୍ରବାସୀ ଡି ଏ ଭି କଲେଜ ପୂର୍ବତନ ପରିଚାଳନା ସଭାପତି ଡ ସଞ୍ଜୟ କୁମାର ମହାପାତ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ଖେଳକୁ ଉଦଘାଟନ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ରାମ ଚନ୍ଦ୍ର ମହାପାତ୍ର, ସମ୍ମାନୀତ ଅତିଥି ଭାବେ କ୍ରୀଡା ସଂସଦ ଉପଦେଷ୍ଟା ଡ ସଞ୍ଜୟ କୁମାର ପଟ୍ଟନାୟକ, ଇଞ୍ଜିନିୟର ବିଶ୍ ମୋହନ ପଟ୍ଟନାୟକ, ସଘଂ ସଭାପତି ବିପିନ କୁମାର ଜୟସିଂହ , ବରିଷ୍ଠ ଜ୍ୟୋର୍ତିବିଦ ଅଶୋକ କୁମାର ମହାପାତ୍ର, ଏସ ଆଇ ଦିପାଳିଶା ନାୟକ, ସରପଂଚ କାଦମ୍ବିନୀ ବେହେରା, ଅଭିଷେକ ହିରୋ ସୋରୁମ୍ ପ୍ରୋପାଇଟର କଳିଙ୍ଗ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ବ୍ଲକ ଉପାଧକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, କାଶିପୁର ସୋସାଇଟି ପ୍ରଦୀପ୍ତ କୁମାର ଷଡଙ୍ଗୀ , ସମ୍ପାଦକ ଭାଗିରଥି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେଛ ଆଜିର ଉଦଘାଟନୀ ମ୍ୟାଚ୍ କିଶୋର କ୍ଲବ, ଭୁବନେଶ୍ୱର ଓ ଯୁଙ୍ଗ ଯୁଥ୍ କ୍ଲବ୍, ମଣିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲାଛ ଆଜିର ମ୍ୟାଚ୍ ସଂଘର୍ଷ ପୂର୍ଣ୍ଣ ହୋଇଥିବାବେଳେ ଉଭୟ ଦଳ ଖେଳ ଶେଷ ପର୍ଯ୍ୟନ୍ତ ୨-୨ ଗୋଲ ସ୍କୋର ବରାବର ରହିବାରୁ ଟ୍ରାଇବ୍ରେକର ର ସାହାଯ୍ୟନିଆଯାଇଥିଲାଛ ଏଥିରେ ମଣିପୁର ଦଳକୁ ୪-୩ ରେ ହରାଇ ଭୁବନେଶ୍ୱର କିଶୋର କ୍ଲବ ବିଜୟୀ ହୋଇଛି ଛ ଆଜିର ଖେଳକୁ ଶଖାବ୍ ଅଲ୍ଲୀ ଖାଁ, ପ୍ରମୋଦ କୁମାର ଦାସ, ବିପିନ ସାମନ୍ତରାୟ ଓ ଓମ୍ ପ୍ରକାଶ ମିଶ୍ର ,ଗଙ୍ଗାଧର ପଟ୍ଟନାୟକ,ବିଶ୍ନାଥ ବେହେରା ପ୍ରମୁଖ ପରିଚାଳନା କରିଥିଲେଛ ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ପଣ୍ଡିତ ଅଶୋକ କୁମାର ମହାପାତ୍ର ଓ ଏସ ଆଇ ଦୀପାଲିଶା ନାୟକଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛିଛ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମଣିପୁର କ୍ଲବ ର ୧୦ ନଂ ଜର୍ସି ରୋବୋର୍ଟ,କିଶୋର କ୍ଲବ ୧୨ନଂ ଜର୍ସି ନନ୍ଦ ସିଂ ଙ୍କୁ ପ୍ରଦାନ କରାଯାଇଥିଲାଛ ମଞ୍ଚ ପରିଚାଳକ ଭାବେ କମଳ ଲୋଚନ ପ୍ରଧାନ ଓ ପ୍ରଶାନ୍ତ କୁମାର ପାଣ୍ଡଶାଣୀ କାର୍ଯ୍ୟ ତୁଲାଇଥିଲେଛ ଅନ୍ୟମାନଙ୍କ ଉପସଭାପତି ଶ୍ୟାମ ସୁନ୍ଦର ପଟ୍ଟନାୟକ, ପ୍ରକାଶ କୁମାର ବଳିଆରସିଂହ, କୋଷାଧକ୍ଷ ହରିହର ସିଂହ, ଉପଦେଷ୍ଟା ମହେଶ୍ୱର ବେହେରା , ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ମିଶ୍ର,ହିମାଂଶୁ ଭୁଷଣ ଚମ୍ପତିରାୟ, ଦୀପକ କୁମାର ପ୍ରଧାନ,ମାନସ ଚନ୍ଦ୍ର ପଟ୍ଟନାୟକ, ଆବାହକ ମନୋଜ କୁମାର ପ୍ରଧାନ, ପ୍ରସାଦ ଦାସ, ଅଜୟ କୁମାର ହରିଚନ୍ଦନ, କାଶୀନାଥ ସାହୁ,ରମେଶ ଚନ୍ଦ୍ର ପ୍ରଧାନ ଓ ଆର୍ତ୍ତତ୍ରାଣ ନାୟକ ପ୍ରମୁଖ ସହଯୋଗ କରିଥିଲେଛ

# ମାର୍ଚ୍ଚ ୧ରୁ ନାଟ୍ୟଧାରାର ରାଜ୍ୟସ୍ତରୀୟ ନାଟ୍ୟମେଳା




ନୟାଗଡ଼, (ସବ୍ୟୁ) ନୟାଗଡ଼ ସହର ର ପଞ୍ଜିକୃତ ନାଟ୍ୟସଂସ୍ଥା 'ନାଟ୍ୟଧାରା' ପକ୍ଷରୁ ଚଳିତ ବର୍ଷ ରାଜ୍ୟସ୍ତରୀୟ ନାଟ୍ୟମେଳା ଆୟୋଜନ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି । ରାଜ୍ୟର ବିଭିନ୍ନ ଅଚଂଳର ସୁନାମଧନ୍ୟ ନାଟ୍ୟ ସଂସ୍ଥା ଏଥିରେ ଭାଗନେବାକୁ ଆଗ୍ରହ ବ୍ୟକ୍ତ କରୁଛନ୍ତି । ଏପରି ଆୟୋଜନ ନାଟ୍ୟ କଳା ସଂସ୍କୃତିକୁ ଉଦଜୀବିତ କରିବା ନାଟ୍ୟଧାରା ଅନୁଷ୍ଠାନର ମୂଳ ଉଦ୍ଦେଶ୍ୟ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ନୟାଗଡ଼ ପଠାଣି ସାମନ୍ତ ପ୍ରେକ୍ଷାଳୟ ରେ ରାଜ୍ୟସ୍ତରୀୟ ନାଟ୍ୟମେଳା ଅନୁଷ୍ଠିତ ହେବ । ଆସନ୍ତା ମାର୍ଚ୍ଚ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ନାଟ୍ୟମେଳା ପରିଚାଳନା ହେବ ।

ଏଥିରେ ଆୟୋଜକ ସଂସ୍ଥା ନାଟ୍ୟଧାରା ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ବଛା ବଛା ୭ ଗୋଟି ନାଟ୍ୟକଳା ଦଳ ସାମିଲି ହେବେ । ନାଟ୍ୟଧାରା ଅନୁଷ୍ଠାନ ସଭାପତି ପ୍ରମୋଦ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ ବିଜୟ କୁମାର ଚୌଧୁରୀ, ସଂପାଦକ ଲକ୍ଷ୍ମୀଧର ମହାପାତ୍ର, କୋଷାଧ୍ୟକ୍ଷ ପ୍ରଦୀପ୍ତ କୁମାର ଡାକୁଆ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରିଛନ୍ତି । ନାଟ୍ୟ ମେଳା ପ୍ରତ୍ୟେହ ସନ୍ଧ୍ୟା ୭.୩୦ରୁ ଦୁଇଘଣ୍ଟା ଧରି ଚାଲିବ । ଶ୍ରେଷ୍ଠ ନାଟ୍ୟକଳା ଦଳକୁ ଆୟୋଜକ ସଂସ୍ଥା ନାଟ୍ୟଧାରା ପକ୍ଷରୁ ସମ୍ମାନିତ କରାଯିବ । ଦୀର୍ଘ ୩ ବର୍ଷ ଧରି ନୟାଗଡ଼ରେ ରାଜ୍ୟସ୍ତରୀୟ ନାଟ୍ୟମେଳା ଅନୁଷ୍ଠିତ ହେଉଛି । ଏହାକୁ ଦେଖିବା ପାଇଁ ଭଲ ସଂଖ୍ୟାରେ ଦର୍ଶକଙ୍କ ସମାଗମ ନାଟ୍ୟ କଳାକାରଙ୍କୁ ଉତ୍ସାହିତ କରୁଛି । ସେଥିଲାଗି ନୟାଗଡ଼ ନାଟ୍ୟ ମେଳାରେ ରାଜ୍ୟର ବହୁ ସୁନାମଧନ୍ୟ ନାଟ୍ୟ ସଂସ୍ଥା ଅଂଶଗ୍ରହଣ ପାଇଁ ଇଚ୍ଛା ପ୍ରକାଶ କରିଥିବା ଅନୁଷ୍ଠାନ ସଭାପତି ପ୍ରମୋଦ ପଟ୍ଟନାୟକ ପ୍ରକାଶ କରିବା ସହିତ ଏହାକୁ ସଫଳ କରିବାରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

## ଦ୍ୱିତୀୟ କ୍ୱାନ କି ଡୋ ପ୍ରତିଯୋଗିତା

ଆଠଗଡ଼ , (ସବ୍ୟୁ) : ସ୍ଥାନୀୟ ଲକ୍ଷ୍ମୀ ବଜାର ଠାରେ କଟକ ଜିଲ୍ଲା କ୍ୱାନ କି ଡୋ ଆସୋସିଏସନ୍ ପକ୍ଷରୁ ଦ୍ୱିତୀୟ କ୍ୱାନ କି ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।ଏହି ପ୍ରତିଯୋଗିତାକୁ ଲକ୍ଷ୍ମୀ ବଜାରର ଉପସଭାପତି ଅରୁଣ କୁମାର ସାହୁ ସଂପାଦକ ମନୋରଞ୍ଜନ ରାଉତ ଉଦଘାଟନ କରିଥିଲେ।ଏହି ଏକ ଦିବସ ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡାବିତ ମାନେ ଅଂଶଗ୍ରହଣ କରିଥିଲେ।ସଂଧ୍ୟାରେ ଆସୋସିଏସନର ସଭାପତି ରୁଦ୍ର ଚରଣ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ତିଗିରିଆ ବ୍ଲକ ଅଧକ୍ଷା ସଂଧ୍ୟାରାଣୀ ନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟ ବଳଭଦ୍ର ବାଘ, ସଂପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ବଦ୍ରିନାରାୟଣ ବାହିନୀପତି ଆଜିର ଦିନରେ କ୍ରୀଡାର ମହତ୍, ଉପକାରିତା ଏବଂ ଭବିଷ୍ୟତରେ କ୍ରୀଡାର ଓ ଆସୋସିଏସନର ବିକାଶ ବିଷୟରେ ଆଲୋକପାତ କରିଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ୧୪ ସ୍ୱର୍ଣ୍ଣ,୧୧ ରୋପ୍ୟ ୩ କାଂସ୍ୟ ପ୍ରମୁଖ ବିଜେତାଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ।ଆସୋସିଏସନର ପ୍ରତିଯୋଗିତା ନିର୍ଦ୍ଦେଶକ ରାହୁଲ କୁମାର ଜେନା, ରେଫ୍ରୀ ଚେୟାରମାନ ଚନ୍ଦନ ପ୍ରସାଦ ରାଉତ, ଅଭିଜିତ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ। ଆୟୋଜକ ସଭାପତି ରାକେଶ ଚନ୍ଦ୍ର ଦାଶ, ଉପସଭାପତି ଶ୍ୟାମ ପ୍ରସାଦ ପଣ୍ଡା, କାର୍ଯ୍ୟକାରୀ ସଭାପତି ଶ୍ରୀତମ କୁମାର ଶତପଥୀ, ପ୍ରତ୍ୟୁଷ କୁମାର ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

(ଶ୍ରୀମଭଗବଦ୍ ଗୀତା ୧୧/୫୦)

–ବିଶ୍ୱରୂପଦର୍ଶନଯୋଗଃ–

(ସଞ୍ଜୟ ଉବାଚ)

ଇତ୍ୟର୍ଜ୍ଜୁନଂ ବାସୁଦେବସ୍ତଥୋକ୍ତ୍ୱା
ସ୍ୱକଂ ରୂପଂ ଦର୍ଶୟାମାସ ଭୂୟଃ ।
ଆଶ୍ୱାସୟାମାସ ଚ ଭୀତମେନଂ
ଭୂତ୍ୱା ପୁନଃ ସୌମ୍ୟବପୁର୍ମହାତ୍ମା ।।୫୦।।

ସଞ୍ଜୟ କହିଲେ– ବାସୁଦେବ ଏହି ପ୍ରକାରରେ କହି ଅର୍ଜ୍ଜୁନଙ୍କୁ ପୁନର୍ବାର ନିଜ (ଚତୁର୍ଭୁଜ) ମୂର୍ତ୍ତି ଦେଖାଇଲେ, ଭଗବାନ୍ ଶାନ୍ତମୂର୍ତ୍ତି ଧାରଣ କରି ଭୟାତୁର ଅର୍ଜ୍ଜୁନଙ୍କୁ ଆଶ୍ୱସ ପ୍ରଦାନ କଲେ । ।।୫୦।।

# ମାନବ ସମ୍ବଳ ହିଁ ଆମର ସମ୍ପତ୍ତି

ସମ୍ପାଦକୀୟ

ଜନସଂଖ୍ୟା ହିଁ ଗୋଟିଏ ଦେଶର ସମ୍ପତ୍ତି । ଭାରତର ୧୪୦ କୋଟି ଲୋକ ହିଁ ଦେଶର ପ୍ରଗତିକୁ ଆଗେଇ ନେଉଛନ୍ତି, ଏହା ଆମେ ସ୍ୱୀକାର କରିବା । ଦେଶର ବିକାଶ ପାଇଁ ଊଣାଅଧିକେ ସମସ୍ତଙ୍କର ଅବଦାନ ରହିଛି । ଯୁବ ସମାଜ ହିଁ ଦେଶର ମେରୁଦଣ୍ଡ । ତାଙ୍କଠାରୁ, ଆମେ ଅନେକ କିଛି ଆଶା ରଖିଥାଉ । କିନ୍ତୁ ଆମେ ତାଙ୍କୁ ସଠିକ୍ ଭାବରେ ବ୍ୟବହାର କରିପାରୁନାହୁଁ । ଏହା କେବଳ ଆଜିର ସମସ୍ୟା ନୁହେଁ, ବହୁ ବର୍ଷର ସମସ୍ୟା । ଅନ୍ୟପକ୍ଷରେ ଏତେ ବିଶାଳ ଜନସଂଖ୍ୟାର ଦେଶରେ, ସମସ୍ତଙ୍କୁ ସରକାରୀ ଓ ବେସରକାରୀ ସଂସ୍ଥାରେ ନିଯୁକ୍ତି ମିଳିବା ହୁଏତ ସମ୍ଭବ ନୁହେଁ । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି, ଯେଉଁ ଯେଉଁ କ୍ଷେତ୍ର ପାଇଁ ଆମର ମାନବ ସମ୍ବଳର ଆବଶ୍ୟକତା ରହିଛି, ସେଥିପାଇଁ ଆମେ ଯୁବକମାନଙ୍କୁ ଉପଯୁକ୍ତ କରିପାରି ନାହେଁ । ତେଣୁ ବର୍ତ୍ତମାନ ସମୟର ସବୁଠାରୁ ବଡ ଆହ୍ୱାନ ହେଉଛି, ଦକ୍ଷତା ବିକାଶ । ସରକାର ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି ଏବଂ ଅଧିକରୁ ଅଧିକ ଲୋକେ କିପରି ଦକ୍ଷ ହେଇ, ନିଜର କର୍ମସଂସ୍ଥାନ ଆରମ୍ଭ କରିବେ ଓ ନିଜେ ରୋଜଗାର କରିବା ସହ ଅନ୍ୟପାଇଁ ରୋଜଗାରର ମାର୍ଗ ଦେଖାଇବେ ଓ ଅନ୍ୟମାନଙ୍କ ପାଇଁ ଉଦାହରଣ ହେବେ, ତାହା ହିଁ ବର୍ତ୍ତମାନ ସମୟର ସବୁଠାରୁ ବଡ କର୍ତ୍ତବ୍ୟ ଓ ଦାୟିତ୍ୱ । ଭାରତ ଏକ ଉଲ୍ଲେଖନୀୟ ସନ୍ଧିରେ ଅଛି । ବିଶ୍ୱର ସର୍ବାଧିକ ଜନସଂଖ୍ୟା ଏବଂ ବିଶ୍ୱସ୍ତରରେ ସବୁଠାରୁ ଅଧିକ ଯୁବ କର୍ମଶକ୍ତି ସହିତ, ଏହି ରାଷ୍ଟ୍ର ଏବେ ସୁବିଧା ସ୍ଥିତିରେ ଅଛି । ଏହାର ଜନସଂଖ୍ୟାର ପ୍ରାୟ ୬୮ ପ୍ରତିଶତ କାର୍ଯ୍ୟକ୍ଷମ ବୟସର । ଭାରତର ହାରାହାରି (ମେଡ଼ିଆନ) ବୟସ ୨୯.୫ ବର୍ଷ, ଯାହା ଚୀନର ୩୯.୮ ବର୍ଷ ଏବଂ ଯୁକ୍ତରାଷ୍ଟ୍ରର ୪୦.୬ ବର୍ଷ ସହିତ ସମ୍ପୂର୍ଣ୍ଣ ବିପରୀତ । ଦେଶର ଯୁବ ଶ୍ରମଶକ୍ତିର ସଂଖ୍ୟା,ଅନେକ ସମ୍ଭାବନାକୁ ଗୁରୁତ୍ୱ ଦିଏ । ଯୁବଶକ୍ତିକୁ ସଠିକ୍ ରାସ୍ତାରେ ବ୍ୟବହାର କଲେ, ଦେଶକୁ ଅଭୂତପୂର୍ବ ଆର୍ଥିକ ଅଭିବୃଦ୍ଧି ଆଡ଼କୁ ଆମେ ନେଇପାରିବା । ଗତ ଦଶନ୍ଧି ଧରି ନିଯୁକ୍ତି ସୃଷ୍ଟି ସରକାରଙ୍କର ଏକ କେନ୍ଦ୍ରୀୟ ଲକ୍ଷ୍ୟ ହୋଇଆସିଛି । କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡଭିଆ କହିଛନ୍ତି ଯେ ଦେଶରେ ନିଯୁକ୍ତି ୨୦୧୪–୧୫ ରେ ୪୭.୧୫ କୋଟିରୁ ୨୦୨୩–୨୪ରେ ୩୬ ପ୍ରତିଶତ ବୃଦ୍ଧି ପାଇ ୬୪.୩୩ କୋଟିରେ ପହଞ୍ଚିଛି, ଯାହା କେନ୍ଦ୍ରରେ ଏନଡିଏ ସରକାରଙ୍କ କାର୍ଯ୍ୟକାଳରେ ନିଯୁକ୍ତି ସୃଷ୍ଟିରେ ସଫଳତାକୁ ଦର୍ଶାଉଛି । ଉଲ୍ଲେଖନୀୟ ଯେ' କେବଳ ୨୦୨୩–୨୪ ବର୍ଷରେ ୪.୬ କୋଟି ନିଯୁକ୍ତି ଯୋଡା ଯାଇପାରିଛି । ଏହି ପଦକ୍ଷେପଗୁଡ଼ିକ ସଂଖ୍ୟା ଦୃଷ୍ଟିରୁ ଏବଂ ବେକାରୀ ହ୍ରାସ ଓ କର୍ମଶକ୍ତି ଅଂଶଗ୍ରହଣ ବୃଦ୍ଧି ଉପରେ ସେମାନଙ୍କର ପ୍ରଭାବ ଦୃଷ୍ଟିରୁ ପରିବର୍ତ୍ତନକାରୀ ହୋଇଛି । ବେକାରୀ ହାର ୨୦୧୭–୧୮ରେ ୬ ପ୍ରତିଶତରୁ ହ୍ରାସ ପାଇ ୨୦୨୩–୨୪ ରେ ୩.୨ ପ୍ରତିଶତକୁ ଖସି ଆସିଥିଲା, ଯେତେବେଳେ ସେହି ସମୟ ମଧ୍ୟରେ ଶ୍ରମଶକ୍ତି ଅଂଶଗ୍ରହଣ ହାର ୪୯.୮ ପ୍ରତିଶତରୁ ବୃଦ୍ଧି ପାଇ ୬୦.୧ ପ୍ରତିଶତକୁ ବୃଦ୍ଧି ପାଇଥିଲା । ୨୦୧୪ ରୁ ୨୦୨୩ ମଧ୍ୟରେ କୃଷି ନିଯୁକ୍ତିରେ ୧୯ ପ୍ରତିଶତ ବୃଦ୍ଧି ହେଇଛି । କିନ୍ତୁ ପୂର୍ବ ଦଶ ବର୍ଷ (୨୦୦୪–୧୪) ରେ ଏହା ୧୬ ପ୍ରତିଶତ ହ୍ରାସ ହେଇଥିଲା । ଉତ୍ପାଦନ କ୍ଷେତ୍ରରେ, ନିଯୁକ୍ତି ୧୫ ପ୍ରତିଶତ ବୃଦ୍ଧି ପାଇଛି (୨୦୧୪–୨୩), ଯାହା ପୂର୍ବ ଦଶନ୍ଧିର ଅଭିବୃଦ୍ଧି ତୁଳନାରେ ଦୁଇଗୁଣରୁ ଅଧିକ । ଏହି ଫଳାଫଳଗୁଡ଼ିକ ଲକ୍ଷ୍ୟଭିତ୍ତିକ ନୀତିଗୁଡ଼ିକର ପ୍ରଭାବଶାଳୀତାକୁ ସୂଚିତ କରୁଛି । ଶିଳ୍ପ କ୍ଷେତ୍ରରେ ଯଥେଷ୍ଟ ନିଯୁକ୍ତି ସୃଷ୍ଟି ସମ୍ଭାବନା ରହିଛି । କିନ୍ତୁ ଜିଡିପିରେ ଏହାର ଅଂଶ ପ୍ରାୟ ୧୫ ପ୍ରତିଶତ ରହିଛି–ଯାହା ଜାତୀୟ ଉତ୍ପାଦନ ନୀତି ଦ୍ୱାରା ସ୍ଥିର କରାଯାଇଥିବା ୨୫ ପ୍ରତିଶତ ଲକ୍ଷ୍ୟଠାରୁ ବହୁତ ଦୂରରେ । ତେଣୁ ଏହା ଉପରେ ସରକାର ଅଧିକ ଯତ୍ନଶୀଳ ହେବା ଦରକାର । ଏହି ଦଶନ୍ଧିରେ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ହାସଲ ପାଇଁ ଏମ୍ଏସଏମଇ କ୍ଷେତ୍ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ସୃଷ୍ଟି କରିଛି । ପ୍ରାୟ ୬୩.୪ ନିୟୁତ ଉଦ୍ୟୋଗ ଜିଡିପିରେ ୩୦ ପ୍ରତିଶତ ଯୋଗଦାନ ଦେଉଛନ୍ତି ଏବଂ ୧୦୦ ନିୟୁତରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଉଛନ୍ତି । ୨୦୨୪–୨୫ରେ ଭାରତରେ ଟିକସ–ଜିଡିପି ଅନୁପାତ ୧୧.୭ ପ୍ରତିଶତ ରହିବା ନେଇ ଆଶା କରାଯାଉଛି । ଯଦିଓ ଜିଏସଟି ସଂଗ୍ରହ ପ୍ରତି ମାସରେ ନିରନ୍ତର ଭାବରେ ୧.୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି, ଟିକସ ଆଧାରକୁ ବିସ୍ତାର କରିବା ଏବଂ ଟିକସ–ଜିଡିପି ଅନୁପାତକୁ ବୃଦ୍ଧି କରିବା, ବର୍ତ୍ତମାନ ସମୟର ସବୁଠାରୁ ବଡ ଆବଶ୍ୟକତା । ଏହି ଦଶନ୍ଧିରେ ଅନ୍ତର୍ଭୁକ୍ତି ଅଭିବୃଦ୍ଧି ହାସଲ ପାଇଁ ଏମ୍ଏସଏମଇ କ୍ଷେତ୍ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଫଳତା ପାଇଛି । ୬୩.୪ ନିୟୁତ ଉଦ୍ୟୋଗ ଜିଡିପିରେ ୩୦ ପ୍ରତିଶତ ଯୋଗଦାନ ଦେଉଛନ୍ତି ଏବଂ ୧୦ କୋଟିରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଉଛନ୍ତି । ଆମକୁ ଉଚ୍ଚ–ଦକ୍ଷତା, ଉଚ୍ଚ–ବେତନ ନିଯୁକ୍ତି ସୁଯୋଗ ଉପରେ ମଧ୍ୟ ଯଥେଷ୍ଟ ଧ୍ୟାନ ଦେବା ଆବଶ୍ୟକ । ଭାରତରେ ଶିକ୍ଷାନୁଷ୍ଠାନର ଅଭାବ ନାହିଁ । କିନ୍ତୁ, ଏହି ଅନୁଷ୍ଠାନଗୁଡିକରେ ଗବେଷଣା ଉପରେ ଅଧିକ ସୁବିଧାସୁଯୋଗ ଉପଲବ୍ଧ ହେବା ଉଚିତ ଏବଂ ସେହି ଅନୁସାରେ, ଉଚ୍ଚ ଶିକ୍ଷିତଙ୍କ ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରାଯିବା ଆବଶ୍ୟକ । ଏହା ଆୟ ବୃଦ୍ଧିରେ ସହାୟକ ହେବା ସହ ନିଯୁକ୍ତି ସୃଷ୍ଟିକୁ ଆହୁରି ବ୍ୟାପକ କରିବ । ମୋଟାମୋଟି ଭାବରେ, ସରକାର ଅନେକାଂଶରେ ବେରୋଜଗାରୀ ସମସ୍ୟାର ସମାଧାନ କରିବାରେ ଏବଂ ନିଯୁକ୍ତି ସୃଷ୍ଟି କରିବାରେ ସଫଳ ହେଇଛନ୍ତି । କିନ୍ତୁ ଏବେ ବି ଆମେ ଲକ୍ଷ୍ୟ ପାଖରେ ପହଞ୍ଚି ପାରିନାହେଁ । ଏହାକୁ ହାସଲ କରିବା ପାଇଁ ସହଭାଗୀତା ଆବଶ୍ୟକ । ସରକାରୀ–ବେସରକାରୀ ସହଯୋଗ, ଗୋଷ୍ଠୀ ସମ୍ପୃକ୍ତି ଏବଂ ନାଗରିକ ମତାମତକୁ ନେଇ ଆମେ ଆମର ରଣନୀତିକୁ ସୁଧାରିବା ଆବଶ୍ୟକ, ଯାହା ଅଭିବୃଦ୍ଧି ଆଣିବାରେ ସାହାଯ୍ୟ କରିପାରେ । ୨୦୪୭ରେ ବିକଶିତ ଦେଶ ହେବା ନେଇ ଆମେ ଖାଲି ସ୍ୱପ୍ନ ଦେଖୁନାହୁଁ, ବରଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କାର୍ଯ୍ୟ କରିଚାଲିଛୁ । ଗତ ଦଶ ବର୍ଷ ଧରି ଅନେକ ସଫଳତା ପାଇପାରିଛେ ଏବଂ ଏବେ ଏକ ସମୃଦ୍ଧ ଭାରତ ଗଠନ ପାଇଁ ଆମେ ଆମର ମାନବ ସମ୍ବଳର ସଦୁପୋଯୋଗ କରି ଆମ ପ୍ରୟାସକୁ ତ୍ୱରାନ୍ୱିତ କରିବାକୁ ପଡିବ ।

# ଓଡ଼ିଶାରେ ସମଗ୍ର ବିଶ୍ୱ

## ପ୍ରେମାନନ୍ଦ ପାଣିଗ୍ରାହୀ

ଦେଶ ବା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ପର୍ଯ୍ୟଟନର ଏକ ବଡ ଭୂମିକା ରହିଛି । ସମ୍ପ୍ରତି ପର୍ଯ୍ୟଟନ ଅର୍ଥନୈତିକ ଅଭିବୃଦ୍ଧିର ଅନ୍ୟତମ ଶକ୍ତିଶାଳୀ ବାହକ ସାଜିଛି । ଓଡ଼ିଶାରେ ଚିଲିକା ହ୍ରଦ ଠାରୁ ଆରମ୍ଭ କରି ଭିତରକନିକା, ସାତକୋଶିଆ, ଶିମିଳିପାଳ ଅଭୟାରଣ୍ୟ ସମେତ ୪୮୦ କିଲୋମିଟର ବ୍ୟାପୀ ସୁଦୀର୍ଘ ସମୁଦ୍ର ବେଳାଭୂମି, ପୁରୀ, କୋଣାର୍କ ସମେତ ଏକାଧିକ ପର୍ଯ୍ୟଟନ ସ୍ଥଳ ରହିଛି । ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ସୁଯୋଗ ଓ ସମ୍ଭାବନାର ଅଭାବ ନାହିଁ । ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାରେ ଓଡ଼ିଶାର ପ୍ରତିଟି ପର୍ଯ୍ୟଟନ ସ୍ଥଳୀର ସାମର୍ଥ୍ୟ ରହିଛି । ତେବେ ବହୁ ପର୍ଯ୍ୟଟନ ସ୍ଥଳର ଭିତ୍ତିଭୂମିର ବିକାଶ ହୋଇନଥିବାରୁ ଏବେବି ଅନେକ ପର୍ଯ୍ୟଟନ ସ୍ଥଳ ଅବହେଳିତ ଅବସ୍ଥାରେ ପଡି ରହିଛି ।

କେଉଁଠି ପର୍ଯ୍ୟଟନ ସ୍ଥଳରେ ପର୍ଯ୍ୟଟକଙ୍କ ପାଇଁ ପାନୀୟ ଜଳ ମିଳୁନଥିବା ବେଳେ କେଉଁଠି ଶୌଚାଳୟ କି ମୌଳିକ ସେବା ଉପଲବ୍ଧ ହେଉନାହିଁ । ଯାହା ଫଳରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ପର୍ଯ୍ୟଟକ ପୁଣି ଥରେ ଓଡ଼ିଶା ଆସିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଦେଶର ବିଭିନ୍ନ ପ୍ରଦେଶରେ ଥିବା ପର୍ଯ୍ୟଟନସ୍ଥଳୀଗୁଡିକର ବିକାଶ ପାଇଁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଦେଇଥାନ୍ତି । ରାଜ୍ୟରେ ପର୍ଯ୍ୟଟନର ବିକାଶ ସମ୍ଭାବନାକୁ ଦୃଷ୍ଟିରେ ରଖି ୨୦୨୩ ମସିହା ଠାରୁ କେନ୍ଦ୍ର ସରକାର ପର୍ଯ୍ୟଟନ ମାନଚିତ୍ରରେ ଓଡିଶାକୁ ସାମିଲ କରିଛନ୍ତି । ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱରେ ପରିଚିତ କରିବା ପାଇଁ ଉଦ୍ୟମ ଚାଲିଛି ।

ବିଦେଶରେ ଓଡ଼ିଶାର ସମୃଦ୍ଧ କଳା,ସଂସ୍କୃତି ଏବଂ ଭାଷାକୁ ପ୍ରୋତ୍ସାହନ କରିବା ସହ ଏହାର ପ୍ରଚାରପ୍ରସାରରେ ପ୍ରବାସୀ ଭାରତୀୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଓମାନ, ୟୁ.କେ, ତୁର୍କୀ, ମରିସସ, ମାଲେସିଆ, ଆମେରିକା ସବୁଠି ପ୍ରବାସୀ ଭାରତୀୟମାନେ ଅବସ୍ଥାନ କରୁଛନ୍ତି । ସମଗ୍ର ବିଶ୍ୱରେ ପ୍ରାୟ ସାଢେ ତିନି କୋଟିରୁ ଉର୍ଦ୍ଧ୍ୱ ପ୍ରବାସୀ ଭାରତୀୟ ରହୁଥିବାବେଳେ ସେମାନଙ୍କ ଅର୍ଥନୈତିକ, ସାଂସ୍କୃତିକ ଭାବାବେଗ ଆମ ସହ ଜଡିତ । ସେମାନଙ୍କୁ ଆମ ବିକାଶରେ ଭାଗିଦାରି କରିବାକୁ ହେବ । ଏଥିପାଇଁ ପ୍ରବାସୀ ଭାରତୀୟ ଦିବସର ଆୟୋଜନ କରାଯାଇଛି । ପ୍ରଥମ ଥର ଓଡ଼ିଶାରେ ଆୟୋଜନ ହୋଇଯାଇଛି ୧୮ତମ ପ୍ରବାସୀ ଭାରତୀୟ ସମ୍ମିଳନୀ ।

ଐତିହାସିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଓଡ଼ିଶାରେ ଅନୁଷ୍ଠିତ ହେଇଛି ପ୍ରବାସୀ ଭାରତୀୟ ଦିବସ । ଓଡ଼ିଶାର ସମୃଦ୍ଧ କଳା,ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରବାସୀ ଭାରତୀୟ ସମାରୋହ ଏକ ପ୍ରମୁଖ ଅବସର । ଭାରତ ପ୍ରତି ପ୍ରବାସୀ ଭାରତୀୟମାନଙ୍କ ଚିନ୍ତାଧାରା, ସେମାନଙ୍କ ଭାବନାକୁ ଦେଶବାସୀଙ୍କ ନିକଟରେ ପ୍ରକାଶ କରିବା ସହ ସକରାତ୍ମକ କଥାବାର୍ତ୍ତା ପାଇଁ ଏହି ସମାରୋହ ଏକ ଅବସର । ଭାରତର ବିକାଶରେ ପ୍ରବାସୀ ଭାରତୀୟମାନଙ୍କର ଅବଦାନକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଉଛି । ଏହି ସମ୍ମିଳନୀ ବିକଶିତ ଭାରତ ଗଠନରେ ବଡ ଭୂମିକା ତୁଲାଇବା ଆଶା ରହିଛି । ୧୯୧୫ ମସିହା ଜାନୁଆରୀ ୯ ତାରିଖରେ ଦକ୍ଷିଣ ଆଫ୍ରିକାରୁ ଭାରତକୁ ଫେରିଥିବା ସେହି ଦିବସକୁ 'ପ୍ରବାସୀ ଭାରତୀୟ ଦିବସ' ଭାବେ ପାଳନ କରାଯାଇଥାଏ । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ କାର୍ଯ୍ୟକାଳ ସମୟରେ ୨୦୦୩ ମସିହାରେ ଆରମ୍ଭ ହୋଇଥିବା ପ୍ରବାସୀ ଭାରତୀୟ ଦିବସ ବର୍ତ୍ତମାନ ପର୍ଯ୍ୟନ୍ତ ନୂଆଦିଲ୍ଲୀ, ମୁମ୍ବାଇ, କୋଚି, ହାଇଦ୍ରାବାଦ, ଜୟପୁର, ଚେନ୍ନେଇ, ବାରଣସୀ,ବେଙ୍ଗାଲୁର ଏବଂ ଇନ୍ଦୋର ଭଳି ସହରରେ ଆୟୋଜିତ ହୋଇଛି । ୨୦୧୫ରୁ ପ୍ରତି ଦୁଇ ବର୍ଷରେ ଥରେ ଏହି ଉତ୍ସବ ଅନୁଷ୍ଠିତ ହେଉଛି । ଭାରତ ପ୍ରତି ପ୍ରବାସୀ ଭାରତୀୟଙ୍କ ଚିନ୍ତାଧାରା, ସେମାନଙ୍କର ସଦ୍‌ଭାବନାକୁ ଦେଶବାସୀଙ୍କ ନିକଟରେ ପ୍ରକାଶ କରିବା ସହ ସକରାତ୍ମକ କଥାବାର୍ତ୍ତା ପାଇଁ ଏହି ସମାରୋହ ସୁଯୋଗ ଦେଉଛି । ପ୍ରଥମ ଥର ପାଇଁ ଓଡିଶାର ରାଜଧାନୀ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ଆୟୋଜିତ ହେଉଥିବାରୁ ସମ୍ମିଳନୀରେ ଅଂଶଗ୍ରହଣ ପାଇଁ ପ୍ରବାସୀ ଭାରତୀୟ ଅତିଥିଙ୍କ ସଂଖ୍ୟା ବୃଦ୍ଧି ପାଇଛି । ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଅତଥି, ପ୍ରବାସୀ ଭାରତୀୟ ଏବଂ ବୈଦେଶିକ ବ୍ୟାପାର ବିଭାଗ ଅଧିକାରୀ ଯୋଗ ଦେଇଥିଲେ । କେନ୍ଦ୍ର ବୈଦେଶିକ ବ୍ୟାପାର ବିଭାଗ ଓ ରାଜ୍ୟ ଗୃହ ବିଭାଗ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ପରିଚାଳନା ସହ ଅର୍ଥ ଖର୍ଚ୍ଚ କରିଛନ୍ତି ।

ଓଡ଼ିଶାର ଖାଦ୍ୟ ରୁଚି, ଓଡ଼ିଶାର ଆତିଥେୟତା ବିଶ୍ୱ ଦରବାରରେ ଦେଖାଇବା ପାଇଁ ଏହା ବଡ ସୁଯୋଗ ଥିଲା । ଏହି ତିନିଦିନିଆ ଅର୍ନ୍ତଜାତୀୟ ସମାରୋହ ମାଧ୍ୟମରେ ଓଡ଼ିଶା ନିଜ କଳା, ସଂସ୍କୃତି, ଐତିହ୍ୟର ଉତ୍କର୍ଷକୁ ବିଶ୍ୱ ଦରବାରରେ ପହଞ୍ଚାଇବା ନିମନ୍ତେ ସୁଯୋଗ ସୃଷ୍ଟି କରିଥିଲା । ଓଡ଼ିଶା ସରକାର 'ଅତିଥି ଦେବୋ ଭବଃ' ସ୍ଲୋଗାନରେ ପ୍ରବାସୀ ଭାରତୀୟ ଦିବସକୁ ଅଧିକ ଆକର୍ଷଣର ସହ ସଫଳ କରିବାକୁ ପ୍ରୟାସ କରିଥିଲେ । ପ୍ରଥମ ଥର ପାଇଁ ଏହି ସମ୍ମାନଜନକ କାର୍ଯ୍ୟକ୍ରମ ଆୟୋଜନ କରି ଓଡ଼ିଶା ସରକାର ପ୍ରବାସୀ ଭାରତୀୟଙ୍କ ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ ବିପୁଳ ପୁଞ୍ଜି ବିନିଯୋଗର ସମ୍ଭାବନା ସୃଷ୍ଟି କରିବା ଆଶାକୁ ଉଜ୍ଜୀବୀତ କରିଛନ୍ତି । ୨୦୪୭ ସୁଦ୍ଧା ବିକଶିତ ଭାରତ ଏବଂ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ରଖାଯାଇ ଥିବାରୁ ଓଡ଼ିଶାର ବିକାଶରେ ଯେପରି ପ୍ରବାସୀ ଭାରତୀୟଙ୍କ ଅବଦାନ ଅଧିକ ରହିବ, ସେ ନେଇ ରାଜ୍ୟ ସରକାର ଆଶା ରଖିଛନ୍ତି । ସର୍ବ ଭାରତୀୟ ସ୍ତରରେ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟ ପ୍ରଦର୍ଶନ ପାଇଁ ମଧ୍ୟ ଏହା ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଥିଲା ।

ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବାରେ ଏହି କାର୍ଯ୍ୟକ୍ରମ ବିଶେଷ ସହାୟକ ହେବ । ଓଡ଼ିଶାର ଅନନ୍ୟ ସାଂସ୍କୃତିକ ଐତହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ, ପର୍ଯ୍ୟଟନସ୍ଥଳୀଗୁଡିକର ବିଶେଷତ୍ୱ ଓ ସମ୍ପଦ ଦେଇ ରାଜ୍ୟ ପର୍ଯ୍ୟଟନର ଭବିଷ୍ୟତ ସମ୍ପର୍କରେ ପ୍ରବାସୀ ଭାରତୀୟଙ୍କ ସହ ଆଲୋଚନା କରାଯିବା ନେଇ କାର୍ଯ୍ୟକ୍ରମ ଥିଲା । ସେଥିପାଇଁ ପ୍ରବାସୀ ଭାରତୀୟମାନେ ରାଜ୍ୟର କିଛି ସ୍ଥାନକୁ ବୁଲିବାକୁ ଯୋଜନା କରାଯାଇଥିଲା । ଯାଜପୁରର ବୌଦ୍ଧ ସର୍କିଟ, କଟକ, ଭୁବନେଶ୍ୱର, ପୁରୀ, ଚିଲିକା, କୋଣାର୍କ ଆଦି ଦର୍ଶନୀୟ ସ୍ଥାନ ଓ ସଂଗ୍ରହାଳୟ ଆଦି ୨୧ଟି ପର୍ଯ୍ୟଟନସ୍ଥଳୀକୁ ପ୍ରବାସୀ ଭାରତୀୟମାନେ ବୁଲିବେ । ସେମାନଙ୍କୁ ଆକୃଷ୍ଟ କରିବା ପାଇଁ ରାଜାରାଣୀ ମ୍ୟୁଜିକ ଫେଷ୍ଟିଭାଲ, ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ, ପୁଷ୍ପ ପ୍ରଦର୍ଶନୀ, ଓଡ଼ିଶୀ ନୃତ୍ୟ ମହୋତ୍ସବ, ଆଦିବାସୀ ମେଳା, ଆଦିବାସୀ ନୃତ୍ୟ ଓ ଲୋକକଳା ଉତ୍ସବ, ଚିଲିକା ପକ୍ଷୀ ଉତ୍ସବ, ବିଭିନ୍ନ ଖାଦ୍ୟ ମେଳାର ଆୟୋଜନ କରାଯାଇଥିଲା । ଅତିଥିଗଣ ରାଜଧାନୀ ବୁଲିବା ସହ ଓଡ଼ିଶାର କଳା,ସଂସ୍କୃତି ବିଷୟରେ ଅନେକ ତଥ୍ୟ ଲାଭ କରିବା ସହ ଅନେକ ସୁନ୍ଦର ଅନୁଭୂତି ନେଇ ଫେରିଛନ୍ତି ।

ମୋ–୯୪୩୭୭୨୯୩୮୪

# ସ୍ୱାମୀ ବିବେକାନନ୍ଦ ଓ ଜାତୀୟ ଯୁବ ଦିବସ

## ରମାକାନ୍ତ ସେଠ୍

ଜାନୁଆରୀ ୧୨ ତାରିଖ ଆମ ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ ଦିନ । ଏହି ଦିନ ଆମେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀକୁ ରାଷ୍ଟ୍ରୀୟ ଯୁବ ଦିବସ ରୂପେ ପାଳନ କରିଥାଉ । ପାଶ୍ଚାତ୍ୟ ଦେଶରେ ବେଦାନ୍ତ ଓ ଯୋଗର ଭାରତୀୟ ଦର୍ଶନକୁ ପରିଚିତ କରାଇଥିବା ପ୍ରମୁଖ ବ୍ୟକ୍ତି ହେଉଛନ୍ତି ସ୍ୱାମୀ ବିବେକାନନ୍ଦ ତେଣୁ ତାଙ୍କର ଶିକ୍ଷାକୁ ସମ୍ମାନୀତ କରିବା ଏବଂ ରାଷ୍ଟ୍ର ନିର୍ମାଣରେ ଯୁବକମାନଙ୍କ ପ୍ରମୁଖ ଭୂମିକାକୁ ଉଜାଗର କରିବା ଏହି ଦିନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଦିନ କେବଳ ଉତ୍ସବ ପାଳନ ପାଇଁ ନୁହେଁ ବରଂ ଆମ ଦେଶର ଆଗାମୀ ଭବିଷ୍ୟତକୁ ଆକାର ଦେବା ପାଇଁ ଯୁବକଙ୍କ ମଧ୍ୟରେ ଅସୀମ କ୍ଷମତା, ସାହସ, ଶକ୍ତି ଓ ଦାୟିତ୍ୱକୁ ଚିହ୍ନିବାର ଏକ ଦିନ ଅଟେ ।

ଯୁବକ ମାନଙ୍କ ପାଇଁ ସ୍ୱାମୀ ବିବେକାନନ୍ଦଙ୍କ ଅବଦାନ ଗଭୀର ଓ ବହୁମୁଖୀ ସେ ଯୁବକମାନଙ୍କୁ ସାମାଜିକ ପରିବର୍ତ୍ତନ ଏବଂ ପ୍ରେରଣା ଶକ୍ତି ଭାବରେ କଳ୍ପନା କରିଥିଲେ । ୧୮୯୩ ମସିହାରେ ଚିକାଗୋ ବିଶ୍ୱ ସଂସଦରେ ତାଙ୍କର ଓଜସ୍ୱିନୀ ଭାଷଣ ଧର୍ମର ବିଶ୍ୱବ୍ୟାପିତା ଏବଂ ବିଶ୍ୱକୁ ଏକ ସୁସଂଗତ ଅସ୍ତିତ୍ୱ ଆଡକୁ ଆଗେଇ ନେବା ପାଇଁ ଯୁବପିଢ଼ିଙ୍କ ସାମର୍ଥ୍ୟ ଉପରେ ତାଙ୍କର ବିଶ୍ୱାସ ପ୍ରଦର୍ଶନ କରିଥିଲେ ।

ସ୍ୱାମୀ ବିବେକାନନ୍ଦ ଯୁବକମାନଙ୍କ ମଧ୍ୟରେ ଏକ ଶକ୍ତିଶାଳୀ ଚରିତ୍ର, ଆତ୍ମବିଶ୍ୱାସ ଏବଂ ଉଦ୍ଦେଶ୍ୟର ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଭବିଷ୍ୟତରେ ରାଷ୍ଟ୍ର ନିର୍ମାଣରେ ଯୁବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେମାନେ ପରିବର୍ତ୍ତନ, ନବସୃଜନ ଏବଂ ପ୍ରଗତିର ମଶାଲ ଅଟନ୍ତି । ଭବିଷ୍ୟତର ନେତା ଭାବରେ ଯୁବକମାନଙ୍କ ନୀତି ଗଠନ, ସମାଜ ସେବାରେ ଯୋଗଦାନ ଏବଂ ଅନ୍ତର୍ଭୁକ୍ତ ସମାଜ ପ୍ରତିପୋଷଣରେ ସକ୍ରିୟ ଅଂଶଗ୍ରହଣ କରିବା ଉଚିତ । ଯୁବକମାନେ ଯେ କୌଣସି ପ୍ରଗତିଶୀଳ ସମାଜର ମେରୁଦଣ୍ଡ ଅଟନ୍ତି ସେମାନଙ୍କର ଶକ୍ତି, ଉତ୍ସାହ ଏବଂ ଅଭିନ୍ନ ଚିନ୍ତାଧାରା ହେଉଛି ସାମାଜିକ, ଅର୍ଥନୈତିକ ଏବଂ ବୈଷୟିକ ପ୍ରଗତିର କାରଣ । ଯୁବକମାନଙ୍କ ଉତ୍ସାହ, ଆଦର୍ଶବାଦ,ଏବଂ ନୂତନ ଚିନ୍ତାଧାରା ଗ୍ରହଣ କରିବାକୁ ଇଚ୍ଛା, ଏକ ଦେଶର ବିକାଶ ଏବଂ ଅଭିବୃଦ୍ଧିରେ ଯଥେଷ୍ଟ ସହାୟକ ହୋଇଥାଏ । ସ୍ୱାମୀ ବିବେକାନନ୍ଦଙ୍କ ଶିକ୍ଷା ଯୁବକମାନଙ୍କୁ ନିଃସ୍ୱାର୍ଥପରତା, ସହାନୁଭୂତି, ଉତ୍ସର୍ଗୀକୃତ ମନୋଭାବ ସହିତ ସେମାନଙ୍କ ଦାୟିତ୍ୱ ଗ୍ରହଣ କରିବାକୁ ପ୍ରେରଣା ଯୋଗାଇଥାଏ ।

ଆଧୁନିକ ଯୁଗରେ ସମସ୍ୟା ସମାଧାନରେ ପ୍ରଯୁକ୍ତିବିଦ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଏବଂ ଯୁବକମାନେ ଏହି ବୈଷୟିକ ବିପ୍ଳବର ଅଗ୍ରଭାଗରେ ଅଛନ୍ତି । ଭବିଷ୍ୟତରେ ଯୁବକମାନେ ଜଟିଳ ଆହ୍ୱାନର ମୁକାବିଲା ପାଇଁ କୃତ୍ରିମ ବୁଦ୍ଧିମତ୍ତା, ବ୍ଲକ ଚେନ ଏବଂ ଅକ୍ଷୟ ଶକ୍ତି ଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରିବେ ସେମାନଙ୍କୁ ଦ୍ରୁତ ପରିବର୍ତ୍ତନଶୀଳ ଦୃଶ୍ୟ ସହିତ ଖାପ ଖୁଆଇବା, ସର୍ବଭାରତୀୟ ସ୍ତରରେ ସହଯୋଗ କରିବା ଏବଂ ସ୍ଥାୟୀ ବିକାଶ ପାଇଁ ଦାୟିତ୍ୱପୂର୍ଣ୍ଣ ଭାବରେ ପ୍ରଯୁକ୍ତି ବିଦ୍ୟାକୁ ବ୍ୟବହାର କରିବା ଆବଶ୍ୟକ ।

ଶିକ୍ଷା ଉପରେ ସ୍ୱାମୀ ବିବେକାନନ୍ଦଙ୍କ ଗୁରୁତ୍ୱ ଏକବିଂଶ ଶତାବ୍ଦୀର ଯୁବକମାନଙ୍କ ବିକାଶଶିଳ ଆବଶ୍ୟକତା ପାଇଁ ଅନୁରୂପ ଅଟେ । ଶିକ୍ଷା କେବଳ ଏକାଡେମିକ ଉତ୍କର୍ଷ ଉପରେ ଗୁରୁତ୍ୱ ଦେବା ଉଚିତ ନୁହେଁ ବରଂ ସମାଲୋଚିତ ଚିନ୍ତାଧାରା, ସୃଜନଶୀଳତା, ସାମାଜିକ ଦାୟିତ୍ୱବୋଧର ଭାବନାକୁ ମଧ୍ୟ ଗୁରୁତ୍ୱ ଦେବା ଉଚିତ । ଯୁବକମାନେ ସକ୍ରିୟ ଭାବରେ ଜ୍ଞାନ ଅନ୍ୱେଷଣ କରିବା, ସାମାଜିକ ନୀତି ଉପରେ ପ୍ରଶ୍ନ କରିବା ଏବଂ ମାନବିକତାର ସାମୂହିକ ଜ୍ଞାନରେ ସହଯୋଗ କରିବା ଉଚିତ ।

ଯୁବକମାନଙ୍କ ପାଇଁ ଜାତୀୟ ଗର୍ବ ଏବଂ ସାଂସ୍କୃତିକ ବୁଝାମଣାର ଭାବନା ଜରୁରୀ । ସ୍ୱାମୀ ବିବେକାନନ୍ଦ ଏକ ଶକ୍ତିଶାଳୀ ତଥା ମିଳିତ ଭାରତର କଳ୍ପନା କରିଥିଲେ ଏବଂ ଏହି ଦର୍ଶନକୁ ସାକାର କରିବାରେ ଯୁବକମାନେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରନ୍ତି ।

ବିବିଧତାକୁ ଗ୍ରହଣ କରି, ବିଭିନ୍ନ ଦୃଷ୍ଟିକୋଣକୁ ସମ୍ମାନ ଦେଇ ନ୍ୟାୟ ଏବଂ ସମନତାର ମୂଲ୍ୟବୋଧକୁ ସମର୍ଥନ କରି ଯୁବକମାନେ ଏକ ସମନ୍ୱିତ ତଥା ପ୍ରଗତିଶୀଳ ରାଷ୍ଟ୍ର ଗଠନରେ ସହଯୋଗ କରିପାରିବେ । ଯୁବକମାନଙ୍କ ମଧ୍ୟରେ ନବସୃଜନ ଏବଂ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ରାଷ୍ଟ୍ରୀୟ ଯୁବ ଦିବସ ଏକ ଶୁଭ ଅବସର ।

ଆମ ଦେଶ ଯୁବ ପ୍ରତିଭାର ଭଣ୍ଡାର ଅଟେ, ଯିଏକି ଏକ ସୁଯୋଗର ଅପେକ୍ଷାରେ ରହିଛି । ନବସୃଜନକୁ ଉତ୍ସାହିତ କରିବା ଏବଂ ସମର୍ଥନ କରିବା କେବଳ ଅର୍ଥନୈତିକ ଅଭିବୃଦ୍ଧିକୁ ନୁହେଁ ବରଂ ବିଶ୍ୱସ୍ତରୀୟ ଆହ୍ୱାନକୁ ସମ୍ମୁଖୀନ କରି ତା'ର ସମାଧାନ ପାଇଁ ଯୁବକମାନଙ୍କୁ ସୁଯୋଗ ଦେଇଥାଏ । ଯୁବକମାନଙ୍କ ନେତୃତ୍ୱ ନେବାର ଗୁଣକୁ ପ୍ରୋତ୍ସାହିତ କରି ଭବିଷ୍ୟତରେ ଏକ ଭଲ ନେତୃତ୍ୱ ଗଠନ କରିବା, ନାଗରିକ ଯୋଗଦାନକୁ ପ୍ରୋତ୍ସାହିତ କରିବା ଏବଂ ଯୁବ ସ୍ୱର ପାଇଁ ଉପଯୁକ୍ତ ପ୍ଲାଟଫର୍ମ ତିଆରି କରିବା ପାଇଁ ରାଷ୍ଟ୍ରୀୟ ଯୁବ ଦିବସ ଏକ ସୁଯୋଗ ଏବଂ ଏହା ଭବିଷ୍ୟତରେ ନେତା ଗଠନ ଦିଗରେ ଆବଶ୍ୟକ ପଦକ୍ଷେପ, ଯାହାକି ଆମ ଦେଶକୁ ନୂତନ ଶିଖରକୁ ନେଇ ପାରିବ ।

ପରିଶେଷରେ ରାଷ୍ଟ୍ରୀୟ ଯୁବ ଦିବସ କେବଳ କ୍ୟାଲେଣ୍ଡର ର ଗୋଟିଏ ଦିନ ନୁହେଁ! ଏହା ଆମର ସାମୁହିକ ଭବିଷ୍ୟତ ଓ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଓ ଶିକ୍ଷାର ଏକ ଉତ୍ସବ ଅଟେ, ଯାହା ଦେଶର ଭବିଷ୍ୟତ ଗଠନରେ ଯୁବକମାନଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକାକୁ ଗୁରୁତ୍ୱ ଦେଇଥାଏ । ଯୁବକମାନେ କେବଳ ସୁଯୋଗର ପ୍ରାପ୍ତକର୍ତ୍ତା ନୁହଁନ୍ତି, ସେମାନେ ପ୍ରଗତିର ସ୍ଥପତି ଅଟନ୍ତି ।

ଚରିତ୍ର ନିର୍ମାଣ, ଶିକ୍ଷା ଏବଂ ସାମାଜିକ ଦାୟିତ୍ୱ ଉପରେ ସ୍ୱାମୀ ବିବେକାନନ୍ଦଙ୍କ ଗୁରୁତ୍ୱ ଯୁବକମାନଙ୍କୁ ରାଷ୍ଟ୍ର ନିର୍ମାଣ ଦିଗରେ ଆଗେଇ ନେବାରେ ଲାଗିଛି । ପରିବର୍ତ୍ତନର ମଶାଲଧାରୀ ଭାବରେ ଯୁବକମାନେ ଅଭିନ୍ନ ପ୍ରଯୁକ୍ତି ବିଦ୍ୟା ବ୍ୟବହାର କରି ଭବିଷ୍ୟତରେ ଆସିବାକୁ ଥିବା ବିଭିନ୍ନ ଆହ୍ୱାନକୁ ସମ୍ମୁଖୀନ ହେବେ, ସାମାଜିକ କଲ୍ୟାଣରେ ସହଯୋଗ କରିବେ ଏବଂ ସମୃଦ୍ଧ ତଥା ସୁସଂଗତ ରାଷ୍ଟ୍ରର ମୂଲ୍ୟବୋଧକୁ ସମର୍ଥନ କରିବେ ।

ଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ
ଜେଙ୍ଗୋରା,ନୂଆପଡା
ମୋ – ୯୯୩୮୫୬୮୬୫୧

# ଶ୍ରୀମନ୍ଦିରରେ ନବାଙ୍କ ପର୍ବ

ଧନୁ ସଂକ୍ରାନ୍ତିରୁ ବାପ ଘରକୁ ଯାଇଥିବା ମହାଲକ୍ଷ୍ମୀ ଆଜି, ଧାନ, ଚାଉଳ, ଫୁଲ ଆଦି ଭାର ଧରି ପଟୁଆରରେ ଶ୍ରୀମନ୍ଦିର ବିଜେ କରିଛନ୍ତି । ଦୀର୍ଘ ଏକମାସ ଧରି ଅପେକ୍ଷା କରିଥିବା ଶ୍ରୀମନ୍ଦିର ଯେମିତି ତାଙ୍କ ଫେରିବାରେ ଆନନ୍ଦରେ ଉଚ୍ଛୁଳି ପଡ଼ିଛି । ଓଡ଼ିଆ ଘରେ ନୂଆ ବୋହୂଟିଏ ପ୍ରଥମ ଥର ବାପଘର ଯାଇ ଫେରିବା ଭଳି ମହାଲକ୍ଷ୍ମୀ ପଟୁଆର ଧରି ଏକ ସ୍ୱତନ୍ତ୍ର ଠାଣୀରେ ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ କରଥାନ୍ତି । ଏହିପରି ଭାବେ ଶ୍ରୀମନ୍ଦିରରେ ନବାଙ୍କ ପର୍ବ ଅନୁଷ୍ଠିତ ହୋଇ ମହାପ୍ରଭୁଙ୍କ ନବାଙ୍କ ବେଶ ଅନୁଷ୍ଠିତ ହୋଇଥାଏ, ଯାହାକି ଚଳିତ ଜାନୁଆରୀ ୧୩ ତାରିଖ (ସୋମବାର) ଦିନ ଅନୁଷ୍ଠିତ ହେବ । ବିଧି ବ୍ୟବସ୍ଥା ଅନୁଯାୟୀ ଅଲାମଚଣ୍ଡି ଠାରୁ ମକରତାଡ଼ ଆସିଥାଏ । ଏକ ପଟୁଆରରେ କୁମ୍ଭକାରମାନେ ଏହି ତାଡକୁ ଶ୍ରୀମନ୍ଦିର ବିଜେ କରାଇବାର ପରମ୍ପରା ରହିଛି । ନବାଙ୍କ ଅବସରରେ ମହାପ୍ରଭୁଙ୍କର ଅବକାଶ ମଇଲମ ପରେ ଘୋଡ଼ ଲାଗି ହୋଇଥାଏ ଓ ସନ୍ଧ୍ୟା ଆଳତି ପରେ ସିଂହଦ୍ୱାର ଚକଡ଼ାରେ ପାହାଡ଼ା ପଡ଼ି ଚାଉଳ ମେଲଣର ରୀତିକାନ୍ତି ରହିଛି । ଧାନଘର ଠାରୁ ବୋରୋଭୋଇ ପ୍ରଧାନ ଚାଉଳ ଧରି ସିଂହଦ୍ୱାର ଚକଡ଼ାରେ ବିଜେ କରାଯାଏ । କୋଠଭୋଗ ଯୋଗାଣିଆ ତଳିଛ ପଟୁଆର କରି ଘଣ୍ଟ, ଛତା, କାହାଳୀ ସହ ଶ୍ରୀମନ୍ଦିରକୁ ଗୋଟିଏ ବେଢ଼ା ବୁଲି ଇନ୍ଦ୍ରାଣୀ ବେଢ଼ାରେ ରଖନ୍ତି । ଫୁଲମେଲାଣ ପାଇଁ ମାଳିମାନେ ତଳିଛ ପଟୁଆରରେ ଘଣ୍ଟା, ଛତା, କାହାଳୀ ସହ ଶ୍ରୀମନ୍ଦିର ଗୋଟିଏ ବେଢ଼ା ବୁଲି ବେହେରଣ ତଢ଼ଉ ଦରଶୁଆ କରି ଖୁଣ୍ଟିଆଙ୍କ ମାର୍ଫତରେ ଦେଇଥାନ୍ତି । ଖୁଣ୍ଟିଆ ଏହାକୁ ନେଇ ସନ୍ଧ୍ୟା ଆଳତିରେ ମହାପ୍ରଭୁଙ୍କୁ ଲାଗି କରାନ୍ତି ।

ସନ୍ଧ୍ୟା ଆଳତି ବଢ଼ି ସନ୍ଧ୍ୟାଧୂପ ହେବା ସହ ତିନୋଟି ବାଉଁଶିଆରେ ଚାଉଳ ରଖାଯାଇଥାଏ । ଏହାପରେ ଅଧିବାସ ନୀତି ଅନୁଷ୍ଠିତ ହୋଇଥାଏ । ତଢ଼ାଉ ଦୁଆର ମୁଦ କରିବା ପରେ ବଡ଼ସିଂହାର ବେଶ ବା ନବାଙ୍କ ବେଶ ହେବାର ପରମ୍ପରା ରହିଛି । ଏଥିରେ ଏକ ଆଜ୍ଞାମାଳ ଲାଗି ହୋଇଥାଏ । ଶ୍ରୀଅଙ୍ଗରୁ ମାଳ ଆସିବା ପରେ ମହାଜନ ମଦନ ମୋହନଙ୍କୁ ବଟମୂଳେ ବିମାନରେ ବିଜେ କରାନ୍ତି ଓ ବିମାନବଡୁମାନେ ବିମାନକୁ ୫ବେଢ଼ା ବୁଲାଇଥାନ୍ତି । ମହାପ୍ରଭୁଙ୍କ ନବାଙ୍କ ବେଶରେ ମହାଲକ୍ଷ୍ମୀଙ୍କ ଘରୁ ଆସିଥିବା ଫୁଲ ଲାଗି ହୋଇଥାଏ । ମହାଲକ୍ଷ୍ମୀଙ୍କ ପକ୍ଷରୁ ବଡ଼ଓଡ଼ିଆ ମଠ ଫୁଲ ଯୋଗାଇ ଆସୁଛି। ଜଗନ୍ନାଥଙ୍କ ପାଇଁ ୧୬ହାତ, ବଳଭଦ୍ରଙ୍କ ଲାଗି ୧୪ ହାତ ଓ ସୁଭଦ୍ରାଙ୍କ ଲାଗି ୧୨ ହାତ ଲମ୍ବାର ଏହି ମାଳ ତିଆରି ହୋଇଥାଏ ।

ବିପିନ ବିହାରୀ ରାଉତ,ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ

# ପୌଷ ପୂର୍ଣ୍ଣିମା ଓ ପୃଷ୍ୟାଭିଷେକ

## ଯଶସ୍ୱିନୀ ପଟ୍ଟନାୟକ

କବିବର ରାଧାନାଥ ରାୟଙ୍କ 'ଚନ୍ଦ୍ରଭାଗା' କାବ୍ୟରେ ଅଛି ଶ୍ରୀଜଗନ୍ନାଥଙ୍କ 'ପୌଷାଭିଷେକ' ଉତ୍ସବର ଏକ ସୁନ୍ଦର ବର୍ଣ୍ଣନା । ତାହା ଅନୁସାରେ, ପୌଷପୂର୍ଣ୍ଣିମାର ସେହି ଦୁର୍ଲଭ ଅଭିଷେକ ଉତ୍ସବର ଦର୍ଶନ ପାଇଁ ଓଡ଼ିଶାର ବିଭିନ୍ନ ପୀଠର ଅଧିଷ୍ଠାତ୍ରୀ ଦେବୀମାନେ ପୂଜା ସମ୍ଭାର ନେଇ ଶ୍ରୀମନ୍ଦିରକୁ ଆସିଥାନ୍ତି ।

ପୁଷ୍ୟାଭିଷେକ ଶ୍ରୀମନ୍ଦିରର ଓ ଶ୍ରୀନଅରର ଏକ ଗୁରୁତ୍ୱପୂର୍ଣ୍ଣ ନୀତି । ଶ୍ରୀମନ୍ଦିରରେ ପୌଷପୂର୍ଣ୍ଣିମା ଦିନ ଶ୍ରୀଜଗନ୍ନାଥଙ୍କର ଯେଉଁ ଅଭିଷେକ ହୁଏ, ତାହା ପୁଷ୍ୟାଭିଷେକ ଭାବେ ପରିଚିତ । ଦେବତାଙ୍କର ସେହି ଅଭିଷେକର ପରଦିନ ଶ୍ରୀନଅରରେ ମଧ୍ୟ ଗଜପତି ମହାରାଜାଙ୍କର ଅଭିଷେକ ହୁଏ । ତାହାକୁ ମଧ୍ୟ ପୁଷ୍ୟାଭିଷେକ କୁହାଯାଏ । ଶ୍ରୀଜଗନ୍ନାଥ ହେଉଛନ୍ତି ଦେବାଧିଦେବ, ରାଜାଧିରାଜ। ତେଣୁ ପୌଷପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ତାଙ୍କର ଅଭିଷେକ ଉତ୍ସବ ଏପରି ଦୁର୍ଲ୍ଲଭ ଯେ ସେହି ବେଶରେ ତାଙ୍କର ଦର୍ଶନ ପାଇଁ ଦେବଦେବୀମାନେ ଶ୍ରୀମନ୍ଦିରକୁ ଛୁଟି ଆସିଥାନ୍ତି ।

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ପୌଷ ପୂର୍ଣ୍ଣିମା ଦିନ ରାମଚନ୍ଦ୍ର ୧୪ ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ରାଜ୍ୟଭାର ଗ୍ରହଣ କରିଥିଲେ । ଏହାପୂର୍ବରୁ ତାଙ୍କର ରାଜ୍ୟାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହାକୁ ସ୍ମୃତି ରୂପେ ଗ୍ରହଣ କରି ପ୍ରତିବର୍ଷ ଏହି ଦିନ ଦେବମନ୍ଦିରଗୁଡ଼ିକରେ ଠାକୁରମାନଙ୍କର ପୁଷ୍ୟାଭିଷେକ ଅନୁଷ୍ଠିତ ହୋଇଥାଏ । ଏହିଦିନ ପୁରୀ ବଡ଼ ଦେଉଳରେ ଶ୍ରୀଜିଉମାନଙ୍କର ପୁଷ୍ୟାଭିଷେକ ହୁଏ ।

ଶାସ୍ତ୍ରରେ ଏ ଉତ୍ସବ ନେଇ ଉଲ୍ଲେଖ ଅଛି 'ପୌଷ ମାସି ସିତେ ପକ୍ଷେ ପୌର୍ଣ୍ଣମାୟାଂ ରୁକ୍ମିଣୀ ପତେଃ। ଭୂଷ୍ୟଭିଷେକଂ କୁର୍ବାତ୍ ସର୍ବକାମାର୍ଥ ସିଦ୍ଧୟେ।' ଏହି ପୂର୍ଣ୍ଣିମା ଦିନ ଶ୍ରୀଜଗନ୍ନାଥଙ୍କ ନିତ୍ୟ ପୂଜା ପରେ ନୂତନ ବସ୍ତ୍ର, ଭୂଷଣ ଓ ଗନ୍ଧ ପୁଷ୍ପ ଆଦି ଦ୍ୱାରା ଠାକୁରଙ୍କୁ ବେଶ କରାଯାଇ ଯାତ୍ରା ମଣ୍ଡପକୁ ନିଆଯାଏ । ସେଠାରେ ବରୁଣପୂଜା, ସ୍ଥିତି ବାଚନ, ମଙ୍ଗଳାରୋପଣ, ଯଜ୍ଞୋପବୀତ ସମର୍ପଣ, ହୋମ, ଆରତି ଇତ୍ୟାଦି ବିଧିରେ ବିଜେ ପ୍ରତିମା ସହ ଖଡ଼୍ଗ ପୂଜା ପରେ ଭକ୍ତ ଯଜ୍ଞୋପବୀତ ପ୍ରଥମେ ଶ୍ରୀଜଗନ୍ନାଥଙ୍କୁ ଓ ପରେ ଯାତ୍ରା ମଣ୍ଡପରେ ଯଥାବିଧି ଉପଚାର ସହିତ ରାଜାଙ୍କୁ ଅର୍ପଣ କରାଯାଏ । ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଅଭିଷେକ ଉତ୍ସବ ରାଜାଙ୍କ ଅଭିଷେକ ରୂପେ ପାଳିତ ହୁଏ । ଏହି ଅଭିଷେକୋତ୍ସବ ଦର୍ଶନରେ ଦର୍ଶନାର୍ଥୀ ପାପମୁକ୍ତ ହୋଇ ବୈକୁଣ୍ଠପୁରୀ ପ୍ରାପ୍ତ ହୁଅନ୍ତି ବୋଲି ବିଶ୍ୱାସ ରହିଛି । ଏହି ଅବସରରେ ରତ୍ନସିଂହାସନରେ ଶ୍ରୀଜିଉମାନଙ୍କୁ ସୁନାବେଶରେ ସଜ୍ଜିତ କରାଯାଏ ।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର–୮, ସିଡିଏ, କଟକ

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର,
ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ
ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ



ମାହାଙ୍ଗା,(ସବ୍ୟୁ): ବିଭୂତି ଭୂଷଣ ସ୍ମୃତି ସଂସଦ ଆନୁକୂଲ୍ୟରେ ମାହେଶ୍ୱରୀ ମନ୍ଦିର ନିକଟସ୍ଥ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଜାତୀୟ ଯୁବ ଦିବସ ଓ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଶିକ୍ଷକ ଚିତ୍ତରଞ୍ଜନ ସାହୁଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ପ୍ରଭାତ ଫେରି ସହ ଯୁବ ଦିବସର ବାର୍ତ୍ତା ଦେଇ ସମବେତ ହେବା ପରେ ବିବେକାନନ୍ଦଙ୍କ ସମ୍ପର୍କରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ସ୍ମୃତି ସଂସଦର ସଭାପତି ପ୍ରଫେସର ଭୁବନାନନ୍ଦ ସାହୁ ସଭାପତିତ୍ୱ କରି ବିଶ୍ୱବିଜୟୀ ବିବେକାନନ୍ଦଙ୍କ କାର୍ଯ୍ୟାବଳୀ ଯୁବ ସମାଜର ଧ୍ୟେୟ ହେଉ ବୋଲି ମତପୋଷଣ କରିଥିଲେ । ସାଧାରଣ ସମ୍ପାଦକ ଭୂପେନ୍ ଚାଟାର୍ଜୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଇଂଜିନିୟର ଅମିୟ ରଞ୍ଜନ ସିହ୍ନା ବିବେକାନନ୍ଦଙ୍କ ଜୀବନାଦର୍ଶ ଅନୁସରଣ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟକାରୀ ସଦସ୍ୟ ସୁକାନ୍ତ ପ୍ରସାଦ ନନ୍ଦ, ଅଧାପକ ଜଗନ୍ନାଥ ନାୟକ ଯୁବସମାଜ ପାଇଁ ସ୍ୱାମିଜୀ ପ୍ରେରଣାର ଉତ୍ସ ବୋଲି ବର୍ଣ୍ଣନା କରିଥିଲେ । ଜଗନ୍ନାଥ କୋଚିଙ୍ଗ୍ ସେଣ୍ଟର, ଜୟ ଶିବଶଙ୍କର ଓ ଜୟ ହନୁମାନ କୋଚିଙ୍ଗ୍ ସେଣ୍ଟରର ଷାଠିଏରୁ ଅଧିକ ଛାତ୍ରଛାତ୍ରୀ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ । ବରିଷ୍ଠ ବର୍ଗରେ ସାଇ ବନ୍ଦିତା ପରିଡ଼ା, ଉମାଶଙ୍କର ବେହେରା ଓ ଅସୀମା ସିଂହ ଏବଂ କନିଷ୍ଠ ବର୍ଗରେ ଲକ୍ଷ୍ମୀପ୍ରିୟା ସାମଲ, ରୋହନ ବାଘ ବଂଶ ଓ ଆଦ୍ୟାଶା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଲାଭକରି ପ୍ରଶଂସା ପତ୍ର ଓ ଟ୍ରଫି ହାସଲ କରିଥିଲେ । ଏହି ଉତ୍ସବକୁ ପରିଚାଳନା କରିବାରେ ଶିକ୍ଷକ ଦୀନବନ୍ଧୁ ସାହୁ, ଇଂ ପ୍ରିୟବ୍ରତ ସାହୁ, ଅଜୟ କୁମାର ସାହୁ, ଅମିୟ ରଞ୍ଜନ ସାହୁ, କମଳାକାନ୍ତ ସାହୁ, ବିଶ୍ୱେଶ୍ୱର ସାହୁ, ଦୀପକ ବାରିକ, ଅମୂଲ୍ୟ ସାହୁ ପ୍ରମୁଖ ସହଯୋଗ କରିଥିଲେ । ବରିଷ୍ଠ ସଦସ୍ୟ ରାମଚନ୍ଦ୍ର ପରିଡ଼ା ଧନ୍ୟବାଦ ପ୍ରଦାନ କରିଥିଲେ ।

# ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ବାର୍ଷିକୋତ୍ସବ

ଭଦ୍ରକ,(ସବ୍ୟୁ):ଭାଗବତ କଲ୍ୟାଣ ମଣ୍ଡନରେ ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ୫ମ ବାର୍ଷିର୍କ ସମୋରୋହ ଅନୁଷ୍ଠିତ ହୋଇଯାଇଛି।ମୁଖ୍ୟ ଅତିଥି ଜିଲାପାଳ ଦିଲ୍ଲୀପ ରାଉତରାଏ ମହାସଂଘର ଏକ ସ୍ଥାୟୀ କାର୍ଯ୍ୟାଳୟ ପାଇଁ ସଦର ମହକୁମୋର ଖୁବ୍ ଶୀଘ୍ର ଘରଟିଏ ଯୋଗାଇ ଦେବେ ବୋଲି ପ୍ରକାଶ କରିବା ସହିତ ଗେଲପୁର ମେଡିକାଲେର ବରିଷ୍ଠଙ୍କ ଚିକିତ୍ସା ପାଇ ସ୍ୱତନ୍ତ୍ର ସେବା, ବ୍ୟାଙ୍କେର ବରିଷ୍ଠ ମୋନ ଯେପରି ସୁରୁଖୁରରୁରେ ସେବା ପାଇେବ, ଆଞ୍ଚଳିକ ବରିଷ୍ଠ ନାଗରିକମାନଙ୍କୁ ଉତ୍ତମ ନ୍ୟାୟ ପ୍ରଦାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇେବ ବୋଲି କହିଥିଲେ। ମହାସଂଘର ସଭାପତି ଲଲୋଟନ୍ଦୁ ମହାନ୍ତିଙ୍କ ପୌରୋହିତ୍ୟେର ଅନୁଷ୍ଠିତ ସଭୋର ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥଲେ। ବେରଣ୍ୟ ଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ,ବିଶିଷ୍ଟ ପ୍ରବଚକ ପଣ୍ଡିତ ବିରେନ୍ଦ୍ର ପଣ୍ଡା ,ଡା. ରବୀନ୍ଦ୍ର କୁମାର ନାୟକ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସପ୍ରମୁଖ ଯୋଗଦେଇଥିଲେ। ମହାସଂଘ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର ଜିଲ୍ଲାର ସମସ୍ତ ପଚିଶ ଗୋଟି ଆଞ୍ଚଳିକ ସଂଘର କମର୍କର୍ତ୍ତା ଓ ମହାସଂଘର ସଦସ୍ୟ ସଦସ୍ୟାମାନଙ୍କୁ ନୂଆବଷର୍ର ଅଭିନନ୍ଦନ ସହ ତାଙ୍କର ସମ୍ପାଦକୀୟ ବିବରଣୀ ପଠେ କରିଥିଲେ। ମହାସଂଘର ମୁଖପତ୍ର 'ବରିଷ୍ଠ' ଅତିଥିଙ୍କ ଦ୍ୱାରା ଲୋକାପର୍ଣ କରା ଯାଇଥିଲା। ଶ୍ୟାମ ସୁନ୍ଦର ଦାଶ, ଡା. ସୁଧାକର ଖଟୁଆ, ଗୋଲକ ଚନ୍ଦ୍ର ମହାନ୍ତି, ଉଦୟନାଥ ମହାନ୍ତି, ହେରକୃଷ୍ଣ ସାହୁଙ୍କୁ ବରିଷ୍ଠ ନାଗରିକ ସେବା ସମାନେର ସମ୍ମାନିତ କରାଯାଇଥିଲା। ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କର ଅଧିକାରିଣୀ ମଧୁସ୍ମିତା ସାହୁଙ୍କୁ ଉତ୍କର୍ଷ ସେବା ସମାନେର ସମାନିତ କରାଯିବା ସହିତ କାଶୀନାଥ ସାହୁଙ୍କୁ ସ୍ୱତନ୍ତ୍ର ସେବା ସମାନେର ସମ୍ମାନିତ କରାଯାଇଥିଲା। ମହାସଂଘର ଉପେଦଷ୍ଟା ଅଜୟ କୁମାର ନାୟକ ସଭା ସଂଚାଳନ କରିଥେଲ। ଲକ୍ଷ୍ମଣ କୁମାର ମହାନ୍ତି, ବିଜୟ କୁମାର ସେନାପତି, ଶଶିକାନ୍ତ ପାଢ଼ୀ, ବାବୁଲାଲ ଦାସ, ଇଂ ଅଖିଳ ମୋହନ ପାଢ଼ୀ, ଶାନ୍ତନୁ ରାଉତ, କୈଳାଶ ପଣ୍ଡା, ସତିକାନ୍ତ ପଣ୍ଡା, ଶ୍ୟାମ ସୁନ୍ଦର ଦାସ, ବିଭୁତି ସେନାପତି, ତ୍ରୈଲୋଚନ ବେଉରିଆ, ଅଜିତ ନାୟକ, ମୁକ୍ତିକାନ୍ତ ମହାପାତ୍ର, ବାଦଲ ମହାପାତ୍ର, ଲକ୍ଷ୍ମୀଧର ସାହୁ, ଇଂ. ମେହଶ ପ୍ରସାଦ ଦାସ, ପୁରଷୋତ୍ତମ ଧଳ, ଡା. ହକିମୁଦିନ ଖାଁ, ରାଧାରାଣୀ ମହାପାତ୍ର, ଉତ୍ପଳା ନାୟକ, ଦଶରଥ ପଣ୍ଡା, ଭାଗିରଥି ବେେହରା, ଗୀତାରାଣୀ ଆଇଚ ସେହଯାଗ କରିଥେଲ। ପଦ୍ମନ କୁମାର ରାୟ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥେଲ ।

## ଚଣ୍ଡିମାତା ଫାଉଣ୍ଡେସନର ଅଗ୍ନିବିପନ୍ନଙ୍କୁ ସହାୟତା

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଚଣ୍ଡୀମାତା ଫାଉଣ୍ଡେସନ ପକ୍ଷରୁ ସିମୁଳିଆ ବ୍ଲକ ବଙ୍ଗାଳପୁର ଗ୍ରାମର ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି । ୧ତାରିଖି ରାତିରେ ଅଗ୍ନିକାଣ୍ଡରେ ଧିରେନ ମଲ୍ଲିକଙ୍କ ଘର ସମ୍ପୂର୍ଣ୍ଣ ପୋଡି ଯାଇଥିବା ବେଳେ ଆସବାବ ପତ୍ର ଧାନଚାଉଳ ସବୁକିଛି ନଷ୍ଟ ହୋଇଯାଇଥିଲା। ଖବରପାଇ ଚଣ୍ଡିମାତା ଫାଉଣ୍ଡେସନର ସଦସ୍ୟ ମାନେ ତାଙ୍କ ଘରେ ପହଞ୍ଚି ଘରତିଆରି ଓ ପିଲାଙ୍କ ବହିଖାତା ପାଇଁ ଆର୍ଥିକ ସହୟତା ପ୍ରଦାନ କରିଛନ୍ତି। ସଙ୍ଗଠନର ସଦସ୍ୟ ପ୍ରହ୍ଲାଦ ପତି,ବିଶ୍ୱଭୂଷଣ ପ୍ରଧାନ,ହିମାଂଶୁ ନାୟକ,ଜୟନ୍ତ ବିଶ୍ୱାଳ,ଗୌତମ ନାୟକ,ହରିଶ ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ସହୟତା ପ୍ରଦାନ କରିଥିଲେ ।

## ଖଇରା ହାଇସ୍କୁଲରେ ସାମ୍ବତ୍ସରିକ ପୁରସ୍କାର ବିତରଣୋତ୍ସବ

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରାର ସର୍ବପୁରାତନ ଖଇରା ହାଇସ୍କୁଲର ସାମ୍ବତ୍ସରିକ ପୁରସ୍କାର ବିତରଣୋତ୍ସବ ଶନିବାର ଦିନ ସଭା ସମ୍ବର୍ଦ୍ଧନା ସାଙ୍ଗକୁ ପିଲାମାନଙ୍କ ନାଚଗୀତର ତାଳେ ତାଳେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନଶିକ୍ଷୟତ୍ରୀ ସୁଜାତା ସାହୁଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭ ରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି ଓ ଖଇରା କଲେଜ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସାମ୍ପ୍ରତିକ ସମାଜରେ ପିଲାଙ୍କୁ ମଣିଷ କରିବାରେ ଶିକ୍ଷୟତ୍ରୀଶିକ୍ଷକ ମାନଙ୍କର ଗୁରୁ ଦାୟିତ୍ୱ ରହିଛି ବୋଲି ପ୍ରକାଶ କରିଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ,ପୁରାତନ ଛାତ୍ର ସଂସଦ ସଭାପତି ମୁକ୍ତିକାନ୍ତ ଶତପଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ସରପଞ୍ଚ ମାଳତୀ ସେଠୀ,ଓଷ୍ଟା ଖଇରା ଶାଖା ସମ୍ପାଦକ ବିଷ୍ଣୁପ୍ରସାଦ ମିଶ୍ର,ସମିତିସଭ୍ୟା ନର୍ମଦା ଦେଓ,ଏସଏମସି ସଭାପତିସଞ୍ଜୟ ସାହୁପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ହେମନ୍ତ କୁମାର ବେହେରା ବାର୍ଷିକ ବିବରଣୀ ପାଠ,ପ୍ରଜ୍ଞାପାରମିତା ପରିଡା ମଞ୍ଚ ଆହ୍ୱାନ ଏବଂ ନରୋତ୍ତମ ପୁଟି ଧନ୍ୟବାଦ ଅର୍ପଣ କରିଥିଲେ । ବାର୍ଷିକ କ୍ରୀଡା ପ୍ରତିଯୋଗିତା କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ଅବସରପ୍ରାପ୍ତ ଡାକ କର୍ମଚାରୀଙ୍କ ବନ୍ଧୁ ମିଳନ



କୁଆଁପାଳ,(ସବ୍ୟୁ):ନୂତନ ବଷରେ କଟକ ନଗର ମଣ୍ଡଳ ଅବସରପ୍ରାପ୍ତ ଡାକ କର୍ମଚାରୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କଟକ ଜିପିଓ କାର୍ଯ୍ୟାଳୟ ପରିସରସ୍ଥ ଚିତ୍ତ ବିନୋଦନ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ଅବସରପ୍ରାପ୍ତ କର୍ମଚାରୀଙ୍କ ସମେତ ଶତାଧିକ ପେନସନଭୋଗୀ କର୍ମଚାରୀ ଅଂଶ ଗ୍ରହଣ କରି ନୂତନ ବର୍ଷର ଅଭିନନ୍ଦନ ଜଣାଇ ସମସ୍ତଙ୍କର ଶୁଭ କାମନା କରିଥିଲେ । ସର୍ବ ପ୍ରଥମେ ଯେଉଁ ଅବସରପ୍ରାପ୍ତ କର୍ମଚାରୀମାନେ ବିଗତ ବର୍ଷରେ ମୃତ୍ୟୁବରଣ କରିଛନ୍ତି ତାଙ୍କ ଅମର ଆତ୍ମାର ସଦଗତି ପାଇଁ ଶୋକ ପ୍ରାର୍ଥନା କରାଯାଇଥିଲା । ଉକ୍ତ ବନ୍ଧୁମିଳନ ଉତ୍ସବରେ ବହୁ ବରିଷ୍ଠ ଅବସରପ୍ରାପ୍ତ କର୍ମଚାରୀ ଯଥା ପର୍ଶୁରାମ ଦାସ, କୁଞ୍ଜବିହାରୀ ଦାସ, ରାହାସ ବିହାରୀ ରଥ,ରାହାସ ବିହାରୀ ସ୍ୱାଇଁ, ନିରଞ୍ଜନ ଦେବତା, ଗୋଲଖ ଚନ୍ଦ୍ର ଦେବତା, ଗୋପୀନାଥ ମହାନ୍ତି, କୃଷ୍ଣ ଚନ୍ଦ୍ର ଜେନା, ମଧୁସୂଦନ ମଲିକ, ପଦ୍ମଲାଭ ରଣସିଂ, ବୈଷ୍ଣବ ଚରଣ ସ୍ୱାଇଁ, ଏ କେ ଗାଙ୍ଗୁଲି, ପ୍ରଫୁଲ୍ଲ କୁମାର ମୈକାପ,ପଞ୍ଚାନନ ନାୟକ, ନବକିଶୋର ସାମଲ, ଭରତ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ନବ ବର୍ଷରେ ସମସ୍ତଙ୍କର ମଙ୍ଗଳ କାମନା କରିଥିଲେ । ଉକ୍ତ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ କର୍ମଚାରୀ ସର୍ବଶ୍ରୀ ଦୁର୍ଗା ପ୍ରସାଦ ପଣ୍ଡା,ଅଜୟ କୁମାର ନାୟକ, ଗୋପବନ୍ଧୁ ନାଏକ, ଗନ୍ଧର୍ବ ଚରଣ ଜେନା, ବିଷ୍ଣୁ ପ୍ରସାଦ ଦାସ ପ୍ରମୁଖ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାରୁ...

କରୁଛି । ମହାକୁମ୍ଭମେଳାକୁ ସୁରୁଖୁରୁରେ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ଚେକିଂ ଅଭିଯାନ ଆରମ୍ଭ କରାଯାଇଛି । ସୁରକ୍ଷା ବଢ଼ାଇବା ପାଇଁ ୨,୭୦୦ରୁ ଅଧିକ ଏଆଇ-ସକ୍ଷମ କ୍ୟାମେରା ମଧ ଲଗାଯାଇଛି ।

ମହାକୁମ୍ଭ ପାଇଁ ରାଜ୍ୟ ସରକାର ୧୨୫ଟି ରୋଡ୍ ଆମ୍ବୁଲାନ୍ସ ଓ ୭ଟି ରିଭର ଆମ୍ବୁଲାନ୍ସ ନିୟୋଜିତ କରିଛନ୍ତି । ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ କହିଛନ୍ତି, ୧୨୫ଟି ରୋଡ୍ ଆମ୍ବୁଲାନ୍ସରେ ୧୫ଟି ଆଡଭାନ୍ସ ଲାଇଫ୍ ସପୋର୍ଟ (ଏଏଲ୍‌ଏସ୍) ବ୍ୟବସ୍ଥା କରାଯାଇଛି । ଏଥିସହ ଏୟାର ଆମ୍ବୁଲାନ୍ସ ଓ ୭ଟି ରିଭର ଆମ୍ବୁଲାନ୍ସ ମଧ ମୁତୟନ କରାଯାଇଛି । ଯେକୌଣସି ପ୍ରକାର ପରିସ୍ଥିତିର ମୁକାବିଲା ପାଇଁ ସରକାର ଉପଯୁକ୍ତ ବ୍ୟବସ୍ଥା କରିଛନ୍ତି ।

**ମୁଖ୍ୟମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ**

ପ୍ରୟାଗରାଜ ମହାକୁମ୍ଭ ମେଳା ନିମନ୍ତେ ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ୭ଟି ସ୍ୱତନ୍ତ୍ର ଟ୍ରେନର ଚଳାଚଳ ବ୍ୟବସ୍ଥା କରାଯାଇଛି । ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ଟ୍ରେନ୍ ଗୁଡିକ ଓଡ଼ିଶାରୁ ଉତ୍ପତି ଏବଂ ଏହା ମଧ ଦେଇ ଯାତ୍ରା କରିବେ । ଓଡ଼ିଶାର ବିଭିନ୍ନ ପ୍ରମୁଖ ସହରରୁ ପବିତ୍ର ସହର ପ୍ରୟାଗରାଜଙ୍କୁ ସ୍ୱତନ୍ତ୍ର ଟ୍ରେନ ଗୁଡିକ ସହଜ ଏବଂ ସୁଗମ ଗମନାଗମନ ସଂଯୋଗ ଯୋଗାଇବ ।

### କଂସ...

ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ପାଇଁ ପୂର୍ବରୁ ଅନୁଦାନ ରାଶି ୧୦ ଲକ୍ଷ ଟଙ୍କା ଥିଲା, ଏହାକୁ ୧ କୋଟି ଟଙ୍କାକୁ ବୃଦ୍ଧି ନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ଏହା ସହିତ ଯାତ୍ରାରେ ଅଂଶଗ୍ରହଣ କରୁଥିବା ସମସ୍ତ ୧୭୦ ଜଣ କଳାକାରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ରାଶି ଦିଆଯିବ ବୋଲି ମଧ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ସେହିଭଳି ବରଗଡ଼ ସହରରେ ଚିତ୍ତାକର୍ଷକ ସ୍ଥାୟୀ ରାଜମହଲ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ୧୨ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ ରାଜମହଲ । ଜିରା ନଦୀରେ ୮୦ କୋଟି ଟଙ୍କା ବ୍ୟୟରେ ଆନିକଟ୍ ନିର୍ମାଣ ହେବ ଏବଂ ବରଗଡ଼ କେନାଲର ସୌନ୍ଦର୍ଯ୍ୟକରଣ ପାଇଁ ୩୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ ମଞ୍ଚରୁ ଘୋଷଣା କରିଛନ୍ତି । ତେଣେ ଆଜି ହେଉଛି ଯାତ୍ରାର ଦଶମ ଦିନ । ଧନୁଯାତ୍ରାରେ ସାମିଲ ହେବାକୁ ଆସିଥିବା କୃଷ୍ଣ-ବଳରାମ ମଥୁରା ନଗରୀ ପରିଭ୍ରମଣ କରୁଛନ୍ତି । ଏହି ଅବସରର ସୁଦାମା ମାଳି ଓ ରଜକଙ୍କ ସହ ସାକ୍ଷାତ ଦୃଶ୍ୟ ମଧ ଅନୁଷ୍ଠିତ ହୋଇଛି । ସେପଟେ ମଥୁରା ନଗରୀରେ କୃଷ୍ଣ-ବଳରାମଙ୍କ ହତ୍ୟା ପାଇଁ ଯୋଜନା ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି କଂସ ମହାରାଜ । କଂସ ବଦ୍ଧ ସହ ସୋମବାର ଏହି ମହା ନାଟକର ଯବନିକା ପଡ଼ିବ ।

### ଗହୀର...

ବନକର୍ମଚାରୀମାନେ ଭୟଭୀତ ଥିବା ଜଣାପଡିଛି।ପ୍ରାୟ ପ୍ରତିବର୍ଷ ଏହି ମାଫିଆଙ୍କ ଆକ୍ରମଣ ପାଇଁ ବନକର୍ମଚାରୀ ନିଜକୁ ଆଉ ସୁରକ୍ଷିତ ମନେ କରୁନାହାଁନ୍ତି। ଗତବର୍ଷ ବନବିଭାଗ ପାଟ୍ରୋଲିଂ ବୋଟକୁ ଟ୍ରଲର ମାଫିଆମାନେ ଏକତ୍ରିତ ହୋଇ ମଝି ସମୁଦ୍ରରେ ବୁଡାଇ ଦେବାକୁ ଉଦ୍ୟମ କରିବା ଘଟଣା ମନରୁ ନଲିଭୁଣୁ ରବିବାର ପୁଣି ଗୁଳି ଫୁଟାଇ ଏକତ୍ରିତ ହୋଇ ବନବିଭାଗ ପାଟ୍ରୋଲିଂ ବୋଟକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିବା ସୂଚନା ମିଳିଛି ।କେବଳ ସେତିକି ନୁହେଁ ବନବିଭାଗ ଟିମକୁ ଭୟଭୀତ କରାଇ ସେମାନେ ଗିରଫ କରିଥିବା ୮ ମତ୍ସ୍ୟଜିବୀଙ୍କୁ ଯୋର ଜବରଦସ୍ତ ମାଫିଆ ମାନେ ଛଡାଇ ନେଇଛନ୍ତି ।ଆଜି ସକାଳେ ଗହୀରମଥା ରେଞ୍ଜ ଅଫିସର ବାବୁବାଲି ଫରେଷ୍ଟର ସୁରେଶ କୁମାର ପୃଷ୍ଟିଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ ଅଲଭିୟା ଟ୍ରଲରରେ ଗଭୀର ସମୁଦ୍ରରେ ପାଟ୍ରୋଲିଂ କରୁଥିଲେ ଛ ବାବୁବାଲି ନିକଟରେ ଚଣ୍ଡୀ ତାରିଣୀ-୩ ନାମକ ଏକ ଟ୍ରଲର ବେଆଇନ ଭାବେ ମାଛ ମାରୁଥିବା ଦେଖିଥିଲେ । ଦିନ ପ୍ରାୟ ୨ ଟାରେ ବନବିଭାଗ ପାଟ୍ରୋଲିଂ ଟିମ ଏହି ଟ୍ରଲରକୁ ଗୋଡାଇ ଧରିବା ସହିତ ଟ୍ରଲରରେ ଥିବା ଡ୍ରାଇଭର ଓ ଅନ୍ୟ ୮ଜଣ ମତ୍ସ୍ୟଜିବୀଙ୍କୁ ଧରିଥିଲେ । ବନବିଭାଗ ଟିମ୍ ସେହି ଟ୍ରଲରକୁ ଧରିବାକ୍ଷଣି ସେଠାରେ ବେଆଇନ ଭାବେ ମାଛ ମାରୁଥିବା ଅନ୍ୟ ଟ୍ରଲର ଗୁଡିକ ବନବିଭାଗ ପାଟ୍ରୋଲିଂ ଟିମକୁ ଆକ୍ରମଣ ଉଦ୍ୟମ କରିଥିଲେ । ବନବିଭାଗ ପାଟ୍ରୋଲିଂ ଟିମ ନିଜ ଜୀବନକୁ ବଂଚାଇବା ପାଇଁ ବ୍ଲାଙ୍କ ଫାଇରିଂ କରିଥିବା ବେଳେ ସେମାନେ ମଧ ପାଲଟା ଗୁଳି ଚାଳନା କରିଥିଲେ । ଏଥିସହିତ ବନବିଭାଗ ଧରିଥିବା ଚଣ୍ଡୀ ତାରିଣୀ-୩ ଟ୍ରଲରରେ ଥିବା ୮ଜଣ ମତ୍ସ୍ୟଜିବୀଙ୍କୁ ସେମାନେ ବନବିଭାଗ ହାତରୁ ଛଡାଇ ନେଇଥିଲେ । ଧରାପଡିଥିଲା ଚଣ୍ଡୀ ତାରିଣୀ-୩ ଟ୍ରଲର ସମେତ ଅନ୍ୟ ୫ଟି ଟ୍ରଲର ମିଳିତ ଭାବେ ବନବିଭାଗ ଟିମକୁ ଆକ୍ରମଣ ଉଦ୍ୟମ କରିଥିଲେ । ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବର୍ଷତମାମ ପ୍ରବେଶ ଓ ମାଛଧରା ଉପରେ କଟକଣା ଥିବା ବେଳେ ଅଲିଭରିଡଲେଙ୍କ ପ୍ରଜନନ ଋତୁ ପାଇଁ ନଭେମ୍ବର ୧ ରୁ ମଇ ୩୧ ତାରିଖ ଯାଏଁ ୭ମାସ ଯାଏଁ ଦେବୀ ମୁହାଁଣ ଠାରୁ ଧାମରା ମୁହାଁଣ ଯାଏଁ କୂଳ ଠାରୁ ୨୦ କିମି ପର୍ଯ୍ୟନ୍ତ ମାଛଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ରହିଛି । ଏହାସତ୍ୱେ ମଧ ଟ୍ରଲର ମାଫିଆମାନେ ବେଧଡକ ଭାବେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧରେ ପଶି ମାଛ ମାରୁଛନ୍ତି । ଏ ସଂପର୍କରେ ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବଙ୍କୁ ପଚାରିବାରୁ ବନବିଭାଗ ପାଟ୍ରୋଲିଂ ଟିମ ଅଲଭିଆରେ ପାଟ୍ରୋଲିଂ କରୁଥିଲେ । ୬ଟି ଟ୍ରଲର ଏକାଠି ହୋଇ ମାଛ ମାରୁଥିଲେ ଛ ତା ଭିତରୁ ଗୋଟିଏ ଟ୍ରଲରକୁ ପାଟ୍ରୋଲିଂ ଟିମ୍ ସିଜ କରିଥିଲା । ଅନ୍ୟ ଟ୍ରଲରର ପ୍ରାୟ ୬୦/୭୦ ଲୋକ ବନବିଭାଗ ଟିମ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ । ସେମାନେ ଜବତ ଟ୍ରଲରରେ ଥିବା ୮ ମତ୍ସ୍ୟଜିବୀଙ୍କୁ ଛଡାଇ ନେଇଛନ୍ତି ବୋଲି କହିଛନ୍ତି ।ଆଜିର ଘଟଣା ସମ୍ପର୍କ ରେ ବନଖଣ୍ଡ ଅଧିକାରୀ ସୂଚନା ଦେବା ସହ ମାଫିଆ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ପିକ୍‌ଅପ୍-କାର ଧକ୍କା: ୨ ଡ୍ରାଇଭର ଗୁରୁତର

ନୀଳଗିରି(ସବ୍ୟୁ) :ରବିବାର ସନ୍ଧ୍ୟା ସମୟରେ ନୀଳଗିରି ବସ୍‌ଷ୍ଟାଣ୍ଡ ନିକଟରେ ଏକ ପିକ୍‌ଅପ୍ ଓ କାର୍ ମୁହାଁମୁହିଁ ଧକ୍କାହେବା ଫଳରେ ୨ଗାଡ଼ିର ଚାଳକ ଗୁରୁତରଭାବେ ଆହତ ହୋଇଥିବା ବେଳେ କାରରେ ଥିବା ପର୍ଯ୍ୟଟକମାନେ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ବାଲେଶ୍ୱରରୁ ନୀଳଗିରିକୁ ଆସବାବପତ୍ର ନେଇ ଆସୁଥିବା ଓଡ଼ି୦୫ବିଏ୪୬୧୫ ନମ୍ବର ବିଶିଷ୍ଟ ମହେନ୍ଦ୍ରା ପିକ୍‌ଅପ୍ ସହିତ ବିପରୀତ ଦିଗରୁ ଆସୁଥିବା ସୁଜୁକି କମ୍ପାନୀର ଓଆର୦୪ୟୁ-୩୬୪୬ନମ୍ବର ବିଶିଷ୍ଟ କାରର ମୁହାଁମୁହିଁ ଧକ୍କା ହୋଇଥିଲା । ଉଭୟଗାଡ଼ିର ଡ୍ରାଇଭର ଗୁରୁତରଭାବେ ଆହତ ହୋଇଥିବାବେଳେ ସେମାନଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। କାରରେ ଥିବା ପର୍ଯ୍ୟଟକ ବାଲେଶ୍ୱର ସମଲପୁର ଅଞ୍ଚଳର ବାସିନ୍ଦା ହୋଇଥିବା ବେଳେ ସେମାନେ ପଞ୍ଚଲିଙ୍ଗେଶ୍ୱରରୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଏଥିରେ ତିନିଜଣ ପର୍ଯ୍ୟଟକ ଆଂଶିକଭାବେ ଆହତ ହୋଇଥିବା ଜଣାପଡ଼ିଛି ।

## ଉତ୍କଳମଣି ଇଲକ୍ଟ୍ରୋପାଥି କଲେଜର ବାର୍ଷିକ ଉତ୍ସବ




ବାହାନଗା,(ସବ୍ୟୁ) : ବାହାନଗା ବ୍ଲକ ପଣପଣାଠାରେ ଥିବା ଉତ୍କଳମଣୀ ଇଲକ୍ଟ୍ରୋପାଥି କଲେଜର ୨୯ତମ ବାର୍ଷିକ ଉତ୍ସବ ତଥା ଇଲକ୍ଟ୍ରୋପାଥିର ପ୍ରତିଷ୍ଠାତା କାଉଣ୍ଟ ସିଜର ମୈଟିଙ୍କ ୨୧୬ତମ ଜନ୍ମଦିବସ ପାଳିତ ହୋଇଯାଇଛି । କଲେଜର ଅଧକ୍ଷ ମଣିଶଙ୍କର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଖଗପତି ଜେନା ଯୋଗଦେଇ ଫିତାକାଟି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଶ୍ରୀ ଜେନା କହିଥିଲେ ଯେ ପାଠପଢି ରୋଗୀମାନଙ୍କୁ ସଠିକ୍ ନିଦାନ ନିରୂପଣ କରି ଏକ ପରିଚୟ ସୃଷ୍ଟି କରିପାରି ଥିବାରୁ କଲେଜର ଅଧକ୍ଷ ପ୍ରଶଂସାର ପାତ୍ର ,ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ଡାକ୍ତର ପଦ୍ମନାଭ ଦାସ ଇଲକ୍ଟ୍ରୋପାଥି ଚିକିତ୍ସା ଉପରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥିଭାବେ ସାଂସଦଙ୍କ ବାହାନଗା ପ୍ରତିନିଧି ବୈରାଗୀ ଚରଣ ବେହେରା, ପଣପଣା ସରପଞ୍ଚ ରମାକାନ୍ତ ମଳିକ, ପୂର୍ବତନ ସରପଞ୍ଚ ପ୍ରଦୀପ ବେହେରା, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ନାୟକ, ରମାକାନ୍ତ ପ୍ରଧାନ, ସମାଜସେବୀ ବିଜୟ କୁମାର ପଲେଇ ପ୍ରମୁଖ ଯୋଗଦେଇ ୧୧୪ ପ୍ରକାର ଔଷଧକୁ ନେଇ ସମସ୍ତ ରୋଗ ଭଲ କରିପାରୁ ଥିବା ହେମପାଥିକ କଲେଜର ଉନ୍ନତି ନିମନ୍ତେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟର ଶିକ୍ଷକ ବିଜୟ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ତ୍ତିକେଶ୍ୱର ପାତ୍ର ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୁରୁପ୍ରସାଦ ବେହେରା, ତ୍ରୈଲକ୍ୟ ମହାରଣା, ଉତ୍ପଳ କୁମାର ପାଢୀ, ଜୟନ୍ତ କୁମାର ସାହୁ, ମନୋରଂଜନ ନାୟକ, ଜ୍ୟୋତ୍ସ୍ନାରାଣୀ ବିଶ୍ୱାଳ, ରଣଜିତ ବିଶ୍ୱାଳ, ପ୍ରଫୁଲ କୁମାର ପତିଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ବୃତ୍ତି ପରୀକ୍ଷାରେ ଶାରଦା ବିଦ୍ୟାମନ୍ଦିରର ସଫଳତା

ଭଣ୍ଡାରିପୋଖରୀ,(ସବ୍ୟୁ) : ସ୍ଥାନୀୟ ଶାରଦା ବିଦ୍ୟାମନ୍ଦିର ପରିସରରେ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଅନୁଷ୍ଠିତ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାର ସଫଳ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ପ୍ରଧାନଗୁରୁଜୀ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଏହି ବିଦ୍ୟାଳୟ ଛାତ୍ର କ୍ରୀଷ୍ଣା ସାରଥି ରାଉତ ବ୍ଲକସ୍ତରରେ ପ୍ରଥମ ହୋଇଛନ୍ତି। ଛାତ୍ରୀ ରାଜଲକ୍ଷ୍ମୀ ପଣ୍ଡା ଓ ସାଇ ରୋଜାଲିନ ସାହୁ ପଞ୍ଚମ ଶ୍ରେଣୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଏହି ବିଦ୍ୟାଳୟ ଛାତ୍ର ବୀର ଶୁଭଙ୍କର ଜେନା, ଆଦର୍ଶ ରାଉତ ଓ ଛାତ୍ରୀ ସାଇ ଦିବ୍ୟାଂଶୀ ମହାନ୍ତି ସଫଳତା ଅର୍ଜନ କରି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଦ୍ୟାଳୟ ଗୁରୁଜୀ ଓ ଗୁରୁମାମାନେ ସଫଳ ଛାତ୍ରଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଓ ପୁରସ୍କାର ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ବିଦ୍ୟାଳୟର ସଫଳତାରେ ଅଭିଭାବକ ମହଲରେ ସନ୍ତୋଷ ପ୍ରକାଶ ପାଇଛି।

## ଭଦ୍ରକ ମହିଳା ମହାବିଦ୍ୟାଳୟ : ପ୍ରବାସୀ ଭାରତୀୟ ଦିବସରେ ସମ୍ବର୍ଦ୍ଧନା

ଭଦ୍ରକ,(ସବ୍ୟୁ) :ସାରା ବିଶ୍ୱରେ ୩ କୋଟିରରୁ ଉର୍ଦ୍ଧ୍ୱ ପ୍ରବାସୀ ଭାରତୀୟ ବିଶ୍ୱ ଅର୍ଥନୀତି ପ୍ରଗତିରେ ଅଂଶୀଦାର ହେବା ସଙ୍ଗେସଙ୍ଗେ ଭାରତର ଅର୍ଥନୀତିକୁ ପ୍ରତ୍ୟକ୍ଷ ଏବଂ ପରୋପକାର ପ୍ରଭାବିତ କରିଥାଆନ୍ତି। ଏହି ପ୍ରବାସୀ ଭାରତୀୟଙ୍କୁ ସମ୍ମାନିତ ଏବଂ ସମ୍ବର୍ଦ୍ଧିତ କରିବାକୁ ଭାରତ ସରକାରଙ୍କ ଆଗ୍ରହରେ ଜାନୁଆରୀ ୮ ତାରିଖରୁ ୧୦ ତାରିଖ ସର୍ବତ୍ର ସମ୍ବର୍ଦ୍ଧନା ଉତ୍ସବ କରାଯାଉଥିବା ବେଳେ ଭଦ୍ରକ ମହିଳା ମହାବିଦ୍ୟାଳୟରେ କଲେଜ ଅଧକ୍ଷ ନିଳଗିରି ରବିସାହୁଙ୍କ ସଭାପତିତ୍ୱରେ ଏବଂ ଅଧାପିକା ଡ. ଆଭାମୟୀ ମହାପାତ୍ରଙ୍କ ସଂଚାଳନରେ ଏହି ଉତ୍ସବ ଗତକାଲି ପାଳିତ ହୋଇଥିଲା। ନେଦରଲାଣ୍ଡର ଆମଷ୍ଟାରଡାମ୍‌ରେ 'ଟ୍ରାଭିକ୍ସ ଇରନ୍ୟାସନାଲ' ବହୁ ରାଷ୍ଟ୍ରୀୟ କମ୍ପାନୀରେ ସିନିୟର ସଫ୍ଟୱୟାର ଇଂଜିନିୟର ଭାବେ କାର୍ଯ୍ୟରତ ସ୍ୱୟଂସିଦ୍ଧ ମହାନ୍ତି ଏବଂ ଆମଷ୍ଟାରଡାମ୍‌ର ଅନ୍ୟ ଏକ କମ୍ପାନୀର ସଫ୍ଟୱୟାର ଡେଭଲପର ଗୁହି ଚନ୍ଦ୍ରାଙ୍କୁ ଶତାଧିକ ଛାତ୍ରୀ ଏବଂ ଅଧାପିକା ଅଧାପକଙ୍କର ଉପସ୍ଥିତିରେ ସମ୍ବର୍ଦ୍ଧନା କରାଯାଇଛି। ଇଂ ମହାନ୍ତି ବିଦେଶରେ ଭାରତୀୟଙ୍କର କର୍ମ ନିପୁଣତା, ଅଧବସାୟ, ବିଦେଶରେ ଗୌରବ ଅର୍ଜନ କରିଥିବାରୁ ଏହା ଗର୍ବର ବିଷୟ ବୋଲି ଆଲୋଚନା କରିଥିଲେ। ଏଥି ସହ ବିକଶିତ ରାଷ୍ଟ୍ର ମାନଙ୍କରେ ଜନସାଧାରଣଙ୍କର ପରିବେଶ ସଚେତନତା, କାର୍ଯ୍ୟ ଶୃଙ୍ଖଳତା, ଜୀବନଚର୍ଯ୍ୟା, ସମୟାନୁର୍ବିତା ଇତ୍ୟାଦି ବିକାଶର ଚାବିକାଠି ବୋଲି ବ୍ୟକ୍ତିଗତ ଅନୁଭବ ପ୍ରକାଶ କରିଥିଲେ। ଶ୍ରୀମତୀ ଚନ୍ଦ୍ରା ଛାତ୍ରୀମାନଙ୍କୁ ପରିଶ୍ରମୀ, ଶୃଙ୍ଖଳିତ ଅଧବସାୟ ମାଧମରେ ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ କୁଇଜ୍, ରଚନା ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀ ଦିବ୍ୟଜ୍ୟୋତି ପ୍ରିୟଦର୍ଶନୀ ୧ମ ଏବଂ ସ୍ୱପ୍ନା ମାଝୀ ୨ୟଙ୍କୁ ପ୍ରବାସୀ ଭାରତୀୟ ଦ୍ୱୟ ପୁରସ୍କୃତ କରିଥିଲେ। ଅଧାପିକା ଅନିତା ପୃଷ୍ଟି, ଆରତୀ ଜେନା, ଅଧାପକ ମନୋଜ ସାହୁ ମଂଚ ପରିଚାଳନା କରିଥିଲେ ।

**ଭାରତୀୟ ବନ୍ଦର ସଂଘ**
ପ୍ରଥମ ମହଲା, ଏନବିସିସି ପ୍ଲେସ, ଦକ୍ଷିଣ ଟାୱାର, ବି.ପି. ମାର୍ଗ, ଲୋଧି ରୋଡ, ନୂଆଦିଲ୍ଲୀ-୧୧୦୦୦୩
**ଭାରତର ବିଭିନ୍ନ ପ୍ରମୁଖ ବନ୍ଦରଗୁଡ଼ିକରେ କାର୍ଯ୍ୟ ନିର୍ବାହୀ ସ୍ତରର ପଦବୀରେ ନିଯୁକ୍ତି**
ବିଜ୍ଞାପନ ନଂ. ୨୦୨୪/ଏସଜିଆର/୦୪ ଓ ୦୫
ଭାରତର ପ୍ରମୁଖ ବନ୍ଦରଗୁଡିକ ପକ୍ଷରୁ ଭାରତୀୟ ବନ୍ଦର ସଂଘ (ଆଇପିଏ) ଟ୍ରାଫିକ, ପ୍ରଶାସନ ଏବଂ ମେକାନିକାଲ ଇଞ୍ଜିନିୟରିଂ ପ୍ରଭୃତି ଶୃଙ୍ଖଳାରେ କାର୍ଯ୍ୟ ନିର୍ବାହୀ ସ୍ତରରେ ପଦବୀ ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଛନ୍ତି । ଆଗ୍ରହୀ ପ୍ରାର୍ଥୀମାନଙ୍କୁ ସବିଶେଷ ବିଜ୍ଞାପନ ସମ୍ପର୍କରେ ସମୀକ୍ଷା କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି । ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ବ୍ୟାପକ ସୂଚନା ଏହି ବିଜ୍ଞାପନରେ ଦର୍ଶାଯାଇଛି । ସରକାରୀ ୱେବସାଇଟ www.ipa.nic.in ରେ ଏହା ଉପଲବ୍ଧ ।
cbc 37203/12/0016/2425 ମୁଖ୍ୟ ପ୍ରଶାସନିକ ଅଧିକାରୀ (ଆଇ/ସି)

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**
ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୭୬୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ

# ନୂତନ ଶିକ୍ଷାନୀତିରେ ମାତୃଭାଷାକୁ ପ୍ରାଧାନ୍ୟ ଦିଆଯାଇଛି : ଧର୍ମେନ୍ଦ୍ର




କଟକ, (ସ୍ୱପ୍ର): ଇଂଗ୍ରାଜୀ ଏକ ବିଦେଶୀ ଭାଷା । ତତ୍କାଳୀନ ଇଂରେଜ ସରକାର ଭାରତୀୟଙ୍କ ମଧ୍ୟରେ ଏକତା ଓ ସ୍ୱାଭିମାନକୁ କ୍ଷୁର୍ଣ୍ଣ କରିବା ଲାଗି ଏହି ଭାଷାର ପ୍ରଚଳନ କରିଥିଲେ। ଦେଶରେ ମାତ୍ର ୧୩ ପ୍ରତିଶତ ଲୋକେ ଇଂରାଜୀ ବୁଝନ୍ତି । ସେଥିପାଇଁ ବର୍ତ୍ତମାନର ଭାରତ ସରକାର ନୂତନ ଜାତୀୟ ଶିକ୍ଷା ନୀତିରେ ଭାରତୀୟ ଭାଷା ବିଶେଷ କରି ମାତୃଭାଷାକୁ ପ୍ରାଧାନ୍ୟ ଦେଇ ଏକ ବିକଶିତ ରାଷ୍ଟ୍ର ନିର୍ମାଣ ଲାଗି ପ୍ରୟାସ କରୁଛନ୍ତି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତବ୍ୟକ୍ତ କରିଛନ୍ତି । କଟକର ଟାଙ୍ଗୀସ୍ଥିତ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶ୍ରୀ ପ୍ରଧାନ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରି କହିଲେ ବଣ ମଲ୍ଲୀ ବଣରେ ଫୁଟି ମଉଳିଯାଏ ବୋଲି ଯାହା କୁହାଯାଏ ତାହା ସବୁକ୍ଷେତ୍ରରେ ହୋଇନଥାଏ । ଟାଙ୍ଗୀ ଭଳି ଗ୍ରାମାଞ୍ଚଳରେ ପ୍ରତିଷ୍ଠିତ ଡ୍ରିମ୍ସ ଏବଂ ଏଥିରେ ପାଠ ପଢିଥିବା ବହୁ ଛାତ୍ରଛାତ୍ରୀ ଆଜି ଦେଶ ବିଦେଶରେ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଦକ୍ଷତା ପ୍ରଦର୍ଶନ କରି ଏହି ଅନୁଷ୍ଠାନର ଗୌରବ ବଢାଇଛନ୍ତି । ଡ୍ରିମ୍ସ ଦୀର୍ଘ ୨୫ବର୍ଷର ଏକ ସଫଳ ଉପଲବ୍ଧ ବୋଲି ଉଲ୍ଲେଖ କରିବା ସହ ଏହାର ପ୍ରତିଷ୍ଠାତାଙ୍କୁ ଧନ୍ୟବାଦ ଜ୍ଞାପନ କରି ମନ୍ତ୍ରୀ ଶ୍ରୀ ପ୍ରଧାନ ଆଗାମୀ ଦିନରେ ଏହି ଶିକ୍ଷା ମନ୍ଦିର ନବଭାରତ ନିର୍ମାଣର ପ୍ରୟୋଗଶାଳା ହେବ ଏବଂ ଏହା ବିଶ୍ୱସ୍ତରୀୟ ପ୍ରତିଭା ସୃଷ୍ଟି କରିବାନେଇ ସେ ଦୃଢ ଆଶାବାଦୀ ବୋଲି ପ୍ରକାଶ କରିଥିଲେ । ସେ ଆହୁରି କହିଲେ ଏହା ହେଉଛି ଉତ୍କଳଗୌରବ ମଧୁସୂଦନ ଦାସ, ଗଣକବି ବୈଷ୍ଣବ ପାଣିଙ୍କ ଭଳି ବରପୁତ୍ରଙ୍କ ଜନ୍ମମାଟି, ଏହାର ଅନତିଦୂରରେ ରହିଛି ପୁଷ୍ପଗିରି ବିଶ୍ୱବିଦ୍ୟାଳୟ । ଏଭଳି ପ୍ରମୁଖ ଅଞ୍ଚଳର ବିକାଶ ଲାଗି ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି । ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବ ପ୍ରାରମ୍ଭରେ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ସ୍ୱାଗତ ଅଭିଭାଷଣ ସହ ଡ୍ରିମ୍ସର ଉଲ୍ଲେଖନୀୟ ସଫଳତା ସଂପର୍କରେ ବିବରଣୀ ପ୍ରଦାନ କରିଥିଲେ । ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ ସ୍ୱାଗତ ସୂଚନା ଓ ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ ବିଶିଷ୍ଟ ଗାନ୍ଧିବାଦୀ ଶ୍ରୀମତୀ କୃଷ୍ଣା ମହାନ୍ତିଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା। ଏଥି ସହିତ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୧୦ଜଣ କୃତୀ ବିଦ୍ୟାର୍ଥୀ ସ୍ୱର୍ଣ୍ଣପଦକ ଓ ୪୮୦ଜଣ ଡିଗ୍ରୀ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ବୋର୍ଡ ଅଫ ଗଭର୍ଣ୍ଣର ସଦସ୍ୟ ବିଧାୟକ ଛବି ମଲ୍ଲିକ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫୁଲ କୁମାର ଷଡଙ୍ଗୀ, ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ଇଂ ଡ. ପ୍ରଭାକର ସ୍ୱାଇଁ, ଇଂ ଅଶୋକ କୁମାର ବାସା, ପ୍ରଫେସର ଡ. ବିଜୟାନନ୍ଦ ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଅମର ନାୟକ, ବିଧାୟକ ସାରଦା ପ୍ରସାଦ ପ୍ରଧାନ, ଡେପୁଟୀ ରେଜିଷ୍ଟ୍ରାର ଇଂ ଶିଶିର କୁମାର ସାହୁ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ଅରିନ୍ଦମ ରାୟ, ବିସି ମହାନ୍ତି, ଜିଲ୍ଲାପାଳ ଓ ଏସ୍‌ପିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଧର୍ମ ବିହାର ଶିଶୁ ମନ୍ଦିରରେ ବିବେକାନନ୍ଦ ଜୟନ୍ତୀ, କନ୍ୟା ଶିବିର



ଭୁବନେଶ୍ୱର (ସବ୍ୟୁ): ଖଣ୍ଡଗିରି ନିକଟ ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଭାରତୀୟ ଯୁବ ସମାଜର ଆଦର୍ଶ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଛି । ଏହାସହ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀମାନଙ୍କୁ ନେଇ କନ୍ୟା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ମେଣ୍ଢାଶାଳ ଡାକ୍ତରଖାନାର ଚିକିତ୍ସକ ମୋନାଲି ମଧୁଛନ୍ଦା ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସେ ଉପସ୍ଥିତ ଛାତ୍ରୀମାନଙ୍କୁ ଦିନଚର୍ଯ୍ୟା ଓ ଶାରୀରିକ ସୁସ୍ଥତା ସମ୍ପର୍କରେ କହିଥିଲେ । ସେହିଭଳି ଉଦ୍ୟାପନୀ ଅଧିବେଶନରେ ସାନୁଜ ମେଘମାଳା ଯୋଗଦେଇ ଆଜିର ନାରୀ କିପରି ନିଜର ସୁରକ୍ଷା ନିଜେ କରିବ ସେ ଉପରେ କହିଥିଲେ । ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ଯୋଗ, କ୍ରୀଡ଼ା, ଭାଗବତ ପଠନ, ହୁଳହୁଳି ଶଙ୍ଖବାଦନ ଆଦି ପ୍ରତିଯୋଗିତା କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୋଷାଧ୍ୟକ୍ଷ ନାରାୟଣ ଚୌଧୁରୀ, ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ସ୍ୱାଇଁ, କନ୍ୟା ଶିବିରର ମୁଖ୍ୟ ସ୍ୱରୂପା ଖୁଣ୍ଟିଆଙ୍କ ସମେତ ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବିଦାୟୀ ରାଜ୍ୟପାଳ ରଘୁବର ଦାସ ଜଣେ ବିବାଦୀୟ ରାଜ୍ୟପାଳ ଥିଲେ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ବିଧାୟକ ଓ ବିଜେଡ଼ିର ବରିଷ୍ଠ ନେତା ଡଃ ଅରୁଣ କୁମାର ସାହୁ ବିଦାୟୀ ରାଜ୍ୟପାଳ ରଘୁବର ଦାସଙ୍କ ବିବାଦୀୟ ଭୂମିକା ଉପରେ ପ୍ରଶ୍ନବାଣ କରିଛନ୍ତି । ଡଃ ସାହୁ କହିଥିଲେ, ରାଜ୍ୟପାଳ ପଦବୀରୁ ବିଦାୟ ନେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରାଜ୍ୟପାଳ ପଦବୀ ଏକ ଲାଟ ସାହେବ ପଦବୀ, କିନ୍ତୁ ସେ ନିଜେ ଲାଟସାହେବ ନହୋଇ ଲୋକମାନଙ୍କ ପାଖକୁ ଯାଇ ତାଙ୍କର ସମସ୍ୟାକୁ ବୁଝିବା ପାଇଁ ଚେଷ୍ଟା କରୁଥିଲେ । ବିଦାୟୀ ରାଜ୍ୟପାଳଙ୍କୁ ରାଜ୍ୟ ବିଜେପି ପକ୍ଷରୁ ଲୋକପ୍ରିୟ ରାଜ୍ୟପାଳ ବୋଲି କୁହାଯାଉଛି । ଏହି ପରିପ୍ରେକ୍ଷୀରେ, ମୁଁ ବିଦାୟୀ ରାଜ୍ୟପାଳ ଓ ରାଜ୍ୟ ବିଜେପି ସରକାରଙ୍କ ଉଦ୍ଦେଶ୍ୟରେ କିଛି ପ୍ରଶ୍ନ ରଖିବାକୁ ଚାହୁଁଛି ବୋଲି ଡଃ ସାହୁ କହିଥିଲେ । ଜଣେ ଲୋକ କୌଣସି ଅପରାଧ କଲେ ଆଇନ ଅନୁସାରେ ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଏ । କିନ୍ତୁ, ରାଜ୍ୟପାଳଙ୍କ ପୁଅ ତାଙ୍କ ଅଫିସରେ କାର୍ଯ୍ୟକରୁଥିବା ଜଣେ ସରକାରୀ ଅଧିକାରୀ (ଏଏସଓ)ଙ୍କୁ ମାଡ଼ମାରି ଜୋତାରେ ଛେପ ପକାଇତାଙ୍କୁ ଚାଟିବାକୁ ବାଧ୍ୟ କରିଥିଲେ । ସେ ଅଧିକାରୀ ଜଣକ ନ୍ୟାୟପାଇଁ ପୋଲିସର ଦ୍ୱାରସ୍ଥ ହୋଇଥିଲେ । ସାରା ରାଜ୍ୟରେ ଏହି ଘଟଣା ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା, କିନ୍ତୁ ରାଜ୍ୟପାଳଙ୍କ ପୁଅ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା । ଏହା ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କ ନ୍ୟାୟିକ ବ୍ୟବସ୍ଥା ପ୍ରତି ସମ୍ମାନକୁ ପ୍ରଦର୍ଶିତ କରିଥିଲା । ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ବିଜେପି, ସରକାର ଗଠନ କରିବା ପରେ ତୁରନ୍ତ ଓଡ଼ିଆ ଅସ୍ମିତାକୁ ଜଳାଞ୍ଜଳୀ ଦେଇଥିଲା।

ରାଜ୍ୟପାଳ ଭାବେ ଦାୟିତ୍ୱ ନେବା ପରେ ରଘୁବର ଦାସ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯାଇ ଲୋକଙ୍କ ଗ୍ରୀଭାନ୍ସ ନେଇଥିଲେ । ରାଜ୍ୟପାଳଙ୍କ ଗ୍ରୀଭାନ୍ସ ସମାଧାନ କରିବାରେ କୌଣସି କ୍ଷମତା ନଥିଲେ ମଧ୍ୟ ସେ ଏହି କାର୍ଯ୍ୟ କେଉଁ ଉଦ୍ଦେଶ୍ୟରେ କରୁଥିଲେ ତାହା ପ୍ରଶ୍ନବାଚୀ ହୋଇଥିଲା । ପ୍ରକୃତରେ ସେ ଜନସାଧାରଣଙ୍କ ସମସ୍ୟା ସମାଧାନ ପାଇଁ ଚିନ୍ତିତ ନଥିଲେ ବରଂ ରାଜ୍ୟସରକାରଙ୍କ ବିରୋଧରେ ଓ ବିଜେପି ସପକ୍ଷରେ ପ୍ରଚାର କରୁଥିଲେ । ଜଣେ ରାଜ୍ୟପାଳ ରାଜ୍ୟର ଲୋକ ପ୍ରିୟ ସରକାରଙ୍କୁ ବଦନାମ କରିବାକୁ ଶ୍ରୀ ଦାସଙ୍କ ଏହି ଉଦ୍ୟମ ଭାରତ ବର୍ଷର ଇତିହାସରେ ପ୍ରଥମ ଘଟଣା ଥିଲା । ଶ୍ରୀ ଦାସ ଯେଉଁ ସବୁ ଗ୍ରୀଭାନ୍ସ ଆଣିଥିଲେ, ସେଥିରୁ କେତେ ଗୁଡ଼ିଏ ସେ ବିଜେପି ସରକାରଙ୍କ ସମୟରେ ସମାଧାନ କରିଥିଲେ, ତାହା ଜନସାଧାରଣଙ୍କୁ ଜଣାଇବାର ଆବଶ୍ୟ କରହିଛି। ବିଜେପି ନେତାଙ୍କ କଥା ଅନୁସାରେ, ରାଜ୍ୟପାଳ ଭାବେ ଯଦି ସେ ଏତେ ଲୋକପ୍ରିୟ ଥିଲେ, ତା ହେଲେ ତାଙ୍କୁ ଏପରି ଅସମ୍ମାନ ସୂଚକ ଭାବେ ତାଙ୍କ କାର୍ଯ୍ୟକାଳ ସରିବାର ଢେର ପୂର୍ବରୁ କାହିଁକି ବିଦା କରାଗଲା ? ଏ ପ୍ରଶ୍ନର ଉତ୍ତର ରାଜ୍ୟର ବିଜେପି ନେତାମାନେ ରାଜ୍ୟର ଜନସାଧାରଣଙ୍କ ସାମ୍ନାରେ ରଖିବାର ଅଛି। ତାଛଡା, ରାଜ୍ୟପାଳ ପଦବୀ ଏକ ଲାଟସାହେବ ପଦବୀ ବୋଲି ଶ୍ରୀ ଦାସ କାହିଁକି କହିଲେ? ଦେଶର ଅନ୍ୟ ରାଜ୍ୟର ରାଜ୍ୟପାଳମାନେ କ'ଣ ଲାଟସାହେବ କି ବୋଲି ଡଃ ସାହୁ ପ୍ରଶ୍ନ କରିଥିଲେ । ବାସ୍ତବରେ ଶ୍ରୀ ଦାସ ଜଣେ ଲୋକପ୍ରିୟ ନୁହେଁ ବରଂ ଜଣେ ବିବାଦୀୟ ରାଜ୍ୟପାଳ ଥିଲେ।

## ନାରାୟଣ ଗ୍ରୁପ୍ ଅଫ ସ୍କୁଲସ୍‌ର ଛାୟା କଳ୍ପିତ

# ଆଧୁନିକ ମିଳିତ ଜାତିସଂଘ କାର୍ଯ୍ୟକ୍ରମ



କଟକ, (ସ୍ୱପ୍ର): ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ନାରାୟଣା ସ୍କୁଲର୍ସ ସମୁହର ଆଧୁନିକ ଛାୟା କଳ୍ପିତ ମିଳିତ ଜାତିସଂଘ କାର୍ଯ୍ୟକ୍ରମ ସ୍ଥାନୀୟ ବିଜୁପଟ୍ଟନାୟକ ଛକ ସ୍ଥିତ ସାରଳାଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଓଡିଶାର ଚାରୋଟି ସ୍କୁଲ ଏନଡିଏନ୍, ଜେଭି, ବିଆରଏମଟି, କଟକ ଶାଖାର ନବମ ଶ୍ରେଣୀର ଛାତଛାତ୍ରୀମାନେ ଏଥିରେ ଭାଗ ନେଇଥିଲେ। ଏଥିରେ ଅବସରପ୍ରାପ୍ତ ପ୍ରାଧାପକ ତଥା ପୂର୍ବତନ ଅଧ୍ୟକ୍ଷ ନିତ୍ୟାନନ୍ଦ ଦାସ ଓ ନିରାକାର ଶତପଥୀ ଯୋଗଦେଇ ଆଜିର ସମୟରେ ମିଳିତ ଜାତିସଂଘର ଉପଯୋଗିତା ଉପରେ ଆଲୋକପାତ କରିଥିଲେ । ନାରାୟଣ ସ୍କୁଲ ସମୂହ ଓଡିଶାର ୩୬ ଜଣ ଛାତ୍ରଛାତ୍ରୀ ଆମେରିକା, ବ୍ରିଟେନ୍, ଫ୍ରାନସ୍ ଓ ଚୀନର ଛାୟା ପ୍ରତିନିଧିରୂପେ ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏଥିରେ ଅନ୍‌ଲାଇନ ସୁରକ୍ଷା, ଦାରିଦ୍ର୍ୟ ଦୂରିକରଣ, ଜଳବାୟୁ ପରିବର୍ତ୍ତନ, ଗୁଣାତ୍ମକ ଶିକ୍ଷା, ଲିଙ୍ଗ ବୈଷମ୍ୟ ପ୍ରଭୃତି ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ଏହି ସମାରୋହରେ ନାରାୟଣ ଗ୍ରୁପ୍ ଅଫ ସ୍କୁଲସ୍ ସମୁହର ଡିଜିଏମ୍ ପି. ଶ୍ରୀନୀବାସ, ଏଜିଏମ୍ କିଶୋର ପାଣିଗ୍ରାହୀ, ରିସର୍ଚ୍ଚ ଡେଭଲପମେଣ୍ଟ ଅଧିକାରୀ କେ. ମଧୁସୁଦନ, ରାଜ୍ୟ ସଂଯୋଜକ ଏ. ଅପାରାଓ, ନାରାୟଣ ଗ୍ରୁପ୍ ଅଫ ସ୍କୁଲସ୍‌ର ପ୍ରଧାନଶିକ୍ଷୟତ୍ରୀ ଏନ. ସୁଜାତା, ଟି.ଶ୍ରୀଦେବୀ, ଭି. ଭାରତୀ, ପ୍ରଜ୍ଞା ପାରମିତା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ କଟକ ଶାଖା ସ୍କୁଲର ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀଧର ଆଚାର୍ଯ୍ୟ ଓ ସମସ୍ତ କର୍ମଚାରୀଙ୍କ ସହାୟତାରେ କାର୍ଯ୍ୟକ୍ରମଟି ସରସ ସୁନ୍ଦର ହୋଇଥିଲା ।

## ରେନୋ ଇଣ୍ଡିଆ ପକ୍ଷରୁ ୨୦୨୫ରେ

# ୩ ବର୍ଷରେ ୧ ଲକ୍ଷ କି.ମି. ୱାରେଣ୍ଟିର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ରେନୋ ଇଣ୍ଡିଆ ଯାହାକି ରେନୋ ଗୋଷ୍ଠୀର ଏକ ନିଜସ୍ୱ ସହଯୋଗୀ ପ୍ରତିଷ୍ଠାନ, ଗ୍ରାହକମାନଙ୍କ ନିମନ୍ତେ ୩ ବର୍ଷର ସାଧାରଣ ମାନକ କିମ୍ବା ୧ ଲକ୍ଷ କି.ମି.ର ୱାରେଣ୍ଟି ଘୋଷଣା କରୁଛି । ଜାନୁୟାରୀ ୧, ୨୦୨୫ରୁ କାର୍ଯ୍ୟକାରୀ ହେଉଥିବା ଏହି ୱାରେଣ୍ଟି ଯେଉଁଗୁଡ଼ିକୁ ସାମିଲ କରୁଛି ସେଗୁଡ଼ିକ ମଧ୍ୟରେ ରହିଛି, ସାମଗ୍ରୀ ସହିତ ଜଡ଼ିତ ସମସ୍ତ ଯାନ୍ତ୍ରିକ ତଥା ବୈଦ୍ୟୁତିକ ବିଫଳତା କିମ୍ବା ତ୍ରୁଟି, କାରିଗରୀ କିମ୍ବା ନିର୍ମାଣଜନିତ ତ୍ରୁଟି ତଥା ପ୍ରତ୍ୟେକ ରେନୋ ମାଲିକମାନଙ୍କ ପାଇଁ ମାନସିକ ଶାନ୍ତିର ସୁନିଶ୍ଚିତତା ଇତ୍ୟାଦି । ପୁନର୍ବାର, ଏହାର ପ୍ରଥମ ଗ୍ରାହକ ଆଭିମୁଖ୍ୟକୁ ସଶକ୍ତ କରିବାକୁ ଯାଇ ରେନୋ ବର୍ତ୍ତମାନ ୭ ବର୍ଷ କିମ୍ବା ଅସୀମିତ କିଲୋମିଟର ବିସ୍ତାରିତ ସହିତ ଏହି ଉଦ୍ୟୋଗର ସର୍ବୋନ୍ନମ ପରିବ୍ୟାପ୍ତ ୱାରେଣ୍ଟି ପ୍ୟାକେଜ ସହିତ ସାଧାରଣ ମାନକ ୱାରେଣ୍ଟି ଅବଧି ମଧ୍ୟରେ ଯେ କୌଣସି ସମୟରେ କ୍ରୟର ଉପଲବ୍ଧ ରହିଛି। ଏହି ଉଭୟ ସାଧାରଣ ମାନକ ତଥା ପରିବ୍ୟାପ୍ତ ୱାରେଣ୍ଟି କାର୍ଯ୍ୟକ୍ରମ ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ୨୪*୭ ରାସ୍ତା ପାର୍ଶ୍ୱର ସହାୟତା, ମାଲିକାନା ଅଭିଜ୍ଞତାକୁ ଆହୁରି ବର୍ଦ୍ଧିତ କରିବା ତଥା ଦୁର୍ଘଟଣା ଜନିତ କ୍ଷତିପୂରଣକୁ ଏଥିରେ ମିଶାଇବା ଇତ୍ୟାଦି। ଭେଙ୍କଟରାମ ଏମ., ପରିଚାଳନା ନିର୍ଦ୍ଦେଶକ ତଥା ରେନୋ ଇଣ୍ଡିଆର ଦେଶ ମୁଖ୍ୟ ପରିଚାଳନା ଅଧିକାରୀ, ମନ୍ତବ୍ୟ ପ୍ରଦାନ କରି କହିଛନ୍ତି, ରେନୋ ପାଖରେ ରହିଛି ।

# କୋର୍ଟର ବାରଣ ସତ୍ତ୍ୱେ ଚାଲିଛି ଘର କାମ

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ଆଳି ଥାନା ଅଧିନ ବିଲିକଣା ଗ୍ରାମରେ କୋର୍ଟ ଆଦେଶକୁ ଅବମାନନା କରି ଘର କାମ ତିଆରି ଚାଲିଥିବା ବେଳେ ଆଳି ଥାନା ପୋଲିସ ନିଷ୍କ୍ରିୟ ଭାବେ ବସି ରହିଥିବା ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ମୁତାବକ ସେହି ଗ୍ରାମର ଆଲୋକ କୁମାର ସାହୁ ଓ ତାଙ୍କ ପଡିଶାଙ୍କ ମଧ୍ୟରେ ଜମିବାଡି ସଂପର୍କକୁ ନେଇ ବିବାଦ ରହିଥିଲା । ଅପରପକ୍ଷ ଆଲୋକଙ୍କ ଜାଗାକୁ ମଡାଇ ଘର ତିଆରି କରୁଥିବାରୁ ଆଲୋକ ଆଳି ଅଦାଲତ ରେ ଏକ ମାମଲା ଦାଏର କରିଥିଲେ । କୋର୍ଟ ପକ୍ଷରୁ ସଂପୃକ୍ତ ଜାଗାରେ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ନିର୍ଦ୍ଦେଶ ଜାରି ଥିବାବେଳେ ଅପରପକ୍ଷ ଜୋର ଜବରଦସ୍ତ ନିର୍ମାଣ କରୁଥିବା ଆଲୋକ ଅଭିଯୋଗ କରିଛି । ଏନେଇ ଥାନାକୁ ଅବଗତ କରାଗଲେ ମଧ ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବାରୁ ଆଲୋକ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି ।

## ଅସହାୟଙ୍କୁ ଜରକା ଇନରହୁଇଲର କମ୍ବଳ ବଣ୍ଟନ

ଧର୍ମଶାଳା, (ସବ୍ୟୁ) : ଆନ୍ତର୍ଜାତିକ ଇନରହୁଇଲ ଡେ ଅବସରରେ ଧର୍ମଶାଳା ବ୍ଲକ ଜାରକା ଇନରହୁଇଲ ପକ୍ଷରୁ ଗରିବ ଓ ଅସହାୟା ପରିବାରଙ୍କୁ ଶୀତବସ୍ତ୍ର କମ୍ବଳ ବଂଟନ କରାଯାଇଛି । ଜାରକା ଇନରହୁଇଲ କ୍ଲବର ସଭାନେତ୍ରୀ ରଶ୍ମିତା ନାୟକ, ସମ୍ପାଦିକା ଲୋପାମୁଦ୍ରା ଷେଣ୍ଢଙ୍କ ନେତୃତ୍ୱରେ ପୁର୍ବତନ ସଭାନେତ୍ରୀ ମିନତୀ ସାହୁ, ମାଧୁରୀ ଶତପଥୀ, ଶକୁନ୍ତଳା ମହନ୍ତି, କଳ୍ପନା ପରିଡା,ଅର୍ଚ୍ଚନା ସ୍ୱାଇଁ, ଉପାସନା ଶତପଥୀ, ବିଶ୍ୱମିତ୍ରା ସାହୁ,ଇନ୍ଦୁପ୍ରଭା ସାମଲ,କାଦମ୍ବିନୀ ମିଶ୍ର, ପ୍ରଭାତ ନଳିନୀ ସାହୁ, ସରୋଜିନୀ ପଣ୍ଡା ପ୍ରମୁଖ ଏହି ବଲକ ଆରୁହା ସ୍ଥିତ ଆଦିବାସୀ ବସ୍ତିକୁ ଯାଇ ସେମାନଙ୍କ ଗହଣରେ କେକ କାଟି ଇନରହୁଇଲ ଡେ ପାଳନ କରିବା ସହ ସେମାନଙ୍କୁ ବିଭିନ୍ନ କିଶମର ଟିଫିନ ଓ ୨୫ ଗୋଟି କମ୍ବଳ ବଂଟନ କରିଥିଲେ । ଜାରକା ଇନରହୁଇଲର ଏଭଳି ପ୍ରୟାସକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

# ଡିଜିଟାଲ ର ସକରାତ୍ମକ ବ୍ୟବହାର ହିଁ ଆଜିର ପ୍ରଧାନ ଆବଶ୍ୟକତା

ପୁରୀ, (ସବ୍ୟୁ): ଡିଜିଟାଲ ଦୁନିଆଁକୁ ବାଦ୍ ଦେଇ ଏବେ ଜୀବନ ଆଉ ସମ୍ଭବ ନୁହେଁ । ଏକ ବିକଶିତ ଭାରତ ଓ ବିକଶିତ ସମାଜ ପାଇଁ ଡିଜିଟାଲ ୱାର୍ଲ୍ଡ ଏବେ ଏକ ସର୍ବଶ୍ରେଷ୍ଠ ଆବଶ୍ୟକତା । ହେଲେ ଏହାର ଯଦି ନକରାତ୍ମକ ବ୍ୟବହାର ହୁଏ ଓ ଆବଶ୍ୟକତା ଠାରୁ ଅଧିକ ବ୍ୟବହାର ହୁଏ, ତେବେ ଆଗାମୀ ଦିନରେ ଆମ ଯୁବଗୋଷ୍ଠୀ ବିଶେଷକରି କୋମଳମତି ଶିଶୁ, ମାନସିକ ଅସ୍ଥିରତା, ଭୟାବହ୍ୟର୍ଥତା ଓ ଅନେକ ରୋଗର ସମ୍ମୁଖୀନ ହେବା ଅସମ୍ଭବନୁହେଁ ବୋଲି କହିଛନ୍ତି,, ୟୁଥ୍ ଆଣ୍ଡ ଡିଜିଟାଲ ୱାର୍ଲ୍ଡଜନମଞ୍ଚ ରେ ଯୋଗଦାନ କରିଥିବା ଓଡ଼ିଶା ର ବିଶିଷ୍ଟ ବକ୍ତା । ନେହେରୁ ଯୁବ କେନ୍ଦ୍ର ପୁରୀ ମିଶନ ଓଡ଼ିଶା ଓ ୟୁଥ୍ ଫର ୱାଟର ର ମିଳିତ ସହଯୋଗ ରେ ଶରଧାବାଲି ଠାରେ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ମଞ୍ଚରେ ଅନୁଷ୍ଠିତ ଜନମଞ୍ଚରେ ଓଡ଼ିଶା ର ବିଶିଷ୍ଟ ମାଇଣ୍ଡସେଟ୍ କୋଚ୍ ପ୍ରିନ୍ସ ସରୋଜ କୁମାର, ପୁରୀ ର ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁ, ଦିଲ୍ଲୀ ର ବରିଷ୍ଠ ଚାଟାର୍ଡ ଆକାଉଣ୍ଟାଣ୍ଟ ସୁଧୀର ଦାଶ, ଭୁବନେଶ୍ୱର ର ବିଶିଷ୍ଟ ଶିକ୍ଷାବିତ ବିକାଶ ସ୍ୱାଇଁ, ବିଶିଷ୍ଟ ସାହିତ୍ୟିକ ମାନସ ରଞ୍ଜନ ମହାପାତ୍ର, ପୁସ୍ତକ ମେଳା ସଂପାଦକ ଚକ୍ରଧର ମହାପାତ୍ର, ଓଡ଼ିଶା ର ବିଶିଷ୍ଟ ସାମାଜିକ କର୍ମି ବିପିନ୍ ମହାନ୍ତି ଅତିଥି ଭାବେ ଯୋଗଦେଇ, ଶୋଇବା ପୂର୍ବରୁ ମୋବାଇଲ ର ବ୍ୟବହାର ନକରିବା, ଛୋଟ ଛୋଟ ଶିଶୁ ଓ ଛାତ୍ର ଛାତ୍ରୀଙ୍କୁ ବିଭିନ୍ନ ମୋବାଇଲ ରେ ଖେଳ ଓ କାର୍ଟୁନ୍ ବ୍ୟବହାର ର ଯଥାସମ୍ଭବ ନିଷେଧ, ଅରୁଚିକର, ଅଶ୍ଳୀଳ ତଥା ଅପରାଧମୂଳକ ଚିତ୍ର ଓ ଘଟଣା ଉପରେ ଯୁବଗୋଷ୍ଠୀଙ୍କ ବ୍ୟବହାର ଉପରେ ଅଭିଭାବକମାନଙ୍କର ନଜର, ସାଇବର ଠକେଇ ରୁ ଦୂରେଇବା ପାଇଁ ଅଜଣା ମେସେଜ ଓ ଫୋନ୍ କଲ୍‌କୁ ଏଡେଇଯିବା ବିଶେଷକରି ମୋବାଇଲ ରୁ ଶରୀରକୁ ବିଚ୍ଛୁରିତ ରେଡିଏସନ୍ ରୁ ରକ୍ଷାପାଇବା ପାଇଁ, ମୋବାଇଲକୁ ଛାତି ନିକଟରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ । ସମାଜସେବୀ ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନମଞ୍ଚ କୁ ନେହେରୁ ଯୁବ କେନ୍ଦ୍ର ର ଅଧିକାରୀ ଅଶୋକ ବେହେରା ପରିଚାଳନା କରିଥିବା ବେଳେ, ତିନି ଘଣ୍ଟା ବ୍ୟାପୀ ଏହି ଜନମଞ୍ଚ କୁ ସଂଯୋଜନା ଓ ସଞ୍ଚାଳନ କରିଥିଲେ ମିଶନ ଓଡ଼ିଶା ସଂପାଦକ ମଧୁସୂଦନ ମିଶ୍ର । ଏଥିରେ ସର୍ବଶ୍ରେଷ୍ଠ ପ୍ରଶ୍ନ ପ୍ରସ୍ତୁତ କରୁଥିବା ୧୨ଜଣ ଦର୍ଶକ –ଶ୍ରୋତାଙ୍କୁ ପୁରସ୍କାର ପ୍ରଦାନ ପରେ ଉତ୍ସର୍ଗୀକୃତ ସମାଜସେବା ପାଇଁ ବ୍ରଜକିଶୋର ସାହୁ ଓ ନିରଞ୍ଜନ ମହାପାତ୍ର, ରକ୍ତଦାନ ପାଇଁ ପଦ୍ମଲୋଚନ ମହାପାତ୍ର, ବୃକ୍ଷରୋପଣ ପାଇଁ ସୁଶାନ୍ତ କୁମାର ରଥ,ନାଟ୍ୟ ନିର୍ଦ୍ଦେଶକ ଶିବ ସୁନ୍ଦର ମିଶ୍ର, କୃଷି ବିକାଶ ପାଇଁ ଦି ମାର୍ସ ର ଭାସ୍କର ପୂଜାରୀ, ବିଶିଷ୍ଟ ନର୍ସିଂ ଅଫିସର ପୁଷ୍ପାଞ୍ଜଳି ରଣସିଂହ, ବରିଷ୍ଠ ମାର୍ଟନ ସିତା ପତି ଓ ପାରାଡାଇଜ୍ ବୃଦ୍ଧାଶ୍ରମ ର ପରିଚାଳିକା ପ୍ରଣତି ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ସେବା – ସମର୍ପଣ ପାଇଁ କେଦାରନାଥ ମହାପାତ୍ର, ଶିବରାମ ପ୍ରଧାନ, ଅଜୟ କୁମାର ପ୍ରଧାନ, ସୀତାରାମ ସେନାପତି, ସୌମ୍ୟରଞ୍ଜନ ପାତ୍ର, ଗୋବିନ୍ଦ ପାତ୍ର,ଲାଲା ଅନନ୍ତ କୁମାର ସିଂ, ସତ୍ୟନାରାୟଣ ପାତ୍ର, ଦେବରାଜ ଦାସ , ଶ୍ୟାମାପ୍ରସାଦ ସେନାପତି, ଦୀପକ୍ ପାତ୍ର, ବଳରାମ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସ୍ୱତନ୍ତ୍ର ଷ୍ଟୋର ଫ୍ରାଞ୍ଚାଇଜ୍ ମଡେଲ୍ ସହ ଉଡ଼ାଣ ଭରିଲା ପିଜନ୍

ଭୁବନେଶ୍ୱର, (ସବ୍ୟୁ) : ଭାରତର ଅଗ୍ରଣୀ ଗୃହ, ରୋଷେଇ ଘର ଏବଂ ଆଲୋକ ସମାଧାନ ପ୍ରଦାନକାରୀ କମ୍ପାନୀ ଷ୍ଟୋଭକ୍ରାଫ୍ଟ ଏହାର ଫ୍ଲାଗସିପ୍ ବ୍ରାଣ୍ଡ – ପିଜନ୍ ସହିତ ଏକ ଅନନ୍ୟ ଫ୍ରାଚାଇଜ୍ ସୁଯୋଗ ଘୋଷଣା କରି



ଆନନ୍ଦିତ ହୋଇଛି ଆଶାୟୀ ଉଦ୍ୟୋଗୀମାନଙ୍କୁ ଏକ ଅଭିନବ, ଶୂନ୍ୟ–ପୁଞ୍ଜି–ବ୍ୟୟ (ସିଓଏଫ୍‌ଓ) ମଡେଲ୍ ଏବଂ ଫ୍ରାଚାଇଜ୍ ମାଲିକାନା ଏବଂ ପରିଚାଳିତ (ଏଫ୍‌ଓଏଫ୍‌ଓ) ମଡେଲ୍ ମାଧମରେ ଖୁଚୁରା କ୍ଷେତ୍ରରେ ଯୋଗଦେବା ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବା। ଜୁନ୍ ୨୦୨୨ରେ ପିଜନ ଏହାର ପ୍ରଥମ ଷ୍ଟୋର ଲଂଚ କରିଥିଲା ଏବଂ ୧୪ ମାସ ମଧ୍ୟରେ ଏହାର ୧୦୦ତମ ଷ୍ଟୋର ମାଇଲଖୁଟରେ ପହଂଚିଥିଲା । ଏବେ କମ୍ପାନୀ ସାରା ଦେଶରେ ୨୨୭ଟି ଷ୍ଟୋର ଚଳାଉଛି । ଷ୍ଟୋଭକ୍ରାଫ୍ଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ରାଜେନ୍ଦ୍ର ଗାନ୍ଧୀକହିଛନ୍ତି, ଉଦ୍ୟୋଗୀଙ୍କୁ ସଶକ୍ତ କରିବା ଏବଂ ଦେଶବ୍ୟାପୀ ଆମର ବ୍ରାଣ୍ଡ୍ ପାଦଚିହ୍ନ ବିସ୍ତାର କରିବା ଦିଗରେ ଆମର ପ୍ରତିବଦ୍ଧତାର ପ୍ରମାଣ ହେଉଛିପିଜନଙ୍କ ଫ୍ରାଚାଂଇଜ୍ ମଡେଲ୍ । ଜିରୋ/ଲୋ–କ୍ୟାପେକ୍ସ, ହାଇ–ମାର୍ଜିନ୍ ସୁଯୋଗ ପ୍ରଦାନ କରି ଆମେ ସମଗ୍ର ଦେଶରେ ପିଜନର ପହଂଚକୁ ପ୍ରୋତ୍ସାହିତ କରିବା ସହିତ ବ୍ୟବସାୟିକ ମାଲିକାନାକୁ ସୁଲଭ କରିବାକୁ ଲକ୍ଷ୍ୟ ରଖିଛୁ । ମିଳିତ ଭାବେ ଆମେ ପ୍ରତ୍ୟେକ ଭାରତୀୟଙ୍କ ଘରେ ଅଭିନବ ଓ ସୁଲଭ ରୋଷେଇ ଘର ଆଣିପାରିବା। ଷ୍ଟୋଭକ୍ରାଫ୍ଟ ଲିମିଟେଡର ମୁଖ୍ୟ ଅଭିବୃଦ୍ଧି ଅଧିକାରୀ ମୟଙ୍କ ଗୁପ୍ତା ଏହିପଦକ୍ଷେପ ପାଇଁ ଉତ୍ସାହ ପ୍ରକାଶ କରି କହିଛନ୍ତି । ଫ୍ରାଚାଇଜ୍ ସୁଯୋଗ କେବଳ ଏକ ବ୍ୟବସାୟିକ ମଡେଲ ନୁହେଁ ଏହା ଏକ ଭାଗିଦାରୀ । ଆମେ ଆଶାୟୀ ଉଦ୍ୟୋଗୀମାନଙ୍କୁ ଏକ ସମୃଦ୍ଧ ଖୁଚୁରା ବ୍ୟବସାୟ ନିର୍ମାଣ ପାଇଁ ଆବଶ୍ୟକ ଉପକରଣ, ମାର୍ଗଦର୍ଶନ ଏବଂ ସହାୟତା ପ୍ରଦାନ କରୁଛୁ । ଏକ ସଫଳ ଏବଂ ସ୍ଥାୟୀ ବ୍ୟବସାୟ ନିର୍ମାଣ କରିବା ସମୟରେ ଅସାଧାରଣ ଗ୍ରାହକ ଅନୁଭୂତି ପ୍ରଦାନ କରିବା ପାଇଁ ଉଦ୍ୟୋଗୀ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କୁ ସଶକ୍ତ କରିବା ଆମର ଲକ୍ଷ୍ୟ । ମିଳିତ ଭାବେ ଆମେ ରୋଷେଇ ଘର ସମାଧାନ ଶିଳ୍ପରେ ଏକ ନୂଆ ମାନଦଣ୍ଡ ସ୍ଥାପିତ କରୁଛୁ।

# ଆଜି ଠାରୁ ଆମାଜନ୍ ଗ୍ରେଟ୍ ରିପବଲିକ୍ ଡ଼େ ସେଲ

ଭୁବନେଶ୍ୱର, (ସବ୍ୟୁ): ୧୩ରୁ ଆରମ୍ଭ ହେବାକୁ ଯାଉଛି ଆମାଜନ୍ ଗ୍ରେଟ୍ ରିପବଲିକ୍ ଡ଼େ ସେଲ ୨୦୨୫, ଯେଉଁଥିରେକି ୧୩ ତାରିଖ ଅପରାହ୍ନ ୧୨ରୁ ସ୍ୱତନ୍ତ୍ରଭାବେ ୧୨ଘଣ୍ଟା ପାଇଁ ପ୍ରାଇମ ସଦସ୍ୟମାନେ ଏହାର ଲାଭ ଉଠାଇପାରିବେ । ଏଥିରେ ଗ୍ରାହକମାନେ ବିଭିନ୍ନ କାଟେଗୋରୀ ଯେପରିକି ସ୍ମାର୍ଟଫୋନ, ଫ୍ୟାଶନ୍ ଏବଂ ବିୟୁଟି, ଘରୋଇ ଏବଂ ରୋଷେଇ, କଂଜ୍ୟୁମର, ଇଲେକ୍ଟ୍ରୋନିକ୍ସ, ଗ୍ରୋସରୀ ଇତ୍ୟାଦି ସୁଲଭ ମୁଲ୍ୟରେ କ୍ରୟ କରିପାରିବେ । ଆହୁରିମଧ୍ୟ ଗ୍ରାହକମାନେ ବିଭିନ୍ନ ଅଗ୍ରଣୀ ବ୍ରାଣ୍ଡ ଯେପରିକି ୱାନପ୍ଲସ୍, ଆପଲ, ବୋଟ୍, ସାମସଙ୍ଗ, ସୋନୀ, ଏଲଜି, କ୍ରକ୍ସ, ଟାଇଟେନ୍ ଇତ୍ୟାଦି ବ୍ରାଣ୍ଡର ଉତ୍ପାଦ ଗୁଡ଼ିକ ମଧ୍ୟରୁ ଚୟନ କରିପାରିବେ । ଉକ୍ତ ଅଫର ଗୁଡ଼ିକ ମଧ୍ୟରେ ଗ୍ରାହକମାନେ ଏସବିଆଇ କ୍ରେଡ଼ିଟ କାର୍ଡ୍ ଏବଂ ଇଏମଆଇ ନେଣଦେଣ ଉପରେ ୧୦% ତତ୍କାଳ ରିହାତି ପାଇପାରିବେ । ଆମାଜନ୍ ପେ ଲ୍ୟାଟର ସହିତ ଗ୍ରାହକମାନେ ୬୦,୦୦୦ ପର୍ଯ୍ୟନ୍ତ ଇନଷ୍ଟାଂଟ କ୍ରେଡ଼ିଟ ଏବଂ ୬୦୦ ଟଙ୍କା ପର୍ଯ୍ୟନ୍ତ ୱେଲକମ୍ ରିୱାର୍ଡ଼ ମଧ୍ୟ ପାଇପାରିବେ । ଅଗ୍ରଣୀ ସ୍ମାର୍ଟଫୋନ୍ ଯେପରିକି ୱାନ୍‌ପ୍ଲସ, ଆପଲ,ସାମସଙ୍ଗ, ରିଅଲମି, ସାଓମି, ପୋକୋ, ମୋଟୋରୋଲା ଆଦିର ଲାଟେଷ୍ଟ ମଡ଼େଲ ଗୁଡ଼ିକ ଉପରେ ଆକର୍ଷଣୀୟ ରିହାତି ଉପଲବ୍ଧ । ୨୫୦ରୁ ଅଧିକ ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ ଗୁଡ଼ିକ ଉପରେ ୭୫% ପର୍ଯ୍ୟନ୍ତ ରିହାତି ସହିତ ୨୧,୦୦୦ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଏକ୍ସଚେଂଜ ଅଫର ଏବଂ ୱାସିଙ୍ଗ ମେସିନ୍, ରେଫ୍ରିଜେରେଟର, ଚିମିନୀ, ମାଇକ୍ରୋୱେଭ୍ ଏବଂ ଡ଼ିସ୍‌ୱାସର ଗୁଡ଼ିକ ଉପରେ ଗ୍ରାହକମାନେ ୬୦% ପର୍ଯ୍ୟନ୍ତ ରିହାତି ପାଇପାରିବେ ।

# ରେଲବାଇ ଯାତ୍ରୀ ସୂଚନା ପ୍ରଣାଳୀ ପାଇଁ ୧୦୦୦ କୋଟି ବଜାର ସଂପ୍ରସାରଣ କରାଯିବ

ଭୁବନେଶ୍ୱର (ସବ୍ୟୁ): ଏଲଇଡି ଡିସପ୍ଲେ ଓ ଏଲଇଡି ସାମଗ୍ରୀ ପାୱାର ଇଲେକ୍‌ଟ୍ରୋନିକ ସମାଧାନରେ ଡିଜାଇନ, ବିକାଶ ଓ ଉତ୍ପାଦନରେ ଏକ ବିଶ୍ୱସନୀୟ ସଂସ୍ଥା ଏମଆଇସି ଇଲେକ୍‌ଟ୍ରୋନିକ୍ସ ଲିମିଟେଡ ଏହାର ଜିପିଏସ ଆଧାରିତ ପବ୍ଲିକ ଆଡ୍ରେସ ପ୍ରଣାଳୀ ଓ ଯାତ୍ରୀ ସୂଚନା ପ୍ରଣାଳୀ ଉତ୍ପାଦ ଲାଇନରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ ଘୋଷଣା କରିଛି। ଆଠମାସର ପ୍ରରିଶ୍ରମ, ଗବେଷଣା ପରେ କମ୍ପାନିର ସଫଳତା ମୂଲ୍ୟାଙ୍କନ ଅନୁମୋଦନ ଲାଭ କରିଛି । ପିଏପିଆଇଏସ ଯାତ୍ରୀ ଯୋଗାଯୋଗ ଓ ଅଭିଜ୍ଞତାକୁ ବୃଦ୍ଧି କରିବା ଲାଗି ଡିଜାଇନ ହୋଇଛି ଓ ଏଥିରେ ଉନ୍ନତ ଏଲଇଡି ବୋର୍ଡ ଅନ୍ତର୍ଭୁକ୍ତ । କପୁରଥଲାର ରେଳ କୋଚ କାରଖାନାରୁ ଚୁଡ଼ାନ୍ତ ମୁରୀ ପ୍ରକ୍ରିୟା



ଜାରୀ ରହିଛି ଓ ଫେବୃଆରୀ ୨୦୨୫ ସୁଦ୍ଧା ସମାପ୍ତ ହେବ ବୋଲି ଲକ୍ଷ୍ୟ ରହିଛି। ଏହା ସହ ଏମଆଇସି ଇଲେକ୍‌ଟ୍ରାନିକ୍ସ ପିଏପିଆଇଏସ ଲାଗି ଅନୁମୋଦିତ ବିକ୍ରେତା ହୋଇଯିବ ଯାହା ଭାରତର ରେଳପଥର ସବୁ ସେବା ଯୋଗାଇବା ପାଇଁ ଟେଣ୍ଡରରେ ଅଂଶଗ୍ରହଣ କରିପାରିବ । ପିଏପିଆଇଏସ ପାଇଁ ବାର୍ଷିକ ବଜାର ପ୍ରାୟ ଟ.୧୦୦୦ କୋଟି ହେବ ବୋଲି ଆକଳନ କରାଯାଇଛି, ଏମଆଇସି ଆଗାମୀ ଆର୍ଥିକ ବଷରେ ଟ.୫୦–୭୫ କୋଟି ରାଜସ୍ୱ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। କମ୍ପାନି ଅଗ୍ରଣୀ ପ୍ରଯୁକ୍ତି ବିଦ୍ୟାକୁ ଆପଣାଇ କାର୍ଯ୍ୟକ୍ଷେତ୍ରରେ ଉନ୍ନତି ଆଣିବା ଲକ୍ଷ୍ୟ ରଖିଛି।

# ୨୦ରେ ଟ୍ରମ୍ପଙ୍କ ଶପଥ ଯୋଗଦେବେ ଜୟଶଙ୍କର



ନୂଆଦିଲ୍ଲୀ: ଆସନ୍ତା ଜାନୁଆରୀ ୨୦ ତାରିଖରେ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେବେ ଡୋନାଲ୍ଡ ଟ୍ରମ୍ପ । ସେ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ପଦ ଗ୍ରହଣ କରିବେ । ତେବେ ଟ୍ରମ୍ପଙ୍କ ଏହି ଶପଥ ସମାରୋହରେ ଭାରତ ପକ୍ଷରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଅଂଶଗ୍ରହଣ କରିବେ । ଏନେଇ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି ।

ଟ୍ରମ୍ପ-ଭାନ୍ସ ଉଦଘାଟନୀ କମିଟିର ନିମନ୍ତ୍ରଣ ଅନୁସାରେ ଏସ୍.ଜୟଶଙ୍କର ଭାରତର ପ୍ରତିନିଧିତ୍ୱ କରିବେ । ତାଙ୍କ ଗସ୍ତ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଶପଥ ଗ୍ରହଣ ସମାରୋହରେ ଯୋଗ ଦେଇଥିବା ନୂତନ ଆମେରିକା ପ୍ରଶାସନର ପ୍ରତିନିଧୀ ତଥା ଅନ୍ୟ ଆନ୍ତର୍ଜାତୀୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ମଧ୍ୟ ଆଲୋଚନା କରିବେ । ଏହି ଶପଥ ସମାରୋହରେ ଜୟଶଙ୍କର ସାମିଲ ହେବା ଓ ତାଙ୍କର ଏହି ଗସ୍ତ ଭାରତ ଏବଂ ଆମେରିକା ମଧ୍ୟରେ କୂଟନୈତିକ ସମ୍ପର୍କକୁ ଆହୁରି ଦୃଢ଼ କରିବ ବୋଲି ଆଶା କରାଯାଉଛି । ଶପଥ ଗ୍ରହଣ ଉତ୍ସବ ଜାନୁଆରୀ ୨୦ରେ ମାର୍ଟିନ୍ ଲୁଥର୍ କିଙ୍ଗ୍ ଜୁନିୟର ଡେ' ସହିତ ପାଳନ କରାଯିବ । ଡୋନାଲ୍ଡ ଟ୍ରମ୍ପ ୪୭ତମ ଥର ଏବଂ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିବେ । ଏଥର ଟ୍ରମ୍ପଙ୍କ କ୍ୟାବିନେଟରେ ଅନେକ ଭାରତୀୟଙ୍କୁ ସ୍ଥାନ ମିଳିଛି ।

ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ସମାରୋହରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ, ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ, ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର୍ ମିଲି ଯୋଗ ଦେବାର ଅଛି । ଗତ ବର୍ଷ ନଭେମ୍ବରରେ ଅନୁଷ୍ଠିତ ଆମେରିକାର ରାଷ୍ଟ୍ରପତି ନିର୍ବାଚନର ଫଳାଫଳରେ ଟ୍ରମ୍ପ୍ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କମଳା ହାରିସ୍‌ଙ୍କୁ ପରାସ୍ତ କରିଥିଲେ ।

# ଦୁର୍ବଳ ହେଉଛି ମାଓ ଦୁର୍ଗ



ରାୟପୁର: ସୀମାନ୍ତରେ ସୁରକ୍ଷା ବାହିନୀ ଓ ନକ୍ସଲମାନଙ୍କ ମଧ୍ୟରେ ଛକାପଞ୍ଝା ଚାଲିଛି । ସୁରକ୍ଷା ବାହିନୀ ଡାଳେଡାଳେ ଗଲେ ନକ୍ସଲମାନେ ପତ୍ରେପତ୍ରେ ଯାଉଛନ୍ତି । ସାଧାରଣ ସଂପତି ନଷ୍ଟ କରିବା ଓ ସୁରକ୍ଷା ବାହିନୀକୁ ଟାର୍ଗେଟ କରିବା ପାଇଁ ନକ୍ସଲମାନେ ନୂଆନୂଆ ଚିନ୍ତା କରୁଛନ୍ତି । ତେବେ ନକ୍ସଲଙ୍କ ଯୋଜନା ଭଣ୍ଡୁର କରିବା ପାଇଁ ସୁରକ୍ଷା ବାହିନୀ ମଧ୍ୟ ନିଜର ସମସ୍ତ ଉଦ୍ୟମକୁ ଲଗାଇଛନ୍ତି । ଛତିଶଗଡ଼ର ବିଜାପୁର ଜିଲ୍ଲା କୁଟ୍ରୁ ଥାନା ଅନ୍ତର୍ଗତ କାମ୍ବେଲି ଗାଁ ନିକଟରେ ଗତ ୬ ତାରିଖ ଦିନ ନକ୍ସଲଙ୍କ ବର୍ବର କାଣ୍ଡର ପ୍ରତିଶୋଧ ନେଇଛନ୍ତି ସୁରକ୍ଷା ବାହିନୀ । ବିଜାପୁରର ମାଡେୟାର ପୋଲିସ ଷ୍ଟେସନ ଅନ୍ତର୍ଗତ ବାନ୍ଦେପାରା ଏବଂ କୋରାନଜେଡ ଜଙ୍ଗଲରେ ସୁରକ୍ଷା ବାହିନୀର ଯବାନମାନେ ୩ ଜଣ ନକ୍ସଲଙ୍କୁ ନିପାତ କରିଛନ୍ତି । ଅପରେସନ ଜାରି ଥିବା ବେଳେ ନକ୍ସଲମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଛନ୍ତି ।

ବାନ୍ଦେପାରା-କୋରାନଜେଡ୍ ଜଙ୍ଗଲରେ ନକ୍ସଲମାନଙ୍କ ଗତିବିଧି ନେଇ ଗୁଇନ୍ଦା ସୂତ୍ରରୁ ସୂଚନା ମିଳିଥିଲା । ଏହି ଆଧାରରେ ସୁରକ୍ଷା ବାହିନୀର ଯବାନମାନେ ସର୍ଚ୍ଚ ଅପେରେସନରେ ବାହାରିଥିବା ବେଳେ ରବିବାର ସକାଳେ ଜଙ୍ଗଲରେ ପହଞ୍ଚିବା ମାତ୍ରେ ନକ୍ସଲମାନେ ଗୁଳି ଚଳାଇବା ଆରମ୍ଭ କରିଥିଲେ । ଯବାନମାନେ ମଧ୍ୟ ଆଗକୁ ଯାଇ ନକ୍ସଲମାନଙ୍କ ଗୁଳିର ଜବାବ ଦେଇଥିଲେ । ଏଥିରେ ମୁକାବିଲା କରି ନପାରି ୩ ଜଣ ନକ୍ସଲ ଟଳି ପଡ଼ିଥିଲେ । ହତ୍ୟା କରାଯାଇଥିବା ନକ୍ସଲମାନଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶା କରାଯାଉଛି । ତେବେ ନକ୍ସଲମାନଙ୍କ ହତ୍ୟାକୁ ନେଇ ପୋଲିସ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ନିଶ୍ଚିତ କରିନାହାଁନ୍ତି ।

ଆଠ ଜଣ ଯବାନ ସହିଦ ହେବା ଘଟଣାକୁ ସୁରକ୍ଷା ବାହିନୀ ଓ ସହରକାର ହାଲୁକା ଭାବେରେ ନେଇ ନାହାନ୍ତି । ୮ ଜଣ ନକ୍ସଲଙ୍କ ସହିଦ ଘଟଣାର ପ୍ରତିଶୋଧ ନେବା ପାଇଁ ସୁରକ୍ଷା ବାହିନୀ ଏବେ ଅଧିକ ସକ୍ରିୟ ଅଛନ୍ତି । ସର୍ଚ୍ଚ ଅପରେଶନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିଦେଇଛନ୍ତି । ଯବାନଙ୍କ କାର୍ଯ୍ୟାନୁଷ୍ଠାନ ଭୟରେ ନକ୍ସଲମାନେ ଭୟଭୀତ ହୋଇଯାଇଛନ୍ତି । ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଅନେକ ମାଓବାଦୀ ଏବେ ରାସ୍ତା ଖୋଜୁଛନ୍ତି ।

ସୂଚନାଯୋଗ୍ୟ ଗତ ୬ ତାରିଖ ଦିନ ଅବୁଝମାଡ଼ ଜଙ୍ଗଲରେ ବଡ଼ ଅପରେସନ୍ ପାଇଁ ଯବାନମାନେ ଯାଇଥିଲେ । ନକ୍ସଲମାନେ ବିସ୍ଫୋରଣ କରି ଡିଆର୍ଜି ଯବାନଙ୍କ ଭ୍ୟାନକୁ ଉଡ଼ାଇ ଦେଇଥିଲେ । ଲମ୍ବା ଅପରେସନ୍ ଯୋଗୁ ଥକି ଯାଇଥିବା ଡିଆର୍ଜି ଯବାନଙ୍କୁ କ୍ୟାମ୍ପକୁ ଫେରାଇ ଆଣିବା ପାଇଁ ପିକ୍‌ଅପ୍ ଭ୍ୟାନ୍ ଯାଇଥିଲା । ପାଖାପାଖି ୨୦ଜଣ ଯବାନ ଗାଡ଼ିରେ ବସି କ୍ୟାମ୍ପକୁ ଫେରିବା ରାସ୍ତାରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରି ଗାଡ଼ିକୁ ଉଡ଼ାଇ ଦେଇଥିଲେ । ଘଟଣାସ୍ଥଳରେ ୮ଯବାନ ସହିଦ ହୋଇଥିଲେ । ସହିଦ ଯବାନମାନେ ହେଲେ କୋରସା ବୁଦ୍ଧୁରାମ, ସୋମଡୁ ବେଟିଲି, ଦୁମ୍ମା ମାଡ଼କାମ, ବମନ ସୋଢ଼ି, ହରିଶ କୋରାମ, ପଣ୍ଡରୁ ପୋୟମ, ସୁଦର୍ଶନ ବେଟି ଓ ସୁଭରନାଥ ଯାଦବ । ଭ୍ୟାନ୍ ଡ୍ରାଇଭର୍ଙ୍କ ମଧ୍ୟ ମୃତ୍ୟୁ ହୋଇଛି । ୮ରୁ ଅଧିକ ଯବାନ ଗୁରୁତର ଆହତ ହୋଇଥିଲେ । ସମସ୍ତଙ୍କୁ ଏୟାରଲିଫ୍ଟ କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ।

# ଭାରତ-ବାଂଲା ସୀମାରେ ଉତ୍ତେଜନା

ନୂଆଦିଲ୍ଲୀ: ଭାରତ ଓ ବାଂଲାଦେଶ ମଧ୍ୟରେ ସୀମାରେ ଉତ୍ତେଜନା ବଢୁଥିବା ବେଳେ ବାଂଲାଦେଶର ବୈଦେଶିକ ମନ୍ତ୍ରଣାଳୟ ଭାରତୀୟ ହାଇକମିଶନର ପ୍ରଣୟ ବର୍ମାଙ୍କୁ ଡକାଇଛି । ସୀମାନ୍ତ ଅଞ୍ଚଳରେ ଭାରତୀୟ ସେନା ଗୁଳି ଚଳାଇଥିବା ବାଂଲାଦେଶ ସରକାର ଅଭିଯୋଗ କରିଛନ୍ତି । ଏହି ଘଟଣା ପରେ ସୀମାରେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ତିକ୍ତତା ଦେଖାଦେଇଛି ।

ଜାନୁଆରୀ ୧୦ ଓ ୧୧ ତାରିଖ ମଧ୍ୟରାତ୍ରିରେ ସୀମାନ୍ତ ଫାଣ୍ଡି ନୱାଦାରେ ଏହି ଘଟଣା ଘଟିଥିଲା । ତେବେ ବିଏସଏଫ ଯବାନଙ୍କ ଚେତାବନୀକୁ ଅଣଦେଖା କରି ୧୫ରୁ ୨୦ ଜଣ ସଶସ୍ତ୍ର ଚୋରା ଚାଲାଣକାରୀ ମାନେ ଚୋରା ସାମଗ୍ରୀକୁ ବଳପୂର୍ବକ ସୀମା ପାର କରିବାକୁ ଚେଷ୍ଟା କରିଥିଲେ ।

ବିଏସଏଫ ପକ୍ଷରୁ ଜାରି ବିବୃତି ଅନୁଯାୟୀ, ଶୁକ୍ରବାର ରାତିରେ କିଛି ଚୋରା ଚାଲାଣକାରୀ ବାଂଲାଦେଶ ପଟରୁ ଭାରତୀୟ ସୀମାରେ ପ୍ରବେଶ କରିଥିଲେ ଏବଂ ସେନା କର୍ମଚାରୀଙ୍କ ମନା କରିବା ସତ୍ତ୍ୱେ ସେମାନେ ଫେରିବାକୁ ରାଜି ନଥିଲେ, ଯାହା ପରେ ସେମାନେ ସୈନିକମାନଙ୍କ ସହିତ ଆକ୍ରମଣାତ୍ମକ ଆଚରଣ ପ୍ରଦର୍ଶନ କରିଥିଲେ, ତେଣୁ ବିଏସଏଫକୁ ଖାଲି ରାଉଣ୍ଡ ଗୁଳି ଚଳାଇବାକୁ ପଡିଥିଲା ଏବଂ କେହି ଆହତ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ । ଚୋରା ଚାଲାଣକାରୀଙ୍କ ପାଖରେ ୨୫ ବୋତଲ ଫେନସିଡିଲ, ଗୋଟିଏ ଛୁରି ଓ ଗୋଟିଏ ଟର୍ଚ୍ଚ ଥିଲା, ଯାହାକୁ ସେମାନେ ଛାଡି ଦେଇଥିଲେ ବୋଲି ବିଏସଏଫ କହିଛି ।

# ଦେଶର ବିକାଶକୁ କେହି ଅଟକାଇ ପାରିବେ ନାହିଁ: ମୋଦୀ



ନୂଆଦିଲ୍ଲୀ: ରବିବାର ଭାରତ ମଣ୍ଡପରେ ଆୟୋଜିତ ବିକଶିତ ଇଣ୍ଡିଆ ୟଙ୍ଗ ଲିଡର୍ସ ଡାଏଲଗ ୨୦୨୫ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇଥିଲେ । ସେ କହିଛନ୍ତି ଯେ ଦେଶର ଯୁବବର୍ଗଙ୍କ ସହ ତାଙ୍କର ବହୁତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ଦେଶର ଯୁବଶକ୍ତିର ଶକ୍ତି ଭାରତକୁ ଯଥାଶୀଘ୍ର ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବ ।

ଇଣ୍ଡିଆ ୟୁଥ୍ ଲିଡର୍ସ ଡାଏଲଗ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ଆଜି ଆପଣଙ୍କ ସହ କଥାବାର୍ତ୍ତା ବେଳେ ମୁଁ ବିକଶିତ ଭାରତର ଏକ ଚିତ୍ର ମଧ୍ୟ ଦେଖୁଛି । ବିକଶିତ ଭାରତରେ ଆମେ କ'ଣ ଦେଖିବାକୁ ଚାହୁଁଛୁ? ଆପଣ କେଉଁ ପ୍ରକାରର ଭାରତ ଦେଖିବାକୁ ଚାହୁଁଛନ୍ତି? କେବଳ କହିଦେଲେ ଆମେ ବିକଶିତ ହୋଇଯିବା କି ? ଯେତେବେଳେ ପ୍ରତ୍ୟେକ ନିଷ୍ପତ୍ତିର ମାନଦଣ୍ଡ 'ବିକଶିତ ଭାରତ' ରହିବ, ଯେତେବେଳେ ଆମର ପ୍ରତ୍ୟେକ ପଦକ୍ଷେପର ଦିଗ ସମାନ ରହିବ- ବିକଶିତ ଭାରତ ସେତେବେଳେ ଆମେ ବିକଶିତ ହୋଇପାରିବା । ପୃଥିବୀର କୌଣସି ଶକ୍ତି ଆମକୁ ବିକାଶରୁ ଅଟକାଇ ପାରିବ ନାହିଁ ।

# କପିଳ ମିଶ୍ରାଙ୍କୁ ଟିକେଟ ନେଇ ଅସନ୍ତୋଷ

ନୂଆଦିଲ୍ଲୀ : ଦିଲ୍ଲୀ ବିଜେପି ବିଧାୟକ ମୋହନ ସିଂହ ବିଷ୍ଟ ଦଳ ଉପରେ ନିଜର ଅସନ୍ତୋଷ ଝାଡ଼ିଛନ୍ତି । ଗତ ଦିଲ୍ଲୀ ବିଧାନସଭାରେ ମୋହନ ସିଂହ ଜିତିଥିଲେ ହେଁ ଏଥର ଦଳ ତାଙ୍କ ଟିକେଟ କାଟି ଦେଇଛି । ତାଙ୍କ ବଦଳରେ ଆପରୁ ଆସିଥିବା ବିବାଦୀୟ ନେତା କପିଳ ମିଶ୍ରାଙ୍କୁ ଟିକେଟ ଦେଇଛି ।

ମୋହନ ସିଂହଙ୍କ ବଦଳରେ ୨୦୨୫ ବିଧାନସଭା ନିର୍ବାଚନରେ କରୱାଲ ନଗର ଆସନରୁ କପିଳ ମିଶ୍ରା ବିଜେପି ଟିକେଟରେ ଲଢ଼ିବେ । ଦଳର ଏପରି ପଦକ୍ଷେପକୁ ବଡ଼ ତ୍ରୁଟି ବୋଲି ମୋହନ ସିଂହ କହିଛନ୍ତି ।

୨୦୨୦ ବିଧାନସଭା ନିର୍ବାଚରେ ମୋହନ ସିଂହ ଆପର ଦୁର୍ଗେଶ ପାଠକଙ୍କୁ ହରାଇଥିଲେ । ହେଲେ ଏଥର ତାଙ୍କ ଟିକେଟ କଟି ଯାଇଛି । ଏଥିପାଇଁ ସେ ଦଳ ଉପରେ କ୍ଷୁବ୍ଧ ହୋଇ କରୱାଲ ଆସନରେ ହିଁ ସେ ଦରକାର ପଡ଼ିଲେ ସ୍ୱାଧୀନ ଭାବେ ଜାନୁଆରୀ ୧୭ ପୂର୍ବରୁ ନାମାଙ୍କନ ଦାଖଲ କରିବେ ବୋଲି କହିଛନ୍ତି ।



ମୋହନ ସିଂହ କହିଛନ୍ତି, ବିଜେପି ଭାବୁଛି ସେମାନେ ଯାହାଙ୍କୁ ପ୍ରାର୍ଥୀ କରିଦେବେ ଓ ସେ ଜିତି ଯିବେ? ଏହା ସବୁଠାରୁ ବଡ଼ ଭୁଲ । ବୁରାରୀ, କରୱାଲ ନଗର, ଘୋଣ୍ଡା, ସୀଲାମପୁର, ଗୋକଲପୁରୀ ଓ ନନ୍ଦ ନଗରୀ ସିଟର ରେଜଲ୍ଟ କ'ଣ ହେଉଛି, ସେକଥା ସମୟ କହିବ । ମୁଁ ଆଉ କୌଣସି ଅନ୍ୟ ଆସନରୁ ଲଢ଼ିବି ନାହିଁ । ମୁଁ ଜାନୁଆରୀ ୧୭ ପୂର୍ବରୁ କରୱାଲ ନଗର ଆସନରୁ ମୋର ନାମାଙ୍କନ ଦାଖଲ କରିବି । ଅନ୍ୟପକ୍ଷରେ ନିଜର ତୁଣ୍ଡ ପାଇଁ ସବୁବେଳେ ଚର୍ଚ୍ଚାରେ ରହୁଥିବା କପିଳ ମିଶ୍ରା କରୱାଲା ନଗର ଆସନରେ ସେ ଜିତିବାକୁ ଯାଉଥିବା ଦମ୍ଭୋକ୍ତି କରିଛନ୍ତି । ସେ କହିଛନ୍ତି, କରୱାଲ ନଗର ଲୋକ ବେଶ ଉତ୍ସାହିତ ଓ ଆମେ ଏଠାରେ ବଡ଼ ବିଜୟ ହାସଲ କରିବୁ । ଦିଲ୍ଲୀରେ ପରିବର୍ତ୍ତନ ହାୱା ଚାଲିଛି । ଏଠାରେ ବିଜେପି ସରକାର ଗଠନ କରିବାକୁ ଯାଉଛି । ୨୦୧୫ରେ କପିଳ ମିଶ୍ରା କରୱାଲ ନଗର ଆସନରୁ ଆପ୍ ନିକଟରେ ନିର୍ବାଚନ ଲଢ଼ିଥିଲେ । ସେ ବିଜେପିର ମୋହନ ସିଂହଙ୍କୁ ହରାଇଥିଲେ । ଅରବିନ୍ଦ କେଜରିୱାଲଙ୍କ ନେତୃତ୍ୱାଧୀନ ସରକାରରେ ସେ ଜଳ ସମ୍ପଦ ମନ୍ତ୍ରୀ ବି ହୋଇଥିଲେ । କିନ୍ତୁ ଆପ୍ ନେତୃବୃନ୍ଦଙ୍କୁ ସମାଲୋଚନା କରି ସେ ୨୦୧୯ରେ ବିଜେପିରେ ମିଶିଥିଲେ ।

# ସ୍ପେସ୍ ଡକିଂ କ୍ଷେତ୍ରରେ ଇତିହାସ ରଚିବ ଇସ୍ରୋ



ନୂଆଦିଲ୍ଲୀ : ଇତିହାସ ରଚିବ ଭାରତୀୟ ମହାକାଶ ଅନୁସନ୍ଧାନ ସଂସ୍ଥା ଇସ୍ରୋ । ସ୍ପେସ୍ ଡକିଂ କ୍ଷେତ୍ରରେ ମିଳିବ ଆଉ ଏକ ସଫଳତା । ସ୍ପେସ ଡକିଂ ପରୀକ୍ଷଣ ଅଧୀନରେ, ଦୁଇଟି ଉପଗ୍ରହ ୧୫ମିଟରରୁ ଆଗକୁ ବଢ଼ିଛି । ଦୁଇ ଉପଗ୍ରହକୁ ୩ ମିଟର ଉପରକୁ ଆଣିବାର ପରୀକ୍ଷଣ ସଫଳ ହୋଇଛି । ଉଭୟ ମହାକାଶଯାନ ଭଲ ଭାବରେ କାର୍ଯ୍ୟ କରୁଛି ଇସ୍ରୋ ସୂଚନା ଦେଇଛି ।

ବର୍ତ୍ତମାନ ମହାକାଶଯାନକୁ ଏକ ସୁରକ୍ଷିତ ଦୂରତାକୁ ନିଆଯାଇଛି । ଏହି ପରୀକ୍ଷଣ ପ୍ରୟାସରୁ ତଥ୍ୟର ଅଧିକ ବିଶ୍ଳେଷଣ ପରେ ଡକିଂ ପ୍ରକ୍ରିୟା ଆରମ୍ଭ ହେବ ବୋଲି କହିଛି ଇସ୍ରୋ ।

ରାତି ୨ଟା ବେଳେ ୨ଟି ଉପଗ୍ରହ ମଧ୍ୟରେ ଦୂରତା ୧୦୫ ମିଟର ଥିଲା । ଭୋର୍ ପ୍ରାୟ ୫ଟା ବେଳକୁ ଏହା ୧୫ ମିଟରକୁ ହ୍ରାସ ହୋଇଛି । ପରସ୍ପର ଠାରୁ ୩ ମିଟର ଦୂରତା ଥିବା ବେଳେ ଚେଜର ଓ ଟାର୍ଗେଟ ମଧ୍ୟରେ ଆରମ୍ଭ ହେବ ସ୍ପେସ୍ ଡକିଂ ପ୍ରକ୍ରିୟା । ଚେଜର ସେକେଣ୍ଡ ପ୍ରତି ୧୦ ମିଲିମିଟର ବେଗରେ ତା ପାଖକୁ ଯାଇ ଯୋଡ଼ି ହେବା ଆରମ୍ଭ କରିବ । ଏହାପରେ ଉଭୟ ସ୍ପେସକ୍ରାଫ୍ଟ ମଧ୍ୟରେ ବିଦ୍ୟୁତ ସଂଯୋଗ ହେବ ଏବଂ ପରେ ଅନ୍-ଡକିଂ କରାଯିବ ।

ବର୍ତ୍ତମାନ ଡକିଂ ପ୍ରକ୍ରିୟାକୁ ବନ୍ଦ ରଖାଯାଇଛି । ବର୍ତ୍ତମାନ ତଥ୍ୟ ବିଶ୍ଳେଷଣ ପରେ ଏହା ଉପରେ ନିଷ୍ପତ୍ତି ନିଆଯିବ । ଏଥିରେ ବହୁତ ସମୟ ଲାଗିପାରେ । ଏହି ମିଶନ ମହାକାଶରେ ଡକିଂ ଉଦ୍ଦେଶ୍ୟରେ କରାଯାଇଛି, ଯାହା ଭାରତର ଭବିଷ୍ୟତ ମହାକାଶ ମିଶନ ପାଇଁ ଗୁରୁତ୍ୱପୂର୍ଣ୍ଣ ।

# ମହାୟୁତିରେ ଫାଟ ! ଏକା ଲଢ଼ିବ ଏନସିପି

ନୂଆଦିଲ୍ଲୀ: ମହାବିକାଶ ଅଘାଡି ପରେ ଏବେ ମହାୟୁତିରେ ପାଠ ସୃଷ୍ଟି ହୋଇଥିବା ନେଇ ଚର୍ଚ୍ଚା । ଆଗାମୀ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏବେ ମେଣ୍ଟ କରି ଲଢ଼ିବନି ଅଜିତ ପାୱାରଙ୍କ ଏନ୍‌ସିପି । ତାଙ୍କ ଦଳ ଏକା ଲଢ଼ିବ ।

ମିଳିଥିବା ସୂତ୍ରରୁ ସୂଚନା ମୁତାବକ, ଆସନ୍ତା ଦିଲ୍ଲୀ ବିଧାନସଭା ନିର୍ବାଚନରେ ଅଜିତ ପାୱାରଙ୍କ ନେତୃତ୍ୱରେ ଏକାକି ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଏନ୍‌ସିପି ଯୋଜନା କରୁଛି । ଏଥିପାଇଁ ବିଭିନ୍ନ ଭୋଟର ଆଧାର ଥିବା ଅଞ୍ଚଳ ଉପରେ ଧ୍ୟାନ ଦେଇ ୨୫ରୁ ୩୦ ନିର୍ବାଚନ ମଣ୍ଡଳି ପାଇଁ ଏନସିପି ପ୍ରାର୍ଥୀ ମଧ୍ୟ ଚୂଡ଼ାନ୍ତ କରିସାରିଥିବା କୁହାଯାଇଛି ।



ଦିଲ୍ଲୀରେ ଦୀର୍ଘ ୧୦ ବର୍ଷ ଧରି ଆମ୍ ଆଦମୀ ପାର୍ଟିର ଦବଦବା ଜାରି ରହିଛି । ଏଥର ମଧ୍ୟ ହ୍ୟାଟ୍ରିକ୍ କରିବା ଲକ୍ଷ୍ୟରେ ରହିଛି ଆପ୍ । ସେପଟେ ବିଜେପି ଓ କଂଗ୍ରେସ ମଧ୍ୟ ଦିଲ୍ଲୀ ଦଖଲ କରିବାକୁ ଅଣ୍ଟା ଭିଡିଛନ୍ତି । ଏହାରି ଭିତରେ ଏନସିପିର ଏକାକୀ ନିର୍ବାଚନ ଲଢ଼ିବା ପାଇଁ ଏହି ନିଷ୍ପତ୍ତି ଦିଲ୍ଲୀରେ ଏକ ସ୍ଥାନ ପ୍ରତିଷ୍ଠା କରିବାର ପ୍ରୟାସ ବୋଲି କୁହାଯାଉଛି । ଆସନ୍ତା ଫେବ୍ରୁଆରୀ ୫ ତାରିଖରେ ଦିଲ୍ଲୀର ୭୦ଟି ବିଧାନସଭା ଆସନ ପାଇଁ ନିର୍ବାଚନ ହେବ । ଫେବ୍ରୁଆରୀ ୮ ତାରିଖରେ ଫଳାଫଳ ପ୍ରକାଶ ପାଇବ ।

# ଇରାନର ମିସାଇଲ ଶୋ', ତାଜୁବ ହେଲା ପୂରା ଦୁନିଆ



ନୂଆଦିଲ୍ଲୀ : ଇରାନ ଦେଖାଇଲା ମିସାଇଲ ଶୋ' । ଯାହାକୁ ଦେଖି ଏବେ ପୂରା ଦୁନିଆ ଛାନିଆ । ମାଳ ମାଳ ନୂଆ ମିସାଇଲ ଆଉ ଅତ୍ୟାଧୁନିକ ଡ୍ରୋନରେ ତିଆରି ହୋଇଯାଇଛି ଇରାନର ମିସାଇଲ ସିଟି । ଯାହା ଦେଖିଲା ବେଳକୁ ଆଚମ୍ବିତ ଲାଗୁଛି । ଇସ୍ରାଏଲ ସହ ତିକ୍ତତା ଭିତରେ ମିସାଇଲ ସିଟିର ଭିଡିଓ ସାମ୍ନାକୁ ଆଣିଛି ଇରାନ । ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ ଗ୍ରୁପ ଏହି ଭିଡିଓ ଜାରି କରିଛି ।

ଭିଡିଓରେ ଇରାନର ବିଭିନ୍ନ ସହରରେ ଥିବା ଅଣ୍ଡରଗ୍ରାଉଣ୍ଡ ମିସାଇଲ ଓ ଡ୍ରୋନକୁ ଦେଖା ଯାଇଛି । ଏକ ନୂଆ ସ୍ପେଶାଲ ମିଶାଇଲ ତିଆରି କରିଥିବା ମଧ୍ୟ ଦାବି କରିଛି । ମେଜର ଜେନେରାଲ ହୁସେନ ସଲାମୀ ଏବଂ ବ୍ରିଗେଡୟର ଜେନେରାଲ ଅମୀର ଅଲ୍ଲୀ ମିସାଇଲ ଭଣ୍ଡାର ବୁଲି ଦେଖିଥିଲେ । ଇରାନର ଏହି ଅଣ୍ଡରଗ୍ରାଉଣ୍ଡରେ ରହିଛି ଶକ୍ତିଶାଳୀ ମିସାଇଲ ସହ ଅତ୍ୟାଧୁନିକ ଡ୍ରୋନ । ଭଳିକି ଭଳି ବହୁ ଶକ୍ତିଶାଳୀ ମିସାଇଲ ଏଠାରେ ଗଛିତ ହୋଇ ରହିଛି । ଏହି ମିସାଇଲ୍ ସେଣ୍ଟରରୁ ଇସ୍ରାଏଲ ଉପରେ ଗତବର୍ଷ ଇରାନ ମିଶାଇଲ ଆକ୍ରମଣ କରିଥିବା ତେହରିନ ମିଡିଆ ଦାବି କରିଛି ।

ଏହି ଭିଡିଓ ଜରିଆରେ ନିଜର ଶକ୍ତି ପ୍ରଦର୍ଶନ କରିଛି ଇରାନ । ଏହା ଜରିଆରେ ଶତ୍ରୁ ଦେଶକୁ ନାଲି ଆଖି ଦେଖାଇଛି ଇରାନ । ଏବେ ଇସ୍ରାଏଲ ଟାର୍ଗେଟରେ ରହିଛି ଇରାନ । ଆଉ ଆସନ୍ତା ୨୦ରେ ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଶପଥ ନେବା ପରେ ୨୦୨୫ରେ ଇରାନ ବିରୋଧରେ କିଛି ବଡ଼ ନିଷ୍ପତ୍ତି ନେଇପାରନ୍ତି । ଏହାକୁ ନଜରରେ ରଖି ତା' ପୂର୍ବରୁ ଇରାନ ବିଶ୍ୱକୁ ନିଜର ଶକ୍ତି ଦେଖାଇଛି । ଏହି ମିସାଇଲ ଓ ଡ୍ରୋନ ଦେଖାଇ ପରୋକ୍ଷରେ ଇସ୍ରାଏଲ ଏବଂ ଆମେରିକାକୁ ଦେଇଛି ଚେତାବନୀ । ଯଦି କୌଣସି ପ୍ରକାର ଆକ୍ରମଣ ପାଇଁ ଆଗଭର ହୁଅନ୍ତି, ତେବେ ଏହାର ଜବାବ ଦେବ ଇରାନ ।

# ଅର୍ଥନୀତିକୁ ମାଲାମାଲ କରିବ ମହାକୁମ୍ଭ, ବଢ଼ିବ ଜିଡିପି

ପ୍ରୟାଗରାଜ : ମାନବ ଜାତିର ସର୍ବବୃହତ ଆଧାତ୍ମିକ ସାଂସ୍କୃତିକ ସମାବେଶ ଭାବେ ବିବେଚନା କରାଯାଉଥିବା ମହାକୁମ୍ଭ ମେଳା କେବଳ ଆଧାତ୍ମିକ ଗୁରୁତ୍ୱ ବହନ କରେ ନାହିଁ ବରଂ ଏହାର ଏକ ଅସାଧାରଣ ଅର୍ଥନୈତିକ ପ୍ରଭାବ ମଧ୍ୟ ରହିଛି । ୨୦୨୪ କୁମ୍ଭମେଳାରେ ୪ ଲକ୍ଷ କୋଟିରୁ ଅଧିକ ଟଙ୍କାର ବ୍ୟବସାୟ ହେବ ବୋଲି ଆକଳନ କରାଯାଇଛି, ଯାହା ଭାରତର ଅର୍ଥନୀତିକୁ ବ୍ୟାପକ ଭାବେ ପ୍ରୋତ୍ସାହିତ କରିବ । ଏହି କାର୍ଯ୍ୟକ୍ରମ କେବଳ ଜିଡିପିକୁ ୧% ରୁ ଅଧିକ ବୃଦ୍ଧି କରିବ ନାହିଁ, ବରଂ ସରକାରୀ ରାଜସ୍ୱକୁ ମଧ୍ୟ ନୂତନ ଉଚ୍ଚତାକୁ ନେଇଯିବ ।



ଉତ୍ତରପ୍ରଦେଶ ସରକାରଙ୍କ ଆକଳନ ଅନୁଯାୟୀ, ଏହି ପ୍ରତିଯୋଗିତାରେ ୪୦ କୋଟିରୁ ଅଧିକ ଘରୋଇ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକ ଅଂଶଗ୍ରହଣ କରିବେ । ଯଦି ପ୍ରତ୍ୟେକ ବ୍ୟକ୍ତି ହାରାହାରି ୫,୦୦୦-୧୦,୦୦୦ ଟଙ୍କା ଖର୍ଚ୍ଚ କରନ୍ତି, ତେବେ ସମୁଦାୟ ଖର୍ଚ୍ଚ ୪.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିପାରେ । ଏହା ଦ୍ୱାରା ଗୃହ ନିର୍ମାଣ, ପରିବହନ, କ୍ୟାଟରିଂ, ହସ୍ତଶିଳ୍ପ ଓ ପର୍ଯ୍ୟଟନ ଭଳି ବିଭିନ୍ନ କ୍ଷେତ୍ର ଉପକୃତ ହେବ । ଏହି ଖର୍ଚ୍ଚ ଜାନୁଆରୀ ଏବଂ ଫେବୃଆରୀ ମାସରେ ଯୋଜନାବିହୀନ ଅତିରିକ୍ତ ଅର୍ଥନୈତିକ କାର୍ଯ୍ୟକଳାପକୁ ପ୍ରତିନିଧିତ୍ୱ କରେ ।

ମହାକୁମ୍ଭ ଜିଡିପି ଆକଳନ ୧% ରୁ ଅଧିକ ବୃଦ୍ଧି କରିବ ବୋଲି ଆକଳନ କରାଯାଇଛି । ୨୦୨୩-୨୪ରେ ଭାରତର ଜିଡିପି ୨୯୫.୩୬ ଲକ୍ଷ କୋଟି ଟଙ୍କା ଥିବା ବେଳେ ୨୦୨୪-୨୫ରେ ଏହା ବୃଦ୍ଧି ପାଇ ୩୨୪.୧୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ଏହି ଅଭିବୃଦ୍ଧିରେ ମହାକୁମ୍ଭ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ମହିଳା ଦିନିକିଆ

# ଆଗୁଆ ଶୃଙ୍ଖଳା ଜିତିଲା ଭାରତ



ରାଜକୋଟ, ୧୨।୧ (ଏଜେନ୍ସି): ଆୟର୍ଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ୧୧୬ ରନ ବ୍ୟବଧାନରେ ବିଜୟୀ ହୋଇଛି । ଏହି ଜମାଣିଆ ବିଜୟ ସହ ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଭାରତ ୨-୦ରେ ଆଗୁଆ ଶୃଙ୍ଖଳା ଜିତିଛି । ଏହି ମ୍ୟାଚରେ ଭାରତ ୫୦ ଓଭରରେ ୫ ୱିକେଟ ହରାଇ ୩୭୦ ରନର ବିଶାଳ ସ୍କୋର କରିଥିଲା । ଦଳ ପକ୍ଷରୁ ଜେମିମା ରୋଡ୍ରିଗୁଏଜ ୧୦୨ ରନର ଶତକୀୟ ଇନିଂସ ଖେଳିଥିଲେ । ତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ସ୍ମୃତି ମନ୍ଧାନା ୭୩ ରନ, ପ୍ରତୀକା ରାୱଲ ୬୭, ହାରଲିନ ଦେଓଲ ୮୯ ରନ କରିଥିଲେ । ଜବାବରେ ଆୟର୍ଲାଣ୍ଡ ୫୦ ଓଭରରେ ୭ ୱିକେଟ ହରାଇ ୨୫୪ ରନ କରିଥିଲା । ଦଳ ପକ୍ଷରୁ କ୍ରିଷ୍ଟିଆନା କୋଲଟର ରିଲି ସର୍ବାଧିକ ୮୦ ରନ କରିଥିଲେ । ଭାରତର ଦିପ୍ତୀ ଶର୍ମା ୩ଟି, ପ୍ରିୟା ମିଶ୍ର ଦୁଇଟି ୱିକେଟ ସଫଳତା ହାସଲ କରିଥିଲେ ।

## ସୁଦର୍ଶନ ମହାନ୍ତି ସ୍ମାରକୀ ଚେସ୍: ଓମ୍ ଆଦିତ୍ୟ ଚାମ୍ପିଅନ

ଭୁବନେଶ୍ୱର, ୧୨।୧ (ସବ୍ୟୁ): ୧୮ତମ ସୁଦର୍ଶନ ମହାନ୍ତି ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାର ଭୁବନେଶ୍ୱରର ଓମ୍ ଆଦିତ୍ୟ ଖଡ଼ଙ୍ଗା ଚାମ୍ପିଅନ ହୋଇଛନ୍ତି । ପୁରୀର ଭୋଳାନାଥ ବିଦ୍ୟାପୀଠ ପରିସରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପୁରୀ ରୋଟାରୀ କ୍ଲବ ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବତନ କ୍ରୀଡ଼ା ଅଧିକାରୀ ରବିନ୍ଦ୍ର ନାଥ ସେନାପତି, ରଘୁନାଥ ସାହୁ, ମନୋଜ କୁମାର ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ । ଆରବିଟର ଦେବାଶିଷ ପାଣିଗ୍ରାହୀ, ସହ ସମ୍ପାଦକ ଶ୍ୟାମଳ କୁଣ୍ଡୁ ଏବଂ କମଳ ପ୍ରସାଦ ମହାନ୍ତି ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ ।

# ମାର୍ଚ୍ଚ ୨୩ରୁ ଆଇପିଏଲ୍






ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି): ଆଇପିଏଲ୍‌ର ୧୮ତମ ସଂସ୍କରଣ ଆସନ୍ତା ମାର୍ଚ୍ଚ ୨୩ରୁ ଆରମ୍ଭ ହେବ ବୋଲି ବିସିସିଆଇର ଉପସଭାପତି ରାଜୀବ ଶୁକ୍ଲା ସୂଚନା ଦେଇଛନ୍ତି । ଗତ ନଭେମ୍ବର ୨୪ ଓ ୨୫ରେ ଖେଳାଳି ନିଲାମ ହୋଇଥିଲା । ସମସ୍ତ ୧୦ଟି ଫ୍ରାଞ୍ଚାଇଜ ନିଜ ପସନ୍ଦର ଖେଳାଳିଙ୍କୁ ନିଲାମରୁ କିଣି ଦଳ ସମ୍ପୂର୍ଣ୍ଣ କରିସାରିଛନ୍ତି । ମାର୍ଚ୍ଚ ୨୩ରୁ ଆଇପିଏଲ୍ ଆରମ୍ଭ ହେବାକୁ ଥିଲାବେଳେ ମେ ୨୫ରେ ଏହାର ଫାଇନାଲ ମ୍ୟାଚ୍ ଖେଳାଯିବ । ଅତିରିକ୍ତ ଭାବେ ଆଇପିଏଲ୍ ନିମନ୍ତେ ଜଣେ ନୂଆ କମିଶନରଙ୍କୁ ବର୍ଷକ ପାଇଁ ନିଯୁକ୍ତ କରାଯିବ । ବିସିସିଆଇର ପରବର୍ତ୍ତୀ ବୈଠକ ଜାନୁଆରୀ ୧୮ ଓ ୧୯ରେ ଆୟୋଜିତ ହେବ । ଏହି ସମୟରେ ଚାମ୍ପିଅନ୍ସ ଟ୍ରଫି ପାଇଁ ଭାରତୀୟ ଦଳ ଚୟନ ନେଇ ଆଲୋଚନା ହେବ ।

### ସାଇକିଆ ନୂଆ ସମ୍ପାଦକ

ପୂର୍ବତନ ୱିକେଟକିପର ବ୍ୟାଟର ଦେବଜିତ୍ ସାଇକିଆ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ଼ ବିସିସିଆଇର ନୂଆ ସମ୍ପାଦକ ହୋଇଛନ୍ତି । ବିସିସିଆଇ ସଭାପତି ରୋଜର ବିନି ତାଙ୍କୁ କାର୍ଯ୍ୟକାରୀ ସମ୍ପାଦକ ଭାବେ ନିଯୁକ୍ତ କରିଛନ୍ତି । ଆଇସିସିର ଅଧ୍ୟକ୍ଷ ହେବାପରେ ଜୟ ଶାହାଙ୍କ ସ୍ଥାନ ଖାଲି ପଡ଼ିଥିଲା । ଏବେ ସାଇକିଆ ଏହି ପଦ ଗ୍ରହଣ କରିଛନ୍ତି । ବିଗତ କିଛିଦିନ ହେବ ସାଇକିଆ ମଧ୍ୟବର୍ତ୍ତୀକାଳୀନ ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ । ବିସିସିଆଇ ସମ୍ବିଧାନ ଅନୁଯାୟୀ କୌଣସି ଖାଲି ପଦବୀକୁ ୪୫ ଦିନ ମଧ୍ୟରେ ସାଧାରଣ ସଭା ଡକାଇ ପୂରଣ କରିବାକୁ ପଡ଼ିବ । ଜୟ ଶାହା ଗତ ଡିସେମ୍ବର ୧ ତାରିଖରେ ଆଇସିସି ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଏହପରଠାରୁ ବିସିସିଆଇ ସମ୍ପାଦକ ପଦ ଖାଲିପଡ଼ିଥିଲା । ଆସାମର ଦେବଜିତ ସାଇକିଆ ୧୯୯୦ରୁ ୧୯୯୧ ମଧ୍ୟରେ ମାତ୍ର ୪ଟି ମ୍ୟାଚ୍ ଖେଳିଥିଲେ । ତାଙ୍କ କ୍ରିକେଟ କ୍ୟାରିୟର ଅତ୍ୟନ୍ତ ଛୋଟ । ଏହାସତ୍ତ୍ୱେ ପ୍ରଶାସନିକ ସ୍ତରରେ ତାଙ୍କର ଦକ୍ଷତା ରହିଛି । ୨୮ ବର୍ଷ ବୟସରେ ସେ ଗୌହାଟୀ ହାଇକୋଟରେ ଓକିଲ ହୋଇଥିଲେ । ଏହାସହ ଖେଳ କୋଟା ଅନୁଯାୟୀ ସେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଉତ୍ତର ରେଳବାଇରେ ଚାକିରି ପାଇଥିଲେ । ସାଇକିଆ ୨୦୧୯ରେ ଏସିଏ'ର ସଚିବ ହୋଇଥିଲେ । ପରେ ୨୦୨୨ରେ ବିସିସିଆଇର ଯୁଗ୍ମ ସଚିବ ଭାବେ ନିର୍ବାଚିତ ହୋଇଥିଲେ ।

# ଫେବୃଆରୀ ୨୦ରୁ ଜାତୀୟ କବାଡ଼ି : ଥିମ୍‌ସଙ୍ଗ୍, ଲୋଗୋ ଉନ୍ମୋଚିତ




କଟକ, ୧୨।୧ (ସ୍ୱପ୍ର): ଆସନ୍ତା ଫେବୃୟାରୀ ୨୦ ରୁ୨୩ ତାରିଖ ଯାଏ ସ୍ଥାନୀୟ ଇଣ୍ଡୋରଷ୍ଟାଡ଼ିୟମ୍ ଠାରେ ୭୧ତମ ସିନିୟର ଜାତୀୟ ପୁରୁଷ କବାଡ଼ି ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହେବ । ଏନେଇ ବାରବାଟି ଷ୍ଟାଡ଼ିୟମ୍ ପରିସରରେ କବାଡ଼ି କମ୍ପେଲ୍ସ ଠାରେ ଆୟୋଜିତ ସାମ୍ବାଦକ ସମ୍ମିଳନୀରେ ଘୋଷଣା କରିଛନ୍ତି ଓଡ଼ିଶା କବାଡ଼ି ଆସୋସିଏସନ୍‌ର କର୍ମକର୍ତ୍ତା । ଚଳିତବର୍ଷ ଆମେଚର କବାଡ଼ି ଫେଡ଼େରେସନ୍ ଅଫ୍ ଇଣ୍ଡିଆ ଏହି ସମ୍ମାନଜନକ ୭୧ତମ ସିନିୟର୍ କବାଡ଼ି ପ୍ରତିଯୋଗିତା ଆୟୋଜନ କରିବା ପାଇଁ ଓଡ଼ିଶା କବାଡି ଆସୋସିଏସନକୁ ଦାୟିତ୍ୱ ଦେଇଛନ୍ତି ବୋଲି ଓଡ଼ିଶା କବାଡ଼ି ଆସୋସିଏସନ୍‌ର ସାଧାରଣ ସଂପାଦକ ଅଜୟ କୁମାର ବେହେରା ସୂଚନା ଦେଇଛନ୍ତି ।

ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବାଦକ ସମ୍ମିଳନୀରେ ଅଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ ଉପ-ସଭାପତି ପାର୍ଥବୀର ଭୂୟାଁ, ପୃଥ୍ୱୀରାଜ ପଟ୍ଟନାୟକ, ସମ୍ବିତ କୁମାର ମହାନ୍ତି, ଯୁଗ୍ମ-ସଂପାଦକ ଜୟଶ୍ରୀ ସ୍ୱାଇଁ, ଉପେନ୍ଦ୍ର ଦାସ, ଓକାରେଫରି ବୋର୍ଡ଼ର ଅଧ୍ୟକ୍ଷ ପଦ୍ମଚରଣ ପ୍ରଧାନ, ଓକା ଚୟନ ସମିତିର ଅଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ବେହେରା, ଜାତୀୟ କବାଡ଼ି ଇଭେଣ୍ଟର ମୁଖ୍ୟ ସଂଯୋଜକ ଉଲ୍ଲାସ ଚନ୍ଦ୍ର ବେହୁରା, ଅଭିନେତା ତଥା ଅଭ୍ୟର୍ଥନା କମିଟିର ଆବାହକ ଶ୍ରୀତମ୍ ଦାଶ ପ୍ରମୁଖ ଉପସ୍ଥିତ ରହି ଏହି ଜାତୀୟ ପ୍ରତିଯୋଗିତାର ସଫଳ ଆୟୋଜନ ସଂପର୍କରେ ମତାମତ ରଖିଥିଲେ। ପ୍ରଥମ ଥର ପାଇଁ ଓଡ଼ିଶାରେ ଆୟୋଜିତ ହେବାକୁ ଯାଉଥିବା ଏହି ଭବ୍ୟ ଓ ସମ୍ମାନଜନକ କବାଡ଼ି ମହାକୁମ୍ଭରେ ୩୦ରାଜ୍ୟର ୪୦୦ରୁ ଉର୍ଦ୍ଧ୍ୱ ଖେଳାଳିମାନେ ଅଂଶଗ୍ରହଣ କରୁଥିବାବେଳେ ୫ଟି ଡ଼ିପାର୍ଟମେଣ୍ଟାଲ୍ (ବିଭାଗୀୟ) ଦଳର ୫୦ରୁ ଉର୍ଦ୍ଧ୍ୱ ଖେଳାଳୀ ଏବଂ ୧୦୦ରୁ ଉର୍ଦ୍ଧ୍ୱ ଅଫିସିଆଲ୍‌ମାନେ ପ୍ରତିନିଧିତ୍ୱ କରିବେ ବୋଲି ସାଧାରଣ ସଂପାଦକ ପ୍ରକାଶ କରିଛନ୍ତି । ଏହାକୁ ମହାଆଡ଼ମ୍ବରରେ ଆୟୋଜନ କରାଯିବ ବୋଲି ଇଭେଣ୍ଟର ସଂଯୋଜକ ଉଲ୍ଲାସଚନ୍ଦ୍ର ବେହୁରା ସୂଚନାଦେଇଥିଲେ । ଶ୍ରୀବେହୁରା କହିଥିଲେଯେ ଏହି ଇଭେଣ୍ଟରେ ଭାରତୀୟ ଆନ୍ତର୍ଜାତୀୟ କବାଡ଼ି ଦଳର ଖେଳାଳିମାନଙ୍କ ସହ ପ୍ରୋ-କବାଡ଼ି ଖେଳୁଥିବା ଅନେକ ପ୍ରତିଭାବାନ୍ ଓ ଲୋକପ୍ରିୟ ଖେଳାଳି ଯଥା ପୱନ ସେରାୱତ୍, ନବୀନ କୁମାର ଗୋୟତ ପ୍ରମୁଖ ଆସିବାର କାର୍ଯ୍ୟକ୍ରମ ରହିଛି।

ସେହିପରି ଆନ୍ତର୍ଜାତୀୟ କବାଡ଼ି ମହାସଂଘର ବୈଷୟିକ ନିର୍ଦ୍ଦେଶକ ଇ. ପ୍ରସାଦ ରାଓ, ଦ୍ରୋଣାଚାର୍ଯ୍ୟ ପୁରସ୍କାରରେ ସମ୍ମାନୀତ ପ୍ରଶିକ୍ଷକ କ୍ୟାପ୍‌ଟେନ୍ ଭାସ୍କରନ୍, ବଲୱନ ସିଂହ ପ୍ରମୁଖ ଯୋଗ ଦେବେ। ଏହି ଜାତୀୟ ଇଭେଣ୍ଟର ପ୍ରଚାର ଓ ପ୍ରସାର ପାଇଁ ଏକ ଥିମ୍‌ସଙ୍ଗ୍ ତିଆରି କରାଯାଇଛି । ହିନ୍ଦୀ ଭାଷାରେ ନିର୍ମିତ ଏହି ଗୀତର ରଚନା କରିଛନ୍ତି ସୌରଭ ସେଠ୍, ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅସାଦ୍ ଆଜମ୍, କଣ୍ଠଦାନ କରିଛନ୍ତି ଓଲିଉଡ୍‌ର ଚର୍ଚ୍ଚିତ କଣ୍ଠଶିଳ୍ପୀ ସତ୍ୟଜିତ୍ । ଖୁବ୍‌ଶୀଘ୍ର ଏହାର ମାସ୍କଟ୍ ଓ ଆମ୍ବାସଡ଼ର ସଂପର୍କରେ ସୂଚନା ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି ଆୟୋଜକମାନେ । ଏହାକୁ ସଫଳତାର ସହ ଆୟୋଜନ କରିବା ପାଇଁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ସବୁ ପ୍ରକାର ସହଯୋଗ କରୁଥିବାବେଳେ ଅନେକ କର୍ପୋରେଟ୍ ହାଉସ୍ ମଧ୍ୟ ସହଯୋଗ କରିବେ ବୋଲି ସ୍ୱୀକୃତି ଦେଇଛନ୍ତି । ଏହି ଇଭେଣ୍ଟରେ ଓଡ଼ିଶା ତଥା ଭାରତର ବହୁବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେବାର କାର୍ଯ୍ୟକ୍ରମ ଥିବାବେଳେ ୨୦୧୭ ମସିହାରେ ଓଡ଼ିଶାରେ ଆୟୋଜିତ ୪୪ତମ ଜୁନିୟର୍ କବାଡ଼ିର ବିଶେଷ ସଫଳତାକୁ ପୁନର୍ବାର ଦୋହରାଇବାର ସମସ୍ତ ପ୍ରଚେଷ୍ଟା କରାଯିବ ବୋଲି ପ୍ରକାଶ କରିଛନ୍ତି ଉପସଭାପତି ପୃଥୀଚରଣ ପଟ୍ଟନାୟକ ।

### ଚକାଆଖି କପ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଭେଟେରାନ ମ୍ୟାଚରେ କେଆର ଲଜେଷ୍ଟିକ ବିଜୟୀ

ଚଣ୍ଡିଖୋଲ/ଚଢ଼େଇଧରା,୧୨।୧ (ସବ୍ୟୁ) : ଯାଜପୁର ଜିଲ୍ଲାର ଅଗ୍ରଣୀ କ୍ରୀଡା ଅନୁଷ୍ଠାନ ରାମଚନ୍ଦ୍ରପୁରର ଚକାଆଖି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗତ ୬ ତାରିଖ ଠାରୁ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକର ରାମଚନ୍ଦ୍ରପୁର ଖେଳ ପଡିଆରେ ଆରମ୍ଭ ହୋଇଥିବା ୨୮ତମ ଚକାଆଖି କପ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ଭେଟେରାନ ପ୍ରଦର୍ଶନୀ ମ୍ୟାଚ ରବିବାର ଦିନ ଆୟୋଜିତ ହୋଇଥିଲା । ଏହି ମ୍ୟାଚରେ ଚଣ୍ଡିଖୋଲର କେ ଆର ଲଜେଷ୍ଟିକ ଏକାଦଶ ଓ ଚଡେଇଧରାର ଶେରାବାଲି ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।

ଏହି ମ୍ୟାଚରେ କେ ଆର ଲଜେଷ୍ଟିକ ଏକାଦଶ ବିଜୟୀ ହୋଇଥିଲା । ସେରାବାଲି ଏକାଦଶ ଟସଜିତି ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୧୫ ଓଭରରେ ୪ ଉଇକେଟ ହରାଇ ୧୭୨ ରନ ସଂଗ୍ରହ କରିଥିଲା । ଏହାର ଜବାବରେ କେ ଆର ଲଜେଷ୍ଟିକ ଟିମ ୧୪.୧ ଓଭରରେ ୩ ଉଇକେଟ ହରାଇ ୧୭୨ ରନ କରି ବିଜୟ ଲକ୍ଷ ହାସଲ କରିନେଇଥିଲା । କେ ଆର ଲଜେଷ୍ଟିକର କ୍ୟାପଟେନ କମଲେସ ଜେନ, ବିଭାସଚନ୍ଦ୍ର ନନ୍ଦ, ତାପସରଞ୍ଜନ ମଲ୍ଲିକ, ବସନ୍ତ ଦାସ ଓ ସିଲୁ ରଥ ଉତ୍ତମ ଖେଳ ପ୍ରଦର୍ଶନ କରିଥିଲା ବେଳେ ଶେରାବାଲି ଟିମର କ୍ୟାପଟେନ ସରୋଜ ରାଉତ, ଅର୍ଜୁନ କରଣ,ମକରନ୍ଦ ସ୍ୱାଇଁ ପ୍ରମୁଖ ଲଢୁଆ ଖେଳ ପ୍ରଦର୍ଶନ କରିଥିଲେ । ରୋହିତ ଜେନା ଏବଂ ବିଜେନ୍ଦ୍ର ଘୋଷ ଖେଳ ପରିଚାଳନା କରିଥିଲେ । କ୍ଲବର ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ରାଉତ ବିଜେତା ଦଳକୁ ପୁରସ୍କୃତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ । ଆସନ୍ତା ୧୪ ତାରିଖ ଦିନ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ୟୁନିଅନ ସ୍ପୋର୍ଟିଙ୍ଗ କଟକ ବନାମ ଆଶୁ ଏକାଦଶ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେବ ।

### ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟବଲ

## ମା କାମାକ୍ଷା ସ୍ପୋର୍ଟସ କ୍ଲବ୍ ବକ୍ସର ବିହାର ଚାମ୍ପିଅନ




ଟାଙ୍ଗୀ, ୧୨।୧ (ସବ୍ୟୁ) : ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଟାଙ୍ଗୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ରବିବାର ଫାଇନାଲ ମ୍ୟାଚରେ ରଙ୍ଗବାଜ ଫୁଟବଲ କ୍ଲବ୍ ଜଗଦଲପୁର ଛତିଶଗଡକୁ ୧-୦ ଗୋଲରେ ପରାସ୍ତ କରି ମା କାମାକ୍ଷା ସ୍ପୋର୍ଟସ କ୍ଲବ୍ ବକ୍ସର ବିହାର ଚାମ୍ପିଅନ ଆକ୍ଷା ଅର୍ଜନ କରିଛି । ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇ ପାରିନଥିଲେ ମଧ ଦ୍ୱିତୀୟାର୍ଦ୍ଧ ଖେଳର ୨ ମିନିଟ ସମୟରେ ବିହାର ଦଳର ୧୩ ନମ୍ବର ଖେଳାଳି ଫିଲିପ ଏକ ସୁନ୍ଦର ଗୋଲ ସ୍କୋର କରି ନିଜ ଦଳକୁ ଚାମ୍ପିଅନ କରିବାରେ ସଫଳ ହୋଇଥିଲେ ।

ଖେଳ ପରିଚାଳନା କରିଥିଲେ ବ୍ରହ୍ମାନନ୍ଦ ଭୋଇ । ତାଙ୍କୁ ଲାଇନରେ ସହାୟତା କରିଥିଲେ ପ୍ରିୟବ୍ରତ ବାହିନୀପତି, ଜିତୁ ପାତ୍ର, ଚତୁର୍ଥ ରେଫରୀ ନନ୍ଦକିଶୋର ସ୍ୱାଇଁ । ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ତଥା ଟୁର୍ଣ୍ଣାମେଣ୍ଟ ମୁଖ୍ୟ ଉପଦେଷ୍ଟା ପ୍ରଶାନ୍ତ କୁମାର ଜଗଦେବ, ଅନ୍ନପୂର୍ଣ୍ଣା ଫାଇନାନସର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଡଃ ସଂଜୟ କୁମାର ପଟନାୟକ, ପୂର୍ବତନ ଖୋର୍ଦ୍ଧା ଜିଲ୍ଲାପରିଷଦ ଅଧ୍ୟକ୍ଷା ବାସନ୍ତୀ ମହାପାତ୍ର, ସଭାପତି ତଥା ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା, ସମାଜସେବୀ ବିଜୟ କୁମାର ମହାପାତ୍ର, ସୁରେନ୍ଦ୍ର କୁମାର ମହାପାତ୍ର, ଉପଦେଷ୍ଟା ବିଜୟ କୁମାର ରାଉତ, ଟାଙ୍ଗୀ ଲୟର୍ସ ବାର ଆସୋସିଏସନର ପୂର୍ବତନ ସଭାପତି ନକୁଳ କୁମାର ନାୟକ, ଅପସରା ଅଳଙ୍କାର ସତ୍ତ୍ୱାଧିକାରୀ ବିକ୍ରମ ସାହୁ, ସାଂସଦ ପ୍ରତିନିଧି ଚିନ୍ମୟ ପୃଷ୍ଟି, ସମାଜସେବୀ ଭାଗିରଥୀ ସାମନ୍ତରାୟ, ସର୍ବେଶ୍ୱର ରାଉତରାୟ ସହାୟତା କରିଥିଲେ ।

ବାଳକୃଷ୍ଣ ମିଶ୍ର, ପ୍ରଣୟ ପ୍ରତିକ ପଟନାୟକ, ବିଶ୍ୱରଂଜନ ପଟନାୟକ, କୃଷ୍ଣଚନ୍ଦ୍ର ରାଉତ, କୃଷ୍ଣଚନ୍ଦ୍ର ସାହୁ, ପ୍ରଣୟ ପାଇକରାୟ, ମନୋଜ କୁମାର ମାଝୀ, ବିଶ୍ୱରଂଜନ ଦାସ, ନରେନ୍ଦ୍ର ମହାପାତ୍ର, ସୁନିଲ ମହାନ୍ତି, ଦିଲ୍ଲୀପ କୁମାର ନାଥ, ବାସୁ ବିଶ୍ୱାଳ, ରମେଶ କୁମାର ବେହେରା, ରାମଚନ୍ଦ୍ର ବେହେରା, ମାନସ ସାହୁ, ମାନସ ବଳିୟାରସିଂ, ପବିତ୍ର ମହାରଣା, ଟୁଲିଆ ମହାରଣା, ସର୍ବେଶ୍ୱର ପ୍ରଧାନ ଚାମ୍ପିଅନ ଦଳକୁ ୩୦ ହଜାର ଟ୍ରଫି, ରନର୍ସ ଦଳକୁ ରନର୍ସ ଟ୍ରଫି ସହ ୨୦ ହଜାର ପ୍ରଦାନ କରାଯାଇଥିଲା । ସୁଧାଂଶୁ ଶେଖର ଦଳାଇ, ବୁବୁ ଦାସ, ହରିହର ଦାସ, ପଦ୍ମଚରଣ ଦାସ, ପ୍ରଶାନ୍ତ ବିଶ୍ୱାଳ, ସୁଜିତ ମେମୋରିଆଲ ଟ୍ରଫି ଉଭୟ ଦଳର ବିଭିନ୍ନ କ୍ଷେତ୍ରରେ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରିଥିବାରୁ ଟ୍ରଫି ପ୍ରଦାନ କରାଯାଇଥିଲା ।

## ଉତ୍କଳ କରାଟେ ସ୍କୁଲରେ ବେଲ୍ଟ ଗ୍ରେଡିଂ ପରୀକ୍ଷା

ଭୁବନେଶ୍ୱର, ୧୨।୧ (ସବ୍ୟୁ): ଉତ୍କଳ କରାଟେ ସ୍କୁଲରେ ବେଲ୍ଟ ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବେଲ୍ଟ ପରୀକ୍ଷାରେ ମୋଟ ୩୦୦ କରାଟେ ଛାତ୍ରଛାତ୍ରୀ ଭାଗ ନେଇ ଉତ୍ତୀର୍ଣ୍ଣ ହୋଇଛନ୍ତି । ଭୁବନେଶ୍ୱରର ଚନ୍ଦ୍ରଶେଖର ପୁର, ଟଙ୍କପାଣିରୋଡ଼, ସତ୍ୟନଗର, ଡୁମୁଡୁମା, ନୟାପଲ୍ଲୀ, ଓଏମ୍‌ସି, ରଶ୍ମିବିହାର, ପଟିଆ, ଉରାଳି, ଭରତପୁର, ଏବଂ ଡେକାଥଲନ ତଥା ମୁଖ୍ୟ କାର୍ଯ୍ୟାଳୟରୁ ପିଲାମାନେ ବ୍ରାଉନ, ବ୍ଲୁ, ଗ୍ରୀନ, ଅରେଞ୍ଜ ଏବଂ ୟେଲୋ ବେଲ୍ଟରେ ପରୀକ୍ଷା ଦେଇଥିଲେ । ଏହି ପରୀକ୍ଷାକୁ ଖାରବେଳ ମଲିକ, ଅରବିନ୍ଦ ପଟ୍ଟନାୟକ, ସନ୍ତୋଷ ମହାରଣା, ସପନ ମିଶ୍ର, ସୁଶାନ୍ତ ପଣ୍ଡା, ଶୁଭେନ୍ଦୁ ଲେଙ୍କା, ମହେଶ ଡୋରା, କୃଷ୍ଣ ମହାରଣା, ଆଶିଷ ନାୟକ, କୃଷ୍ଣ ଶିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଜାତୀୟ କରାଟେ ସଂଘ ଦ୍ୱାରା ଅନୁବନ୍ଧିତ ସୁକୋକାଇ କରାଟେ ଡୋ ୟୁନିୟନ ଇଣ୍ଡିଆ ଦ୍ୱାରା ବେଲ୍ଟ ଓ ସାର୍ଟିଫିକେଟ ହାସଲ କରିଥିଲେ ସମସ୍ତ କରାଟେ କ୍ରୀଡ଼ାବିତ୍‌ଙ୍କୁ ରାଜ୍ୟ କରାଟେ ସଂଗ ସଭପତି ହରିପ୍ରସାଦ ଅଭିନନ୍ଦନ ଜଣାଇଛନ୍ତି ।

## ଭଗବତୀ ଫୁଟବଲ : ଘାଟିକିଆ ଚାମ୍ପିଅନ

ନିରାକାରପୁର, ୧୨।୧ (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଛଣଗିରି ମା ଭଗବତୀ ଫୁଟବଲ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ୧୨ ତମ ଭଗବତୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱର ଘଟିକିଆ ବଜରଙ୍ଗୀ କ୍ଲବ ଓ ସ୍ପୋର୍ଟସ ହଷ୍ଟେଲ, ନୟାଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଆଜିର ସଂଘର୍ଷପୂର୍ଣ୍ଣ ମ୍ୟାଚର ଭୁବନେଶ୍ୱର ଘଟିକିଆ ବଜରଙ୍ଗୀ କ୍ଲବ ୨-୧ ଗୋଲରେ ସ୍ପୋର୍ଟସ ହଷ୍ଟେଲ ନୟାଗଡକୁ ହରାଇ ବିଜୟ ଲାଭ କରି ଚାମ୍ପିଅନ ହୋଇଛି । ଖେଳକୁ ଶରତ କୁମାର ଛୋଟରାୟ, ସୁକାନ୍ତ କୁମାର ପ୍ରଧାନ ଓ ଚିତ୍ତରଞ୍ଜନ ପରିଡ଼ା, ଶରତ କୁମାର ଛୋଟରାୟ, ଫକୀର ଚରଣ ନିସଙ୍କ ପରିଚାଳନା କରିଥିଲେ । ଆଜିର ଅତିଥିଭାବେ ସାଂସଦ ମୁନା ଖାଁ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ଉପାଧ୍ୟକ୍ଷ ଦୁର୍ଗାନାଥ ଶର୍ମା, ସମାଜସେବୀ ସତ୍ୟବ୍ରତ ପଟ୍ଟନାୟକ, ସରପଂଚ ବିରେଶ ରାଜଗୁରୁ, ଶିକ୍ଷକ ନେତା ରମାକାନ୍ତ ମହାପାତ୍ର ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁକାନ୍ତ କୁମାର ମଙ୍ଗରାଜ, ସଭାପତି ମାନସ ଦାସ, ଉପସଭାପତି ସଞ୍ଜୟ କୁମାର ମହାପାତ୍ର ,ସମ୍ପାଦକ ସୁଶାନ୍ତ ଗଜେନ୍ଦ୍ର , ଉପଦେଷ୍ଟା ନୀଳ ଲୋହିତ ମହାନ୍ତି, କୋଷାଧ୍ୟକ୍ଷ ଶେଖ୍ ଇସ୍ରାଏଲ, ବୀରେନ ମହାପାତ୍ର, ପତିତପାବନ ଜେନା ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ରନର୍ସ ଅପ ଦଳକୁ ଟ୍ରଫି , ଅର୍ଥ ରାଶି ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ଚୌହାନ, ଅଭିରାମ ପାତ୍ର, ଆନନ୍ଦ ଜେନା, ସଞ୍ଜୟ ବେହେରା, ଚନ୍ଦନ ମିଶ୍ର, ରମାକାନ୍ତ ପଟ୍ଟନାୟକ, ପ୍ରଭାତ କୁମାର ପ୍ରହରାଜ, ସେକ ଶକୁନ, ଟିମା ବେହେରା, ସତ୍ୟଜିତ ଦାସ, ରବୀନ୍ଦ୍ର ସାହୁ, ବିଶ୍ୱନାଥ ପ୍ରଧାନ, ଯୋଗେନ୍ଦ୍ର ସାହୁ ଓ ଭାସ୍କର ଭୋଇ କେଲୁ ଚରଣ ସେଠୀ, ରମାକାନ୍ତ ପଟ୍ଟନାୟକ, ନୃସିଂହ ଚରଣ ମହାନ୍ତି, ଶେଖ୍ ଗୁଲାମ ରସୁଲ ପ୍ରମୁଖ ସହଯୋଗ କରିଥିଲେ ।

## ନାକପଦା କ୍ରିକେଟ: ବ୍ଲେଣ୍ଡର ସ୍ୱାଇଡ୍ ଚାମ୍ପିଅନ

ଖଇରା,୧୨।୧ (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ସାରଡାଙ୍ଗ ମିନିଷ୍ଟାଡିୟମରେ ବଜରଙ୍ଗବଲ୍ଲୀ ୟୁଥ କ୍ଲବ ଆନୁକୂଲ୍ୟରେ ଚାଲିଥିବା ନାକପଦା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଦିବସର ସୁପର ଓଭର ମ୍ୟାଚରେ ସୋରର ବ୍ଲେଣ୍ଡର ସ୍ୱାଇଡ କେନ୍ଦୁଝରର ଚିକୁ ଚେଞ୍ଜରକୁ ୪ ରନରେ ପରାସ୍ତ କରି ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି । ମାନସ ପ୍ରଧାନ ଓ ମନୋରଞ୍ଜନ ଦାସ ମ୍ୟାଚ ପରିଚାଳନା କରିଥିଲେ । ଖଇରା ଥାନା ଅଧିକାରିଣୀ ମୌସୁମୀ ମହାନ୍ତି ଫାଇନାଲ ଖେଳକୁ ଉଦ୍ଘାଟନ କରିଥିଲେ ।

ସେହିଭଳି ବିଧାୟକ ପଦ୍ମଲୋଚନ ପଣ୍ଡା ଖେଳ ମଧ୍ୟାନ୍ତରରେ ପହଞ୍ଚି ଖେଳାଳିମାନଙ୍କ ସହ କରମର୍ଦ୍ଦନ କରିବା ଅବସରରେ ପଡିଆର ଉନ୍ନତିକରଣ ପ୍ରତିଶ୍ରୁତି ଦେଇଥିଲେ । ସରପଞ୍ଚ ପ୍ରଣତିବାଳା ମାଝୀ, ପୂର୍ବତନ ସମିତି ସଭ୍ୟ କୈଳାସ ଚନ୍ଦ୍ର ମାଝୀ, ଯୁବନେତା ବୈକୁଣ୍ଠ ସେଠୀ, ସୁରେଶ ଚନ୍ଦ୍ର ମାଝୀ ଓ ମନୋରଞ୍ଜନ ପଣ୍ଡା ପ୍ରମୁଖ ପୁରସ୍କାର ବିତରଣୀ ଉତ୍ସବରେ ଯୋଗ ଦେଇ ବିଜୟୀ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ । ନିରଞ୍ଜନ ସେଠୀ, ମୂରଲୀଧର ବାରିକ, ଉମାକାନ୍ତ ରାଉଳ, ଉମ୍ବରୁଧର ବେହେରା, ନରେନ୍ଦ୍ର ସେଠୀ, ଧିରେନ୍ଦ୍ର ବାରିକ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

# ଖୋର୍ଦ୍ଧା ଦଳ ଗିନି କପ୍ ଚାମ୍ପିଅନ




ଖୋର୍ଦ୍ଧା, ୧୨।୧ (ସବ୍ୟୁ) : ଦୀର୍ଘ ୮ଦିନ ଧରି ଚାଲିଥିବା ଗିନି କପ୍ କ୍ରିକେଟ ଉଦଯାପନ ହୋଇଛି । ଖୋର୍ଦ୍ଧା କ୍ରିକେଟ ଆସୋସିଏସନ ଚଳିତ ବର୍ଷର ଗିନି କପ୍ ଚାମ୍ପିଅନ ହୋଇଛନ୍ତି । ଆଜିର ଫାଇନାଲ ଖେଳରେ ଖୋର୍ଦ୍ଧା କ୍ରିକେଟ ଆସୋସିଏସନ ଖୋର୍ଦ୍ଧା ଏବଂ ସୋଲାର କ୍ରିକେଟ କ୍ଲବ କଟକ ମଧ୍ୟରେ ଆୟୋଜିତ ହୋଇଥିଲା । ଖେଳକୁ ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଏବଂ ଖୋର୍ଦ୍ଧା ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂ ସାମନ୍ତ ଶୁଭାରମ୍ଭ କରିଥିଲେ । ଖୋର୍ଦ୍ଧା ଟିମ୍ ଟସ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୧୫୭ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ରାକେଶ ପଟ୍ଟନାୟକ ୨୫ ବଲ୍‌ରେ ୪୨ ରନ ସଂଗ୍ରହ ଏବଂ ଆର୍ୟଶ୍ରୀ ଦେବାଶିଷ ଭଞ୍ଜ ୧୯ ବଲରେ ୨୫ରନ ସଂଗ୍ରହ କରିଥିଲେ । ୧୫୮ ରନର ପିଛା କରି ସୋଲାର କ୍ଲବ କଟକ ୨୦ ଓଭରରେ ୮ ୱିକେଟ୍ ହରାଇ ମାତ୍ର ୧୦୬ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ପ୍ରଦୀପ୍ତ କୁମାର ଦାସ ୨୯ଟି ବଲ୍ ଖେଳି ୨୮ରନ ସଂଗ୍ରହ କରିଥିଲେ । ଆଜିର ମ୍ୟାଚରେ ଭଲ ପ୍ରଦର୍ଶନ କରି ପ୍ଲେୟାର ଅଫ ଦି ଫାଇନାଲ ଭାବେ ରାକେଶ କୁମାର ପଟ୍ଟନାୟକ ବିବେଚିତ ହୋଇ ମୁଖ୍ୟଅତିଥିଙ୍କ ଠାରୁ ୫ ହଜାର ଟଙ୍କା ଚେକ୍, ଟ୍ରଫି ଏବଂ ଟାଇମେକ୍ସ ୱାର୍ଲ୍ଡ ପ୍ରଦତ୍ତ ସ୍ମାର୍ଟ ୱାଚ ପାଇଥିଲେ ।

ସେଇଭଳି ସମସ୍ତ ମ୍ୟାଚରେ ଭଲ ପ୍ରଦର୍ଶନ କରି ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ପ୍ରଦୀପ୍ତ କୁମାର ଦାସଙ୍କୁ ୧୦ହଜାର ଟଙ୍କାର ଚେକ୍, ଟ୍ରଫି ସହ ଟାଇମେକ୍ସ ୱାଲର୍ଡ ପ୍ରଦତ୍ତ ସ୍ମାର୍ଟ ୱାଚ ପ୍ରଦାନ କରାଯାଇଥିଲା । ଖୋର୍ଦ୍ଧା ଡିଷ୍ଟ କ୍ରିକେଟ ଆସୋସିଏସନର କାର୍ଯ୍ୟକାରୀ ସଭାପତି ମନୋଜ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ସମ୍ମାନିତ ଅତିଥିରୂପେ ବ୍ରହ୍ମଗିରିର ପୂର୍ବତନ ବିଧାୟକ ତଥା ବିଶିଷ୍ଟ କ୍ରିକେଟର ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ଉପ ସଭାପତି ମହେଶ ଅଗ୍ରୱାଲ, ଯୋଗ ଦେଇଥିଲେ । ସମ୍ପାଦକ ଭବାନୀ ଶଙ୍କର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ ।

ଏହି ଅବସରରେ ମୁଖ୍ୟଅତିଥି ବିଧାୟକ ପ୍ରଶାନ୍ତ ଜଗଦେବ ଏବଂ ସମ୍ମାନିତ ଅତିଥି ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର ଖୋର୍ଦ୍ଧା ଷ୍ଟାଡିୟମ୍ ପରିସର ଭିତରେ କେଡିସିଏ କ୍ରିକେଟ ଏକାଡେମୀର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ଶହ ମିନି ଷ୍ଟାଡିୟମ୍‌ରେ ପରିଣତ କରିବା ପାଇଁ ୫୦ ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଥିଲେ । ଚାମ୍ପିଅନ ଦଳ ଭାବେ ଖୋର୍ଦ୍ଧା ଟିମ୍‌କୁ ଗିନି କପ୍ ସହ ମୋଦୀ ଡିଷ୍ଟିଲେରି ରକଫୋର୍ଡ ପ୍ରଦତ୍ତ ୫୦ ହଜାର ଟଙ୍କାର ଚେକ୍ ଏବଂ ରନର୍ସ ଅପ ସୋଲାର କ୍ରିକେଟ କ୍ଲବ କଟକ ଟ୍ରଫି ସହ ୩୦ହଜାର ଟଙ୍କା ଚେକ୍ ଅତିଥିମାନେ ପ୍ରଦାନ କରିଥିଲେ ।

ପୂର୍ବତନ ଖୋର୍ଦ୍ଧା ବିଧାୟକ ତଥା ଆସୋସିଏସନର ପ୍ରତିଷ୍ଠାତା ସଭ୍ୟ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଏବଂ କ୍ରିକେଟ କୋଚ କାର୍ତ୍ତିକ ଜେନାଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଓଡ଼ିଶା ଅଣ୍ଡର ୧୬ ଟିମରେ ପ୍ରତିନିଧି କରିଥିବା ଖୋର୍ଦ୍ଧାର ଯୁବ କ୍ରିକେଟ ଖେଳାଳି ସ୍ୱର୍ଣ୍ଣାଭ ଦାସ ଏବଂ ପୀୟୂଷ କୁମାର ବଳିଆରସିଂଙ୍କୁ ମଧ ଆସୋସିଏସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଇମ୍ପାକ୍ଟ ଖେଳାଳି ଭାବେ ଖୋର୍ଦ୍ଧା ଦଳର ସୁମିତ ମହାରଣାଙ୍କୁ ଏଚ୍‌ଏଚ ଟାଇମ୍ସ ପକ୍ଷରୁ ପୁରସ୍କୃତ କରାଯାଇଥିଲା ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି